
# iZ¥aû\úe *iLû

W. gey¦ cjû_ûZ




# ପୀୟୂଷ ପ୍ରବାହ

## (ଆମ ଆଚାର୍ଯ୍ୟଗଣ)

ଡଃ ଶରଚ୍ଚନ୍ଦ୍ର ମହାପାତ୍ର

ଆମରିସତ୍ୟ
ଖୋରଧା

ISBN 978-81-925120-7-5

*ଡଃ ଶରଚ୍ଚନ୍ଦ୍ର ମହାପାତ୍ରଙ୍କ*

# ପୀୟୂଷ ପ୍ରବାହ

*ସର୍ବସ୍ୱତ୍ତ୍ୱ ଲେଖକଙ୍କ ଦ୍ୱାରା ସଂରକ୍ଷିତ*

**ପ୍ରଥମ ସଂସ୍କରଣ:** ଜନ୍ମାଷ୍ଟମୀ, ୨୦୧୪

**ପ୍ରକାଶକ:** **ଆମରିସତ୍ୟ,** ଏମ୍-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପ୍ରାଣନାଥ କଲେଜ,
ଜିଲା: ଖୋରଧା, ପିନ୍: ୭୫୨୦୫୭

**ମୁଦ୍ରଣ:**
ନିସ୍ୱାସ-ସେଡେକ୍ ପ୍ରେସ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୩

**ମଲାଟ ପରିକଳ୍ପନା ଓ ଅଳଂକରଣ :** ରାଜୀବ ଲୋଚନ ରଥ

**ଲେଖକଙ୍କ ଠିକଣା :** ମଙ୍ଗଳା ନଗର, ଖୋରଧା - ୭୫୨୦୫୫
**ଦୂରସଞ୍ଚାର :** ୦୬୭୪ - ୨୨୨୪୫୮
**ମୋବାଇଲ୍ :** ୯୯୩୭୩୭୭୮୧୯

**PIYUSHA PRABAHA**
Written by: *Dr Sarat Chandra Mohapatra*

** Copyrights reserved by author*

*1st Edition : Janmastami, 2014*

Published by:
AMARISATYA
Agency for Management, Advocacy, Research, Implementation, Services and Training onYouth Affairs .M-1/5, Mukunda Prasad Housing Board Colony .
PO: P.N.College, DT: Khordha-752057 .Odisha
*amarisatya@gmail.com/amarisatya@rediffmail.com*
*06755-220980*

--------------------

Cover Design
Rajib Lochan Rath

--------------------

Printed at:
NISWASS-CEDEC Press
Chandrasekharpur, Bhubaneswar-23, Dt: Khordha

--------------------

*Address of the Author - Mangala Nagar, Khordha-752055*
*Telphone : 0674 - 222458*
*Mob : 9937377819*

ମୂଲ୍ୟ: ୯୦ ଟଂକା / Price: ₹ 90.00

# ଉତ୍ସର୍ଗ

**ପୂଜ୍ୟ ପିତୃଦେବ ୰ଗଙ୍ଗାଧର ମହାପାତ୍ର**

ପରମ ପୂଜନୀୟ ନନା, ମୋ ପାଇଁ ଆପଣ ଜୀବନରେ ଯେତେ କଷ୍ଟ ସହିଛନ୍ତି ତାହାର ତୁଳନା ନାହିଁ। ସେ ତ୍ୟାଗ ଅନନ୍ୟ। ଆପଣଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଏହି ପୁସ୍ତକଟି ଉତ୍ସର୍ଗ କରୁଅଛି।

ଆପଣଙ୍କର

ଶରଚ୍ଚନ୍ଦ୍ର

# ଅଭିମତ

ସତୀର୍ଥ ବନ୍ଧୁ ଡଃ ଶରଚ୍ଚନ୍ଦ୍ର ମହାପାତ୍ରଙ୍କ ପ୍ରଣୀତ ପୁସ୍ତକ 'ପୀୟୂଷ ପ୍ରବାହ'ର ପାଣ୍ଡୁଲିପି ପାଠକରି ଅଶେଷ ଆନନ୍ଦ ଲାଭ କଲି। ଭାରତବର୍ଷର ଆଧ୍ୟାତ୍ମିକ ଜଗତକୁ ଉଦ୍ଭାସିତ କରିଥିବା କେତେକ ମହାପୁରୁଷଙ୍କର ଜୀବନ ଚରିତ, କୃତି ତଥା ସେମାନଙ୍କ ଦ୍ୱାରା ରଚିତ ଅନେକ ସ୍ତବ ଓ ସ୍ତୋତ୍ର ଏଥିରେ ସନ୍ନିବେଶିତ ହୋଇଅଛି। ପୁସ୍ତକର ଭାଷା ସରଳ, ସାବଲୀଳ ତଥା ରୋଚକ ହୋଇଥିବାରୁ ଏହା ସାଧାରଣ ପାଠକଙ୍କର ବୋଧଗମ୍ୟ ହୋଇପାରିବ ଏବଂ ସେମାନଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ହେବ ଏହା ମୋର ବିଶ୍ୱାସ। ବିଭିନ୍ନ ସ୍ତୋତ୍ରମାନଙ୍କର ଅନୁବାଦ ସମୟରେ ଲେଖକ ଆକ୍ଷରିକ ଅନୁବାଦ ଅପେକ୍ଷା ଭାବ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏହା ଆମର ଆଧ୍ୟାତ୍ମିକ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିବ, ଏଥିରେ ସନ୍ଦେହ ନାହିଁ। ପୁନଶ୍ଚ ଜାତୀୟ ସଂହତି ତଥା ମାନବିକ ମୂଲ୍ୟବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ଏହା ସହାୟକ ହେବ।

ମୁଁ ଲେଖକଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିବା ସଙ୍ଗେ ସଙ୍ଗେ ଆଶା କରୁଛି ଯେ, ସେ ତାଙ୍କର ସାରସ୍ୱତ ସାଧନା ଅବ୍ୟାହତ ରଖିବେ ଓ ଭବିଷ୍ୟତରେ ଅଧିକ ସଫଳତା ଲାଭ କରିବାରେ ସମର୍ଥ ହେବେ।

**ଡକ୍ଟର ପ୍ରସନ୍ନ କୁମାର ଜେନା**
**ସଂପାଦକ, ଆମରିସତ୍ୟ**
ଅବସରପ୍ରାପ୍ତ ଅଧ୍ୟକ୍ଷ, ସାମନ୍ତ ଚନ୍ଦ୍ର ଶେଖର
ମହାବିଦ୍ୟାଳୟ (ସ୍ୱୟଂଶାସିତ)
ପ୍ରାକ୍ତନ କୁଳ ସଚିବ, ସମ୍ବଲପୁର ବିଶ୍ୱବିଦ୍ୟାଳୟ
ସଂଯୋଜକ, ଜାତୀୟସେବା ଯୋଜନା
ଉତ୍କଳ ବିଶ୍ୱବିଦ୍ୟାଳୟ

# ଲେଖକଙ୍କ ପଦେ କଥା

ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଥମେ ମୁଁ ସ୍ମରଣ କରୁଅଛି। "ପୀୟୂଷ ପ୍ରବାହ" ଅନେକ ମହାପୁରୁଷଙ୍କ ଅମୃତମୟୀ ବାଣୀର ସମାହାର। ପୁନଶ୍ଚ ଅନେକ ଦେବଦେବୀଙ୍କର ସ୍ତୋତ୍ର ମଧ୍ୟ ଏଥିରେ ସ୍ଥାନ ପାଇଅଛି। ଯେଉଁ ମହାପୁରୁଷ ଓ ଆଚାର୍ଯ୍ୟଗଣ ଆମର ଆଧ୍ୟାତ୍ମିକ ଜଗତକୁ ଉଦ୍ଭାସିତ କରିଛନ୍ତି, ସେମାନଙ୍କ ଜୀବନର ବିଭିନ୍ନ ଘଟଣାବଳୀ ଓ ମତବାଦ ଏଥିରେ ସ୍ଥାନ ପାଇଅଛି। ଆଶା କରୁଛି ମୋର ଏହି ପୁସ୍ତକଟି ସୁଧୀ ପାଠକଙ୍କ ଆଦର ଲାଭ କରିବ।

ଆପଣଙ୍କର
ଶରଚ୍ଚନ୍ଦ୍ର ମହାପାତ୍ର

# ସୂଚୀପତ୍ର


| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| ୧ | ଉପକ୍ରମଣିକା | ୭ |
| ୨. | ବ୍ୟାସଦେବ | ୧୧ |
| ୩. | ଶ୍ରୀ ଶଙ୍କରାଚାର୍ଯ୍ୟ | ୧୮ |
| ୪. | ଶ୍ରୀ ରାମାନୁଜାଚାର୍ଯ୍ୟ | ୪୨ |
| ୫. | ଶ୍ରୀ ଯମୁନାଚାର୍ଯ୍ୟ | ୪୭ |
| ୬. | ଶ୍ରୀ ବଲ୍ଲଭାଚାର୍ଯ୍ୟ | ୫୪ |
| ୭. | ଶ୍ରୀ ନିମ୍ବାର୍କାଚାର୍ଯ୍ୟ | ୫୮ |
| ୮. | ଶ୍ରୀ ମଧ୍ୱାଚାର୍ଯ୍ୟ | ୬୧ |
| ୯. | ତ୍ରୈଲୋକ୍ୟନାଥୋ ହରିଃ | ୬୫ |
| ୧୦. | ଦେବଭାଷା ସଂସ୍କୃତ | ୬୯ |
| ୧୧. | ସ୍ଥିତପ୍ରଜ୍ଞଃ | ୭୦ |
| ୧୨. | ପୁରୁଷୋତ୍ତମ ଯୋଗ | ୭୪ |
| ୧୩. | ପ୍ରାତଃସ୍ମରଣ ସ୍ତୋତ୍ରଂ | ୮୨ |
| ୧୪. | ସୂର୍ଯ୍ୟସ୍ତୋତ୍ରମ୍ | ୮୩ |
| ୧୫. | ଶ୍ରୀ ତ୍ରିମୂର୍ତ୍ତି ସ୍ତବମ୍ | ୮୭ |
| ୧୬. | ମଧୁରାଷ୍ଟକମ୍ | ୮୯ |
| ୧୭. | କନକ ଧାରାସ୍ତୋତ୍ରମ୍ | ୯୧ |
| ୧୮. | ଶ୍ରୀ ମନ୍ନାରାୟଣାଷ୍ଟାଦଶକମ୍ | ୯୭ |
| ୧୯. | ଶ୍ରୀ ଜଗନ୍ନାଥାଷ୍ଟକମ୍ | ୧୦୫ |
| ୨୦. | ଦେବ୍ୟାପରାଧକ୍ଷମାପନ ସ୍ତୋତ୍ରମ୍ | ୧୦୯ |
| ୨୧. | ହସ୍ତାମଲକ | ୧୧୩ |
| ୨୨. | ଶ୍ରୀ କୃଷ୍ଣାଷ୍ଟକମ୍ | ୧୨୦ |
| ୨୩. | ଅଚ୍ୟୁତାଷ୍ଟକମ୍ | ୧୨୩ |
| ୨୪. | ଘୋଷଯାତ୍ରା ଶୁଭକାଳେ | ୧୨୬ |
| ୨୫. | ପ୍ରଭୁପଦେ ସମର୍ପଣ | ୧୨୮ |

# ଉପକ୍ରମଣିକା

ପୁଣ୍ୟଭୂମି ଭାରତବର୍ଷ । ସାଧୁ, ସନ୍ଥ, ମହାତ୍ମାମାନଙ୍କର ତ୍ୟାଗ ଓ ତପସ୍ୟାର ଭୂମି । ସେମାନଙ୍କ ଦିବ୍ୟ ଅନୁଭୂତିରେ ପରିପୁଷ୍ଟ ହୋଇଛି ଆମର ସଂସ୍କୃତି । ଆମ ଆଧ୍ୟାତ୍ମିକ ପରମ୍ପରା ଅତ୍ୟନ୍ତ ଗୌରବମୟ । ଦେବତାତ୍ମା ନଗାଧିରାଜ ହିମାଳୟ ଯାହାର ଶୀରୋଭୂଷଣ ସଦୃଶ ଶୋଭାପାଉଅଛି, ସାଗରର ଉତ୍ତାଳ ତରଙ୍ଗମାଳା ଯାହାର ପଦଧୌତ କରୁଅଛି, ପ୍ରାକୃତିକ ଶୋଭାସମ୍ପଦରେ ଯାହା ପରିପୂର୍ଣ୍ଣ , ଈଶ୍ୱରଙ୍କର ସେହି ଲୀଳାଭୂମି, "ଆମର ଶୈଶବର ଦୋଳା, ଯୌବନର ନନ୍ଦନକାନନ ଏବଂ ବାର୍ଦ୍ଧକ୍ୟର ବାରାଣସୀ" । ବ୍ୟାସ, ବଶିଷ୍ଠ, ପରାଶର, ଯାଜ୍ଞବଲ୍‌କ୍ୟଙ୍କ ଭଳି ମନ୍ତ୍ରଦ୍ରଷ୍ଟା ଋଷିମାନଙ୍କର ଦିବ୍ୟବାଣୀ ଏବଂ ସାରସ୍ୱତ ସମ୍ଭାର ଆମକୁ ଶକ୍ତି, ପ୍ରେରଣା ଓ ଦିଗ୍‌ଦର୍ଶନ ଦେଇଆସିଅଛି ।

ତେବେ ଇତିହାସର 'ପତନ ଅଭ୍ୟୁଦୟ ବନ୍ଧୁର ପନ୍ଥା' ମଧ୍ୟରେ ଗତିକରି ବହୁ ଝଡ଼ଝଞ୍ଜାର ଆମେ ସମ୍ମୁଖୀନ ହୋଇଅଛୁ । ଧର୍ମାନ୍ଧ ବିଦେଶୀ ଶାସକଙ୍କର ଅକଥନୀୟ ଓ ନିର୍ମମ ଆକ୍ରମଣ ତଥା ଅତ୍ୟାଚାରର ଆମେ ଶରବ୍ୟ ହୋଇଛୁ । କିନ୍ତୁ ଏହି କାଳରାତ୍ରୀର ଘନ ତମିସ୍ରା ମଧ୍ୟରେ ଆମର ଆଧ୍ୟାତ୍ମିକ ପରମ୍ପରା ଦୀପସ୍ତମ୍ଭସ୍ୱରୂପ ଉଜ୍ଜ୍ୱଳ ଆଲୋକ ପ୍ରଦାନ କରି ଆମକୁ ସମସ୍ତ ବାଧାବିଘ୍ନ ଅତିକ୍ରମ କରି ଅଗ୍ରସର ହେବାକୁ ସାହାଯ୍ୟ କରିଅଛି । ଏହା ଯେ ଅଦମନୀୟ ଏବଂ ଅପ୍ରତିହତ ଶକ୍ତିର ଅଧିକାରୀ ଏହା ପ୍ରମାଣିତ କରଛି ।

ଆମ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଜୀବନର ମୂଳ ଉତ୍ସ ହେଉଛି ବେଦ । ଏହା ଜ୍ଞାନ ବିଜ୍ଞାନର ଏକ ଅପୂର୍ବ 'ମଧୁଚକ୍ର' । ବେଦର ଅନ୍ୟନାମ ହେଉଛି ଶ୍ରୁତି । ଗୁରୁ ଶିଷ୍ୟ ପରମ୍ପରାକ୍ରମେ ଏହାକୁ ଶୁଣି ଶୁଣି ମନେ ରଖାଯାଉଥିଲା । ଏହାକୁ ଲିପିବଦ୍ଧ କରାଯାଉ ନଥିଲା । ଏହାର ଦୁଇଗୋଟି କାରଣ ଥାଇପାରେ । ବେଦର ଉଚ୍ଚାରଣ ନିର୍ଭୂଲ ରହିବା ପାଇଁ ଶିଷ୍ୟ ଗୁରୁଙ୍କଠାରୁ ଶୁଣିକରି ଗାନକରୁଥିଲେ । ଆମର ବିଶ୍ୱାସ ରହିଛି ଯେ ମନ୍ତ୍ରର ଉଚ୍ଚାରଣ ଠିକ୍ ନ ରହିଲେ ଫଳ ବିପରୀତ ହୋଇଥାଏ । ଦ୍ୱିତୀୟତଃ ଲିପିବଦ୍ଧ ହେଲେ ଏହା ଅଧିକାରୀ କ୍ଷେତ୍ରକୁ ନ ଯାଇ ଅପାତ୍ର ହାତକୁ ଯାଇପାରେ । ଆମର ପରମ୍ପରା ହେଉଛି ଗୁରୁ ଶିଷ୍ୟର ଯୋଗ୍ୟତାକୁ ପରୀକ୍ଷା କରି ବିଦ୍ୟାଦାନ କରନ୍ତି ।

ତେବେ ବିଶାଳ ବେଦ ମନେରଖିବା ବ୍ୟକ୍ତି ପକ୍ଷରେ କଠିନ ହୋଇପଡିଲା । ବ୍ୟାସଦେବ ଲକ୍ଷ୍ୟକଲେ ଯେ ମନୁଷ୍ୟର ସ୍ମୃତିଶକ୍ତି ଦିନକୁଦିନ କ୍ଷୀଣ ହୋଇଆସୁଛି । ଏଣୁ ସେ ମାନବଜାତିର କଲ୍ୟାଣ ପାଇଁ ବେଦର ବିଭାଜନ କଲେ । ଫଳରେ ଋକ୍, ସାମ,

ଯଜୁଃ ଓ ଅଥର୍ବ ବେଦର ସୃଷ୍ଟି ହେଲା । ପୁନଶ୍ଚ ନିଜର ଚାରିଜଣ ଶିଷ୍ୟଙ୍କୁ ଚାରିବେଦ ଦାୟିତ୍ୱରେ ରଖିଲେ । ପୈଳ ଋକ୍ ବେଦ, ବୈଶମ୍ପାୟନ ଯଜୁର୍ବେଦ, ଜୈମିନି ସାମବେଦ ଓ ସୁମନ୍ତ ଅଥର୍ବ ବେଦ ଦାୟିତ୍ୱରେ ରହିଲେ । ବ୍ୟାସ ଥିଲେ ଉତ୍ତର ମୀମାଂସା ବା ବେଦାନ୍ତ ଦର୍ଶନର ସ୍ରଷ୍ଟା ଓ ଶ୍ରେଷ୍ଠ ପ୍ରବକ୍ତା । ସେ ଜ୍ଞାନ ଉପରେ ଗୁରୁତ୍ୱ ଦେଉଥିଲେ କିନ୍ତୁ କ୍ରମେ କ୍ରମେ ଜ୍ଞାନର ପଥ ଅବରୁଦ୍ଧ ହୋଇ ଆସିଲା ଏବଂ କର୍ମକାଣ୍ଡ ଉପରେ ଅଧିକ ଗୁରୁତ୍ୱ ଦିଆଗଲା । ନିଷ୍କାମ ଭକ୍ତି ଓ ଜ୍ଞାନ ବଦଳରେ ସକାମ ଯଜ୍ଞାନୁଷ୍ଠାନ ଉପରେ ଅଧିକ ପ୍ରାଧାନ୍ୟ ଦିଆଗଲା । କ୍ରମେ କ୍ରମେ ଏଥିରେ ପଶୁବଳିକୁ ଉତ୍ସାହିତ କରାଗଲା । ଜାତିପ୍ରଥା ସାମାଜିକ ଜୀବନରେ ବୈଷମ୍ୟ ଓ ଘୃଣାଭାବ ସୃଷ୍ଟିକଲା । ଏହିଭଳି ଏକ ପରିସ୍ଥିତି ଭିତରେ ଭଗବାନ ବୁଦ୍ଧଙ୍କର ଆବିର୍ଭାବ ଘଟିଲା ଏବଂ ସେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ସେ ଥିଲେ ସଂସ୍କାରବାଦୀ । ବୁଦ୍ଧଦେବଙ୍କର ଅହିଂସା ବାଣୀ ଏବଂ ନୂତନ ସଂସ୍କାର ଜନସାଧାରଣଙ୍କ ହୃଦୟକୁ ସ୍ପର୍ଶକଲା । ରାଜା, ମହାରାଜା ତଥା ଧନାଢ଼୍ୟ ବ୍ୟକ୍ତିମାନଙ୍କର ପୃଷ୍ଠପୋଷକତାରେ ବୌଦ୍ଧଧର୍ମ କେବଳ ଭାରତ ଭୂଖଣ୍ଡରେ ସୀମିତ ନରହି ଏସିଆ ମହାଦେଶର ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଗଲା । ବୈଦିକ ସଂସ୍କୃତି ନିଷ୍ପ୍ରଭ ଓ ନିସ୍ତେଜ ଜଣାଗଲା । ମନେହେଲା ଯେଭଳି ଏହାର ଦୀପଶିଖା ସ୍ତିମିତ ହୋଇଯାଉଛି । ବୌଦ୍ଧଧର୍ମ ଓ ଦର୍ଶନର ପ୍ରଭାବ ଦ୍ୱାରା ଜନସାଧାରଣ ଗଭୀର ଭାବରେ ପ୍ରଭାବିତ ହେଲେ । ଦିଙ୍ଗନାଗ, ଧର୍ମକୀର୍ତ୍ତିଙ୍କ ଭଳି ବୌଦ୍ଧ ଦାର୍ଶନିକଗଣ ନିଜର ମତବାଦ ପ୍ରଚାରକଲେ ।

କିନ୍ତୁ ଭାରତଭୂମିରେ ଏହାର ପ୍ରଭାବ ବିଭିନ୍ନ କାରଣରୁ ଦୀର୍ଘସ୍ଥାୟୀ ହୋଇପାରିଲା ନାହିଁ । ଦେଖାଗଲା ଯେ ବୌଦ୍ଧ ସନ୍ନ୍ୟାସୀଗଣ ନିଜର ଆଚରଣ ଶୁଦ୍ଧତା ଉପରେ ଗୁରୁତ୍ୱ ଦେଉନାହାନ୍ତି ଏବଂ ବହୁକ୍ଷେତ୍ରରେ ଅହିଂସାକୁ ତ୍ୟାଗକରି ହିଂସାର ଆଶ୍ରୟ ନେଉଛନ୍ତି । ସମୟକ୍ରମେ ତାନ୍ତ୍ରିକ ରୀତି ବୌଦ୍ଧ ଆଚାରପଦ୍ଧତିରେ ପ୍ରବେଶକଲା । ଆମର ଧର୍ମ ଓ ଆଧ୍ୟାତ୍ମିକ ଜଗତରେ ଏକ ବିଷମ ପରିସ୍ଥିତି ସୃଷ୍ଟିହେଲା । ଗୁଣି, ଗାରେଡ଼ି ଏବଂ ତନ୍ତ୍ର ଓ ଏହାର ପଞ୍ଚମକାର ଯଥା-ମଦ୍ୟ, ମତ୍ସ୍ୟ, ମାଂସ, ମୁଦ୍ରା ଓ ମୈଥୁନ ଜୀବନକୁ ଅତ୍ୟନ୍ତ ଜଟିଳ କରି ପକାଇଲା ଓ ତାନ୍ତ୍ରିକମାନେ ନିଜର ପ୍ରଭାବ ବିସ୍ତାର କରିବାକୁ ଲାଗିଲେ । ଆଧ୍ୟାତ୍ମିକତା ସନାତନଧର୍ମର ପ୍ରାଣ । ମାତ୍ର ଏହା ଗୁରୁତ୍ୱ ହରାଇଲା ।

ଜନସାଧାରଣ ଏକ ବିଷମ ପରିସ୍ଥିତିର ସମ୍ମୁଖୀନ ହେଲେ । ବୌଦ୍ଧଧର୍ମ ଓ ଦର୍ଶନ ଭାରତ ଭୂମିରେ ନିଜର ପୂର୍ବଗୌରବ ହରାଇ ବସିଲା ଅଥଚ ବୈଦିକ ସଂସ୍କୃତି ସ୍ଥାଣୁ ଓ ନିଷ୍କ୍ରିୟ ଅବସ୍ଥାରେ ରହିଗଲା । ଫଳରେ ଜନସାଧାରଣଙ୍କ ମନ ସଂଶୟାଚ୍ଛନ୍ନ ହୋଇଉଠିଲା । ବୌଦ୍ଧଧର୍ମ ଆକର୍ଷଣ ହରାଇବସିଲା ଓ ସନାତନ ଧର୍ମ ନିସ୍ତେଜ ଅବସ୍ଥାରେ ରହିଗଲା । ସମୟ ଲୋଡୁଥିବା ଏଭଳି ଏକ ମହାପୁରୁଷଙ୍କ ଆଗମନ ଯେ କି ଏହି ଘଡିସନ୍ଧି ମୁହୂର୍ତ୍ତରେ

ପ୍ରେରଣା ଓ ଯଥାର୍ଥ ଦିଗ୍‌ଦର୍ଶନ ଦେଇପାରିବେ । ଯେ କି ଉପଯୁକ୍ତ ମାର୍ଗ ଦେଖାଇପାରିବେ । ଜନସାଧାରଣଙ୍କର ଏହି ଆଶା ଓ ଆକାଙ୍‌କ୍ଷାକୁ ପୂରଣ କରିବା ପାଇଁ ଈଶ୍ୱର ପ୍ରେରିତ ଅବତାର ପୁରୁଷ ଶଙ୍କର ଧରାପୃଷ୍ଠରେ ଅବତୀର୍ଣ୍ଣ ହେଲେ । ତତ୍‌ପୂର୍ବରୁ ବୈଦିକ ସଂସ୍କୃତିର ପୁନରୁଦ୍ଧାର ପାଇଁ କୁମାରିଲ ସଂଘର୍ଷ କରିଥିଲେ । କିନ୍ତୁ ଶଙ୍କର ଏ କ୍ଷେତ୍ରରେ ପୂର୍ଣ୍ଣ ସଫଳତା ଲାଭ କରିଥିଲେ । ସେ ଥିଲେ ଅଲୌକିକ ପ୍ରତିଭାର ଅଧିକାରୀ । ତାଙ୍କର ଜୀବନରେ ସଫଳତାକୁ ଲକ୍ଷ୍ୟକରି କୁହାଯାଇଛି ଯେ:-

**"ଅଷ୍ଟବର୍ଷେ ଚତୁର୍ବେଦାନ୍ ଦ୍ୱାଦଶେସର୍ବଶାସ୍ତ୍ରକୃତ୍**
**ଷୋଡ଼ଶେ କୃତବାନ୍ ଭାଷ୍ୟଂ ଦ୍ୱାତ୍ରିଂଶେ ମୁନିରଭ୍ୟଗାତ୍"**

ଆଠବର୍ଷ ମଧ୍ୟରେ ଚାରିବେଦ ଅଧ୍ୟୟନ କରିଥିଲେ । ବାରବର୍ଷ ମଧ୍ୟରେ ସକଳ ଶାସ୍ତ୍ର ରଚନା କରିଥିଲେ । ଷୋଡଶ ବର୍ଷ ମଧ୍ୟରେ ଭାଷ୍ୟ ରଚନା କରିଥିଲେ ଏବଂ ବତ୍ରିଶ ବର୍ଷରେ ଧରାଧାମ ତ୍ୟାଗ କରିଥିଲେ । ସେ କେବଳ ପ୍ରସ୍ଥାନତ୍ରୟୀର ଭାଷ୍ୟ ରଚନା କରିନଥିଲେ ବହୁ ମୌଳିକ ଗ୍ରନ୍ଥ କରିଥିଲେ ଏବଂ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଅସଂଖ୍ୟ ସ୍ତବ ରଚନା କରି ଭକ୍ତିର ତରଙ୍ଗ ପ୍ରବାହିତ କରିଥିଲେ। କାଲାଡିଠାରେ ଜନ୍ମଗ୍ରହଣ କରି ସମଗ୍ର ଭାରତବର୍ଷକୁ ବାରମ୍ବାର ପ୍ରଦକ୍ଷିଣ କରି ନିଜର ମତବାଦକୁ ଦୃଢ଼ୀଭୂତ କରିଥିଲେ । ଚୈତନ୍ୟମୟ ବ୍ରହ୍ମ ସମଗ୍ର ଜଗତରେ ପରିବ୍ୟାପ୍ତ । ଏକଆତ୍ମା ସର୍ବ ଘଟରେ ବିଦ୍ୟମାନ । କାଶୀବାସ ସମୟରେ ଥରେ ପୂର୍ବ ସଂସ୍କାରବଶତଃ ଜଣେ ଚଣ୍ଡାଳକୁ 'ଦୂରଂ ଗଚ୍ଛ' କହି ପରେ ନିଜର ତ୍ରୁଟି ସୁଧାରିବାକୁ ଯାଇ କହିଥିଲେ,

**"ବ୍ରହ୍ମୈବାହମିଦଂ ଜଗତ ସକଳଂ ଚିନ୍ମାତ୍ର ବିସ୍ତାରିତଂ**
**ସର୍ବଂ ଚୈତଦବିଦ୍ୟୟା ତ୍ରିଗୁଣୟାଶେଷଂମାୟାକଳ୍ପିତମ୍ ।**
**ଇତ୍‌ଥଂ ଯସ୍ୟ ଦୃଢ଼ାମତିଃ ସୁଖତରେ ନିତ୍ୟେପରେ ନିର୍ମଳେ**
**ଚଣ୍ଡାଳୋଽସ୍ତ ସତୁ ଦ୍ୱିଜୋଽସ୍ତୁ ଗୁରୁରିତ୍ୟେଷା ମନୀଷାମମ ।"**

ଅର୍ଥାତ୍ 'ମୁଁ ଚୈତନ୍ୟମୟ ବ୍ରହ୍ମ ସମଗ୍ର ଜଗତରେ ପରିବ୍ୟାପ୍ତ । ତ୍ରିଗୁଣମୟୀ ଅବିଦ୍ୟା ଦ୍ୱାରା ଜଗତର କଳ୍ପନା କରାଯାଇଛି । ଯେଉଁ ବ୍ୟକ୍ତି ସୁଖମୟ ନିତ୍ୟ ପରମ ନିର୍ମଳ ବ୍ରହ୍ମ ନିକଟରେ ଅଟଳ ବିଶ୍ୱାସ ରଖିପାରେ, ସିଏ ଯିଏ ହୁଅନ୍ତୁ ସେ ମୋର ଗୁରୁ ।" ଭାରତବର୍ଷରେ ଐକ୍ୟ ବା ସଂହତି ସ୍ଥାପନ କରିବା ପାଇଁ ବେଦାନ୍ତର ମହାବାକ୍ୟକୁ ଆଧାର କରି ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦିଗରେ ଚାରିଗୋଟି ମଠ ସ୍ଥାପନ କରିଥିଲେ ଏବଂ ନିଜର ପ୍ରଧାନ ଶିଷ୍ୟମାନଙ୍କୁ ସେମାନଙ୍କ ଦାୟିତ୍ୱ ଦେଇଥିଲେ । ଆମ ଓଡ଼ିଶାରେ ଶ୍ରୀକ୍ଷେତ୍ରରେ ଗୋବର୍ଦ୍ଧନ ପୀଠ ସ୍ଥାପନ କରିଥିଲେ । ପ୍ରଥମ ମଠାଧୀଶ ଥିଲେ ପଦ୍ମପାଦ । ବେଦ ହେଉଛି ଋଗ୍‌ବେଦ ଓ ମହାବାକ୍ୟ ହେଉଛି 'ପ୍ରଜ୍ଞାନଂ ବ୍ରହ୍ମ' ।

ଶଙ୍କରାଚାର୍ଯ୍ୟଙ୍କପରେ ରାମାନୁଜାଚାର୍ଯ୍ୟଙ୍କର ଆବିର୍ଭାବ ଘଟିଥିଲା । ସେ ଶ୍ରୀସମ୍ପ୍ରଦାୟର ବୈଷ୍ଣବ ଥିଲେ । ତାଙ୍କ ପୂର୍ବରୁ ଯମୁନାଚାର୍ଯ୍ୟ ଏ ସମ୍ପ୍ରଦାୟର ଗୁରୁଥିଲେ ଏବଂ ରାମାନୁଜ ତାଙ୍କଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ଏହି ବୈଷ୍ଣବ ଭାବଧାରାର ପ୍ରେରଣାର କେନ୍ଦ୍ର ଥିଲେ ଅଲବର ସନ୍ଥଗଣ । 'ଅଲବର' ଶବ୍ଦର ଅର୍ଥ ବୁଡିବା । ଏମାନେ ବିଷ୍ଣୁପ୍ରେମରେ ବୁଡିଯାଉଥିଲେ । ରାମାନୁଜାଚାର୍ଯ୍ୟ ବେଦାନ୍ତ ଦର୍ଶନର ଏକ ନୂତନ ଦିଗନ୍ତ ଉନ୍ମୋଚନ କଲେ ଯାହାକୁ କୁହାଯାଏ ବିଶିଷ୍ଟାଦ୍ୱୈତ । ସେ ବ୍ୟାସକୃତ 'ବ୍ରହ୍ମସୂତ୍ର' ଉପରେ ଯେଉଁ ଭାଷ୍ୟ ରଚନା କରିଥିଲେ ତାହାର ନାମ 'ଶ୍ରୀଭାଷ୍ୟ' । ସେ ଶ୍ରୀରଙ୍ଗମ୍‌ରେ ରଙ୍ଗନାଥଙ୍କ ମନ୍ଦିରରେ ରହିଥିଲେ ଏବଂ ୧୨୦ ବର୍ଷରେ ତାଙ୍କର ଦେହାନ୍ତ ହେଲା ।

ପରବର୍ତ୍ତୀ ସମୟରେ ମଧ୍ୱାଚାର୍ଯ୍ୟ, ନିମ୍ବାର୍କାଚାର୍ଯ୍ୟ ଓ ବଲ୍ଲଭାଚାର୍ଯ୍ୟ ଏହି ଆଧ୍ୟାତ୍ମିକ ଧାରାକୁ ଅଧିକ ବ୍ୟାପକ ଭାବରେ ପ୍ରସାରିତ କରିଥିଲେ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଆଚାର୍ଯ୍ୟମାନେ ଶ୍ରୀକ୍ଷେତ୍ରକୁ ଆସିଥିଲେ ଏବଂ ନିଜର ମତବାଦକୁ ପ୍ରଚାର କରିଥିଲେ । ଯେଭଳି ଶଙ୍କରପନ୍ଥୀଙ୍କର ଗୋବର୍ଦ୍ଧନ ପୀଠଅଛି , ସେହିଭଳି ରାମାନୁଜଙ୍କର ପ୍ରସିଦ୍ଧ ମଠ ହେଉଛି ଏମାର ମଠ । ଶଙ୍କରାଚାର୍ଯ୍ୟ ଯେତେବେଳେ ଶ୍ରୀକ୍ଷେତ୍ରକୁ ଆସିଲେ ପ୍ରଭୁ ସୋନପୁରରେ ପାତାଳୀ ହୋଇଥିଲେ । ଶଙ୍କରାଚାର୍ଯ୍ୟଙ୍କ ଅନୁରୋଧରେ ତତ୍‌କାଳୀନ ଶାସକ ତାଙ୍କର ପୁନରୁଦ୍ଧାର କରି ନବକଳେବର ସଂପନ୍ନ କରାଇ ପୁନଶ୍ଚ ରତ୍ନସିଂହାସନରେ ତାଙ୍କୁ ବିରାଜିତ କରାଇଥିଲେ । ଏଣୁ ଆଚାର୍ଯ୍ୟମାନଙ୍କର ଶ୍ରୀକ୍ଷେତ୍ର ସହିତ ନିବିଡ ସମ୍ପର୍କ ଥିଲା ଏବଂ ଏମାନେ ଶ୍ରୀଜଗନ୍ନାଥଙ୍କୁ ଗଭୀର ଭକ୍ତି କରୁଥିଲେ । ଏଣୁ ପ୍ରଭୁ ଶ୍ରୀଜଗନ୍ନାଥ ଥିଲେ ଆମ ସଂସ୍କୃତିର ପ୍ରାଣକେନ୍ଦ୍ର ଓ ବିଭିନ୍ନ ମତବାଦର ସମନ୍ୱୟର ପ୍ରତୀକ ।

ଏଣୁ ତାଙ୍କୁ ସ୍ମରଣ କରି ଆମେ ଆମ କାର୍ଯ୍ୟର ଶୁଭାରମ୍ଭ କରୁଛୁ । ପବିତ୍ର ମନ୍ତ୍ରଟି ହେଉଛି,

**ନୀଳାଦ୍ରୌ ଶଙ୍ଖ ମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥଂ**
**ସର୍ବାଳଙ୍କାରଯୁକ୍ତଂ ନବଘନରୁଚିରଂ ସଂଯୁତଂଚାଗ୍ରଜେନ**
**ଭଦ୍ରାୟା ବାମଭାଗେ ରଥଚରଣ ଯୁତଂ ବ୍ରହ୍ମରୁଦ୍ରେନ୍ଦ୍ରପୂଜ୍ୟଂ**
**ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁଂସ୍ମରାମି**
**ଓଁ ତତ୍‌ସତ୍**

# ବ୍ୟାସଦେବ

ନମୋଽସ୍ତୁତେ ବ୍ୟାସବିଶାଳବୁଦ୍ଧେ
ଫୁଲ୍ଲାରବିନ୍ଦାୟତ ପତ୍ରନେତ୍ର ।
ଯେନତ୍ୱୟା ଭାରତ ତୈଳପୂର୍ଣ୍ଣଃ
ପ୍ରଜ୍ୱାଳିତୋ ଜ୍ଞାନମୟଃ ପ୍ରଦୀପଃ ।

ସେହି ବିଶାଳବୁଦ୍ଧି ବ୍ୟାସଦେବଙ୍କୁ ମୋର ନମସ୍କାର । ପଦ୍ମପୁଷ୍ପର ପାଖୁଡ଼ା ଭଳି ତାଙ୍କର ନୟନ ଯୁଗଳ ଅତୀବ ମନୋହର । ମହାଭାରତ ରୂପକ ତୈଳଦ୍ୱାରା ସେ ଜ୍ଞାନର ପ୍ରଦୀପ ଜାଳି ଦେଇଥିଲେ ।

ସେହି ଯୋଗଜନ୍ମା ମହାପୁରୁଷଙ୍କର ଆବିର୍ଭାବର କାଳ ନିର୍ଣ୍ଣୟ କରିବା ସମ୍ଭବ ନୁହେଁ । ବିଭିନ୍ନ ମତ ରହିଅଛି । ତେବେ ଆମ ପରମ୍ପରାରେ ଏହି ବିଶ୍ୱାସ ରହିଛି ଯେ ଦ୍ୱାପର ଯୁଗର ଶେଷ ଭାଗରେ ତାଙ୍କର ଜନ୍ମ ହୋଇଥିଲା । ଅନୁମାନ କରାଯାଏ ଏହା ପ୍ରାୟ ୫୦୦୦ ବର୍ଷ ପୂର୍ବେ ଘଟିଥିଲା । ବ୍ୟାସ ପ୍ରଣୀତ 'ମହାଭାରତ' ଗ୍ରନ୍ଥର ପ୍ରସିଦ୍ଧି ବିଶ୍ୱବ୍ୟାପୀ । ବିଭିନ୍ନ ଭାଷାରେ ଏହାର ଅନୁବାଦ ହୋଇଛି । ଆମ ଦେଶର ବିଭିନ୍ନ ପ୍ରାନ୍ତୀୟ ଭାଷାରେ ମଧ୍ୟ ଏହା ଉପରେ ଅନେକ ଗ୍ରନ୍ଥ ରଚନା କରାଯାଇଛି । ଓଡ଼ିଆ ଭାଷାରେ ଲିଖିତ "ଶାରଳା ମହାଭାରତ" ମୂଳ ମହାଭାରତର ଅବିକଳ ଅନୁବାଦ ନୁହେଁ କିନ୍ତୁ ବିଷୟବସ୍ତୁ ମୁଖ୍ୟତଃ ସଂସ୍କୃତ ମହାଭାରତରୁ ଆସିଅଛି । ଏହି ମହାଭାରତ ଭରତ ବଂଶର ଇତିହାସକୁ ଭିତ୍ତିକରି ଗଢ଼ିଉଠିଛି । ମହାଭାରତରେ ପ୍ରମାଣିତ ହୋଇଛି ଯେ ସବୁକାଳେ ଧର୍ମର ବିଜୟଘଟେ ଏବଂ ଅଧର୍ମର ବିନାଶ ଘଟେ । ପାଣ୍ଡବମାନେ ଧର୍ମପଥରେ ଯାଇଛନ୍ତି । ଏଣୁ ଶ୍ରୀକୃଷ୍ଣ ତାଙ୍କୁ ସହାୟତା କଲେ । ସେମାନେ ବିଜୟୀ ହେଲେ । କୌରବମାନେ ଅନ୍ୟାୟ ପଥର ଆଶ୍ରୟ ନେଇଥିବାରୁ ସେମାନଙ୍କର ବଂଶ ଧ୍ୱଂସ ପାଇଗଲା । ମହାଭାରତ ଏକ ବିଶାଳ ଗ୍ରନ୍ଥ ଏବଂ ଏଥିରେ ଅଠରଟି ପର୍ବ ରହିଛି । ଏହା ଧର୍ମ, ଅର୍ଥ, କାମ, ମୋକ୍ଷ ସମ୍ପର୍କରେ ଉପଦେଶ ଦେଇଛି । ଏହାକୁ ପଞ୍ଚମ ବେଦ ବୋଲି କୁହାଯାଏ ।

ବ୍ୟାସଙ୍କ ଜନ୍ମ ସମ୍ପର୍କରେ ଏକ ଅଦ୍ଭୁତ କାହାଣୀ ଅଛି । ବ୍ୟାସଙ୍କର ମାଆ ହେଉଛନ୍ତି ଧୀବରକନ୍ୟା ସତ୍ୟବତୀ ଏବଂ ପିତା ହେଉଛନ୍ତି ପରାଶର । ପରାଶର ବଶିଷ୍ଠଙ୍କ ନାତି ଶକ୍ତିଙ୍କର ପୁତ୍ର । ବିଶ୍ୱାମିତ୍ରଙ୍କର ଚକ୍ରାନ୍ତରେ ଏକ ନିଶାଚର ଶକ୍ତିଙ୍କୁ ମାରିଦେଇଥିଲା । ବଶିଷ୍ଠ ଦୁଃଖରେ ଭାଙ୍ଗିପଡ଼ିଥିଲେ । ମାତ୍ର ସେ ଜାଣିବାକୁ ପାଇଲେ ଯେ ଶକ୍ତିଙ୍କର ପତ୍ନୀ

ଗର୍ଭବତୀ ଥିଲେ । ବଂଶରକ୍ଷା ହୋଇପାରିବ ଭାବି ସେ କିଛିଟା ସାନ୍ତ୍ୱନା ଲାଭକଲେ । ନାତି ପରାଶର ଜଣେ ମାହାନ୍ ଋଷି ଭାବରେ ଖ୍ୟାତିଲାଭ କଲେ । ଜ୍ୟୋତିଷଶାସ୍ତ୍ରରେ ତାଙ୍କର ଗଭୀର ପ୍ରବେଶ ଥିଲା ଏବଂ ଏହା ଉପରେ 'ପରାଶର ହୋରା' ନାମକ ଏକ ଗ୍ରନ୍ଥ ସେ ରଚନା କରିଥିଲେ । ଧର୍ମ ଅନୁଷ୍ଠାନ ପାଇଁ ସେ "ପରାଶର ସଂହିତା" ରଚନା କରିଥିଲେ ।

ଦିନକର ଘଟଣା । ସେଦିନ ଧୀବର ଦେହ ଅସୁସ୍ଥ ଥିଲା । ସତ୍ୟବତୀ ନୌକାଚାଳନା କରୁଥିଲେ । ଋଷି ପରାଶର ସେହି ନୌକାରେ ବସିଲେ ନଦୀର ଆରପାରିକି ଯିବାପାଇଁ । ସତ୍ୟବତୀ ଥିଲେ ଅତ୍ୟନ୍ତ ସୁନ୍ଦରୀ । ମାତ୍ର ତାଙ୍କର ଶରୀରରୁ ମତ୍ସ୍ୟଗନ୍ଧ ବାହାରୁଥିଲା । ଋଷି ତାଙ୍କପ୍ରତି ଆକୃଷ୍ଟ ହୋଇପଡ଼ିଲେ ଏବଂ ହୃଦୟର ଅଭିଳାଷ ବ୍ୟକ୍ତକଲେ । ସତ୍ୟବତୀ ଋଷିଙ୍କୁ ଅବଜ୍ଞା କରିପାରିଲେ ନାହିଁ । ପରାଶର ଜାଣିଥିଲେ ଯେ ଏକ ପ୍ରତିଭାବାନ୍ ସନ୍ତାନ ଜନ୍ମପାଇଁ ତାହାଥିଲା ଶୁଭମୁହୂର୍ତ୍ତ । ଋଷି ଚତୁର୍ଦ୍ଦିଗରେ କୁହୁଡ଼ିର ଅନ୍ଧକାର ସୃଷ୍ଟି କରେ ଏବଂ ସତ୍ୟବତୀଙ୍କ ଶରୀର ସୁବାସିତ ହୋଇଉଠିଲା । ଜନ୍ମନେଲେ ବ୍ୟାସ ସତ୍ୟବତୀଙ୍କ ଗର୍ଭରୁ ।

ବ୍ୟାସଙ୍କର ନାମ ଥିଲା କୃଷ୍ଣ ଦ୍ୱୈପାୟନ । କାରଣ ତାଙ୍କର ଶରୀରର ବର୍ଣ୍ଣଥିଲା କୃଷ୍ଣ ଏବଂ ଏକ ଦ୍ୱୀପରେ ତାଙ୍କର ଜନ୍ମ ହୋଇଥିଲା । ସତ୍ୟବତୀଙ୍କର ଜନ୍ମବୃତ୍ତାନ୍ତ ମଧ୍ୟ ବଡ଼ ରହସ୍ୟମୟ । ସେ ପୂର୍ବଜନ୍ମରେ ପିତୃଲୋକରେ କନ୍ୟା ଥିଲେ । ମାତ୍ର ସାମାନ୍ୟ ତ୍ରୁଟି ପାଇଁ ମର୍ତ୍ତ୍ୟଲୋକରେ ଜନ୍ମ ନେଲେ। ତାଙ୍କର ପିତାଙ୍କ ନାମ ଉପରିଚର ଏବଂ ମାତାଙ୍କ ନାମ ଆଦ୍ରିକା । ଥରେ ଆଦ୍ରିକା ଗର୍ଭବତୀ ଥିଲାବେଳେ ବନରେ ବୁଲୁଥିଲେ । ମାତ୍ର ରାତ୍ରି ଆସିଲାରୁ କେଉଟ ମୁଖ୍ୟ ଦାଶରାଜାଙ୍କ ଗୃହରେ ଆଶ୍ରୟ ନେଇଛନ୍ତି । ସେହି ରାତିରେ ପ୍ରସବ ବେଦନା ହୋଇଛି । ଯାଆଁଳା ଶିଶୁଦୁଇଟି ଜନ୍ମଦେଇ ସେ ସବୁଦିନ ପାଇଁ ଆଖିବୁଜି ଦେଇଛନ୍ତି । କେଉଟରାଜା ଏ ଶିଶୁଦୁଇଟିଙ୍କୁ ନେଇ ରାଜା ଉପରିଚରଙ୍କ ଦରବାରରେ ପହଞ୍ଚିଛନ୍ତି । ରାଜା ଶିଶୁପୁତ୍ରଟିକୁ ରଖିଲେ ଓ କନ୍ୟାଟିକୁ ଫେରାଇଦେଲେ । ଦାଶରାଜା ଆଦରରେ କନ୍ୟାଟିକୁ ପାଳିଲେ । ସମୟକ୍ରମେ କନ୍ୟାଟି ସୁନ୍ଦରୀ ତରୁଣୀରେ ପରିଣତ ହେଲା । ଏଣୁ ସତ୍ୟବତୀ କେଉଟର ପାଳିତା କନ୍ୟା ଥିଲେ ଜନ୍ମିତା କନ୍ୟା ନୁହଁନ୍ତି ।

ସତ୍ୟବତୀ ବ୍ୟାସଙ୍କୁ ଜନ୍ମ ଦେଇଥିଲେ ମାତ୍ର ବାତ୍ସଲ୍ୟମମତା ଦେବାର ସୁଯୋଗ ପାଇନଥିଲେ । ବ୍ୟାସ ବାଲ୍ୟକାଳରୁ ପିତା ପରାଶରଙ୍କ ତତ୍ତ୍ୱାବଧାନରେ ଏକ ସାଧନାମୟ ଜୀବନ ଗଢ଼ିବା ପାଇଁ ଗଭୀର ଅରଣ୍ୟକୁ ଚାଲିଯାଇଥିଲେ । ତେବେ ମାଆଙ୍କୁ କେବଳ

ଏତିକି ପ୍ରତିଶ୍ରୁତି ଦେଇଥିଲେ ଯେ ମାଆ ତାଙ୍କୁ ଯେତେବେଳେ ଲୋଡ଼ିବେ ସେ ଆସି ତାଙ୍କ ପାଖରେ ଉପସ୍ଥିତ ହେବେ । ବ୍ୟାସଙ୍କର ଥିଲା ଅସାଧାରଣ ଧୀ-ଶକ୍ତି ଓ ପ୍ରଖର ସ୍ମୃତିଶକ୍ତି । ଋଷି ବାସୁଦେବଙ୍କୁ ଗୁରୁ ରୂପେ ଗ୍ରହଣ କରି ତାଙ୍କଠାରୁ ସେ ଦୀକ୍ଷା ନେଇଥିଲେ । ସନକ, ସନନ୍ଦ, ସନାତନ ପ୍ରଭୃତି ଋଷିମାନଙ୍କ ପାଖରେ ଅଧ୍ୟୟନ କରି ଅଗାଧ ଜ୍ଞାନର ଅଧିକାରୀ ହେଲେ । ବେଦ,ବେଦାନ୍ତ ଓ ବିଭିନ୍ନ ଶାସ୍ତ୍ରକୁ ନିଜର ପ୍ରତିଭା ଓ ଧୀଶକ୍ତି ବଳରେ ସେ ଆୟତ୍ତ କରିପାରିଥିଲେ ।

କୃଷ୍ଣଦ୍ୱୈପାୟନଙ୍କୁ ବ୍ୟାସ କହିବାର ତାତ୍ପର୍ଯ୍ୟ ହେଉଛି ଯେ ସେ ବେଦର ବିଭାଜନ କରିଥିଲେ । ବେଦର ଅନ୍ୟନାମ ଶ୍ରୁତି । ପୁରୁଷାନୁକ୍ରମେ ଏହାକୁ ଲେଖାଯାଉନଥିଲା । ବେଦମନ୍ତ୍ର କିଭଳି ଉଚ୍ଚାରଣ କରିବାକୁ ହେବ ତାହା ଶୁଣିକରି ଶିଖିବାକୁ ହୁଏ । ପଢ଼ିଲେ ଉଚ୍ଚାରଣ ନିର୍ଭୁଲ ନ ହୋଇପାରେ । ପୁନଶ୍ଚ ଅଧିକାରୀ ଭେଦରେ ବେଦଶିକ୍ଷା ଦିଆଯାଏ । ଏଣୁ ଗୁରୁଶିଷ୍ୟ ପରମ୍ପରାରେ ବେଦମନ୍ତ୍ର ଶିକ୍ଷା ଦିଆଯାଏ । ଲେଖାଗଲେ ଏହା ଅପାତ୍ର ହାତକୁ ଯାଇପାରେ । କିନ୍ତୁ କ୍ରମେ କ୍ରମେ ମନୁଷ୍ୟର ସ୍ମୃତିଶକ୍ତି କ୍ଷୀଣ ହେବାକୁ ଲାଗିଲା । ବିଶାଳ ବେଦକୁ ମନେରଖିବା ଅସମ୍ଭବ ଜଣାଗଲା । ଏଣୁ ଲୋକହିତ ପାଇଁ ବ୍ୟାସ ବେଦକୁ ଚାରିଭାଗରେ ବିଭକ୍ତ କଲେ। ଗୋଟିଏ ଗୋଟିଏ ବେଦର ଦାୟିତ୍ୱ ଜଣେ ଜଣେ ଶିଷ୍ୟଙ୍କୁ ଦେଇଦେଲେ । ପୈଳ ଋଗବେଦ, ବୈଶମ୍ପାୟନ ଯଜୁର୍ବେଦ, ଜୈମିନି ସାମବେଦ ଓ ସୁମନ୍ତ ଅଥର୍ବବେଦ ଦାୟିତ୍ୱରେ ରହିଲେ । ଏହି ଅନୁସାରେ ଆଚାର୍ଯ୍ୟଗଣ ବେଦର ଅଧ୍ୟାପନା ଓ ପ୍ରଚାର କରିପାରିଲେ । କୃଷ୍ଣ ଦ୍ୱୈପାୟନ କାଳକ୍ରମେ ବ୍ୟାସନାମ ଧାରଣ କଲେ ଏବଂ ଏହି ନାମରେ ସେ ପ୍ରସିଦ୍ଧି ଲାଭକଲେ ।

ବ୍ୟାସଙ୍କର ଅନ୍ୟନାମ ବାଦରାୟଣ । ସେ ବଦରିକା ଆଶ୍ରମରେ ରହୁଥିବାରୁ ଏପରି ନାମ ହେଲା । ଅନ୍ୟଏକ ମତ ହେଉଛି ଯେ ତାଙ୍କରି ଆଶ୍ରମରେ ଅନେକ ବଦରୀ ବା ବରକୋଳି ବୃକ୍ଷଥିଲା । ଏଣୁ ତାଙ୍କର ନାମ ହେଲା ବାଦରାୟଣ । ଏଣୁ ବ୍ୟାସ, ବାଦରାୟଣ କୃଷ୍ଣ ଦ୍ୱୈପାୟନ ଏଭଳି ଅନେକ ନାମରେ ସେ ପ୍ରସିଦ୍ଧି ଲାଭ କରିଥିଲେ ।

ବ୍ୟାସଦେବ 'ବ୍ରହ୍ମସୂତ୍ର' ରଚନା କରିଥିଲେ । ବ୍ରହ୍ମ ସମ୍ପର୍କରେ ଏଥିରେ କୁହାଯାଇଥିବାରୁ ଏହାର ନାମ ହେଲା ବ୍ରହ୍ମସୂତ୍ର । ଏହା ବେଦାନ୍ତ ଦର୍ଶନର ଭିତ୍ତିଭୂମି । ବେଦାନ୍ତ ଦର୍ଶନ ପ୍ରସ୍ଥାନତ୍ରୟୀ ଅର୍ଥାତ୍ ବ୍ରହ୍ମସୂତ୍ର, ଉପନିଷଦ ଓ ଭଗବଦ୍‌ଗୀତାକୁ ଭିତ୍ତିକରି ଗଢ଼ି ଉଠିଛି । ଭଗବଦ୍‌ଗୀତା ମହାଭାରତ ଭଳି ସ୍ମୃତିର ଅନ୍ତର୍ଭୁକ୍ତ ଏଣୁ ଏହାକୁ କୁହାଯାଏ ସ୍ମୃତି ପ୍ରସ୍ଥାନ, ଉପନିଷଦ୍ ଶ୍ରୁତି ଅର୍ଥାତ୍ ବେଦର ଅଂଶ । ଏଣୁ ଏମାନଙ୍କୁ କୁହାଯାଏ ଶ୍ରୁତି ପ୍ରସ୍ଥାନ । 'ବ୍ରହ୍ମସୂତ୍ର'କୁ କୁହାଯାଏ ନ୍ୟାୟ ପ୍ରସ୍ଥାନ । ଏମାନଙ୍କୁ ପ୍ରସ୍ଥାନ କହିବାର ତାତ୍ପର୍ଯ୍ୟ

ହେଉଛି ଯେ ଏହା ଅଧ୍ୟୟନ କଲେ ଜୀବ ସଂସାର ବନ୍ଧନରୁ ପ୍ରସ୍ଥାନ କରେ ଅର୍ଥାତ୍ ମୁକ୍ତିପାଏ । ବ୍ରହ୍ମସୂତ୍ରରେ ଚାରିଗୋଟି ଅଧ୍ୟାୟ ରହିଅଛି । ସେମାନେ ହେଲେ ୧. ସମନ୍ୱୟ, ୨. ଅବିରୋଧ, ୩. ସାଧନ, ୪. ଫଳ । ପ୍ରଥମ ଅଧ୍ୟାୟକୁ ସମନ୍ୱୟ କହିବାର କାରଣ ହେଲା ଯେ ଏହା ପ୍ରମାଣ କରିଛିଯେ ବ୍ରହ୍ମ ଜଗତର କାରଣ ଏହା କହିବାରେ ସମସ୍ତ ଉପନିଷଦ ମଧ୍ୟରେ ସମନ୍ୱୟ ରହିଅଛି । ଦ୍ୱିତୀୟ ଅଧ୍ୟାୟକୁ ଅବିରୋଧ କରିବାର ତତ୍ପର୍ଯ୍ୟ ହେଉଛି ଯେ ଏ କ୍ଷେତ୍ରରେ କୌଣସି ବିରୋଧନାହିଁ । ଯେଉଁମତ ଏହାକୁ ବିରୋଧ କରିବା ଜଣାଯାଉଛି, ଏଥିରେ ତାହାକୁ ଖଣ୍ଡନ କରାଯାଇଛି । ପ୍ରଧାନ ବିରୋଧୀ ହେଉଛି ସାଂଖ୍ୟ । ତୃତୀୟ ଅଧ୍ୟାୟକୁ ସାଧନ କହିବାର ତାତ୍ପର୍ଯ୍ୟ ହେଉଛି ଯେ ଏଥିରେ କେଉଁ ସାଧନ ବା ଉପାୟ ଅଥବା ମାର୍ଗଦ୍ୱାରା ମୋକ୍ଷଲାଭ କରିହେବ ସେ ବିଷୟ ବର୍ଣ୍ଣନା କରାଯାଇଛି । ଚତୁର୍ଥ ଅଧ୍ୟାୟର ନାମ 'ଫଳ' ଅର୍ଥାତ୍ ଏଥିରେ ମୋକ୍ଷଲାଭ କଥା କୁହାଯାଇଛି । ବ୍ରହ୍ମଜ୍ଞାନଦ୍ୱାରା ମୋକ୍ଷଲାଭ ସମ୍ଭବ । ବ୍ରହ୍ମସୂତ୍ରରେ କେତେଗୋଟି ସୂତ୍ରଅଛି ସେ ସମ୍ପର୍କରେ ମତ ପାର୍ଥକ୍ୟ ଥିଲେ ମଧ୍ୟ ବିଶିଷ୍ଟ ବିଦ୍ୱାନ୍ ଡ଼ଃ ଟି.ଏମ୍. ପି. ମହାଦେବନ କହିଛନ୍ତି ଯେ ଏଥିରେ ୫୫୫ଟି ସୂତ୍ରଅଛି । ଯେପରି ମାଳି ବିଭିନ୍ନ ବୃକ୍ଷରୁ ପୁଷ୍ପସଂଗ୍ରହ କରି ମାଳ ନିର୍ମାଣ କରେ ଠିକ୍ ସେହିପରି ବିଭିନ୍ନ ଉପନିଷଦରୁ ବେଦାନ୍ତ ପୁଷ୍ପ ସଂଗ୍ରହକରି ଏହି ବ୍ରହ୍ମସୂତ୍ରରେ ସେମାନଙ୍କୁ ସୁସଜ୍ଜିତ କରାଯାଇଛି । ତେବେ ଏହି ସୂତ୍ରଗୁଡ଼ିକ ଅତି ସଂକ୍ଷିପ୍ତ ଓ କ୍ଳୃପ୍ତ । ଏଣୁ ଶଙ୍କର, ରାମାନୁଜ ପ୍ରଭୃତି ଭାଷ୍ୟକାରମାନେ ଏହା ଉପରେ ଭାଷ୍ୟ ରଚନା କରି ନିଜର ମତବାଦ ପ୍ରଚାର କରିଛନ୍ତି । ବ୍ୟାସଦେବ ଅଷ୍ଟାଦଶ ପୁରାଣର ସ୍ରଷ୍ଟା ।ବେଦ ବେଦାନ୍ତ, ଧର୍ମଶାସ୍ତ୍ରମାନଙ୍କରେ ଯେଉଁ ଜଟିଳ ତତ୍ତ୍ୱ ରହିଛି ତାହା ସାଧାରଣ ମଣିଷ ବୁଝିପାରିବ ନାହିଁ । ଏଣୁ ବିଭିନ୍ନ ଉପାଖ୍ୟାନ ମାଧ୍ୟମରେ ଧର୍ମର ଗୂଢ଼ତତ୍ତ୍ୱକୁ ବ୍ୟାସ ସରଳ ଭାଷାରେ ପ୍ରକାଶ କରିବା ପାଇଁ ବିଭିନ୍ନ ପୁରାଣ ରଚନା କଲେ । ଏହା ଜନସାଧାରଣଙ୍କଦ୍ୱାରା ବିଶେଷ ଭାବରେ ଆଦୃତ ହେଲା । ଲୋକମାନେ ସତ୍ ମାର୍ଗରେ ଜୀବନ ଯାପନ ପରିବାପାଇଁ ପ୍ରେରଣା ଲାଭ କଲେ । ଏହି ପୁରାଣମାନେ ହେଲ ୧. ବ୍ରହ୍ମପୁରାଣ, ୨. ବିଷ୍ଣୁପୁରାଣ, ୩. ଶିବ ପୁରାଣ, ୪. ଗରୁଡ଼ ପୁରାଣ, ୫. ଅଗ୍ନି ପୁରାଣ, ୬. ସ୍କନ୍ଦ ପୁରାଣ, ୭. ଭବିଷ୍ୟ ପୁରାଣ, ୮. ବ୍ରହ୍ମ ବୈବର୍ତ୍ତ ପୁରାଣ, ୯. ମାର୍କଣ୍ଡେୟ ପୁରାଣ, ୧୦. ବାମନ ପୁରାଣ, ୧୧. ବରାହ ପୁରାଣ, ୧୨. ଲିଙ୍ଗ ପୁରାଣ, ୧୩. ନାରଦ ପୁରାଣ, ୧୪. ମତ୍ସ୍ୟ ପୁରାଣ, ୧୫.କୂର୍ମ ପୁରାଣ, ୧୬. ବ୍ରହ୍ମାଣ୍ଡ ପୁରାଣ, ୧୭. ପଦ୍ମ ପୁରାଣ, ୧୮. ଭାଗବଦ ପୁରାଣ ।

ବ୍ୟାସ ଥିଲେ ମାତୃଭକ୍ତ । ମା ସତ୍ୟବତୀ ଯାହା ନିର୍ଦ୍ଦେଶ ଦେଉଥିଲେ ତାହା ସେ ପାଳନ କରୁଥିଲେ । ବିଚିତ୍ରବୀର୍ଯ୍ୟଙ୍କର ଯକ୍ଷ୍ମାରୋଗରେ ଅକାଳ ମୃତ୍ୟୁ ହେଲା । ରାଣୀ

ଅମ୍ବିକା ଓ ଅମ୍ବାଳିକା ନିଃସନ୍ତାନ ଥିଲେ । କୁରୁବଂଶ କିପରି ରକ୍ଷାହେବ ? ମାତା ସତ୍ୟବତୀଙ୍କ ନିର୍ଦ୍ଦେଶରେ ବ୍ୟାସ 'ନିୟୋଗ' ବିଧି ଅନୁଯାୟୀ ସେମାନଙ୍କଠାରୁ ସନ୍ତାନ ସୃଷ୍ଟି କରିଥିଲେ । ଫଳରେ ଧୃତରାଷ୍ଟ୍ର ଓ ପାଣ୍ଡୁଙ୍କର ଜନ୍ମ ହେଲା । ଜଣେ ଦାସୀଠାରୁ ଜନ୍ମ ନେଲେ ବିଦୁର । ଏଣୁ ଏମାନେ ସମସ୍ତେ ବ୍ୟାସଙ୍କର ପୁତ୍ର ।

କୁରୁବଂଶର ରକ୍ଷାପାଇଁ ବ୍ୟାସଦେବ ସମସ୍ତ ପ୍ରକାର ଉଦ୍ୟମ କରିଥିଲେ । ଧୃତରାଷ୍ଟ୍ରଙ୍କୁ ସବୁବେଳେ ସତ୍ ଉପଦେଶ ଦେଉଥିଲେ । ହେଲେ ପାପୀ ଦୁର୍ଯ୍ୟୋଧନ ଏହାକୁ ଗ୍ରହଣ କରିନଥିଲେ । ଏହାହିଁ ହେଲା ପତନର କାରଣ ।

ବ୍ୟାସଙ୍କ ପରାମର୍ଶରେ ପାଣ୍ଡବମାନେ ପାଞ୍ଚାଳକୁ ଆସିଥିଲେ । ଅର୍ଜୁନ ଲକ୍ଷ୍ୟଭେଦ କରି ଦ୍ରୌପଦୀଙ୍କୁ ଲାଭକଲେ । ମାତ୍ର ମାତା କୁନ୍ତୀଙ୍କର କଥା ରକ୍ଷା କରି ପାଞ୍ଚଭାଇ ଦ୍ରୌପଦୀଙ୍କ ପାଣିଗ୍ରହଣ କରିବା ପ୍ରଶ୍ନ ଉଠିବାରୁ ଦ୍ରୁପଦ ପ୍ରତିବାଦ କରିଥିଲେ । ମାତ୍ର ବ୍ୟାସଦେବ ଦ୍ରୁପଦଙ୍କୁ ବୁଝାଇ ଏ ସମସ୍ୟାର ସମାଧାନ କରିପାରିଥିଲେ ।

ବ୍ୟାସ ଥିଲେ ତ୍ରିକାଳଦର୍ଶୀ । ଯୁଧିଷ୍ଠିର ଯେଉଁ ରାଜସୂୟ ଯଜ୍ଞ କରିଥିଲେ ସେଥିରେ ଶିଶୁପାଳ କୃଷ୍ଣଙ୍କୁ ଅପମାନ ଦେଇଥିବାରୁ କୃଷ୍ଣ ତାକୁ ବଧ କରିଥିଲେ । ଯୁଧିଷ୍ଠିର ଭାବିଥିଲେ ଯେ ଶିଶୁପାଳ ମୃତ୍ୟୁରେ ଅଶୁଭ ସମୟର ଅବସାନ ଘଟିଲା । କିନ୍ତୁ ରାଜସୂୟ ଯଜ୍ଞ ଶେଷ ହେବାପରେ ଯେତେବେଳେ ବ୍ୟାସ ବିଦାୟ ନେବାକୁ ବସିଲେ ସେହି ସମୟରେ ସେ ଯୁଧିଷ୍ଠିରଙ୍କୁ ଚେତାଇ ଦେଇଥିଲେ ଯେ ଭୀଷଣ ସଙ୍କଟ ଆଗକୁ ମାଡ଼ିଆସୁଛି । ପ୍ରକୃତରେ ତାହା ହିଁ ଘଟିଥିଲା । ଦ୍ୟୁତକ୍ରୀଡ଼ା, ପାଣ୍ଡବମାନଙ୍କର ବନବାସ, ମହାଭାରତ ଯୁଦ୍ଧ ଓ କ୍ଷତ୍ରିୟ କୁଳର ବିନାଶ ଦ୍ୱାରା ବ୍ୟାସଙ୍କ ଭବିଷ୍ୟତବାଣୀ ସତ୍ୟ ହେଲା । କାଳର ଶକ୍ତି ଅପରାଜେୟ ।

ଭଗବଦ୍ ଗୀତା ବ୍ୟାସଦେବଙ୍କର ଅମର କୃତି । ଏହା ମହାଭାରତର ଭୀଷ୍ମପର୍ବରେ ରହିଅଛି । ଏଥିରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସ୍ୱଧର୍ମ ପାଳନ କରିବାକୁ ଉପଦେଶ ଦେଇଛନ୍ତି । ନିଷ୍କାମ କର୍ମଯୋଗର ପ୍ରଶଂସା କରାଯାଇଛି । ଜ୍ଞାନ, ଭକ୍ତି, ଓ କର୍ମର ଅପୂର୍ବ ସଙ୍ଗମ ଗୀତାରେ ହୋଇଅଛି । ଭଗବଦ୍‌ଗୀତା ଉପନିଷଦର ସାର ଓ ଯୁଗେ ଯୁଗେ ଏହା ଆମକୁ ପ୍ରେରଣା ଦେଇଛି ।

ମହାଭାରତ ଏକ ବିଶାଳ ଗ୍ରନ୍ଥ ଓ ବ୍ୟାସଦେବଙ୍କର ଅମରକୃତି । ଭରତ ବଂଶର ଇତିହାସ ଏଥିରେ ବର୍ଣ୍ଣିତ ହୋଇଅଛି । ବ୍ୟାସ ମନେମନେ ଏହାର ବିଷୟବସ୍ତୁର କଳ୍ପନା କଲେ । କିନ୍ତୁ ତାଙ୍କ ପାଇଁ ମୁଖ୍ୟ ସମସ୍ୟା ହେଲା ଯେ ଏ ବିଶାଳ ଗ୍ରନ୍ଥକୁ କିଏ ନିର୍ଭୁଲ ଭାବରେ ଲେଖିବେ । ବ୍ୟାସଙ୍କ ମନ ବ୍ୟାକୁଳ ହୋଇଉଠିଲା । ଏଣୁ ସେ ବ୍ରହ୍ମାଙ୍କୁ ପ୍ରାର୍ଥନା

କଲେ । ବ୍ରହ୍ମା ତାଙ୍କୁ କହିଲେ ଯେ ଶିବପୁତ୍ର ଗଣେଶ ବିଦ୍ୟାର ବାରିଧି ଏବଂ ବିଘ୍ନ ଖଣ୍ଡନକାରୀ । ଏହାକୁ ସେ ହିଁ ଲେଖିପାରିବେ । ବ୍ୟାସ ଗଣେଶଙ୍କୁ ସ୍ମରଣ କଲେ । ଗଣେଶ କହିଲେ ଯେ ସେ ଏ ଗ୍ରନ୍ଥ ଲେଖିବେ ମାତ୍ର ବ୍ୟାସ ଅନର୍ଗଳ ବା ନିରବଚ୍ଛିନ୍ନ ଭାବରେ ଡାକିବାକୁ ପଡ଼ିବ । ବ୍ୟାସ ଗଣେଶଙ୍କୁ କହିଲେ ଯେ ଏହା ସେ କରିପାରିବେ ମାତ୍ର ଗଣେଶ ବୁଝିକରି ଲେଖିବେ । ଏହିଭଳି ଭାବରେ ଲେଖା ଆରମ୍ଭ ହେଲା । ଠାଏ ଠାଏ ବ୍ୟାସ କଠିନ ଶ୍ଳୋକ ଡାକିଦିଅନ୍ତି । ଗଣେଶ ଟିକିଏ ଭାବିଲା ବେଳକୁ ବ୍ୟାସ ମନ ମଧ୍ୟରେ ପଦ ରଚନା କରିଦିଅନ୍ତି । ଏହାକୁ କହନ୍ତି ବ୍ୟାସକୂଟ । ଶୁଣାଯାଏ ଯେ, ମୂଳ ମହାଭାରତରେ ୨୪୦୦୦ (ଚବିଶ ହଜାର) ଶ୍ଳୋକ ଥିଲା । ମାତ୍ର ପରେ ଏହା ପରିବର୍ଦ୍ଧିତ ହୋଇ ଏକଲକ୍ଷ ଶ୍ଳୋକ ଧାରଣ କଲା । କିନ୍ତୁ ଏବେ ଭଣ୍ଡାରେକର ଅନୁଷ୍ଠାନ ଯେଉଁ ପୂର୍ଣ୍ଣାଙ୍ଗ ମହାଭାରତ ପ୍ରକାଶ କରିଛି ସେଥିରେ ୭୩୯୦୦ ଶ୍ଳୋକ ଅଛି । ମହାଭାରତକୁ ପଞ୍ଚମ ବେଦ କୁହାଯାଏ ।

ବ୍ୟାସଦେବଙ୍କର ସର୍ବଶେଷ ଗ୍ରନ୍ଥ ହେଉଛି ଭାଗବତ । ଏହାର ରଚନା ସମ୍ପର୍କରେ ଏଭଳି କାହାଣୀଟିଏ ରହିଛି ଯେ ବ୍ୟାସଦେବ ସରସ୍ୱତୀ ନଦୀକୂଳରେ ବସି ଭାବୁଛନ୍ତି ଏତେ ଗ୍ରନ୍ଥ ରଚନା କରି ଓ ମାନବ ଜାତିର କଲ୍ୟାଣ ନିମିତ୍ତ ଅନେକ କାର୍ଯ୍ୟ କରି ମଧ୍ୟ ଶାନ୍ତିପାଉନାହାନ୍ତି । ଏହି ସମୟରେ ଦେବର୍ଷି ନାରଦ ଆସି ସେଠାରେ ପହଞ୍ଚିଛନ୍ତି । ନାରଦ ତାଙ୍କଠାରୁ ସବୁ ବିଷୟ ଶୁଣି ତାଙ୍କୁ ଏହି ଉପଦେଶ ଦେଇଛନ୍ତି ଯେ ସେ କୃଷ୍ଣଙ୍କର ଲୀଳା ବର୍ଣ୍ଣନ କଲେ ପରମ ଶାନ୍ତି ଲାଭ କରିବେ । କୃଷ୍ଣଭକ୍ତି ମନର ବିଷାଦକୁ ଦୂର କରିଦେବ । ନିଜ ଅତୀତ କଥା କହି ଶ୍ରୀକୃଷ୍ଣଙ୍କ ଲୀଳା ଉପରେ ଗୋଟିଏ ଗ୍ରନ୍ଥ ରଚନା କରିବା ପାଇଁ ଉପଦେଶ ଦେଇଥିଲେ । ଏହାପରେ ବ୍ୟାସଦେବ ଭାଗବତ ରଚନା କରି ପରମଶାନ୍ତି ଲାଭକଲେ । ଭାଗବତ ଦ୍ୱାଦଶ ସ୍କନ୍ଧବିଶିଷ୍ଟ ଏବଂ ଏଥିରେ ୧୮୦୦୦ (ଅଠର ହଜାର) ଶ୍ଳୋକ ରହିଅଛି । ବ୍ୟାସଦେବଙ୍କ ପୁତ୍ର ଶୁକ ଏହାର ମନୋରମ ଗାଥା ପରୀକ୍ଷିତଙ୍କୁ ଶୁଣାଇ ତାଙ୍କୁ ପରମ ଗତି ଲାଭ କରିବାରେ ସହାୟକ ହୋଇଥିଲେ । ଭାଗବତରେ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ଗୋପୀମାନଙ୍କର ହୃଦୟର ଗଭୀର ଭକ୍ତିକୁ ପ୍ରକାଶ କରି କୁହାଯାଇଛି –

"ତବ କଥାମୃତଂ ତପ୍ତଜୀବନଂ
କବିଭିରୀଡିତଂ କଲ୍ମଷାପହମ୍ ।
ଶ୍ରବଣମଙ୍ଗଳଂ ଶ୍ରୀମଦାତତଂ
ଭୁବି ଗୃଣନ୍ତି ତେ ଭୂରିଦା ଜନାଃ ।"

ହେ ପ୍ରଭୁ ! ତୁମର ଲୀଳାର ବର୍ଣ୍ଣନା ଅମୃତସ୍ୱରୂପ । ବିରହ ବ୍ୟଥିତ ଜୀବନରେ ଏହା ଶାନ୍ତି ଦେଇଥାଏ । କବିମାନେ ଏହାକୁ ଗାନ କରିଛନ୍ତି । ଏହା ପରମ ମଙ୍ଗଳମୟ । ଯିଏ ଏହି କଥା ପରିବେଷଣ କରନ୍ତି ସେହିମାନେ ଏ ସଂସାରରେ ଶ୍ରେଷ୍ଠଦାତା ।

ପୁରାଣ ରଚୟିତାମାନଙ୍କୁ ବ୍ୟାସ ନାମଦିଆଯାଇଛି । କେତେକ ଗବେଷକଙ୍କ ମତରେ ବ୍ୟାସ ଏକ ବ୍ୟକ୍ତିଙ୍କୁ ବୁଝାଇ ନଥାଏ । ଏହା ଏକ ଉପାଧି । ଅନେକ ବ୍ୟାସଉପାଧିଧାରୀ ମହାପୁରୁଷ ଥିଲେ । ପୁନଶ୍ଚ ସେମାନଙ୍କ ମତରେ ପୁରାଣଗୁଡ଼ିକ ଏତେ ପ୍ରାଚୀନ ନୁହଁନ୍ତି । ଯାହେଉ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ମତ ବ୍ୟକ୍ତ କରିବା ଏକ କଠିନ ବିଷୟ ।

ଆମ ପରମ୍ପରାରେ ବ୍ୟାସ ଚିରଞ୍ଜୀବୀ । ତେବେ ଏହା ସତ୍ୟ ବ୍ୟାସ ତାଙ୍କର ଅମର କୃତି ପାଇଁ ଜନମାନସରେ ସଦା ବିଦ୍ୟମାନ । ସେ ନାରାୟଣଙ୍କର ଅବତାର । ଥରେ ବ୍ୟାସ ଓ ଶଙ୍କରଙ୍କ ମଧ୍ୟରେ ହୋଇଥିବା ଶାସ୍ତ୍ରାର୍ଥ ଦୀର୍ଘଦିନ ଗତିକରିବାରୁ ଶଙ୍କରଙ୍କ ପ୍ରସିଦ୍ଧ ଶିଷ୍ୟ ପଦ୍ମପାଦ କହିଥିଲେ:-

"ଶଙ୍କରଃ ଶଙ୍କରଃ ସାକ୍ଷାତ୍ ବ୍ୟାସୋ
ନରାୟଣ ସ୍ୱୟମ୍, ତୟୋର୍ବିବାଦ
ସଂଜାତେ କିଙ୍କରଃ କିଂ କରୋମ୍ୟହମ୍ ।"

ଶଙ୍କର ହେଉଛନ୍ତି ଶିବଙ୍କର ଅବତାର ଏବେଂ ବ୍ୟାସଦେବ ହେଉଛନ୍ତି ନାରାୟଣଙ୍କର ଅବତାର । ଉଭୟଙ୍କ ମଧ୍ୟରେ ଏହି ଯେଉଁ ବିବାଦ ଲଗିଅଛି ମୁଁ ଦାସାନୁଦାସ କଅଣ ବା କରିପାରିବି ।

ବ୍ୟାସଦେବ ଜଣେ ଅବତାର ପୁରୁଷ । ଆମ ସଂସ୍କୃତି, ଦର୍ଶନ ଓ ସାହିତ୍ୟ କ୍ଷେତ୍ରକୁ ତାଙ୍କର ଅବଦାନ ଅତୁଳନୀୟ । ସେ ଚିର ନମସ୍ୟ ।

# ଶ୍ରୀ ଶଙ୍କରାଚାର୍ଯ୍ୟ

କେରଳର ପୂର୍ଣ୍ଣାନଦୀ ଯାହାକୁ ଆଜିକାଲି ପେରିୟର ବୋଲି କୁହାଯାଉଛି ତାହାରି କୂଳରେ କାଲାଡି ଗ୍ରାମଟି ଅବସ୍ଥିତ । କେହି କେହି ଏହାକୁ କାଲ୍‌ଟି ବୋଲି ଡାକନ୍ତି । ଏହି ଗ୍ରାମରେ ଶଙ୍କରଙ୍କର ଜନ୍ମ ହୋଇଥିଲା । ଏବେ ଏହି ଗ୍ରାମଟି ଗୋଟିଏ ସହରରେ ପରିଣତ ହୋଇଛି । ଏହି ସହରର ଉପକଣ୍ଠରେ ଶଙ୍କରାଚାର୍ଯ୍ୟଙ୍କ ନାମରେ ଏକ ଅନୁଷ୍ଠାନ ଗଢ଼ି ଉଠିଛି । ଶଙ୍କରଙ୍କ ଜୀବନରେ ଘଟିଥିବା ବିଭିନ୍ନ ଘଟଣା ଚିତ୍ର ମାଧ୍ୟମରେ ଏଠାରେ ଅତି ସୁନ୍ଦର ଭାବରେ ବୁଝାଇ ଦିଆ ଯାଇଛି ।  ଏହି ସ୍ଥାନକୁ ଦର୍ଶନ କରିବାର ସୌଭାଗ୍ୟ ଜୀବନରେ ଥରେ ଲାଭ କରିଥିଲି । ପୂର୍ଣ୍ଣା ନଦୀର ଜଳ ମସ୍ତକରେ ସିଞ୍ଚନ କରି ଅଶେଷ ଆନନ୍ଦ ଲାଭ କଲି । ଯେଉଁ ଶ୍ରୀକୃଷ୍ଣଙ୍କୁ ଶଙ୍କର ପୂଜା କରୁଥିଲେ ତାଙ୍କ ମନ୍ଦିରକୁ ଯାଇ ପ୍ରଭୁଙ୍କୁ ଦର୍ଶନ ମଧ୍ୟ କଲି । ଏଠାରେ ଏକ ପୁସ୍ତକ ଭଣ୍ଡାର ଅଛି ଯେଉଁଥିରେ ଶଙ୍କରଙ୍କ ବିଷୟରେ ଅନେକ ଉପାଦେୟ ପୁସ୍ତକ ମଧ୍ୟ ରହିଅଛି ।

ଶଙ୍କରଙ୍କ ଜନ୍ମକାଳ ସମ୍ପର୍କରେ ବିଭିନ୍ନ ମତ ଥିଲେ ମଧ୍ୟ ଯେଉଁ ମତଟି ବିଶେଷ ଭାବରେ ସମର୍ଥିତ ହୋଇଛି ତାହା ହେଉଛି ଯେ ତାଙ୍କର ଆବିର୍ଭାବ ୭୮୮ ମସିହାରେ ଘଟିଥିଲା ଏବଂ ୮୨୦ ମସିହାରେ ସେ ଧରାଧାମ ତ୍ୟାଗ କରିଥିଲେ । ତାଙ୍କର ଜୀବନର ଅବଧି ମାତ୍ର ୩୨ ବର୍ଷ ଥିଲା । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଆମ ପରମ୍ପରାରେ ଏହି ମତ ରହିଛି ଶଙ୍କରଙ୍କ ଜନ୍ମ ଖ୍ରୀ.ପୂ/ ୫୦୯ରେ ହୋଇଥିଲା ଏବଂ ଖ୍ରୀ.ପୂ. ୪୭୬ରେ ସେ ଦେହ ତ୍ୟାଗ କରିଥିଲେ ।

ଏହି କାଲାଡି ଗ୍ରାମରେ ଏକ ନାମ୍ବୁଦରୀ ବ୍ରାହ୍ମଣ ଦମ୍ପତି ବାସ କରୁଥିଲେ । ସେମାନେ ହେଲେ ଶିବଗୁରୁ ଓ ତାଙ୍କର ପତ୍ନୀ ସତୀ । କେତେକ ପୁସ୍ତକରେ ତାଙ୍କର ନାମ ଆର୍ଯ୍ୟାମ୍ବା ଓ ଅନ୍ୟ ସ୍ଥଳରେ ବିଶିଷ୍ଟା ବୋଲି ଲେଖା ଯାଇଅଛି । ଶିବଗୁରୁଙ୍କ ପିତାଙ୍କ ନାମ ଥିଲା ବିଦ୍ୟାଧିରାଜ । କେରଳର ତତ୍‌କାଳୀନ ରାଜା ଚନ୍ଦ୍ରମୌଳୀଙ୍କର ପୂଜା ଆରାଧନା କରିବା ପାଇଁ ତାଙ୍କୁ କିଛି ବୃତ୍ତିବାଡି ଦେଇଥିଲେ । ସେହି ବଂଶର ଶିବଗୁରୁ ଧର୍ମପ୍ରାଣ ଓ ଶାସ୍ତ୍ରଜ୍ଞ ପଣ୍ଡିତ ଥିଲେ । ତାଙ୍କର ପରିବାର ମଧ୍ୟ ସମୃଦ୍ଧିଶାଳୀ ଥିଲେ । କିନ୍ତୁ ତାଙ୍କର ଏକମାତ୍ର ଦୁଃଖଥିଲା ଯେ ସେ ନିଃସନ୍ତାନ ଥିଲେ । ସନ୍ତାନ କାମନା କରି ସେ ଶିବଙ୍କର ଆରାଧନା କଲେ । ଅତ୍ୟନ୍ତ କଠୋର ବ୍ରତ ପାଳନ କରିଥିଲେ । ପରିଶେଷରେ ତାଙ୍କର ଐକାନ୍ତିକ ଭକ୍ତିରେ ପ୍ରସନ୍ନ ହୋଇ ତାଙ୍କୁ ସ୍ୱପ୍ନରେ କରୁଣାସାଗର ମହାଦେବ ପଚାରିଲେ ଯେ ସେ

କିପରି ପୁତ୍ର କାମନା କରୁଛନ୍ତି, ଏକ ଯୋଗ୍ୟ ସ୍ୱଳ୍ପାୟୁ ପୁତ୍ର ନା ମୂର୍ଖ ଦୀର୍ଘାୟୁ ପୁତ୍ର । ଶିବଗୁରୁ ଏକ ଯୋଗ୍ୟପୁତ୍ର ପ୍ରାର୍ଥନା କଲେ । ପ୍ରଭୁ ଆଶୀର୍ବାଦ କଲେ । ଶିବଗୁରୁ ଓ ତାଙ୍କର ପତ୍ନୀ ଏଭଳି ଆଶୀର୍ବାଦ ଲାଭକରି ପ୍ରସନ୍ନ ଚିତ୍ତରେ ଗୃହକୁ ଫେରିଲେ । ନିର୍ଦ୍ଦିଷ୍ଟ ସମୟରେ ଶଙ୍କର ଜନ୍ମ ନେଇଥିଲେ । ବାଲ୍ୟକାଳରୁ ତାଙ୍କର ଅଲୌକିକ ପ୍ରତିଭାର ପରିଚୟ ମିଳିଥିଲା । ହେଲେ ତାଙ୍କୁ ମାତ୍ର ୩ ବର୍ଷ ହୋଇଲା ବେଳେ ଶିବଗୁରୁ ଇହଲୀଳ ସାଙ୍ଗ କଲେ । ଶଙ୍କର ଜନନୀଙ୍କ କୋଳରେ ବଢ଼ିବାକୁ ଲାଗିଲେ । ୫ବର୍ଷ ବୟସରେ ତାଙ୍କର ଉପନୟନ ହୋଇଥିଲା । ତତ୍‌ପରେ ସେ ଗୁରୁଗୃହକୁ ଯାଇ ମାତ୍ର ୨ବର୍ଷ ମଧ୍ୟରେ ବହୁଶାସ୍ତ୍ରକୁ ଆୟତ୍ତ କରିପାରିଲେ । ଏହି ସମୟରେ ଥରେ ସେ ଭିକ୍ଷା ଉଦ୍ଦେଶ୍ୟରେ ଯାଇ ଜଣେ ଗୃହସ୍ଥଙ୍କ ଦ୍ୱାରରେ ଉପସ୍ଥିତ ହେଲେ । ହେଲେ ଏ ପରିବାରଟି ଉତ୍କଟ ଦାରିଦ୍ର୍ୟ ଭିତରେ ନିପୀଡିତ ଥିଲା । ଗୃହସ୍ଥଙ୍କ ପତ୍ନୀ ତାଙ୍କୁ ଦେଖି ଦୁଃଖରେ କହିଲେ ଯେ ତାଙ୍କଭଳି ଜଣେ ସୁକୁମାର ବ୍ରହ୍ମଚାରୀଙ୍କୁ ଭିକ୍ଷା ଦେବାପାଇଁ ତାଙ୍କ ପାଖରେ କିଛି ନାହିଁ । ଏହାକହି ସେ ଦୀର୍ଘଶ୍ୱାସ ପକାଇ ଅଁଳା ଫଳଟିଏ ମାତ୍ର ଦେଇଥିଲେ । ଏ ପରିବାରର ଦାରିଦ୍ର୍ୟ ଦେଖି ଶଙ୍କରରଙ୍କ କୋମଳ ପ୍ରାଣ ଦୟାରେ ବିଗଳିତ ହୋଇଉଠିଥିଲା । ସେ ସେଇଠାରେ ମହାଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଗୋଟିଏ ସ୍ତୋତ୍ର ଗାନ କରିଥିଲେ । ତାଙ୍କ ରଚିତ ଏହି ସ୍ତୋତର ନାମ 'କନକଧାରା ସ୍ତୋତ୍ର। ମହାଲକ୍ଷ୍ମୀ ପ୍ରସନ୍ନା ହୋଇ ଏ ପରିବାରର ଦାରିଦ୍ର୍ୟ ଦୂର କରି ତାଙ୍କୁ ପ୍ରଚୁର ଧନଦାନ କରିଥିଲେ ।

ଗୁରୁଗୃହରୁ ଫେରି ସେ ମାତୃସେବାରେ ମନପ୍ରାଣ ଢ଼ାଳି ଦେଇଥିଲେ । ଥରେ ତାଙ୍କର ମାତା ନଦୀକୁ ସ୍ନାନ କରିବାକୁ ଯାଇଥିଲେ । ମାତ୍ର ତାଙ୍କର ଶରୀର ବିଭିନ୍ନ ବ୍ରତ ପାଳନ କରି ଦୁର୍ବଳ ଥିଲା । ପଥ ମଧ୍ୟରେ ପ୍ରଚଣ୍ଡ ରୌଦ୍ରତାପକୁ ସହ୍ୟ କରି ନପାରି ସେ ସଂଜ୍ଞାହୀନ ହୋଇ ପଡିଯାଇଥିଲେ । ଏ ଖବର ପାଇ ଶଙ୍କର ଗ୍ରାମବାସୀଙ୍କ ସାହାଯ୍ୟରେ ମାତାଙ୍କୁ ଗୃହକୁ ଆଣି ସେବା ଶୁଶ୍ରୂଷାକଲେ ଏବଂ ସେ ସୁସ୍ଥ ହେଲେ । ଏହା ପରେ ଶଙ୍କର ଶ୍ରୀକୃଷ୍ଣଙ୍କୁ ଆରାଧନା କରି ନଦୀର ଗତିପଥ ବଦଳାଇ ପାରିଥିଲେ । ଏବେ କାଲାଡି ସନ୍ନିକଟରେ ପୂର୍ଣ୍ଣାନଦୀ ବହିଯାଉଛି ।

ବାଲ୍ୟକାଳରୁ ଶଙ୍କରଙ୍କ ମନରେ ସଂସାର ପ୍ରତି ବୈରାଗ୍ୟ ଭାବ ଆସିଯାଇଥିଲା । କିନ୍ତୁ ମାଆଙ୍କ ମନରେ ସେ କଷ୍ଟଦେବାକୁ ଚାହୁଁନଥିଲେ । ଥରେ ଏଭଳି ଏକ ଘଟଣା ଘଟିଗଲା ଯାହାଫଳରେ ସନ୍ନ୍ୟାସୀ ହେବାପାଇଁ ମାଆ ତାଙ୍କୁ ଅନୁମତି ଦେଇଦେଲେ । ଥରେ ପୂର୍ଣ୍ଣାନଦୀରେ ସେ ସ୍ନାନ କରିବା ସମୟରେ ଏକ ଭୟଙ୍କର କୁମ୍ଭୀର ତାଙ୍କୁ ନଦୀର ଗଭୀର ଜଳମଧ୍ୟକୁ ଆକର୍ଷଣ କଲା । ମାଆ ଏ ଦୃଶ୍ୟ ଦେଖି ବିକଳରେ କାନ୍ଦିବାକୁ ଲାଗିଲେ ଏବଂ ପୁତ୍ରର ଜୀବନ ରକ୍ଷାପାଇଁ ଚିତ୍କାର କଲେ । ମାତ୍ର ଫଳ

କିଛି ହେଲାନାହିଁ । ଏହି ସମୟରେ ଶଙ୍କର କହିଲେ ଯେ ଜନନୀ ଯଦି ତାଙ୍କୁ ସନ୍ନ୍ୟାସୀ ହେବାପାଇଁ ଅନୁମତି ଦେଇଦିଅନ୍ତି ତେବେ ଏ କୁମ୍ଭୀର ତାଙ୍କୁ ନିଜ କବଳରୁ ମୁକ୍ତ କରିଦେବ । ଅନନ୍ୟୋପାୟା ଜନନୀ ବାଧ୍ୟହୋଇ ଅନୁମତି ଦେଇଦେଲେ ଏବଂ ଶଙ୍କରଙ୍କର ଜୀବନ ରକ୍ଷା ପାଇଗଲା ।

ସନ୍ନ୍ୟାସୀର ବେଶ ଧାରଣ କରି ଶଙ୍କର ମାତ୍ର ଆଠବର୍ଷ ବୟସରେ ମାଆଙ୍କଠାରୁ ବିଦାୟ ଚାହିଁଲେ । କ୍ରନ୍ଦନରତା ଜନନୀଙ୍କୁ ଆଶ୍ୱାସନା ଦେଇ କହିଲେ ଯେ ଜୀବନର ଅନ୍ତିମ ମୁହୂର୍ତ୍ତରେ ସେ ତାଙ୍କୁ ସ୍ମରଣ କରିବା ମାତ୍ରକେ ସେ ଆସି ତାଙ୍କ ପାଖରେ ଉପସ୍ଥିତ ହେବେ ।

ଆଠବର୍ଷ ବୟସର ଏହି ସୁକୁମାର ବ୍ରହ୍ମଚାରୀ ଗୁରୁଅନ୍ୱେଷଣରେ କୋମଳ ପାଦ ଦୁଇଟିକୁ ଆଗକୁ ପକାଇ ପକାଇ ବନ କାନ୍ତାରର ଦୁର୍ଗମ ପଥ ଅତିକ୍ରମ କରି ଅଗ୍ରସର ହେଲେ । ମଧ୍ୟାହ୍ନର ପଚଣ୍ଡ ରୋଦ୍ରତାପକୁ ସହ୍ୟ କରି ନ ପାରି ଗୋଟିଏ ସ୍ଥାନରେ ବିଶ୍ରାମ ନେବା ସମୟରେ ସେ ଲକ୍ଷକଲେ ଯେ ଗୋଟିଏ ନାଗସାପ ତାର ଫଣା ବିସ୍ତାର କରି ବେଙ୍ଗଛୁଆମାନଙ୍କୁ  ପ୍ରଚଣ୍ଡ ଉତ୍ତାପରୁ ରକ୍ଷ କରୁଛି । ଏହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ଭକ୍ଷକ  ଆଜି ରକ୍ଷକ ସାଜିଛି । ପରେ ସେଠାରେ ଥିବା ଜଣେ ସନ୍ନ୍ୟାସୀଙ୍କୁ ସେ ପଚାରି ବୁଝିଲେ ଯେ ପୂର୍ବେ ଋଷ୍ୟଶୃଙ୍ଗଙ୍କ ଆଶ୍ରମ ସେଠାରେ ରହିଥିଲା । ଶଙ୍କର ମନେ ମନେ ଏହା ଭାବିନେଲେ ଯେ ଭବିଷ୍ୟତରେ ତାଙ୍କରି ନାମରେ ସେ ସେଠାରେ ଗୋଟିଏ ମଠ ସ୍ଥାପନ କରିବେ । ପରେ ସେ ଏହି ଭାବରେ ଶୃଙ୍ଗେରୀ ମଠ ସ୍ଥାପନ କରିଥିଲେ । ଦୀର୍ଘପଥ ଅତିକ୍ରମ କରି ପରିଶେଷରେ ନର୍ମଦା ନଦୀ ତୀରରେ ଗୁରୁଗୋବିନ୍ଦ ପାଦଙ୍କ ଆଶ୍ରମରେ ପହଞ୍ଚିଲେ । ସେ ସମୟରେ ଗୋବିନ୍ଦପାଦ ଗୋଟିଏ ଗୁମ୍ଫା ମଧ୍ୟରେ ଧ୍ୟାନସ୍ଥ ଥିଲେ । ଶଙ୍କର ପ୍ରଥମେ ଏହି ଗୁମ୍ଫାଟିକୁ ତିନିଥର ପ୍ରଦକ୍ଷିଣ କରି ମୁଖଦେଶରେ ଦଣ୍ଡାୟମାନ ହୋଇ ଗୁରୁଙ୍କର ବନ୍ଦନା କଲେ । ଏଥିରେ ଗୁରୁଙ୍କର ବାହ୍ୟଚେତନା ଫେରିଆସିଲା । ସେ ଚକ୍ଷୁ ଉନ୍ମିଳନ କରି ଶଙ୍କରଙ୍କୁ ସେ କିଏ ବୋଲି ପଚାରିବାରୁ ଶଙ୍କର ଗଭୀର ଭକ୍ତିର ସହିତ ଉତ୍ତର ଦେଇଥିଲେ:-

"ସ୍ୱାମିନ୍ନହଂ ନପୃଥିବୀନଜଳଂ ନ ତେଜୋ
ନ ସ୍ପର୍ଶନୋ ନ ଗଗନଂ ନ ଚ ତଦ୍ଗୁଣୋବା ।
ନାପୀନ୍ଦ୍ରିୟାଣ୍ୟପିତୁ ବିଦ୍ଧି ତତୋଽବଶିଷ୍ଟୋ
ଯଃ କେବଳୋଽସ୍ତି ପରମଃସଶିବୋଽହମସ୍ମି"

ହେ ସ୍ୱାମିନ୍ । ମୁଁ ପାର୍ଥିବ ବସ୍ତୁନୁହେଁ, ମୁଁ ଜଳ, ତେଜ, ବାୟୁ, ଆକାଶ ମଧ୍ୟନୁହେଁ । ପଞ୍ଚଭୂତର କୌଣସି ଗୁଣ ନୁହେଁ । ମୁଁ ଇନ୍ଦ୍ରିୟ ବା ଇନ୍ଦ୍ରିୟ ସମଷ୍ଟି ଦେହ ମଧ୍ୟ ନୁହେଁ । ମୁଁ ଏ ସବୁରୁ ଅତୀତ ପରମ ତତ୍ତ୍ୱ ସେହି ପରମ ଶିବ ଅଟେ ।

ଗୋବିନ୍ଦପାଦ ଅନୁଭବ କଲେ ଯେ ଅଦ୍ୱୈତ ଦର୍ଶନ ପ୍ରଚାର କରିବା ପାଇଁ ଏହି ବାଳକ ଯୋଗ୍ୟ ଅଟେ । ଏହିଭଳି ଜଣେ ଶିଷ୍ୟ ଅପେକ୍ଷାରେ ସେ ରହିଥିଲେ । ସେ ଶଙ୍କରଙ୍କୁ ତାଙ୍କ ନିକଟକୁ ଆସିବାକୁ କହିବାକ୍ଷଣି ଶଙ୍କର ଗଭୀର ଭକ୍ତିର ସହିତ ତାଙ୍କର ପାଦଦ୍ୱୟକୁ ଧରି ବାରମ୍ବାର ପ୍ରଣାମ କରିଥିଲେ । ତାଙ୍କର ଐକାନ୍ତିକ ନିଷ୍ଠା, ଗୁରୁଭକ୍ତି ଓ ଜ୍ଞାନ ପିପାସା ଦେଖି ଗୋବିନ୍ଦପାଦ ତାଙ୍କୁ ଦୀକ୍ଷା ଦେଇଥିଲେ । ଏହିଠାରେ ଶଙ୍କର ତିନିବର୍ଷ ଅଧ୍ୟୟନ କରିଥିଲେ । ଉପନିଷଦର ମହାବାକ୍ୟଗୁଡିକର ମର୍ମାର୍ଥକୁ ବୁଝାଇ ଗୋବିନ୍ଦପାଦ ତାଙ୍କୁ ବ୍ରହ୍ମଜ୍ଞାନ ଦେଇଥିଲେ । ବ୍ୟାସକୃତ ବ୍ରହ୍ମସୂତ୍ରର ବ୍ୟାଖ୍ୟାମଧ୍ୟ କରିଥିଲେ । ଅଦ୍ୱୈତ ଦର୍ଶନର ଗୂଢ଼ତତ୍ତ୍ୱ ସେ ଗୋବିନ୍ଦପାଦଙ୍କଠାରୁ ଶିକ୍ଷା କରିଥିଲେ । ଏଠାରେ ଯୋଗ ଶିକ୍ଷାକଲେ । ସେ ସିଦ୍ଧିଲାଭ କରିଥିଲେ ।

ଦିନକର ଘଟଣା । ଆକାଶରେ ଘନକୃଷ୍ଣ କାଦମ୍ବିନୀ ଛାଇଯାଇ ପ୍ରବଳ ବୃଷ୍ଟିପାତ ଆରମ୍ଭ ହୋଇଗଲା । ମୂଷଳଧାରରେ ବୃଷ୍ଟିହେବା ସହିତ ପ୍ରବଳ ବେଗରେ ପବନ ବହି ଅରଣ୍ୟ ଭୂମିରେ ଏକ ଭୟଙ୍କର ପରିବେଶ ସୃଷ୍ଟିହେଲା । ନର୍ମଦାର ଜଳସ୍ତର ବଢ଼ିବାକୁ ଲାଗିଲା ଏବଂ କିଛି ସମୟପରେ ଏହା କୂଳ ଲଂଘନ କରି ଆଶ୍ରମ ଆଡ଼କୁ ମାଡ଼ିଆସିଲା। ସେହି ସମୟରେ ଗୋବିନ୍ଦପାଦ ଗୁମ୍ଫା ମଧ୍ୟରେ ଧ୍ୟାନସ୍ଥ ଥିଲେ । ଶିଷ୍ୟମାନଙ୍କ ମନରେ ଆଶଙ୍କା ଆସିଲା ଯେ ବନ୍ୟାଜଳ ଗୁମ୍ଫା ମଧ୍ୟରେ ପ୍ରବେଶ କରି ଗୁରୁଙ୍କ ଜୀବନପ୍ରତି ବିପଦ ସୃଷ୍ଟି କରିବ । ଗୁରୁ ନିର୍ବିକଳ୍ପ ସମାଧିରେ ରହିଥିଲେ । ସମସ୍ତ ଆଶଙ୍କାକୁ ଦୂରକରି ଏକ ଅଭିମନ୍ତ୍ରିତ ମାଠିଆକୁ ନେଇ ଗୁମ୍ଫାର ମୁହଁରେ ରଖିଦେଲେ ଶଙ୍କର ଏବଂ ବନ୍ୟାଜଳ କ୍ରମେ କ୍ରମେ ସଙ୍କୁଚିତ ହୋଇ ମାଠିଆ ମଧ୍ୟରେ ଅବରୁଦ୍ଧ ହୋଇ ରହିଗଲା । ଶଙ୍କରଙ୍କ ଏଭଳି ମନ୍ତ୍ରଶକ୍ତି ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଲେ । ଗୁରୁ ସମାଧିରୁ ଉଠି ଏ ବିଷୟ ଜାଣିପାରିଲେ ଏବଂ ବ୍ୟାସଙ୍କ ଉକ୍ତି ତାଙ୍କର ମନେ ପଡିଲା । ଏଭଳି ଆଶ୍ଚର୍ଯ୍ୟଜନକ ଘଟଣା ଯହାଦ୍ୱାରା ସମ୍ଭବ ହେବ ସେ ବ୍ରହ୍ମସୂତ୍ର ଉପରେ ଭାଷ୍ୟ ରଚନା କରିବ ।

ଏଣୁ ଗୋବିନ୍ଦପାଦ ଏହି ମହାନ୍ କାର୍ଯ୍ୟ ପାଇଁ ତାଙ୍କୁ ପ୍ରସ୍ତୁତ ହେବାକୁ ବିଦ୍ୟାନଗରୀ କାଶୀକୁ ଯିବାପାଇଁ ନିର୍ଦ୍ଦେଶ ଦେଲେ । ଗୁରୁଙ୍କଠାରୁ ବିଦାୟ ନେବା ତାଙ୍କପାଇଁ ବେଦନାଦାୟକ ଥିଲେ ମଧ୍ୟ ଗୁରୁଙ୍କ ଆଦେଶ ସେ ପାଳନ କରିଥିଲେ । କାଶୀରେ ପହଞ୍ଚି ପ୍ରଭୁ ବିଶ୍ୱନାଥଙ୍କୁ ଦର୍ଶନ କରି ପରମ ଆନନ୍ଦ ଲାଭ କରିଥିଲେ । ଏଠାରେ ଶଙ୍କର ନିଜର ଶାସ୍ତ୍ରବ୍ୟାଖ୍ୟାନ ଓ ଅଦ୍ୱୈତ ଦର୍ଶନର ନିଗୂଢ଼ତତ୍ତ୍ୱକୁ ପ୍ରଚାର କରିଥିଲେ ଏବଂ ଚତୁର୍ଦ୍ଦିଗରେ ତାଙ୍କର ଖ୍ୟାତି ପ୍ରସାରିତ ହେଲା ।

ତେବେ ଏହି କାଶୀବାସ ସମୟରେ ଏଭଳି ଏକ ଘଟଣା ଘଟିଲା ଯାହା ଶଙ୍କରଙ୍କୁ ଚକିତ କରିଦେଲା । ଥରେ ମଧ୍ୟାହ୍ନ ସମୟରେ ଶଙ୍କର ସ୍ନାନ ତଥା ଆହ୍ନିକ କର୍ମ କରିବାପାଇଁ ଗଙ୍ଗାର ମଣିକର୍ଣ୍ଣିକା ଘାଟକୁ ଯାଉଥିଲେ । ପଥ ମଧ୍ୟରେ ବିପରୀତ ଦିଗରୁ ଚାରିଗୋଟି ଶ୍ୱାନଙ୍କ ସହ ଆସୁଥିବା ଜଣେ ଚଣ୍ଡାଳକୁ ଦେଖି ଶଙ୍କର 'ଦୂରଂଗଚ୍ଛ' ବୋଲି କହିଦେଲେ । ଏହି ବ୍ୟକ୍ତି ଶଙ୍କରଙ୍କୁ ପ୍ରଶ୍ନକଲେ ଯେ ସର୍ବଘଟରେ ଏକ ଆତ୍ମା ରହିଛି ବୋଲି ଯେଉଁ ଅଦ୍ୱୈତ ଦର୍ଶନ ଦୃଢ଼ ଭାବରେ କହୁଅଛି ତାହା ପ୍ରଚାର କରି ଏଭଳି ପାର୍ଥକ୍ୟ ସେ କିଭଳି ଦେଖିପାରୁଛନ୍ତି । ଉଭୟଙ୍କ ଶରୀର ପଞ୍ଚମହାଭୂତରେ ଗଢ଼ା ଏବଂ ଆତ୍ମା ସମାନ ।

ଶଙ୍କର ଭାବିଲେ ଏ ଜଣେ ମହାପୁରୁଷ । ସେ ଯିଏ ହୋଇଥାଆନ୍ତୁ ପଛେ ମାତ୍ର ତାଙ୍କର ଗୁରୁ ହେବା ପାଇଁ ଯୋଗ୍ୟ । ଏହି ଭାବନା ନିମ୍ନ ଶ୍ଲୋକରେ ପ୍ରକଟିତ ହୋଇଛି ।

"ବ୍ରହ୍ମୈବାହମିଦଂ ଜଗତ ସକଳଂ ଚିନ୍ମାତ୍ର ବିସ୍ତାରିତଂ
ସର୍ବଂ ଚୈତଦବିଦ୍ୟୟା ତ୍ରିଗୁଣୟା ଶେଷଂମୟାକଳ୍ପିତମ୍
ଇତ୍ଥଂ ଯସ୍ୟଦୃଢ଼ାମତିଃ ସୁଖତରେ ନିତ୍ୟେପରେ ନିର୍ମଳେ
ଚଣ୍ଡାଳୋଽସ୍ତୁ ସତୁ ଦ୍ୱିଜୋଽସ୍ତୁ ଗୁରୁରିତ୍ୟେଷା ମନୀଷା ମମ"

ଅର୍ଥାତ୍ "ମୁଁ ଚୈତନ୍ୟମୟ ବ୍ରହ୍ମ ସମଗ୍ର ଜଗତରେ ପରିବ୍ୟାପ୍ତ । ତ୍ରିଗୁଣମୟୀ ଅବିଦ୍ୟା ଦ୍ୱାରା ଜଗତର କଳ୍ପନା କରାଯାଇଛି । ଯେଉଁବ୍ୟକ୍ତି ସୁଖମୟ ନିତ୍ୟ ପରମ ନିର୍ମଳ ବ୍ରହ୍ମ ନିକଟରେ ଅଟଳ ବିଶ୍ୱାସ ରଖିପାରେ ସିଏ ଯିଏ ହୁଅନ୍ତୁ ମୋର ଗୁରୁ ।" ବିଶ୍ୱାସ କରାଯାଏ ସ୍ୱୟଂ ବିଶ୍ୱନାଥ ତାଙ୍କୁ ପରୀକ୍ଷା କରିବା ପାଇଁ ଚଣ୍ଡାଳ ବେଶରେ ଆସିଥିଲେ ।

ଏହାପରେ ସେ ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲେ ଏବଂ ପ୍ରଭୁ ବିଶ୍ୱନାଥ ସେଠାରେ ସ୍ୱରୂପ ପ୍ରକଟ କଲେ । ଶଙ୍କର ଭକ୍ତି ତଦ୍‌ଗତ ଚିତ୍ତରେ ତାଙ୍କୁ ପ୍ରଣାମ କଲେ । ପ୍ରଭୁ ବିଶ୍ୱନାଥ ତାଙ୍କ ଉପରେ ପ୍ରସନ୍ନ ହୋଇ କହିଲେ ଯେ ଭାଷ୍ୟରଚନା ପାଇଁ ସେ ଯୋଗ୍ୟ ଏବଂ ତାହାହିଁ ତାଙ୍କ ଜୀବନର ଲକ୍ଷ୍ୟ ।

ପ୍ରଭୁ ବିଶ୍ୱନାଥଙ୍କ ଦ୍ୱାରା ଆଦିଷ୍ଟ ହୋଇ ଶଙ୍କର ତାଙ୍କର କେତେକ ଶିଷ୍ୟଙ୍କ ସହ ହିମାଳୟ ଅଭିମୁଖେ ଯାତ୍ରା କଲେ । ଦୁର୍ଗମ ପଥ ଅତିକ୍ରମ କରି ଏବଂ ପଥ ମଧ୍ୟରେ ଅନେକ ତୀର୍ଥସ୍ଥାନ ଦର୍ଶନ କରି ପରିଶେଷରେ ହିମାଳୟର ସେଇ ପାବନ ଭୂମିରେ ପ୍ରବେଶ କଲେ । ବଦରିକା ଧାମରେ ପ୍ରବେଶ କରି ସେ ଦେଖିଲେ ଯେ ଏଠାରେ ନାରାୟଣ ମୂର୍ତ୍ତି ନାହାନ୍ତି । ଚୀନ ରାଜାଙ୍କର ବାରମ୍ବାର ଆକ୍ରମଣ ଯୋଗୁଁ ମୂର୍ତ୍ତିଙ୍କୁ ସୁରକ୍ଷିତକରି ରଖିବାକୁ ତାଙ୍କୁ ନାରଦ କୁଣ୍ଡରେ ପକାଇ ଦିଆଯାଇଛି । ଶଙ୍କର ଅତ୍ୟନ୍ତ ସାହସର ସହିତ

କୁଣ୍ଡମଧ୍ୟରୁ ମୂର୍ତ୍ତିଙ୍କୁ ଉଦ୍ଧାର କରି ପୁନଃ ସ୍ଥାପନା କଲେ । ଏହି ଧାମରେ ସେ ତାଙ୍କର ଭାଷ୍ୟରଚନା ଆରମ୍ଭ କଲେ । ପ୍ରସ୍ଥାନ ତ୍ରୟୀ ଅର୍ଥାତ୍ ବ୍ରହ୍ମସୂତ୍ର, ଭଗବଦ୍‌ଗୀତା ଏବଂ ଏଗାରଟି ଉପନିଷଦ୍ ଉପରେ ଭାଷ୍ୟ ରଚନା କଲେ । ଅନେକ ମୌଳିକ ଗ୍ରନ୍ଥ ଏଠାରେ ରଚନା କରିଥିଲେ । ପୁନଶ୍ଚ ବିଷ୍ଣୁ ସହସ୍ରନାମ ଓ ସନତ୍ ସୁଜାତୀୟ ଗ୍ରନ୍ଥର ଭାଷ୍ୟରଚନା ମଧ୍ୟ ଏହିଠାରେ କରିଥିଲେ ।

ଶଙ୍କର ଭାରତ ବର୍ଷର କୋଣେ ଅନୁକୋଣେ ଅଦ୍ୱୈତ ଦର୍ଶନର ବାର୍ତ୍ତା ପ୍ରଚାର ଓ ପ୍ରସାର କରିଥିଲେ । ବିଭିନ୍ନ ମତବାଦର ବହୁ ଦିଗ୍‌ଗଜ ପଣ୍ଡିତଙ୍କ ସହ ଶାସ୍ତ୍ରାର୍ଥରେ ପ୍ରବୃତ୍ତ ହୋଇ ସେମାନଙ୍କୁ ତର୍କରେ ପରାସ୍ତ କରିଥିଲେ । ମାତ୍ର ସବୁଠାରୁ ସ୍ମରଣୀୟ ଘଟଣା ହେଉଛି ମଣ୍ଡନମିଶ୍ରଙ୍କ ସହିତ ତାଙ୍କର ଶାସ୍ତ୍ରାର୍ଥ । ମଣ୍ଡନଙ୍କର ଗୁରୁଥିଲେ କୁମାରିଲ । ଶଙ୍କର କୁମାରିଲଙ୍କ ସହ ଶାସ୍ତ୍ରାର୍ଥ କରିବାକୁ ଇଚ୍ଛା କରିଥିଲେ । ମାତ୍ର ତାହା ସମ୍ଭବ ହେଲାନାହିଁ । କାରଣ କୁମାରିଲ ଛଦ୍ମ ବେଶରେ ଯାଇ ବୌଦ୍ଧ ଗୁରୁଙ୍କଠାରୁ ବୌଦ୍ଧ ଦର୍ଶନ ଅଧ୍ୟୟନ କରିଥିଲେ । ମାତ୍ର, ପରେ ସେ ବୌଦ୍ଧମାନଙ୍କୁ ତର୍କରେ ପରାସ୍ତ କରିଥିଲେ । କିନ୍ତୁ ସେ ଅନୁଭବ କଲେ ଯେ ଗୁରୁଙ୍କ ସହ ସେ ବିଶ୍ୱାସଘାତକତା କରିଛନ୍ତି । ଏଣୁ ପ୍ରାୟଶ୍ଚିତ କରିବାକୁ ପଡ଼ିବ । ଅନ୍ୟମାନଙ୍କ ନିବାରଣ ସତ୍ତ୍ୱେ ବି ସେ ତୁଷାନଳରେ ପ୍ରବେଶ କରି ଶରୀର ବିସର୍ଜନ କଲେ । ତେବେ ତତ୍‌ପୂର୍ବରୁ ଶଙ୍କର ତାଙ୍କୁ ସାକ୍ଷାତ୍ କରିଥିଲେ । ଶଙ୍କରଙ୍କ ମନୋଭାବ ଲକ୍ଷକରି କୁମାରିଲ କହିଥିଲେ ଯେ ତାଙ୍କୁ ପ୍ରାୟଶ୍ଚିତ କରିବାକୁ ପଡ଼ିବ । ତେବେ ତାଙ୍କ ଭଳି ତାଙ୍କର ଶିଷ୍ୟ ମଣ୍ଡଳ ମିଶ୍ର ମଧ୍ୟ ଜଣେ ବିଦ୍ୱାନ୍ ଓ ଯୋଗ୍ୟ ବ୍ୟକ୍ତି ଅଟନ୍ତି । ଶଙ୍କର ଯଦି ତାଙ୍କୁ ପରାସ୍ତ କରି ପାରିବେ ତେବେ ଅଦ୍ୱୈତ ମତବାଦ ଭାରତବର୍ଷରେ ପ୍ରତିଷ୍ଠା ଲାଭ କରିପାରିବ ।

ମଣ୍ଡନମିଶ୍ରଙ୍କର ବାସସ୍ଥଳୀ ମାହିଷ୍ମତୀପୁର । ଏହା ମଧ୍ୟପ୍ରଦେଶର ଇନ୍ଦୋର ନିକଟରେ ଏବଂ ନର୍ମଦା ନଦୀ ତୀରରେ । ଏହାର ବର୍ତ୍ତମାନର ନାମ ମାନ୍ଧାତା । ଶଙ୍କର ସଶିଷ୍ୟ ମାହିଷ୍ମତୀପୁର ଅଭିମୁଖେ ଯାତ୍ରା କଲେ ଏବଂ ପରିଶେଷରେ ସେଠାରେ ପହଞ୍ଚିଲେ । ତେବେ ମଣ୍ଡନ ମିଶ୍ରଙ୍କର ଘର କେଉଁଠାରେ ତାହା ଜାଣିବାପାଇଁ ପଥ ମଧ୍ୟରେ କଳସୀ ଧରି ଜଳ ଆଣିବାପାଇଁ ଯାଉଥିବା କେତେଜଣ ସ୍ତ୍ରୀ ଲୋକଙ୍କୁ ଏହା ପଚାରିବାରୁ ସେମାନେ ଉତ୍ତର ଦେଇଥିଲେ –

ସ୍ୱତଃ ପ୍ରମାଣଂ ପରତଃ ପ୍ରମାଣଂ
କୀରାଙ୍ଗନା ଯତ୍ର ଗିରଂ ଗିରନ୍ତି ।
ଦ୍ୱାରସ୍ଥନୀଡ଼ାନ୍ତର ସନ୍ନିରୁଦ୍ଧା
ଜାନୀହି ତନ୍ମଣ୍ଡନମିଶ୍ର ଧାମ ।

ବେଦ ସ୍ୱୟଂସିଦ୍ଧ ବା ଏହା ସତ୍ୟତା ପାଇଁ ଅନ୍ୟ ପ୍ରମାଣ ଉପରେ ନିର୍ଭର କରେ ଏପରି ଆଲୋଚନା ତାଙ୍କ ଦ୍ୱାରଦେଶ ନିକଟରେ ସର୍ବଦା ହେଉଥିବାରୁ ଶୁଆଶାରୀମାନେ ମଧ୍ୟ ତାଙ୍କ ଭିତରେ ଏଭଳି ଆଲୋଚନା କରୁଥିଲେ । ସ୍ତ୍ରୀମାନଙ୍କଠାରୁ ଏଭଳି ଉତ୍ତର ଶୁଣି ଶଙ୍କର ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ଅନୁଭବ କଲେ ଏ ସ୍ଥାନ ବିଦ୍ୟାଚର୍ଚ୍ଚାର ନିଶ୍ଚୟ ଏକ କେନ୍ଦ୍ରସ୍ଥଳୀ । ପରିଶେଷରେ ସେ ମଣ୍ଡନ ମିଶ୍ରଙ୍କର ଗୃହ ନିକଟରେ ପହଞ୍ଚିଲେ । ସେଦିନ ମଣ୍ଡନଙ୍କର ପିତୃଶ୍ରାଦ୍ଧ । ଏଣୁ ପ୍ରବେଶ ଦ୍ୱାର ଅବରୁଦ୍ଧ ଥିଲା । ତେବେ ଶଙ୍କର ଯୋଗବଳରେ ଗୃହ ମଧ୍ୟରେ ପ୍ରବେଶ କଲେ । ଶ୍ରାଦ୍ଧଦିନ ଶିଖାସୂତ୍ର ବିବର୍ଜିତ ଜଣେ ସନ୍ନ୍ୟାସୀଙ୍କୁ ଦେଖି ମଣ୍ଡନ କ୍ରୋଧ ପ୍ରକାଶ କରିଥିଲେ । ହେଲେ ନିମନ୍ତ୍ରିତ ଅତିଥିବୃନ୍ଦ ତାଙ୍କୁ ଏଥିରୁ କ୍ଷାନ୍ତ କରାଇ ସନ୍ନ୍ୟାସୀଙ୍କୁ ଉପଯୁକ୍ତ ସମ୍ମାନ ଦେବାପାଇଁ ଉପଦେଶ ଦେଇଥିଲେ ।

ମଣ୍ଡନ ଶଙ୍କରଙ୍କୁ ସମ୍ମାନର ସହ ଅଭ୍ୟର୍ଥନା କରିଥିଲେ । ତେବେ ଶଙ୍କର ତାଙ୍କୁ ଜଣାଇ ଦେଲେ ଯେ ସେ ବାଦଭିକ୍ଷା ପାଇଁ ଆସିଥିଲେ । ଏହାଶୁଣି ମଣ୍ଡନ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କ ଭଳି ଭାରତ ବିଖ୍ୟାତ ପଣ୍ଡିତଙ୍କୁ ଜଣେ ତରୁଣ ସନ୍ନ୍ୟାସୀ ଶାସ୍ତ୍ରାର୍ଥ ପାଇଁ ଆହ୍ୱାନ କରୁଛନ୍ତି ଏହା ପ୍ରଥମେ ସେ ବିଶ୍ୱାସ କରିପାରି ନଥିଲେ । ହେଲେ ସେ ପ୍ରକୃତିସ୍ଥ ହୋଇ ଶାନ୍ତ ଚିତ୍ତରେ ଏ ଆହ୍ୱାନକୁ ସ୍ୱୀକାର କଲେ । ପରଦିନ ଶାସ୍ତ୍ରାର୍ଥ ଆରମ୍ଭ ହେବ ଏବଂ ତାଙ୍କର ବିଦୁଷୀ ପତ୍ନୀ ଉଭୟ ଭାରତୀ ବିଚାରିକା ଆସନରେ ବସିବେ । ଯିଏ ପରାସ୍ତ ହେବେ ସିଏ ଅନ୍ୟର ଶିଷ୍ୟତ୍ୱ ଗ୍ରହଣ କରିବେ । ପରଦିନଠାରୁ ଶାସ୍ତ୍ରାର୍ଥ ଆରମ୍ଭ ହେଲା । ଦୀର୍ଘଦିନ ଧରି ଚାଲିଲା ଏବଂ ଜଣାଗଲା ଯେ ମଣ୍ଡନ ପରାସ୍ତ ହୋଇଛନ୍ତି । ତେବେ ଉଭୟ ଭାରତୀ ଶଙ୍କରଙ୍କ ସହ ତର୍କରେ ପ୍ରବୃତ୍ତ ହେଲେ । ସେ ଶଙ୍କରଙ୍କୁ କାମ ଶାସ୍ତ୍ର ଉପରେ ପ୍ରଶ୍ନ ପଚାରିଲେ। ଶଙ୍କର ବ୍ରହ୍ମଚାରୀ ଥିଲେ । ଏଣୁ ସେ କିଛିଦିନ ସମୟନେଇ ପରକାୟାରେ ପ୍ରବେଶ କରି ଏଥିରେ ଜ୍ଞାନ ଲାଭକରି ତାଙ୍କୁ ପରାସ୍ତ କଲେ । ମଣ୍ଡନ ତାଙ୍କର ଶିଷ୍ୟହେଲେ । ନାମ ହେଲା ସୁରେଶ୍ୱର ।

ଏହାପରେ ଶଙ୍କର ଭାରତ ବିଖ୍ୟାତ ପଣ୍ଡିତମାନଙ୍କୁ ପରାସ୍ତ କରିଥିଲେ । ଶଙ୍କର ଏକାଧାରରେ ଥିଲେ ଦାର୍ଶନିକ, କବି ଏବଂ ଜଣେ ବିରାଟ ସଙ୍ଗଠକ । ସେ ପ୍ରାଚୀନ ବୈଦିକ ପରମ୍ପରାର ପୁନରୁଦ୍ଧର କରି ଅତୀତ ଗୌରବକୁ ଫେରଇ ଆଣିବାରେ ସମର୍ଥ ହୋଇଥିଲେ । ତାଙ୍କ ଜୀବନର ସଫଳତାକୁ ନିମ୍ନ ଶ୍ଳୋକରେ ଉପସ୍ଥାପନ କରାଯାଇଛି ।

"ଅଷ୍ଟବର୍ଷେ ଚତୁର୍ବେଦାନ୍ ଦ୍ୱାଦଶେ ସର୍ବଶାସ୍ତ୍ରକୃତ୍
ଷୋଡ଼ଶେ କୃତବାନ୍‌ଭାଷ୍ୟଂ ଦ୍ୱାତ୍ରିଂଶେ ମୁନିରଭ୍ୟଗାତ୍" ।

ଆଠବର୍ଷ ମଧ୍ୟରେ ଚାରିବେଦ ଅଧ୍ୟୟନ କରିଥିଲେ । ବାରବର୍ଷ ବୟସରେ ସକଳ ଶାସ୍ତ୍ର ରଚନା କରିଥିଲେ । ଷୋଡ଼ଶ ବର୍ଷ ମଧ୍ୟରେ ଭାଷ୍ୟ ରଚନା କରିଥିଲେ ଏବଂ ବତିଶି ବର୍ଷରେ ଧରାଧାମ ତ୍ୟାଗକରିଥିଲେ ।

ଶଙ୍କରାଚାର୍ଯ୍ୟ ଯେଉଁ ଅଦ୍ୱୈତ ଦର୍ଶନ ପ୍ରଚାର କରିଥିଲେ ତାହାର ମୂଳସିଦ୍ଧାନ୍ତ କଅଣ ? ଏହାକୁ ନିମ୍ନ ଶ୍ଲୋକରେ ପ୍ରକାଶ କରାଯାଇଅଛି ।

"ଶ୍ଲୋକାର୍ଦ୍ଧେନ ପ୍ରବକ୍ଷାମି ଯଦୁକ୍ତଂ ଗ୍ରନ୍ଥକୋଟିଭିଃ
ବ୍ରହ୍ମ ସତ୍ୟଂ ଜଗନ୍ ମିଥ୍ୟା ଜୀବୋ ବ୍ରହ୍ମୈବନାପରଃ ।"

ଏହି ସିଦ୍ଧାନ୍ତକୁ ଅର୍ଦ୍ଧଶ୍ଳୋକରେ ପ୍ରକାଶ କରାଯାଇଛି । ବ୍ରହ୍ମ ହିଁ ଏକମାତ୍ର ସତ୍ୟ । ଜଗତ୍ ସତ୍ୟଭଳି ପ୍ରତିଭାତ ହୁଏ ମାତ୍ର ସତ୍ୟ ନୁହେଁ । ଜୀବ ଓ ବ୍ରହ୍ମ ଅଭିନ୍ନ ।

ଉପନିଷଦ୍‌ର ମହାବାକ୍ୟମାନଙ୍କରେ ଜୀବ ଓ ବ୍ରହ୍ମଙ୍କର ଏକତ୍ୱକୁ ପ୍ରତିପାଦନ କରାଯାଇଛି । ଯଥା ତତ୍ତ୍ୱମସି, ଅହଂବ୍ରହ୍ମାସ୍ମି, ଅୟମାତ୍ମାବ୍ରହ୍ମ, ପ୍ରଜ୍ଞାନଂବ୍ରହ୍ମା ଶାସ୍ତ୍ରବ୍ୟାଖ୍ୟା ଏବଂ ତର୍କସମ୍ମତ ବଳିଷ୍ଠ ଯୁକ୍ତି ମାଧ୍ୟମରେ ଶଙ୍କର ନିଜର ମତବାଦକୁ ଦୃଢ଼ କରି ପାରିଛନ୍ତି । ଅଦ୍ୱୈତ ଦର୍ଶନ ମତରେ ବ୍ରହ୍ମ ନିର୍ଗୁଣ । ଯାହା ଗୁଣଯୁକ୍ତ ତାହା ସୀମିତ ହେବ । ଉପନିଷଦମାନଙ୍କରେ ବ୍ରହ୍ମଙ୍କୁ 'ନେତି' 'ନେତ୍ତି' ବୋଲି କୁହାଯାଇଛି । ବ୍ରହ୍ମ ସ୍ୱରୂପତଃ କଅଣ ? ଏହା 'ସତ୍' 'ଚିତ୍' ଏବଂ 'ଆନନ୍ଦ' । ତେବେ ଏଠାରେ ପ୍ରଶ୍ନ ଆସେ ଯେ ବ୍ରହ୍ମଙ୍କର ଏ ତିନିଗୋଟି ଗୁଣ ନୁହନ୍ତିକି ? ଏଣୁ ବ୍ରହ୍ମ ନିର୍ଗୁଣ ହେଲେ କିପରି ? ଏମାନେ ବ୍ରହ୍ମଙ୍କର ଗୁଣ ନୁହନ୍ତି । ବ୍ରହ୍ମ ନିଜେ ସତ୍, ନିଜେ ଚିତ୍ ଏବଂ ନିଜେ ଆନନ୍ଦ । ଏମାନଙ୍କୁ ଗୁଣ ବୋଲି କହିବା ଠିକ୍ ହେବନାହିଁ । ଛାନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି ଯେ,

"ସଦେବ ସୌମ୍ୟେଦମଗ୍ର
ଆସୀତ୍ ଏକ ମେବାଦ୍ୱିତୀୟମ୍"

ପିତା ପୁତ୍ର ଶ୍ୱେତକେତୁଙ୍କୁ କହୁଛନ୍ତି ଯେ ସୃଷ୍ଟିର ଆରମ୍ଭରେ କେବଳ ସତ୍‌ଥିଲା । ସମଗ୍ର ଜଗତ୍ ଏହାର ପ୍ରକାଶ ମାତ୍ର । ଏହି ଜଗତ୍‌ରେ ଯାହା ଆମେ ଦେଖୁଅଛୁ ତାହା ନାମ ଓ ରୂପର ବିକାର ମାତ୍ର । ଆମେ କିଛି ମାଟିପିଣ୍ଡୁଳାକୁ ନେଇ କେତୋଟି ପାତ୍ର ନିର୍ମାଣ କରିବା । ଆମେ ଦେଖୁ ଯେ ଏହି ବିଭିନ୍ନ ପାତ୍ରର ଭିନ୍ନ ଭିନ୍ନ ନାମ ଓ ରୂପ ଅଛି । ମାତ୍ର ଏମାନଙ୍କ ମୂଳ ଉପାଦାନ ହେଉଛି ମାଟି । ଏଠାରେ ମାଟିହିଁ ସତ୍ୟ । ଏଥିରୁ ଗଢ଼ା ହୋଇଥିବା ପଦାର୍ଥ ଗୁଡ଼ିକ ନାମ ଓ ରୂପର ବିକାର ମାତ୍ର । ନାମ ଓ ରୂପ ଭ୍ରମାତ୍ମକ । ଛାନ୍ଦୋଗ୍ୟ ଉପନିଷଦରେ ଏହାକୁ ଲକ୍ଷ୍ୟକରି କୁହାଯାଇଛି, "ବାଚାରମ୍ଭଣଂ ବିକାରୋନାମଧେୟଂ ମୃତ୍ତିକେତ୍ୟେବ ସତ୍ୟଂ" ।

ଜଗତକୁ ଲକ୍ଷକଲେ ଆମେ ଦେଖୁ ବିଭିନ୍ନ ବସ୍ତୁ, ବିଭିନ୍ନ ଘଟଣାର ପ୍ରବାହ । କିନ୍ତୁ ଏ ସବୁର ଯେ ମୂଳ ତାହାହେଉଛି ଚୈତନ୍ୟମୟ ବ୍ରହ୍ମ । ତାହାକୁ ଆମେ ଉପଲବ୍ଧି କରିପାରୁନାହିଁ । ଦୃଶ୍ୟମାନ ଜଗତର ସକଳବସ୍ତୁ ନାଶଶୀଳ ଓ ପରିବର୍ତ୍ତନ ଏମାନଙ୍କର ଧର୍ମ । ମାତ୍ର ଏ ସବୁର ଅନ୍ତରାଳରେ ଚିରନ୍ତନ, ଶାଶ୍ୱତ, ପରମସତ୍ୟ ଚୈତନ୍ୟମୟ ବ୍ରହ୍ମହିଁ ରହିଛନ୍ତି । ଏ ତତ୍ତ୍ୱକୁ  ବୁଝାଇବାକୁ ଯାଇ ଆମର ବିଭିନ୍ନ ଅବସ୍ଥା ଯଥା ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତିକୁ ବିଚାରକୁ ନିଆଯାଉ । ଏହି ଅବସ୍ଥାଗୁଡ଼ିକ ପରିବର୍ତ୍ତନଶୀଳ । ଏହା ଆମେ ବିଶ୍ଳେଷଣ କଲେ ଜାଣିଥାଉ ମାତ୍ର ଏ ସମସ୍ତ ଅବସ୍ଥାର ମୂଳ ଆଧାର ହେଉଛି ଚେତନା ( **Consciusness**) । ଏହା ଅପରିବର୍ତ୍ତିତ ହୋଇ ରହିଥାଏ । ଏପରିକି ସୁଷୁପ୍ତି ଅବସ୍ଥାରେ ଚେତନା ରହିଥାଏ ଯଦିଓ ବସ୍ତୁ ଚେତନା ନଥାଏ । ନହେଲେ ଗଭୀର ନିଦ୍ରାପରେ ଜଣେ କହିପାରନ୍ତିନି ଯେ ତାହାର ଗଭୀର ନିଦ୍ରା ହୋଇଗଲା । ଏହି ସମ୍ପର୍କରେ ଅଧ୍ୟାପକ ଦତ୍ତ ଓ ଚାଟାର୍ଜି ତାଙ୍କର ଭାରତୀୟ ଦର୍ଶନ ପୁସ୍ତକରେ କହିଛନ୍ତି:- **"But yet consciousness does not cease in dreamless sleep; for otherwinr how could we remember at all on awaking from sleep that we had such a state? How could we report, I had peaceful sleep, had no dreams, if we were unconscious then?"**

ଜଗତ୍‌କୁ ବୁଝାଇବାକୁ ଯାଇ ମାୟାବାଦର ଅବତାରଣା କରାଯାଇଅଛି । ଆମ ଜୀବନରେ ଏକ ସାଧାରଣ ଘଟଣାକୁ ଲକ୍ଷ କରାଯାଉ । ଆନ୍ଧାର ରାତିରେ ଗଲାବେଳେ ବାଟରେ ପଡ଼ିଥିବା ଦଉଡ଼ି ଆମକୁ ସାପଭଳି ଦିଶେ । ଏହାକୁ କହନ୍ତି ରଜ୍ଜୁରେ ସର୍ପର ଭ୍ରମ । ଏଠାରେ ଯେଉଁ ଭ୍ରମ ବା ଭ୍ରାନ୍ତି ସୃଷ୍ଟି ହୋଇଥାଏ  ତାହା ଦୁଇଗୋଟି  କାର୍ଯ୍ୟ ସାଧନ କରେ । ଏହା ସତ୍ୟକୁ ଲୁଚାଇ ଦିଏ ଏବଂ ଏହା ସ୍ଥାନରେ ଏକ ମିଥ୍ୟା ବସ୍ତୁର ପ୍ରତୀତି ଜନ୍ମାଇଥାଏ । ମାୟା ଠିକ୍ ସେହିଭଳି । ପରମ ସତ୍ୟକୁ ଲୁଚାଇଦେଇ ଜଗତର ଭ୍ରମ ସୃଷ୍ଟିକରେ । ପ୍ରଥମ କାର୍ଯ୍ୟକୁ କୁହାଯାଏ ଆବରଣ (**Concealment**) ଓ ଦ୍ୱିତୀୟ କାର୍ଯ୍ୟକୁ କୁହାଯାଏ ବିକ୍ଷେପ (**Projection**)। ନିର୍ଗୁଣ ନିରାକାର ବ୍ରହ୍ମ ସଗୁଣବ୍ରହ୍ମ ବା ଇଶ୍ୱର ଭାବରେ ମାୟାଶକ୍ତି ଦ୍ୱାରା ଏ ସମଗ୍ର ଜଗତର କର୍ତ୍ତାଭାବରେ ପ୍ରତିଭାତ  ହୁଅନ୍ତି । ନିରାକାର ବ୍ରହ୍ମଙ୍କର ସାକାର ପ୍ରକାଶ ହିଁ ଈଶ୍ୱର । ସଗୁଣ ବ୍ରହ୍ମ ବା ଇଶ୍ୱର ଜଗତର ସୃଷ୍ଟି, ସ୍ଥିତି ଏବଂ ଲୟର କାରଣ ଭାବରେ ପ୍ରତିଭାତ ହୁଅନ୍ତି । ମାୟା ସଗୁଣ ବ୍ରହ୍ମ ବା ଇଶ୍ୱରଙ୍କର ଶକ୍ତି, ଏହା ଅନାଦି । ଏହା ସତ୍ୟ ନ ହେଲେ ମଧ୍ୟ ଭାବରୂପ (**Positive**) କାରଣ ଏହା ଜଗତକୁ ପ୍ରକାଶ କରିଥାଏ । ମାୟା ଅନିର୍ବଚନୀୟ ବୋଲି କୁହାଯାଇଛି । ପ୍ରଥମତଃ ଏହା ସତ୍ ନୁହେଁ କରଣ ବ୍ରହ୍ମହିଁ ଏକମାତ୍ର ସତ୍ୟ । ଏହା ବନ୍ଧ୍ୟାପୁତ୍ର ବା ଶଶ ବିଷାଣ ଭଳି

ଅସତ୍ ନୁହେଁ କାରଣ ଏହାର ପ୍ରତୀତି ଅଛି । ଏହା ଏକ ସମୟରେ ସତ୍ ଓ ଅସତ୍ ହୋଇନପାରେ କାରଣ ଏଭଳି ହେବା ସ୍ୱବିରୋଧୀ । ଏହାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଏଣୁ କୁହାଯାଇଛି " ଅନିର୍ବଚନୀୟା ସା ମାୟା ।"

ଶଙ୍କରଙ୍କ ମତରେ ଜୀବାତ୍ମା ପରମାତ୍ମାଙ୍କଠାରୁ ଅଭିନ୍ନ । ଯେଭଳି ଗୃହ ମଧ୍ୟରେ ଆବଦ୍ଧ ଜଣାଯାଉଥିବା ଆକାଶ ଅନନ୍ତ ଆକାଶଠାରୁ ଭିନ୍ନ ନୁହେଁ ସେହିଭଳି ଜୀବାତ୍ମା ପରମାତ୍ମାଙ୍କଠାରୁ ଭିନ୍ନ ନୁହେଁ । ଶରୀର ନାଶଶୀଳ ଓ ମାୟା ସୃଷ୍ଟ । ଆତ୍ମା ସତ୍ୟ, ଶରୀର ଅସତ୍ୟ । ଶରୀର ଅନ୍ଧକାର ସଦୃଶ୍ୟ (ତମଃ) ଆତ୍ମା ଆଲୋକ ସଦୃଶ (ପ୍ରକାଶ) । ଯାହା ସତ୍ୟ ତାକୁ ଉପଲବ୍ଧି କରିପରୁନୁ । ଆମେ ଅଜ୍ଞାନ ବଶତଃ ଅସତ୍ୟକୁ ସତ୍ୟ ବୋଲି ଭାବିଥାଉ । ଆମେ ଆମର ସ୍ୱରୂପକୁ ସମ୍ପୂର୍ଣ୍ଣ ଭୁଲିଯାଇଥାଉ ।

ଉପନିଷଦର ମହାବାକ୍ୟଗୁଡ଼ିକ ଜୀବ ଓ ବ୍ରହ୍ମଙ୍କର ଅଭିନ୍ନତାକୁ ପ୍ରତିପାଦନ କରିଥାଆନ୍ତି । ଜୀବ ଓ ବ୍ରହ୍ମଙ୍କର ଅଭିନ୍ନତାକୁ ଉପଲବ୍ଧି କରିବା ଶଙ୍କର ଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ । ବ୍ରହ୍ମଜ୍ଞାନରୁ ମୋକ୍ଷ ବା ମୁକ୍ତି ମିଳିଥାଏ । ବ୍ରହ୍ମ ଓ ଆତ୍ମା ଏକ ଏହି ଜ୍ଞାନ ମୋକ୍ଷ ଦେଇଥାଏ । ଅନ୍ୟ କେଉଁଥିରୁ ମିଳି ନଥାଏ । ଶଙ୍କରଙ୍କ ଭାଷାରେ :-

"ନ ଯୋଗେନ ନ ସାଂଖ୍ୟେନ କର୍ମଣା ନୋ ନ ବିଦ୍ୟୟା
ବ୍ରହ୍ମାତ୍ମୈକତ୍ୱବୋଧେନ ମୋକ୍ଷ ସିଦ୍ଧ୍ୟତି ନାନ୍ୟଥା "

ଏହି ଜ୍ଞାନ କେବଳ ଶାସ୍ତ୍ରଜ୍ଞାନ ନୁହେଁ । ଏହା ଅନୁଭବର ବିଷୟ । ଉପଯୁକ୍ତ ବ୍ରହ୍ମଜ୍ଞାନୀ ଗୁରୁଙ୍କଠାରୁ ଏହି ଜ୍ଞାନ ଆହରଣ କରିବ । କିନ୍ତୁ ଗୁରୁ ଆମକୁ ପଥ ଦେଖାଇଦେବେ । ଗୁରୁଙ୍କ ନିର୍ଦ୍ଦେଶରେ ସାଧନାର ପଥରେ ଅଗ୍ରସର ହୋଇ ଆମେ ପରମ ସତ୍ୟକୁ ଉପଲବ୍ଧି କରିବା । ପ୍ରଥମେ ଗୁରୁଙ୍କଠାରୁ ବେଦାନ୍ତ ବାକ୍ୟ ଗ୍ରହଣ କରିବା । ତତ୍ପରେ ଏହାଉପରେ ମନନ କରିବା । ସମସ୍ତ ଭ୍ରମ ଧାରଣ ମନରୁ କ୍ରମେ କ୍ରମେ ଦୂରହେବ ଏବଂ ଗୁରୁଦତ୍ତ ଜ୍ଞାନ ମନରେ ଦୃଢ଼ୀଭୂତ ହେବ । ପରିଶେଷରେ 'ମୁଁ ବ୍ରହ୍ମ' ଏହି ଚେତନା ବିଦ୍ୟୁତର ଝଲକ ଭଳି ପ୍ରକାଶିତ ହେବ । ମନରୁ ଅଜ୍ଞାନ ଅନ୍ଧକାର ଦୂର ହୋଇଯିବ । ଏହି ଯେଉଁ ସାଧନାର ମାର୍ଗ ବିଷୟରେ କୁହାଗଲା ଏଥିରେ ଶ୍ରବଣ, ମନନ, ନିଦିଧ୍ୟାସନର କଥା ସ୍ପଷ୍ଟ ହୋଇଛି ।

ବ୍ରହ୍ମଜ୍ଞାନରୁ ମୋକ୍ଷ ବା ମୁକ୍ତି ଲାଭହୁଏ । ଏହି ମୋକ୍ଷରେ କୌଣସି ନୂତନ ବସ୍ତୁର ପ୍ରାପ୍ତି ହୋଇ ନଥାଏ । ମୋକ୍ଷରେ କୌଣସି ନୂତନ ବସ୍ତୁର ସୃଷ୍ଟି ହୋଇନଥାଏ । ଯାହା ଆମର ସ୍ୱରୂପ କେବଳ ତାହାକୁ ଆମେ ଉପଲବ୍ଧି କରୁ । ଏହି ମୁକ୍ତି ବ୍ରହ୍ମଜ୍ଞାନ ଲାଭହେଲେ ଜୀବନକାଳ ମଧ୍ୟରେ ମିଳିଥାଏ । ଏହାକୁ କହନ୍ତି ଜୀବନ୍ ମୁକ୍ତି । ଶରୀରର

ତ୍ୟାଗପରେ ଯେଉଁ ମୁକ୍ତି ମିଳେ ତାହା ହେଉଛି ବିଦେହ ମୁକ୍ତି । ଶଙ୍କରଙ୍କ ପରି ଜ୍ଞାନୀ ମହାପୁରୁଷ ଥିଲେ ଯଥାର୍ଥରେ ଜୀବନ୍ମୁକ୍ତ ।

ମୋକ୍ଷ କୌଣି ନୂତନ ବସ୍ତୁର ପ୍ରାପ୍ତି ନୁହେଁ କେବଳ ନିଜ ସ୍ୱରୂପର ଆବିଷ୍କାର ମାତ୍ର । ନିମ୍ନ ଉଦାହରଣ ମାଧ୍ୟମରେ ଏହାକୁ ବୁଝିହେବ । ଜଣେ ରାଜକୁମାର ବଣୁଆ ଲୋକଙ୍କ ସହିତ ରହିଥିଲେ ଏବଂ ନିଜକୁ ସେହିମାନଙ୍କ ଭିତରୁ ଜଣେ ବୋଲି ଭାବିଥିଲେ । କୌଣସି ଜଣେ ଉଦାରହୃଦୟ ବ୍ୟକ୍ତି ତାଙ୍କୁ ତାଙ୍କର ପ୍ରକୃତ ପରିଚୟ ଜଣାଇ ଦେଲେ । ରାଜକୁମାରଙ୍କର ଏହି ଚେତନା ବିଦ୍ୟୁତର ଝଲକ ଭଳି ପ୍ରତିଭାତ ହେଲା ଯେ ସେ ରାଜକୁମର ଏବଂ ହଠାତ୍ ସମସ୍ତ ଭ୍ରାନ୍ତ ଧାରଣା ମନରୁ ଦୂର ହୋଇଗଲା । ମୁଁ ବ୍ରହ୍ମ । ଏହି ଜ୍ଞାନ ମୋର ମନର ସକଳ ଅଜ୍ଞାନ ଅନ୍ଧକାରକୁ ଦୂରକରି ଦିଏ ଏବଂ ଏହି ଉପଲବ୍ଧିରୁ ମୋକ୍ଷ ପ୍ରାପ୍ତି ଘଟେ ।

ସାଧନା ଚତୁଷ୍ଟୟ:- ବ୍ରହ୍ମ ଜିଜ୍ଞାସା କ୍ଷେତ୍ରରେ ପ୍ରସ୍ଥାନତ୍ରୟୀର ଅଧ୍ୟୟନ ଏକାନ୍ତ ଅପରିହାର୍ଯ୍ୟ । କିନ୍ତୁ ଏଥିପାଇଁ ବ୍ୟକ୍ତିର ଯୋଗ୍ୟତା ଥିବା ଦରକାର । ଅନ୍ୟଭାଷାରେ କହିବାକୁ ଗଲେ ଅଧିକାରୀ ହେବାପାଇଁ ବ୍ୟକ୍ତି ଯୋଗ୍ୟ ହୋଇଥିବ । ଏହା ଶଙ୍କର ଅତିସ୍ୱଷ୍ଟ ଭାବରେ ପ୍ରକାଶ କରିଛନ୍ତି । ବ୍ରହ୍ମସୂତ୍ରର ପ୍ରଥମ ସୂତ୍ର ହେଉଛି, "ଅଥାତୋ ବ୍ରହ୍ମଜିଜ୍ଞାସା" । ଏଠାରେ 'ଅଥ' ଶବ୍ଦକୁ ବ୍ୟାଖ୍ୟା କରିବାକୁ ଯାଇ ଶଙ୍କରାଚାର୍ଯ୍ୟ ସାଧନା ଚତୁଷ୍ଟୟର ଅବତାରଣା କରିଛନ୍ତି । ତେବେ 'ବିବେକଚୂଡ଼ାମଣି' ପୁସ୍ତକର ନିମ୍ନ ଶ୍ଲୋକରେ ଏହାକୁ ବିଶଦ ଭାବରେ ବର୍ଣ୍ଣନା କରିଛନ୍ତି ଯଥା :-

"ଆଦୌ ନିତ୍ୟାନିତ୍ୟବସ୍ତୁ ବିବେକଃ ପରିଗଣ୍ୟତେ<br>
ଇହାମୂତ୍ରଫଳ ଭୋଗବିରାଗସ୍ତଦନନ୍ତରମ୍<br>
ଶମାଦିଷଟକସମ୍ପତ୍ତିର୍ମୁମୁକ୍ଷୁତ୍ୱମିତି ସ୍ଫୁଟମ୍ ।"

୧ - ନିତ୍ୟାନିତ୍ୟବସ୍ତୁବିବେକ :-

ନିତ୍ୟ ଏବଂ ଅନିତ୍ୟ ବସ୍ତୁ ସମ୍ପର୍କରେ ପାର୍ଥକ୍ୟ ଜ୍ଞାନ ମନରେ ରହିଥିବ । ବ୍ରହ୍ମହିଁ ଏକମାତ୍ର ସତ୍ୟ ଏବଂ ଜଗତ୍ ଅନିତ୍ୟ ।

୨ - ଇହାମୁତ୍ରଫଳ ଭୋଗ ବିଭାଗ :-

କର୍ମଫଳ ଭୋଗକରିବାରେ ବାସନାକୁ ମନରୁ ତ୍ୟାଗ କରିବ । ଆମେ କର୍ମକରିବା ମାତ୍ର ଫଳପ୍ରତି ଆସକ୍ତି ରଖିବା ନାହିଁ । ସମସ୍ତ ଜାଗତିକୁ ବସ୍ତୁକୁ ସମାନ ଦୃଷ୍ଟିରେ ଦେଖିବା । ସାଂସାରିକ ବସ୍ତୁକୁ ଭୋଗ କରିବାର ଯେଉଁ ଆସକ୍ତି ତାହା ମନରେ ନଥିବ ।

୩ – ଶମଦମାଦି ସାଧନ ସମ୍ପତ୍ :-

ନିତ୍ୟ ଓ ଅନିତ୍ୟ ବସ୍ତୁ ସମ୍ପର୍କରେ ଧାରଣା ଆସିଥିଲେ ମଧ୍ୟ ଇନ୍ଦ୍ରିୟମାନଙ୍କୁ ଦମନ ନ କଲେ ଆମେ ସାଧନା ପଥରେ ଅଗ୍ରସର ହୋଇପାରିବା ନାହିଁ । ଏଣୁ ସମ, ଦମ, ଉପରତି, ତିତିକ୍ଷା, ଶ୍ରଦ୍ଧା ଓ ସମାଧାନ, ଏହି ଛଅଗୋଟିର ଅଧିକାରୀ ହେବାକୁ ପଡ଼ିବ ।

ସମସ୍ତ ପ୍ରକାର କାମନା ବା ବାସନା ତ୍ୟାଗ କରିବାକୁ ସମ କୁହାଯାଏ । ସମସ୍ତ ପ୍ରକାର ବାହ୍ୟବୃତ୍ତିରୁ ଇନ୍ଦ୍ରିୟମନଙ୍କୁ ନିରୋଧ କରିବାକୁ ଦମ କୁହାଯାଏ । ଇନ୍ଦ୍ରିୟ ବିଷୟମାନଙ୍କରୁ ଇନ୍ଦ୍ରିୟମାନଙ୍କୁ ଭିନ୍ନମୁଖୀ କରାଇବାକୁ ଉପରତି କୁହାଯାଏ । ସେହିଭଳି ବିନା ଦ୍ୱିଧାରେ ସବୁପ୍ରକାର ଦୁଃଖ କଷ୍ଟକୁ ସହିବାକୁ ତିତିକ୍ଷା କୁହାଯାଏ । ପୁନଶ୍ଚ ଆଚାର୍ଯ୍ୟମାନଙ୍କଠାରୁ ଶୁଣିଥିବା ମହାବାକ୍ୟ ପ୍ରତି ଭକ୍ତି ଓ ବିଶ୍ୱାସକୁ ଶ୍ରଦ୍ଧା କୁହାଯାଏ ତଥା ମନକୁ କେବଳ ସତ୍‌ବସ୍ତୁ ବ୍ରହ୍ମ ଉପରେ ନିଶ୍ଚଳ ରଖିବାକୁ ସମାଧାନ କୁହାଯାଏ ।

୪ – ସୁମୁକ୍ଷୁତ୍ୱ – ଆମ ମନରେ ମୋକ୍ଷଲାଭ କରିବା ପାଇଁ ପ୍ରୟାସ ରହିଥିବ । ଏହା ହିଁ ହୋଇଥିବ ଜୀବନର ସଂକଳ୍ପ । ଅନ୍ୟଭାଷାରେ ଏହା ହେବ ମାନସିକ ସଂକଳ୍ପ ।

ମାୟା ଓ ଅବିଦ୍ୟା :- ମାୟା ଓ ଅବିଦ୍ୟ ଏକ ନା ଏମାନେ ପରସ୍ପରଠାରୁ ଭିନ୍ନ । ଅଦ୍ୱୈତବାଦୀମାନେ କେତେକ ଏହାକୁ ଏକ ବୋଲି କହିବା ସ୍ଥଳେ ଅନ୍ୟ ଏକ ଗୋଷ୍ଠୀ ଏମନେ ପରସ୍ପରଠାରୁ ଭିନ୍ନ ବୋଲି କହିଛନ୍ତି ।

ସେମାନଙ୍କ ମତରେ ମାୟା ବ୍ରହ୍ମଙ୍କର ଶକ୍ତି ଯାହାଦ୍ୱାରା ଜଗତର ଭ୍ରମ ସୃଷ୍ଟି ହୋଇଥାଏ । ଏହା ସତ୍ୟକୁ ଲୁଚାଇଦେଇ ମିଥ୍ୟାର ଭ୍ରମ ସୃଷ୍ଟିକରେ ।

ଅବିଦ୍ୟା  ଜୀବକୁ ସୀମିତ କରେ । ଅବିଦ୍ୟା ଯୋଗୁ ଜୀବ ନିଜକୁ ବ୍ରହ୍ମଙ୍କଠାରୁ ଭିନ୍ନ ବୋଲି ଭାବିଥାଏ । ଏଣୁ ଦେଖିବାକୁ ଗଲେ ବ୍ରହ୍ମଙ୍କ କ୍ଷେତ୍ରରେ ମାୟା ରହିଥିବା ସ୍ଥଳେ ଜୀବ କ୍ଷେତ୍ରରେ ଅବିଦ୍ୟା ରହିଅଛି । ଜୀବର ଜ୍ଞାନ ଉଦୟ ହେଲେ  ଅବିଦ୍ୟା ଚାଲିଯାଏ ମାତ୍ର ବ୍ରହ୍ମଙ୍କର ଶକ୍ତି ଭାବରେ ମାୟା ରହିଥାଏ । ଅବିଦ୍ୟା ସିନା ତିରୋହିତ ହୁଏ ମାୟା ତିରୋହିତ ହୋଇ ନଥାଏ । ତେବେ ଶଙ୍କର ମାୟା , ଅବିଦ୍ୟା ଶବ୍ଦ ସବୁକୁ ସମାର୍ଥବୋଧକ ରୂପେ ନେଇଛନ୍ତି । ତେବେ ପରବର୍ତ୍ତୀ ଦାର୍ଶନିକମାନେ ଏଥିରେ ପାର୍ଥକ୍ୟ ସୂଚାଇଛନ୍ତି ।

ପ୍ରାତିଭାସିକ ସତ୍ତା, ବ୍ୟାବହାରିକ ସତ୍ତା ଓ ପାରମାର୍ଥିକ ସତ୍ତା :-

ପ୍ରତିଭାସିକ ସତ୍ତା :- ଆମର ଦୈନନ୍ଦିନ ଜୀବନରେ ଆମେ ଭ୍ରମବଶତଃ ଗୋଟିଏ ବସ୍ତୁକୁ ଭିନ୍ନ ଭାବରେ ଦେଖିଥାଉ । ଉଦାହରଣ ସ୍ୱରୂପ ରଜ୍ଜୁ ସର୍ପଭଳି ଦଶେ । ଶୁକ୍ତିରେ ରଜତର ଭ୍ରମ ହୋଇଥାଏ । ମୃଗତୃଷ୍ଣା ଦେଖିଥାଉ । ସ୍ୱପ୍ନରେ ମଧ୍ୟ ବିଭିନ୍ନ ବିଷୟ

ଦେଖିଥାଉ । ଏ ସବୁ ଭ୍ରମ, ଭ୍ରାନ୍ତି ସେମାନଙ୍କର ଯେଉଁ ସତ୍ତା ରହିଛି ତାକୁ ପ୍ରାତିଭାସିକ ସତ୍ତା ବୋଲି କୁହାଯାଏ । ଜଣେ ବ୍ୟକ୍ତିକୁ ଏହା ଯେପରି ଦିଶେ ଅନ୍ୟଜଣଙ୍କୁ ସେପରି ଦିଶିନଥାଏ ।

ବ୍ୟାବହାରିକ ସତ୍ତା :- ଜଗତ ତଥା ଏଠାରେ ଯେଉଁ ବସ୍ତୁ ସବୁକୁ ଆମେ ଦୈନନ୍ଦିନ ଜୀବନରେ ସାଧାରଣ ଭାବରେ ସତ୍ୟବୋଲି ଗ୍ରହଣ କରିଥାଉ ସେମାନଙ୍କର ବ୍ୟାବହାରିକ ସତ୍ତା ରହିଅଛି । ଆମର ବ୍ୟାବହାରିକ ଜୀବନରେ ସେ ସମସ୍ତଙ୍କର ଉପଯୋଗିତା ଅଛି । ପ୍ରାତିଭାସିକ ସତ୍ତାଠାରୁ ଏମାନେ ଭିନ୍ନ ଓ ଉଚ୍ଚତର । ଏମାନେ ସର୍ବସାଧାରଣଙ୍କୁ ସମାନଭାବରେ ପ୍ରତିଭାତ ହଅନ୍ତି । ଏଣୁ ଏ ଜଗତର ବ୍ୟାବହାରିକ ସତ୍ତା ରହିଅଛି । ଜଗତର ସିନା ବ୍ୟାବହାରିକ ସତ୍ତାରହିଛି, ମାତ୍ର, ବ୍ରହ୍ମଜ୍ଞାନପରେ ଏହାର ମିଥ୍ୟାତ୍ୱ ପ୍ରମାଣିତ ହୁଏ ।

ପାରମାର୍ଥିକ ସତ୍ତା :- ବ୍ରହ୍ମଙ୍କର ସତ୍ତାହିଁ ପରାମର୍ଥିକ ସତ୍ତା । ଏହାର ବୈଶିଷ୍ଟ୍ୟ ହେଉଛି ଯେ ଏହା ବାଧିତ ହୋଇନଥାଏ । ଅବାଧିତତ୍ତ୍ୱ ଯୋଗୁଁ ଏହା ଏକାନ୍ତ ଭାବରେ ସତ୍ୟ । କୌଣସି କାଳରେ ଏହାର ବିଲୁପ୍ତି ଘଟେ ନାହିଁ । ପାରମାର୍ଥିକ ସତ୍ତାର ଜ୍ଞାନପ୍ରାପ୍ତି ହେଲେ ପ୍ରତିଭାସିକ ଓ ବ୍ୟାବହାରିକ ସତ୍ତାର ବିଲୁପ୍ତ ଘଟିଥାଏ । ମାତ୍ର ପରମାର୍ଥିକ ସତ୍ତାର ଜ୍ଞାନ ସର୍ବକାଳରେ ରହିଥାଏ । ଅତୀତ, ବର୍ତ୍ତମାନ, ଓ ଭବିଷ୍ୟତ ସର୍ବକାଳରେ ବ୍ରହ୍ମ ବିଦ୍ୟମାନ ।

**ପରିଣାମ ବାଦ ଓ ବିବର୍ତ୍ତବାଦ :-**

କାର୍ଯ୍ୟ (**Effect**) କାରଣ (**Cause**) ସମ୍ବନ୍ଧ ସମ୍ପର୍କରେ ଆଲୋଚନା କଲାବେଳେ ପ୍ରଥମତଃ ଦୁଇଗୋଟି ମତ ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏଣୁ ଦୁଇଗୋଟି ମତବାଦ ମଧ୍ୟରେ ପାର୍ଥକ୍ୟ ଆମେ ଦେଖିବାକୁ ପାଉ । ଗୋଟିଏ ପକ୍ଷରେ ଅଛି ସତ୍‌କାର୍ଯ୍ୟବାଦ ଓ ଅନ୍ୟପକ୍ଷରେ ରହିଛି ଅସତ୍‌କାର୍ଯ୍ୟବାଦ । ସତ୍‌କାର୍ଯ୍ୟ ବାଦ ଅନୁସାରେ କାର୍ଯ୍ୟ କାରଣ ମଧ୍ୟରେ ପୂର୍ବରୁ ଥିଲା । ଏହା ନୂତନ ସୃଷ୍ଟି ନୁହେଁ । ଦହି ବା ଘିଅ କ୍ଷୀରରେ ଥିଲା । ତୈଳ ତିଳ ମଧ୍ୟରେ ଥିଲା । କିନ୍ତୁ ଅସତ୍‌କାର୍ଯ୍ୟବାଦ ଅନୁସାରେ କାର୍ଯ୍ୟ କାରଣ ମଧ୍ୟରେ ନଥିଲା । ଏହା ନୂତନ ସୃଷ୍ଟି । ସାଂଖ୍ୟ ସତ୍‌କାର୍ଯ୍ୟବାଦର ସମର୍ଥକ । ଜଗତର କାରଣ ହେଉଛି ପ୍ରକୃତି । ଏ ଜଗତ୍ ପ୍ରକୃତିରୁ ଆସିଅଛି । ସାଂଖ୍ୟ ଓ ବେଦାନ୍ତ ଦର୍ଶନ ମୁଖ୍ୟତଃ ସତ୍‌କାର୍ଯ୍ୟବାଦର ସମର୍ଥକ । ଅସତ୍‌କାର୍ଯ୍ୟ ବାଦ ବା ଆରମ୍ଭବାଦ ମତରେ କାର୍ଯ୍ୟ କାରଣ ମଧ୍ୟରେ ନ ଥିଲା । କାରଣର ବିନାଶ ବା ଧ୍ୱଂସପରେ କାର୍ଯ୍ୟର ଉତ୍ପତ୍ତି । ନ୍ୟାୟ, ବୈଶେଷିକ ଓ କେତେକ ମୀମାଂସକ ଅସତ୍‌କାର୍ଯ୍ୟ ବା ଆରମ୍ଭବାଦର ସମର୍ଥକ ।

ଯଦିଓ ସତ୍‌କାର୍ଯ୍ୟବାଦୀମାନଙ୍କ ମତରେ କାର୍ଯ୍ୟ କାରଣ ମଧ୍ୟରେ ପ୍ରଚ୍ଛନ୍ନଭାବରେ ଥାଏ ଏବଂ ଉପଯୁକ୍ତ ପରିସ୍ଥିତି ମଧ୍ୟରେ ଏହା ପ୍ରକଟିତ ହୁଏ ତେବେ ଏହି ସତ୍‌କାର୍ଯ୍ୟବାଦ ଦୁଇଭାଗରେ ବିଭକ୍ତ ଯଥା 'ପରିମାଣବାଦ' ଓ 'ବିଭର୍ତ୍ତବାଦ' । ସାଂଖ୍ୟମତ ଓ ରାମାନୁଜଙ୍କ ମତ ପରିଣାମବାଦର ଅନ୍ତର୍ଭୁକ୍ତ । ପରିଣାମବାଦ ଅନୁସାରେ ଯେତେବେଳେ କାର୍ଯ୍ୟ କାରଣରୁ ଆସି ଥାଏ କାରଣରେ ବାସ୍ତବ ପରିବର୍ତ୍ତନ ବା ରୂପାନ୍ତରୀକରଣ ହୋଇଥାଏ । ସାଂଖ୍ୟମତରେ ପ୍ରକୃତିରେ ବାସ୍ତବ ପରିବର୍ତ୍ତନ ଘଟିଥାଏ ଏବଂ ଏହାର ରୂପାନ୍ତରୀକରଣ ହୋଇ ଜଗତର ସୃଷ୍ଟିହୁଏ ।

କିନ୍ତୁ ଶଙ୍କରଙ୍କ ଦର୍ଶନ ମତରେ କାରଣରେ କୌଣସି ପରିବର୍ତ୍ତନ ଘଟିନଥାଏ । ରଜ୍ଜୁସ୍ଥାନରେ ସର୍ପର ପ୍ରତୀତି ହୋଇଥାଏ ମାତ୍ର ରଜ୍ଜୁରେ କୌଣସି ପରିବର୍ତ୍ତନ ଘଟିନଥାଏ । ସେଭଳି ବ୍ରହ୍ମଙ୍କ ସ୍ଥାନରେ ଜଗତର ପ୍ରତୀତି ହୋଇଥାଏ । ମାତ୍ର ବ୍ରହ୍ମଙ୍କଠାରେ କୌଣସି ପରିବର୍ତ୍ତନ ଘଟିନଥାଏ । କାର୍ଯ୍ୟ କାରଣ ଉପରେ ନିର୍ଭର କଲେ ମଧ୍ୟ କାର୍ଯ୍ୟ ଏଠି କେବଳ ଆଭାସ ମାତ୍ର । ଜଗତକୁ ବ୍ରହ୍ମଙ୍କର ବିକାର ନ କହି ବ୍ରହ୍ମଉପରେ ଜଗତ ଆରୋପିତ ଏପରି କହିବା ଯୁକ୍ତିଯୁକ୍ତ ।

**ଅସାଧାରଣ କବିତ୍ୱ :-** ଜଣେ ଦାର୍ଶନିକ ଅସାଧାରଣ କବତ୍ୱର ଅଧିକାରୀ ହୋଇପାରନ୍ତି ଏହା ସମ୍ଭବ ହୋଇପାରିଥିଲା ଶଙ୍କରଙ୍କ କ୍ଷେତ୍ରରେ । ତାଙ୍କର କବିତ୍ୱର ବାସ୍ତବିକ୍ ତୁଳନା ନାହିଁ । 'ଆନନ୍ଦଲହରୀ', 'ମୋହ ମୁଦ୍‌ଗର', 'ମଣିରତ୍ନମାଳା' ତଥା ଅନେକ ପୁସ୍ତକ ସେ ରଚନା କରିଛନ୍ତି ଯାହା ଆମ ମନରେ ଭକ୍ତି ତଥା ବୈରାଗ୍ୟ ଭାବ ସୃଷ୍ଟି କରେ । ବିଭିନ୍ନ ଦେବ ଦେବୀ ଓ ନଦୀର ବନ୍ଦନା ମଧ୍ୟରେ ଯେଉଁ ଲଳିତ୍ୟ ଭରିରହିଛି ବାସ୍ତବିକ୍ ତାହା ଅନୁପମ ।

'ଆନନ୍ଦରଲହରୀ' ରଚନା ପଛରେ ଏକ ରହସ୍ୟ ରହିଛି । ଶୁଣାଯାଏ ଶଙ୍କରଙ୍କ ଜୀବନରେ ଏଭଳି ଏକ ଘଟଣା ଘଟିଥିଲା ଯାହାଫଳରେ ତାଙ୍କର 'ଶକ୍ତିତତ୍ତ୍ୱ' ପ୍ରତି ମନରେ ଗଭୀର ବିଶ୍ୱାସ ସୃଷ୍ଟି ହୋଇଥିଲା । ଥରେ ଗଙ୍ଗା କୂଳରେ ସେ ଶକ୍ତିହୀନ ହୋଇ ପଡ଼ିଯାଇଥିଲେ । ଜଣେ ସ୍ତ୍ରୀ ପାତ୍ରରେ ପାଣିନେଇ ଯାଉଥିଲେ । ଶଙ୍କର ତାଙ୍କୁ ଜଳ ମୁନ୍ଦିଏ ପିଆଇ ଦେବାକୁ ଅନୁରୋଧ କଲେ ।  ସେ କାରଣ ପଚାରିବାରୁ ଶଙ୍କର ଉତ୍ତର ଦେଇଥିଲେ ଯେ  ସେ ଶକ୍ତିହୀନ । ତତ୍‌ପରେ ସେ ସ୍ତ୍ରୀଜଣଙ୍କ ଅନ୍ତର୍ହିତା ହୋଇଯାଇଥିଲେ । ଏହାକୁ ଲକ୍ଷକରି ଶଙ୍କର ଶକ୍ତିଙ୍କର ମାହାତ୍ମ୍ୟ 'ଆନନ୍ଦଲହରୀ'ରେ ବର୍ଣ୍ଣନା କରିଛନ୍ତି । ଏହାର ପ୍ରଥମ ଶ୍ଳୋକ ହେଉଛି : -

"ଶିବଃ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁଂ
ନଚେ ଦେବଂ ଦେବୋ ନ ଖଳୁ କୁଶଳଃ ସ୍ପନ୍ଦିତୁମପି ।

ଅତସ୍ତ୍ୱାମାରାଧ୍ୟାଂ ହରିହର ବିରଞ୍ଚ୍ୟା ଦିଭିରପି
ପଣନ୍ତୁଂ ସ୍ତୋତୁଂ ବା କଥମକୃତପୁଣ୍ୟଃ ପ୍ରଭବତି ।"

ମାତ ! ଶିବ ଯଦି ଶକ୍ତିଯୁକ୍ତ ହୁଅନ୍ତି ତାହାହେଲେ ସେ ପ୍ରଭାବଶାଳୀ ହୋଇ ସୃଷ୍ଟି, ସ୍ଥିତି, ଲୟ ପ୍ରଭୃତି ସମୁଦାୟ କାର୍ଯ୍ୟ ସାଧନ କରିପାରନ୍ତି । ନଚେତ୍ ସେ ସ୍ୱୟଂ ସ୍ପନ୍ଦିତ ହେବାକୁ ସମର୍ଥ ହୁଅନ୍ତି ନାହିଁ । ଜଗତର ସୃଷ୍ଟି, ସ୍ଥିତି, ସଂହାରାଦି କରିବା ନିମିତ୍ତ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଏବଂ ଅନ୍ୟାନ୍ୟ ଦେବତା ତୁମ୍ଭଙ୍କୁ ଆରାଧନା କରିଥାଆନ୍ତି । ଇଦୃଶ ଅବସ୍ଥାରେ ମୋ ପରି ଅକୃତପୁଣ୍ୟ ସାମାନ୍ୟ ବ୍ୟକ୍ତି କିପରି ତୁମ୍ଭଙ୍କୁ ପ୍ରଣାମ ବା ତୁମର ସ୍ତବ କରିବାକୁ ସମର୍ଥ ହେବ ।

'ମୋହ ମୁଦ୍‌ଗର' ଶଙ୍କରଙ୍କର ଅନ୍ୟ ଏକ ଅନବଦ୍ୟ ସୃଷ୍ଟି । ଜଣେ ବୃଦ୍ଧ ବ୍ରାହ୍ମଣ ବ୍ୟାକରଣର 'ଡୁକୃଞ୍ଜ କରଣେ' ଧାତୁରୂପ ଘୋଷୁଥିବା ଦେଖି ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା । ମୃତ୍ୟୁର ଦ୍ୱାର ଦେଶଷର ଉପସ୍ଥିତ ହେଲାବେଳେ ଗୋବିନ୍ଦଙ୍କ ଭଜନ ସିନା ତ୍ରାଣ କରିବ ମାତ୍ର ବ୍ୟାକରଣର ଧାତୁରୂପ କଣ କରିପାରିବ ? ଏଭଳି ବିଚାର କରି ଶଙ୍କର 'ମୋହମୁଦ୍‌ଗର'ର ଶ୍ଳୋକ ଗୁଡ଼ିକ ରଚନା କଲେ ।

ଯଥା:- "ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ
ଗୋବିନ୍ଦଂ ଭଜ ମୂଢ଼ମତେ ।
ସଂପ୍ରାପ୍ତେ ସଂନ୍ନିହିତେ ମରଣେ
ନହି ନହି ରକ୍ଷତି ଡୁକୃଞ୍ କରଣେ ।"
ଯଥା:- "ଗୋବିନ୍ଦଙ୍କୁ ଭଜ, ଗୋବିନ୍ଦଙ୍କୁ ଭଜ
ଭଜ ଆରେ ମୂଢ଼ମନ
ଡୁକୃଞ୍ଜ କରଣେ' ରଖି ନ ପରିବ
ଆସିବ ଯେବେ ମରଣ ।"

ଶଙ୍କରାଚାର୍ଯ୍ୟଙ୍କ ରଚିତ ସ୍ତବଗୁଡ଼ିକର ଭାବ ଏଭଳି ପ୍ରାଣସ୍ପର୍ଶୀ ହୋଇଥାଏ ଯେ ତାହା ପାଠକଲେ ଚକ୍ଷୁ ଲୋତକାପ୍ଳୁତ ହୋଇଯାଏ ଏବଂ ହୃଦୟ ଭକ୍ତି ରସରେ ଉଦ୍‌ବେଳିତ ହୋଇଯାଏ । ପ୍ରକୃତରେ ତାଙ୍କର ବ୍ୟକ୍ତିତ୍ୱରେ କବିତ୍ୱ ଓ ଦାର୍ଶନିକତାର ଅପୂର୍ବ ସମନ୍ୱୟ ଘଟିଅଛି । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଚରିତ 'ଜଗନ୍ନାଥାଷ୍ଟକମ୍' ଭାଷା ଓ ଭାବ ଦୃଷ୍ଟିରୁ ବିଚାର କଲେ ଅନବଦ୍ୟ । ମତ ପାର୍ଥକ୍ୟ ଥିଲେ ମଧ୍ୟ ଅଗଣିତ ପାଠକ ଓ ଭକ୍ତ ବିଶ୍ୱାସ କରନ୍ତି ଏହା ଶଙ୍କରଙ୍କ କୃତି ବୋଲି । ଏଥିରେ ଲାଳିତ୍ୟ, ମାଧୁର୍ଯ୍ୟ ଓ ଭକ୍ତିରସର ମିଳନ ଘଟିଛି । ଗୋଟିଏ ଉଦାହରଣ ଦିଆଯାଇପାରେ " ଭୁଜେ ସବ୍ୟେ ବେଣୁଂ ଶିରସି ଶିଖିପୁଚ୍ଛଂ କଟିତଟେ

ଦୁକୂଳଂ ନେତ୍ରାନ୍ତେ ସହଚର କଟାକ୍ଷଂ ବିଦଧତେ ।
ସଦା ଶ୍ରୀମଦ୍‌ବୃନ୍ଦାବନ ବସତିଲୀଳାପରିଚୟୋ
ଜଗନ୍ନାଥଃସ୍ୱାମୀ ନୟନପଥ ଗାମୀ ଭବ ତୁମେ ।”
ଅନୁବାଦ:-
ବାମକରେଥାଏ ବେଣୁ ସୁଦୃଶ୍ୟ
ମସ୍ତକରେ ଶୋଭେ ମୟୂର ପୁଚ୍ଛ ।
କଟି ପଟ୍ଟବସ୍ତ୍ର ମଣ୍ଡଇ ଅଙ୍ଗ
କୃପା କଟାକ୍ଷରେ ମୋହିତସାଙ୍ଗ ।
ବୃନ୍ଦାବନ ଧାମେ ରଚନ୍ତି ଯେ ଲିଳା ଦିବ୍ୟସୁନ୍ଦର,
ସେହି ମହାପ୍ରଭୁ ଜଗନ୍ନାଥ ସ୍ୱାମୀ ନେତ୍ରପଥାରୂଢ଼ ହୁହନ୍ତୁ ମୋର ।

ଶଙ୍କର ଯେତେବେଳେ ଯେଉଁ ଦେବତାଙ୍କ ମହିମା ଗାନ କରିଛନ୍ତି ସେତେବେଳେ ତାଙ୍କର ଉତ୍କର୍ଷତା ପ୍ରତିପାଦନ କରିଛନ୍ତି ଅତି ଚମତ୍କାର ଭାବରେ । ଦୁର୍ଗାଙ୍କର ପାଣିଗ୍ରହଣ କରିଥିବା ଯୋଗୁ ଶିବ ଆଜି ଜଗଦୀଶ୍ୱର ହୋଇପାରିଛନ୍ତି । ଏହି ଶ୍ଳୋକଟି ତାହା ପ୍ରତିପାଦନ କରେ ।

“ଚିତାଭସ୍ମାଲେପୋ ଗରଳମଶନଂ ଦିକ୍‌ପଟଧରୋ
ଜଟାଧାରୀକଣ୍ଠେ ଭୁଜଗପତିହାରୀ ପଶୁପତିଃ ।
କପାଳୀ ଭୂତେଶୋ ଭଜତି ଜଗଦୀଶୈକପଦବୀଂ
ଭବାନି ! ତ୍ୱତ୍‌ପାଣିଗ୍ରହଣପରିପାଟୀଫଳମିଦମ୍ ।”

**ଅନୁବାଦ**

ଶ୍ମସାନରଭସ୍ମମଣ୍ଡିତ ଶରୀର କଣ୍ଠଦେଶେ ସର୍ପହାର
ଜଟାଜୁଟଧାରୀ ବିଷପାନକାରୀ ସଦାବେଳେ ଦିଗମ୍ବର ।
କପାଳୀ ଭୂତେଶ ପଶୁନାଥ ହୋଇ ଜଗତେ ଜଗଦୀଶ୍ୱର
ଭାବେ ପୂଜାପାଉଛନ୍ତି ମାଆ ସିଏ ଧରି ସିନା ତୁମକର । ।

ସେହିଭଳି ଯେତେବେଳେ ଶିବଙ୍କ ମହିମା ଗାନ କରିଛନ୍ତି ଅଖଣ୍ଡ ଆବେଗମୟ ଭାବ ଓ ଭାଷାରେ ନିଜକୁ ତାଙ୍କ ନିକଟରେ ସମର୍ପଣ କରି କ୍ଷମା ଯାଚନା କରିଛନ୍ତି । ତାଙ୍କର ‘ଶିବାପରାଧ କ୍ଷମାପନ ସ୍ତୋତ୍ର’ ଏକ ଅନବଦ୍ୟ ସୃଷ୍ଟି ।

“ପୌଢ଼ୋଽହଂ ଯୌବନସ୍ଥୋ ବିଷୟବିଷଧରୈଃ
ପଞ୍ଚଭିର୍ମର୍ମସନ୍ଧୌ

ଦଷ୍ଟୋ ନଷ୍ଟୋ ବିବେକଃ ସୁତଧନଯୁବତି
ସ୍ୱାଦସୌଖ୍ୟେନିଷଣ୍ଣଃ ।
ଶୈବୀଚିନ୍ତାବିହୀନଂ ମମହୃଦୟମହୋ
ମାନଗର୍ବାଧିରୂଢ଼ଂ
କ୍ଷନ୍ତବ୍ୟୋମେଽପରାଧଃ ଶିବଶିବଶିବଭୋ
ଶ୍ରୀ ମହାଦେବ ଶମ୍ଭୁ ।"

**ଅନୁବାଦ**

"ଇନ୍ଦ୍ରିୟେଆସକ୍ତ ହୋଇଥିଲି ପ୍ରଭୁ ଯୌବନ କାଳେ
ବିଷୟର ପଞ୍ଚସର୍ପ ଦଂଶୁଥିଲେ ମୋ ମର୍ମସ୍ଥଳେ ।
ପତ୍ନୀ ପୁତ୍ର ମେଳେ ସ୍ୱାଦିଷ୍ଟ ଭୋଜନେ ଥିଲି ମୁଁ ରତ
ଗର୍ବ ଅଭିମାନେ ବିବେକ ହରାଇଥିଲା ମୋ ଚିତ୍ତ ।
ପୈଢ଼କାଳେ ଏବେ କରୁଛି ପ୍ରାର୍ଥନା ବିଷାଦଭରେ
ଭୁଲିଯାଇଥିଲି ପ୍ରଭୁ ମୁଁ ତୁମକୁ କ୍ଷମ ହେ ବାରେ ।"

ଶଙ୍କର ଅସୁମାରି ଶ୍ଳୋକ ରଚନା କରିଛନ୍ତି । ଏଠାରେ ସେ ସବୁକୁ ଉପସ୍ଥାପନ କରିବା ସମ୍ଭବ ନୁହେଁ। ତାଙ୍କର ବିରଳ କବିତ୍ୱ ଅଗଣିତ ଭକ୍ତଙ୍କୁ ବିମୋହିତ କରିଛି ।

ଶଙ୍କର ଯେତେବେଳେ ଏକ କ୍ଷୁଦ୍ର ବାଳକଥିଲେ ଏବଂ ଗୁରୁଗୃହରେ ଅଧ୍ୟୟନ କରୁଥିଲେ ଏକ ଦରିଦ୍ରା ରମଣୀଙ୍କ ଦୁଃଖ ଦେଖି ମହାଲକ୍ଷ୍ମୀଙ୍କୁ ପ୍ରାର୍ଥନା କରିଥିଲେ ତାଙ୍କର ଦାରିଦ୍ର୍ୟ ଦୂର କରିବାକୁ । ଏହାକୁ କୁହାଯାଏ 'କନକାଧାରା ସ୍ତୋତ୍ର' । ଏହା ଅତୀବ ପ୍ରାଣସ୍ପର୍ଶୀ ।

ଶଙ୍କର ଥିଲେ ଯଥାର୍ଥରେ ଜଣେ ମହାନ୍ କବି ଓ ଅସାଧାରଣ ଦାର୍ଶନିକ ।

ଗୁରୁ ଶିଷ୍ୟ ପରମ୍ପରା :- ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ ଦେବତାର ସ୍ଥାନ ଦିଆଯାଇଛି । ମହାପୁରୁଷମାନଙ୍କ ଜୀବନକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେମାନେ ଉପଯୁକ୍ତ ଗୁରୁଙ୍କଠାରୁ ଜ୍ଞାନଲାଭ କରିଥିଲେ । ଆଚାର୍ଯ୍ୟ ଶଙ୍କରଙ୍କର ଗୁରୁ ପରମ୍ପରା ନିମ୍ନଶ୍ଳୋକରେ ବର୍ଣ୍ଣିତ ହୋଇଅଛି :-

ନରାୟଣଂ ପଦ୍ମ ଭବଂ ବଶିଷ୍ଟଂ
ଶକ୍ତିଞ୍ଚ ତତ୍ପୁତ୍ର ପରାଶରଞ୍ଚ ।
ବ୍ୟାସଂ ଶୁକଂ ଗୌଡ଼ପଦଂ ମହାନ୍ତଂ
ଗୋବିନ୍ଦ ଯୋଗୀନ୍ଦ୍ର ମଥାସ୍ୟ ଶିଷ୍ୟମ୍ ।

ଶ୍ରୀଶଙ୍କରାଚାର୍ଯ୍ୟ ମଥାସ୍ୟ ପଦ୍ମପାଦଞ୍ଚହସ୍ତାମଲକଞ୍ଚ ଶିଷ୍ୟମ୍
ତତ୍ ତୋଟକଂ ବାର୍ତ୍ତିକକାରମନ୍ୟାନ୍ ଅସ୍ମଦ୍‌ଗୁରୁନ୍
ସନ୍ତତ ମାନତୋଽସ୍ମି ।

ଗୁରୁପରମ୍ପରାରେ ପ୍ରଥମ ଗୁରୁ ନାରାୟଣ, ତତ୍‌ପରେ ବ୍ରହ୍ମା, ବ୍ରହ୍ମାଙ୍କ ପୁତ୍ର ବଶିଷ୍ଠ, ତାଙ୍କ ପୁତ୍ର ଶକ୍ତି, ଶକ୍ତିଙ୍କ ପୁତ୍ର ପରାଶର, ପରାଶରଙ୍କ ପୁତ୍ର ବ୍ୟାସ, ବ୍ୟାସଙ୍କ ପୁତ୍ର ଶୁକ । ଶୁକଙ୍କର ଶିଷ୍ୟ ହେଉଛନ୍ତି ଗୌଡ଼ପାଦ । ଗୌଡ଼ପାଦଙ୍କର ଶିଷ୍ୟ ଗୋବିନ୍ଦପାଦ, ଗୋବିନ୍ଦପାଦଙ୍କର ଶିଷ୍ୟ ଶଙ୍କର । ଶଙ୍କରଙ୍କର ଚାରିଜଣ ଶିଷ୍ୟଥିଲେ । ସେମାନଙ୍କର ସଂକ୍ଷିପ୍ତ ପରିଚୟ ପ୍ରଦାନ କରାଯାଉଅଛି ।

ପଦ୍ମପାଦ:- ଶଙ୍କର କାଶୀରେ ଯେଉଁ ଶିଷ୍ୟ ମଣ୍ଡଳୀ ଦ୍ୱାରା ପରିବେଷ୍ଟିତ ହୋଇ ରହିଥିଲେ ସେମାନଙ୍କ ମଧ୍ୟରେ ସନନ୍ଦନ ଅନ୍ୟତମ । ତାଙ୍କର ଜନ୍ମଭୂମି ଚୋଳଦେଶ, ଦକ୍ଷିଣ ଭାରତରେ । ସେହି ସୌମ୍ୟଦର୍ଶନ, ବେଦବିତ୍, ବ୍ରାହ୍ମଣ ଯୁବକ ଶଙ୍କରଙ୍କର ଶିଷ୍ୟତ୍ୱ ଗ୍ରହଣ କରିବାକୁ ନିବେଦନ କଲେ ଓ ତାଙ୍କର ପ୍ରତିଭା ଓ ଗୁରୁଭକ୍ତିରେ ସନ୍ତୁଷ୍ଟ ହୋଇ ଶଙ୍କର ତାଙ୍କୁ ଶିଷ୍ୟ ଭାବରେ ଗ୍ରହଣ କଲେ । ଶଙ୍କର ସନନ୍ଦନଙ୍କୁ ଏତେ ଭଲ ପାଉଥିଲେ ଯେ ଅନ୍ୟ ଶିଷ୍ୟମାନେ ଇର୍ଷାନ୍ୱିତ ହେଉଥିଲେ । ଥରେ ଶଙ୍କର ପୂଜା ପାଇଁ ଫୁଲ ଆଣିବାକୁ ନଦୀର ଅପର ପାର୍ଶ୍ୱକୁ ତାଙ୍କୁ ପଠାଇଥିଲେ । ସେ ନୌକାରେ ଯାଇଥିଲେ । ମାତ୍ର ଫୁଲ ଆଣିକରି ଆସି ଦେଖିଲେ ଯେ କୂଳରେ ନୌକା ନାହିଁ । ଏଣେ ଗୁରୁଙ୍କର ପୂଜା ସମୟ ଗଡ଼ି ଯାଉଛି । ଏହା ଭାବି ସେ ନଦୀ ମଧ୍ୟକୁ ପ୍ରବେଶ କଲେ। ତାଙ୍କ ମନରେ ଏ ବିଶ୍ୱାସ ଦୃଢ଼ୀଭୂତ ହୋଇଥିଲା ଯେ ଗୁରୁଙ୍କ କୃପାରୁ ସେ ନଦୀ ପାର ହୋଇଯିବେ । ପ୍ରକୃତରେ ସେ ନଦୀ ମଧ୍ୟରେ ଯେଉଁଠାରେ ପାଦ ପକାଇଲେ ସେଠାରେ ଗୋଟିଏ ଗୋଟିଏ ପଦ୍ମଫୁଲ ଉଭା ହୋଇଗଲା । ତାହାରି ଉପରେ ପାଦ ପକାଇ ସେ ନଦୀ ପାର ହୋଇଗଲେ । ତାଙ୍କର ଗୁରୁଭକ୍ତି ଓ ଅଟଳ ବିଶ୍ୱାସ ଦେଖି ଅନ୍ୟମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ ଏବଂ ଅନ୍ୟଶିଷ୍ୟମାନେ ନିଜର ଭୁଲ ବୁଝିପାରିଲେ । ସେହି ଦିନଠାରୁ ତାଙ୍କର ନାମ ହେଲା ପଦ୍ମପାଦ । ପଦ୍ମପାଦଙ୍କ ଦ୍ୱାରା ରଚିତ 'ପଞ୍ଚପାଦିକ' ଏକ ଅମୂଲ୍ୟ ଗ୍ରନ୍ଥ । ଏହା ବ୍ରହ୍ମସୂତ୍ର ଭାଷ୍ୟର ଏକ ବାର୍ତ୍ତିକ ବା ଆଲୋଚନା ଗ୍ରନ୍ଥ । ଏହା ବ୍ୟତୀତ ପଦ୍ମପାଦ 'ପ୍ରପଞ୍ଚସାରଟୀକା'ଓ 'ବିଜ୍ଞାନ ଦୀପିକାର' ରଚୟିତା । ପୁରୀ ଗୋବର୍ଦ୍ଧନ ପୀଠରେ ସେ ଥିଲେ ପ୍ରଥମ ପୀଠାଧୀଶ ।

**ହସ୍ତାମଲକ:-** ଆଉଜଣେ ଶିଷ୍ୟଙ୍କର ନାମ ଥିଲା ହସ୍ତାମଲକ । ଶଙ୍କର ତାଙ୍କର ଦୀର୍ଘ ଯାତ୍ରାପଥରେ ଦେଖିଲେ ଯେ ପ୍ରଭାକର ନାମକ ଜଣେ ବ୍ରାହ୍ମଣ ତାଙ୍କ ପୁତ୍ରପାଇଁ ଅତ୍ୟନ୍ତ ଚିନ୍ତିତ ଥିଲେ । ତାଙ୍କର ପୁଅଟି ଜଡ଼ଭଳି ରହିଥାଏ । କିଛି ପଢ଼ା ପଢ଼ି କରୁନଥିଲା ।

ଶଙ୍କରଙ୍କ ନିକଟକୁ ସେ ପୁତ୍ରଟିକି ଆଣି ସେ ତାଙ୍କୁ ନିବେଦନ କଲେ ଯେ ତାଙ୍କର ପୁତ୍ରକୁ ସେ ଏ ଅବସ୍ଥାରୁ ଉଦ୍ଧାର କରନ୍ତୁ । ଶଙ୍କର ସେ ବାଳକକୁ ପଚାରିଲେ

"କସ୍ତ୍ୱଂ ଶିଶୋ କସ୍ୟକୁତୋଽସିଗନ୍ତା
କିଂ ନାମ ତେ ତ୍ୱଂକୁତ ଆଗତୋଽସି
ଏତଦ୍ ବଦତ୍ୱଂ ମମ ସୁପ୍ରସିଦ୍ଧଂ
ମତ୍ ପ୍ରୀତୟେ ପ୍ରୀତି ବିବର୍ଦ୍ଧନୋଽସି ।"

ବାଳକଟି ପ୍ରକୃତରେ ଅତ୍ୟନ୍ତ ଜ୍ଞାନୀ ଥିଲା ପୂର୍ବଜନ୍ମର ସଂସ୍କାର ଯୋଗୁ । ସେ ସଂସାର ପ୍ରତି ଅତ୍ୟନ୍ତ ଉଦାସୀନ ଥିବାରୁ ତାକୁ ସମସ୍ତେ ମୂକ ବା ଜଡ଼ ବୋଲି ଭାବୁଥିଲେ । ଶଙ୍କରଙ୍କ ଭଳି ଜଣେ ମହାପୁରୁଷଙ୍କୁ ଦେଖି ତାର ପୂର୍ବ ସଂସ୍କାର ଯୋଗୁ ସେ ଉତ୍ତର ଦେଲା:-

"ନାହଂ ମନୁଷ୍ୟୋ ନଚଦେବଯକ୍ଷୋ
ନ ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ରାଃ ।
ନ ବ୍ରହ୍ମଚାରୀ ନ ଗୃହୀ ବନସ୍ଥୋ
ଭିକ୍ଷୁର୍ନବାହଂ ନିଜ ବୋଧ ରୂପଃ ।"

ଶଙ୍କର ଅନୁଭବ କଲେ ଯେ ଏ ଜଣେ ଜ୍ଞାନୀ ସନ୍ତାନ ଓ ତାଙ୍କୁ ସେ ଶିଷ୍ୟ ଭାବରେ ଗ୍ରହଣ କଲେ । ତାଙ୍କ ନାମ ହେଲା ହସ୍ତାମଳକ । ପରବର୍ତ୍ତୀ କାଳରେ ସେ ଶୃଙ୍ଗେରୀ ମଠର ମଠାଧୀଶ ହେଲେ । କେତେକ ପୁସ୍ତକରେ ଅଛି ସେ ଶାରଦାପୀଠର ମଠାଧୀଶ ହୋଇଥିଲେ ।

**ତ୍ରୋଟକାଚାର୍ଯ୍ୟ:-** ଅନ୍ୟଜଣେ ଶିଷ୍ୟଙ୍କର ନାମ ଥିଲା ତ୍ରୋଟକାଚାର୍ଯ୍ୟ । ସେ ଅତ୍ୟନ୍ତ ଗୁରୁଭକ୍ତ ଥିଲେ ଏବଂ ନିଷ୍ଠାର ସହ ଗୁରୁଙ୍କର ସେବା କରୁଥିଲେ । ଥରେ ସେ ତୁଙ୍ଗଭଦ୍ରା ନଦୀ ନିକଟକୁ ଯାଇଥିଲେ ନିଜର କୌପୀନ ପ୍ରକ୍ଷାଳନ କରିବା ପାଇଁ । ଗୁରୁଙ୍କ ପାଖକୁ ଫେରିବାରେ ତାଙ୍କର ବିଳମ୍ବ ହୋଇଥିଲା । ଗୁରୁ ବିଳମ୍ବର କାରଣ ପଚାରନ୍ତେ ସେ ଅତି ସୁନ୍ଦର ତ୍ରୋଟକ ଛନ୍ଦରେ ଶ୍ଳୋକ ରଚନା କରି ଗୁରୁଙ୍କୁ ଉତ୍ତର ଦେଇଥିଲେ । ଏଣୁ ତାଙ୍କନାମ ହେଲା ତ୍ରୋଟକାଚାର୍ଯ୍ୟ । ସେ ବଦ୍ରିକା ଜ୍ୟୋତି ମଠର ପୀଠାଧୀଶ ହୋଇଥିଲେ ।

**ସୁରେଶ୍ୱରାଚାର୍ଯ୍ୟ:-** ଶାସ୍ତ୍ରାର୍ଥରେ ଶଙ୍କର ମଣ୍ଡନମିଶ୍ରଙ୍କୁ ପରାସ୍ତ କରିଥିଲେ । ପୂର୍ବ ସର୍ତ୍ତ ଅନୁସାରେ ମଣ୍ଡନ ଶଙ୍କରଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ତାଙ୍କ ନାମ ଦିଆଗଲା ସୁରେଶ୍ୱର । ସେ ସୁରେଶ୍ୱରାଚାର୍ଯ୍ୟ ନାମରେ ପ୍ରସିଦ୍ଧି ଲାଭକଲେ । ସେ ଜଣେ ବିରାଟ

ପଣ୍ଡିତ ଥିଲେ ଏବଂ ସେ ଅନେକ ଗ୍ରନ୍ଥ ରଚନା କରିଥିଲେ । ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ ହେଲେ 'ତୈତ୍ତିରୀୟ ଭାଷ୍ୟ ବାର୍ତ୍ତିକ', 'ନୈଷ୍କର୍ମ୍ୟସିଦ୍ଧି', 'ଦକ୍ଷିଣାମୂର୍ତ୍ତି ସ୍ତୋତ୍ର ବାର୍ତ୍ତିକ' ପ୍ରଭୃତି । ସେ ଦ୍ୱାରକା ପୀଠର ପୀଠାଧୀଶ ହୋଇଥିଲେ । ଅନ୍ୟ ଏକ ମତ ରହିଛି ଯେ ସେ ଶୃଙ୍ଗେରୀର ପୀଠାଧୀଶ ଥିଲେ ।

ଶ୍ରୀକ୍ଷେତ୍ର ଓ ଶଙ୍କରାଚାର୍ଯ୍ୟ:- ଜଗନ୍ନାଥଙ୍କ କ୍ଷେତ୍ର ହେଉଛି ଏକ ପବିତ୍ର ଧାମ । ପ୍ରଭୁ ଶ୍ରୀଜଗନ୍ନାଥ ଏଠାରେ ଶ୍ରୀମନ୍ଦିରରେ ପୂଜା ପାଉଛନ୍ତି । ଭାରତ ବର୍ଷର ସାଧୁ, ସନ୍ଥ ଓ ମହାତ୍ମାମାନେ ପ୍ରଭୁଙ୍କ ଦର୍ଶନ କରି ନିଜ ସାଧନାମୟ ଜୀବନକୁ ଅଧିକ ମହିମାନ୍ୱିତ କରିପାରିଛନ୍ତି । ସେହିଭାବରେ ଶ୍ରୀ ଶଙ୍କରାଚାର୍ଯ୍ୟ ଜଗନ୍ନାଥଙ୍କୁ ଦର୍ଶନ କରିବାପାଇଁ ଉତ୍କଳକୁ ଆସିଛନ୍ତି । ମାତ୍ର ସେ ସମୟରେ ପ୍ରଭୁ ରତ୍ନସିଂହାସନରେ ବିରାଜମାନ କରୁନଥିଲେ । ଉତ୍କଳର ଶାସକ ଶୋଭନଦେବଙ୍କ ସମୟରେ ରକ୍ତବାହୁ ଯବନର ଆକ୍ରମଣର ଆଶଙ୍କାରେ ପ୍ରଭୁଙ୍କୁ ସୋନପୁର ନିକଟରେ ପାତାଳି କରାଯାଇଥିଲା । ଶ୍ରୀ ଶଙ୍କରାଚାର୍ଯ୍ୟ ଏହା ଜାଣି ଗଭୀର ଦୁଃଖ ଅନୁଭବ କଲେ । ମୂର୍ତ୍ତିମାନଙ୍କୁ ଭୂଗର୍ଭରୁ ଉଦ୍ଧାର କରିବାପାଇଁ ତତ୍କାଳୀନ ଶାସକଙ୍କୁ ପରାମର୍ଶ ଦେଲେ । ରାଜା ଶଙ୍କରାଚାର୍ଯ୍ୟଙ୍କୁ ଗଭୀର ଭକ୍ତି କରୁଥିଲେ । ଫଳରେ ରାଜା ନିଜେ ତାଙ୍କର ପାତ୍ରମନ୍ତ୍ରୀଙ୍କ ସହ ସେ ସ୍ଥାନକୁ ଯାଇ ସ୍ଥାନୀୟ ଅଧିବାସୀଙ୍କୁ ପଚାରି ପ୍ରକୃତ ସ୍ଥାନ ନିରୂପଣ କରିପାରିଲେ । ଏଠାରେ ଗୋଟିଏ ବୃକ୍ଷ ରୋପଣ କରାଯାଇଥିଲା । ଏ ବୃକ୍ଷଟିକୁ କାଟି ଗର୍ତ୍ତମଧ୍ୟରୁ ମୂର୍ତ୍ତିମାନଙ୍କୁ ଉଦ୍ଧାର କରାଗଲା । ତେବେ ବିଗ୍ରହମାନେ କୀଟଦ୍ରଂଷ୍ଟ ହୋଇଯାଇଥିଲେ । ମାତ୍ର ବ୍ରହ୍ମ ଅକ୍ଷୁଣ୍ଣ ରହିଥିଲେ । ଶଙ୍କରଙ୍କ ତତ୍ତ୍ୱାବଧାନରେ ପୁନର୍ବାର ନବକଳେବର କରାଯାଇ ମୂର୍ତ୍ତିମାନଙ୍କୁ ରତ୍ନସିଂହାସନରେ ସ୍ଥାପନ କରାଯାଇଥିଲା । ଏଥିପାଇଁ ଏକଲକ୍ଷ ଶାଳଗ୍ରାମ ନେପାଳରୁ ଅଣା ଯାଇଥିଲା । ନେପାଳ ରାଜାଙ୍କର ଏ କ୍ଷେତ୍ରରେ ସହଯୋଗ ପାଇଁ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ତାଙ୍କୁ ସ୍ୱତନ୍ତ୍ର ଅଧିକାର ଦିଆଯାଇଛି । ପୂର୍ବ ମନ୍ଦିର ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇଥିବାରୁ ୩୮ ହତର ଏକ ନୂତନ ମନ୍ଦିର ନିର୍ମାଣ କରାଯାଇଥିଲା ।

ଶଙ୍କରାଚାର୍ଯ୍ୟ ଶ୍ରୀଜଗନ୍ନାଥଙ୍କର ସେବାପୂଜାର ବ୍ୟବସ୍ଥା କରିଥିଲେ । ମନ୍ଦିରରେ ଅନ୍ନଭୋଗର ବ୍ୟବସ୍ଥା କରିଥିଲେ । ସେ ଯେଉଁ ଗୋବର୍ଦ୍ଧନ ମଠ ସ୍ଥାପନ କରିଥିଲେ ତାହାର ପୀଠାଧୀଶ ମନ୍ଦିରର ସେବାପୂଜାରେ କିଛି ସନ୍ଦେହ ବା ଅବ୍ୟବସ୍ଥା ଦେଖାଗଲେ ତାହାର ସମାଧାନ ପାଇଁ ସିଦ୍ଧାନ୍ତ ନେବାର ଅଧିକାର ଲାଭ କରିଥିଲେ । ଏ କ୍ଷେତ୍ରରେ ତାଙ୍କର ନିଷ୍ପତ୍ତି ଅଟେ ଶେଷ ନିଷ୍ପତ୍ତି । ମୁକ୍ତି ମଣ୍ଡପ ପଣ୍ଡିତ ସଭାର ସେ ସ୍ଥାୟୀ ସଭାପତି ।

ଯେଉଁ ଦିନ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରତ୍ନସିଂହାସନରେ ଶଙ୍କରଙ୍କ ଦ୍ୱାରା ସ୍ଥାପିତ କରାଗଲା ସେଦିନ ଥିଲା ଶ୍ରାବଣ ପୂର୍ଣ୍ଣିବା । ପ୍ରଭୁ ଶ୍ରୀଜଗନ୍ନାଥଙ୍କର ପଞ୍ଚାଭିଷେକ କରାଯାଇ ହୀରାଚିତା ଲାଗି କରାଯାଇଥିଲା । ସେହିଦିନଠାରୁ ଏବଯାଏ ଶ୍ରାବଣ ମାସର ଏହି ଦିବସରେ ପ୍ରଭୁଙ୍କ ମସ୍ତକରେ ହୀରାଚିତା ଲଗାଯାଉଛି ।

ଅନ୍ୟଏକ ମତରେ ରହିଛି ଯେ ସେଦିନ ଥିଲା ଭାଦ୍ରବ ମାସର ଶୁକ୍ଳ ଦ୍ୱାଦଶୀ ତିଥି । ଏହି ଦିନଟି ସୁନିଆ ନାମରେ ଅଭିହିତ । ରାଜା ଯଯାତି କେଶରୀ ଏହିଦିନ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ପ୍ରଭୁଙ୍କୁ ଭେଟି ଦେଇଥିଲେ ।

ଶ୍ରୀମନ୍ଦିରରେ ଜଗନ୍ନାଥ ପ୍ରତିଷ୍ଠିତ ହେବାପରେ ଶଙ୍କରାଚାର୍ଯ୍ୟ ପ୍ରତ୍ୟହ ଜଗନ୍ନାଥଙ୍କ ଦର୍ଶନ କରୁଥିଲେ । ଯଦିଓ ଏ କ୍ଷେତ୍ରରେ ମତପାର୍ଥକ୍ୟ ରହିଛି ତଥାପି ଅଗଣିତ ଭକ୍ତ 'ଜଗନ୍ନାଥାଷ୍ଟକ' ପାଠକଲାବେଳେ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କୁ ମନେ ପକାନ୍ତି ।

ଶଙ୍କରାଚାର୍ଯ୍ୟ ଯେଉଁ ମହାନ୍ ଉଦ୍ଦେଶ୍ୟ ନେଇ ଧରାଧାମରେ ଅବତୀର୍ଣ୍ଣ ହୋଇଥିଲେ ତାହା ସାଧିତ ହୋଇପାରିଥିଲା । ପ୍ରଥମତଃ ସେ ସନାତନ ଧର୍ମକୁ ଘୋର ଦୁର୍ଗତି ମଧ୍ୟରୁ ରକ୍ଷାକରି ଏହାକୁ ସୁପ୍ରତିଷ୍ଠିତ କରିପାରିଥିଲେ । ବିଭିନ୍ନ ପ୍ରକାର ବିଭ୍ରାନ୍ତିକର ମତବାଦକୁ ଖଣ୍ଡନ କରି ଅଦ୍ୱୈତ ଦର୍ଶନକୁ ପ୍ରତିଷ୍ଠିତ କରିଥିଲେ । ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣରେ ମଠ ସ୍ଥାପନ ପୂର୍ବକ ଭାରତ ବର୍ଷରେ ଐକ୍ୟ ବା ସଂହତି ସ୍ଥାପନ କଲେ ।

ମଠସ୍ଥାପନ କ୍ଷେତ୍ରରେ ସେ ବେଦ ଓ ମହାବାକ୍ୟମାନଙ୍କୁ ଆଧାର ଭାବରେ ଗ୍ରହଣ କରିଥିଲେ । ଏହାର ସଂକ୍ଷିପ୍ତ ପରିଚୟ ଦେବା ଯଥାର୍ଥ ହେବ । ଋକ୍‌ବେଦ ଓ ମହାବାକ୍ୟ 'ପ୍ରଜ୍ଞାନଂବ୍ରହ୍ମ'କୁ ଆଧାରକରି ପୁରୀରେ ପ୍ରତିଷ୍ଠା କଲେ ଗୋବର୍ଦ୍ଧନ ପୀଠ । ଏହାର ଦେବତା ପ୍ରଭୁ ଶ୍ରୀଜଗନ୍ନାଥ । ପଶ୍ଚିମରେ ସ୍ଥାପନ କଲେ ଶାରଦାମଠ । ବେଦ ସାମବେଦ, ମହାବାକ୍ୟ 'ତତ୍ତ୍ୱମସି' । ଦେବତା ସିଦ୍ଧେଶ୍ୱର । ସେହିଭଳି ଉତ୍ତରରେ ସ୍ଥାପନକଲେ ବଦ୍ରିକାରେ ଜ୍ୟୋତିର୍ମଠ । ବେଦ ଅଥର୍ବବେଦ । ମହାବାକ୍ୟ 'ଅୟମାତ୍ମାବ୍ରହ୍ମ' । ଦେବତା ନାରାୟଣ । ଦକ୍ଷିଣରେ ସ୍ଥାପନ କଲେ ରାମେଶ୍ୱରଠାରେ ଶୃଙ୍ଗେରୀ ମଠ । ଦେବତା ଆଦିବରାହ । ବେଦ ଯଜୁର୍ବେଦ ଓ ମହାବାକ୍ୟ 'ଅହଂବ୍ରହ୍ମାସ୍ମି' । ତାଙ୍କର ପ୍ରଧାନ ଶିଷ୍ୟଙ୍କ ମଧ୍ୟରୁ ପଦ୍ମପାଦ ପୁରୀରେ, ସୁରେଶ୍ୱର ଦ୍ୱାରକାରେ, ତ୍ରୋଟକ ବଦ୍ରିକାରେ ଏବଂ ହସ୍ତାମଳକ ଶୃଙ୍ଗେରୀ ମଠ ରାମେଶ୍ୱରରେ ।

ଅନ୍ୟ ଏକ ମତ ଅନୁସାରେ ସୁରେଶ୍ୱର ଶୃଙ୍ଗେରୀ ମଠରେ ଏବଂ ହସ୍ତାମଳକ ଦ୍ୱାରକାରେ ଥିଲେ । ସନାତନ ଧର୍ମକୁ ଦୃଢ଼ୀଭୂତ କରିବାପାଇଁ ଶଙ୍କରାଚାର୍ଯ୍ୟ ଏଭଳି ପଦକ୍ଷେପ ନେଇଥିଲେ । ପୁନଶ୍ଚ ଅଦ୍ୱୈତ ଦର୍ଶନର ପ୍ରଚାର ଓ ପ୍ରସାର ମଧ୍ୟ ଏହାର ଅନ୍ୟଏକ ଲକ୍ଷଥିଲା ।

ଶଙ୍କରାଚାର୍ଯ୍ୟ ଥିଲେ ଅଦ୍ଭୁତକର୍ମା । ସେ ସମଗ୍ର ଭାରତବର୍ଷକୁ ବାରମ୍ବାର ପ୍ରଦକ୍ଷିଣକରି ଶାସ୍ତ୍ରାର୍ଥରେ ପ୍ରତିପକ୍ଷକୁ ପରାସ୍ତ କରି ଅଦ୍ୱୈତ ମତବାଦକୁ ପ୍ରତିଷ୍ଠିତ କରି ପାରିଥିଲେ । ପୂର୍ବମୀମାଂସା ଦର୍ଶନର ଶ୍ରେଷ୍ଠ ପ୍ରବକ୍ତା କୁମାରିଲଙ୍କୁ ଶାସ୍ତ୍ରାର୍ଥରେ ପରାସ୍ତ କରିବା ଶଙ୍କରଙ୍କର ଇଚ୍ଛା ଥିଲା । ମାତ୍ର କୁମାରିଲ ଛଦ୍ମ ବେଶରେ ବୌଦ୍ଧଦର୍ଶନ ଅଧ୍ୟୟନ କରି ପରେ ବୌଦ୍ଧମାନଙ୍କୁ ଶାସ୍ତ୍ରାର୍ଥରେ ପରାସ୍ତ କରିବାରୁ ସେ ଅନୁଭବ କଲେ ଯେ ସେ ଗୁରୁଦ୍ରୋହ କରିଛନ୍ତି । ଏଣୁ ପାପର କ୍ଷାଳନ ପାଇଁ ସେ ତୁଷାନଳରେ ପ୍ରବେଶ କରି ପ୍ରାୟଶ୍ଚିତ କଲେ । ତେବେ ତାଙ୍କର ପରାମର୍ଶରେ ଶଙ୍କର ତାଙ୍କର ପ୍ରଧାନଶିଷ୍ୟ ମଣ୍ଡନ ମିଶ୍ରଙ୍କୁ ଶାସ୍ତ୍ରାର୍ଥରେ ପରାସ୍ତ କରିଥିଲେ । ମଣ୍ଡନଙ୍କ ଧର୍ମ ପତ୍ନୀ ଉଭୟ ଭାରତି ଶଙ୍କରଙ୍କୁ ଶାସ୍ତ୍ରାର୍ଥ ପାଇଁ ଆହ୍ୱାନ କଲେ । ଏବେ ସେ କାମଶାସ୍ତ୍ର ଉପରେ ପ୍ରଶ୍ନ ଉତ୍‌ଥାପନ କରିବାରୁ ଶଙ୍କର କିଛିଦିନ ସମୟ ମାଗି ପରକାୟାରେ ପ୍ରବେଶ କରି ଏ କ୍ଷେତ୍ରରେ ଜ୍ଞାନ ଅର୍ଜନ କରି ତାଙ୍କୁ ଯୁକ୍ତିରେ ପରାସ୍ତ କରିଥିଲେ । ସେ ଭାରତ ବିଖ୍ୟାତ ପଣ୍ଡିତ ଭଟ୍ଟଭାସ୍କର, ନୀଳକଣ୍ଠ, ଅଭିନବ ଗୁପ୍ତଙ୍କୁ ମଧ୍ୟ ପରାସ୍ତ କରିଥିଲେ । ପରିଶେଷରେ ସର୍ବଜ୍ଞ ପୀଠ ଆରୋହଣ କରି ଭାରତ ବର୍ଷର ଶ୍ରେଷ୍ଠ ପଣ୍ଡିତର ଖ୍ୟାତି ଲାଭକଲେ । ତାଙ୍କର ପ୍ରଧାନ ଶିଷ୍ୟ ପଦ୍ମପାଦ ଉଗ୍ରଭୈରବ ଓ ଅନ୍ୟାନ୍ୟ ତାନ୍ତ୍ରିକଙ୍କର ଆକ୍ରମଣରୁ ତାଙ୍କୁ ରକ୍ଷା କରିଥିଲେ ।

ପୁନଶ୍ଚ ଶଙ୍କର ଥିଲେ ମାତୃଭକ୍ତ । ତାଙ୍କ ମାଆ ଜୀବନର ଅନ୍ତିମ କାଳରେ ତାଙ୍କୁ ଯେବେ ମନେପକାଇଥିଲେ ସେ ଆସି ତାଙ୍କ ପାଖରେ ଉପସ୍ଥିତ ହେଲେ । ଲକ୍ଷ୍ମୀପତି ବିଷ୍ଣୁଙ୍କର ସ୍ତବଗାନ କରି ମାଆଙ୍କର ପ୍ରାଣରେ ଶାନ୍ତି ଓ ଆନନ୍ଦ ଭରିଦେଲେ । ପୁତ୍ର ମୁଖଦେଖି ମା ଏ ମରସଂସାରରୁ ମୁକ୍ତିପାଇ ସଦ୍‌ଗତିପ୍ରାପ୍ତ ହେଲେ । ଶଙ୍କର କାଳ କାଳକୁ ମାଆର ତ୍ୟାଗ ଓ ମମତାର ମହିମା ଗାନକରି ଲେଖିଦେଲେ,

"କୁପୁତ୍ର ଜାୟେତ
କ୍ୱଚିଦପି କୁମାତା ନ ଭବତି ।"

ଶଙ୍କରାଚାର୍ଯ୍ୟ କାଶ୍ମୀରର ସର୍ବଜ୍ଞପୀଠ ଆରୋହଣ କରିବାପରେ ଅନୁଭବ କରିଥିଲେ ଯେ ଯେଉଁ ମହାନ୍ ଲକ୍ଷ ନେଇ ଯେ ଧରାଧାମକୁ ଆସିଥିଲେ ତାହା ପୂର୍ଣ୍ଣହୋଇଛି । ସନାତନ ଧର୍ମକୁ ଘୋର ଦୁର୍ଗତି ମଧ୍ୟରୁ ରକ୍ଷାକରି ତାହାର ଭିତ୍ତିଭୂମିକୁ ଅଧିକ ଦୃଢ଼ୀଭୂତ କରିଥିଲେ ।

ମର ସଂସାରରୁ ବିଦାୟ ନେବାର ସମୟ ଉପସ୍ଥିତ । ଜୀବନ ଅବଧି ମାତ୍ର ୩୨ ବର୍ଷ । ତାଙ୍କର ଉପଦେଶ ଶ୍ରବଣ କରି ଶିଷ୍ୟମଣ୍ଡଳୀ ଅନୁଭବ କରିପାରିଲେ ଯେ ତାଙ୍କର ମହାନ ଗୁରୁଙ୍କର ଲୀଳାବସାନର ବେଳା ଉପସ୍ଥିତ ହେଲାଣି । ସେମାନେ ଦୁଃଖରେ ଭାଙ୍ଗି

ପଡ଼ିଲେ । କିନ୍ତୁ ସଂସାରର ମୋହମାୟାର ପ୍ରଭାବରୁ ମୁକ୍ତ ରହିବାପାଇଁ ସେ ଶିଷ୍ୟମଣ୍ଡଳୀକୁ ଉପଦେଶ ଦେଲେ ।

ଶଙ୍କର ଶିଷ୍ୟ ମଣ୍ଡଳୀ ସହିତ କାଶ୍ମୀରରୁ ବଦ୍ରିନାଥକୁ ଆସିଲେ । ସେଠାରେ ଶିଷ୍ୟମାନଙ୍କୁ ନିଜର ମୂଲ୍ୟବାନ ଉପଦେଶ ଦେଇ ଏବଂ ଯୋଗଦର୍ଶନ ଶିକ୍ଷାଦେଇ ସେମାନଙ୍କ ସହିତ କେଦାରନାଥକୁ ଯାତ୍ରାକଲେ । ସେଠାରେ ଦେହାବସାନ ଘଟାଇବା ତାଙ୍କର ଉଦ୍ଦେଶ୍ୟ ଥିଲା । କିନ୍ତୁ ଏଠାକାର ପ୍ରବଳ ଥଣ୍ଡା ତାଙ୍କର ଶିଷ୍ୟମାନେ ସହି ପରିଲେନାହିଁ । ଶିଷ୍ୟମାନଙ୍କର କଷ୍ଟଦେଖି ତାଙ୍କର ଦୟାଦ୍ର ହୃଦୟ ବିଗଳିତ ହୋଇପଡ଼ିଲା । ସେ ଭକ୍ତିତଦ୍‌ଗତ ଚିତ୍ତରେ କେଦାରେଶ୍ୱରଙ୍କୁ ପ୍ରାର୍ଥନା କଲେ । ପ୍ରଭୁଙ୍କ ଚରଣାରବିନ୍ଦରୁ ଉଷ୍ଣଜଳସ୍ରୋତ ବହିଆସିଲା । ତାଙ୍କର ଶିଷ୍ୟଗଣ ଆଶ୍ୱସ୍ତି ଲାଭ କଲେ ।

ଏହି ପାବନ ଭୂମିରେ ମର୍ତ୍ତ୍ୟଲୀଳା ଶେଷକରିବାକୁ ଇଚ୍ଛାକରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଯୋଗାରୂଢ଼ ଅବସ୍ଥାରେ ରହି ଧୀରେ ଧୀରେ ନିଜକୁ ସେହି ବ୍ରହ୍ମଙ୍କଠାରେ ଏକୀଭୂତ କରିଥିଲେ । ଶିଷ୍ୟଗଣ ସ୍ତବ୍‌ଧ ଚକିତ ହୋଇ ଏହି ଦୃଶ୍ୟ ଦେଖୁଥିଲେ । ସେମାନଙ୍କ ନୟନରୁ ଅବିରଳ ଅଶ୍ରୁଧାରା ବହିଯାଉଥିଲା । ତେବେ ଗୁରୁଙ୍କ ଉପଦେଶକୁ ମନେପକାଇ ପ୍ରକୃତିସ୍ଥ ହେଲେ ଏବଂ ସନାତନ ଧର୍ମର ସେହି ମହାନ ବର୍ତ୍ତା ଏବଂ ଅଦ୍ୱୈତ ଦର୍ଶନର ସେହି ଗୂଢ଼ତତ୍ତ୍ୱକୁ ଦେଶର କୋଣେ ଅନୁକୋଣେ ପ୍ରଚାରିତ କରିବାରେ ସଂକଳ୍ପ ନେଇଥିଲେ । କେଦାରନାଥଠାରେ ଯେଉଁ ସମାଧି ମନ୍ଦିର ଗଢ଼ି ଉଠିଥିଲା ତାହା ଏବେମଧ୍ୟ ତାଙ୍କର ପବିତ୍ର ସ୍ମୃତିକୁ ଜାଗରୂକ କରୁଛି ।

ଶଙ୍କରଙ୍କ ଲୀଳାବସାନ ବିଷୟରେ ଅନ୍ୟମତ ବି ରହିଛି । କେତେକଙ୍କ ମତରେ କାଞ୍ଚିଠାରେ ତାଙ୍କର ଦେହାବସାନ ହୋଇଥିଲା । ଅନ୍ୟ ଏକ ମତ ଅନୁଯାୟୀ ଏହା କେରଳର ତ୍ରିଚୁରଠାରେ ଘଟିଥିଲା ।

ଶଙ୍କରଙ୍କର ଅଲୌକିକ ଶକ୍ତି , ବିଲକ୍ଷଣ କବିପ୍ରତିଭା, ଆଧ୍ୟାତ୍ମିକଜ୍ଞାନ ଓ ଅସାଧାରଣ ସାଙ୍ଗଠନିକ ଶକ୍ତିକୁ ବିଚାରକୁ ନେଇ ଏହି ଭାବ ମନରେ ଆସେ ଯେ ସେ ଥିଲେ ଏକ ଅବତାର ପୁରୁଷ । ଆମ ପରମ୍ପରାରେ ତାଙ୍କୁ ଶିବଙ୍କ ଅବତାର ଭାବରେ ଗ୍ରହଣ କରିଯାଇଅଛି । ଭଗବଦ୍‌ଗୀତାରେ ଯଥାର୍ଥରେ କୁହାଯାଇଛି ଯେ –

"ଯଦାଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।

ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।"

ଭଗବାନଙ୍କ ଏହି ବାଣୀ ଶଙ୍କରାଚାର୍ଯ୍ୟଙ୍କର ଆବିର୍ଭାବ ଓ ଧର୍ମ ସଂସ୍ଥାପନା ଭଳି ମହାନ୍ କାର୍ଯ୍ୟ ସମ୍ପାଦନରେ ସତ୍ୟ ପ୍ରମାଣିତ ହୋଇଛି । ଯେତେବେଳେ ଆଧ୍ୟାତ୍ମିକ

ଜଗତକୁ ବିଭ୍ରାନ୍ତିକର ମତବାଦର ଘନ କୁହେଳିକା ଆଚ୍ଛନ୍ନ କରିଥିଲା ଠିକ୍ ସେହି ସମୟରେ ଶଙ୍କରଙ୍କର ଆବିର୍ଭାବ ଅମୃତ ଆଲୋକ ବିଚ୍ଛୁରିତ କରି ତାହାକୁ ଦୂରକରିବାରେ ସଫଳ ହେଲା । ଶଙ୍କର ଥିଲେ ଜଣେ ମହାନ୍ ଦାର୍ଶନିକ ଏବଂ ବିଲକ୍ଷଣ କବି ପ୍ରତିଭାର ଅଧିକାରୀ । ମାତ୍ର ଯାହା ତାଙ୍କୁ ଚିର ଅମର କରି ରଖିଛି ତାହା ହେଉଛି ଯେ ସନାତନ ଧର୍ମକୁ ଘୋର ବିପର୍ଯ୍ୟୟ ମଧ୍ୟରୁ ରକ୍ଷା କରିଲେ । ନିର୍ଗୁଣ ବ୍ରହ୍ମଙ୍କର ଉପାସକ ଥିଲେ ମଧ୍ୟ ସଗୁଣ ପରମେଶ୍ୱରଙ୍କୁ ଆରାଧନା କରି ଓ ଜନସାଧାରଣକୁ ସେ କ୍ଷେତ୍ରରେ ଉଦ୍‌ବୁଦ୍ଧକରି ଆମର ଅଶେଷ କଲ୍ୟାଣ ସାଧନ କରିଛନ୍ତି । ଜ୍ଞାନ, ଭକ୍ତି ଓ କର୍ମର ତ୍ରିବେଣୀ ସଙ୍ଗମ ତାଙ୍କ ଜୀବନଦର୍ଶନରେ ଦେଖିବାକୁ ମିଳେ । ବିଭିନ୍ନ ଦେବ ଦେବୀଙ୍କର ଉପାସନା କରି ଓ କରାଇ ସେ ଭାରତ ବର୍ଷରେ ଭକ୍ତିର ସ୍ରୋତ ପ୍ରବାହିତ କରାଇଛନ୍ତି । ସେ ଚିର ନମସ୍ୟ ।

ଆମ ପରମ୍ପରାରେ ବିଚାର କରାଯାଏ ଯେ ଶଙ୍କର ଥିଲେ ଶିବଙ୍କ ଅବତାର । ଯେତେବେଳେ ବ୍ରହ୍ମସୂତ୍ରର ଗୋଟିଏ ସୂତ୍ରର ବ୍ୟାଖ୍ୟାକୁ ନେଇ ଶଙ୍କର ଓ ବ୍ୟାସଙ୍କ ମଧ୍ୟରେ ତର୍କ ଦୀର୍ଘଦିନଧରି ଚାଲିଥିଲା ଏବଂ କେହି କାହାକୁ ପରାସ୍ତ କରି ପାରିନଥିଲେ ସେତିକି ବେଳେ ଶଙ୍କରଙ୍କ ପ୍ରିୟ ଶିଷ୍ୟ ପଦ୍ମପାଦ କହିଥିଲେ :-

"ଶଙ୍କରଃ ଶଙ୍କରଃ ସାକ୍ଷାତ୍
ବ୍ୟାସୋ ନାରାୟଣ ସ୍ୱୟମ୍
ତୟୋର୍ବିବାଦ ସଂଜାତେ
କିଙ୍କରଃ କିଂ କରୋମ୍ୟହମ୍"

"ତାଙ୍କ ଭାଷାରେ ଶଙ୍କର ଶଙ୍କରଙ୍କ ଅବତାର ଓ ବ୍ୟାସ ନାରାୟଣଙ୍କ ଅବତାର । ଉଭୟଙ୍କ ଏ ବିବାଦରେ ମୁଁ ଦାସାନୁଦାସ କଅଣ ଅବା କରିପାରେ ।"

ଶଙ୍କର ଥିଲେ ଅଦ୍ଭୁତ କର୍ମୀ । ପାରମାର୍ଥିକ ଦୃଷ୍ଟିରୁ ସିନା ବ୍ରହ୍ମ ହିଁ ଏକମାତ୍ର ସତ୍ୟ କିନ୍ତୁ ବ୍ୟାବହାରିକ ଦୃଷ୍ଟିରୁ ଜଗତ ଓ ତାର ସମସ୍ତ ଘଟନାବଳୀକୁ ଶଙ୍କର ଗ୍ରହଣ କରିଥିଲେ । ତାଙ୍କର ସାଙ୍ଗଠନିକ ଶକ୍ତି ଦେଖିଲେ ଜଣାଯାଏ ଯେ ସେ କେବଳ ଜ୍ଞାନୀ ନଥିଲେ ସେ ଥିଲେ ଯଥାର୍ଥରେ କର୍ମଯୋଗୀ । ସ୍ୱଳ୍ପ ଜୀବନକାଳ ମଧ୍ୟରେ ସେ ଅସମ୍ଭବକୁ ସମ୍ଭବ କରିପାରିଥିଲେ । ସେ ଚିର ନମସ୍ୟ ।

# ଶ୍ରୀ ରାମାନୁଜାଚାର୍ଯ୍ୟ

ରାମାନୁଜାଚାର୍ଯ୍ୟ ଥିଲେ ପରମ ବୈଷ୍ଣବ। ଗୁରୁ ପରମ୍ପରା ଅନୁଯାୟୀ ଶ୍ରୀ ସମ୍ପ୍ରଦାୟ ବୈଷ୍ଣବମାନଙ୍କର ପ୍ରସିଦ୍ଧ ଗୁରୁଥିଲେ ଯମୁନାଚାର୍ଯ୍ୟ ଓ ତତ୍ ପୂର୍ବରୁ ନାଥମୁନି। ତେବେ ଏମାନଙ୍କ ପାଇଁ ପ୍ରେରଣାର ଉତ୍ସଥିଲେ 'ଅଲ୍‌ବର' ସନ୍ଥମାନେ। 'ଅଲ୍‌ବର' ଶବ୍ଦର ଅର୍ଥ ହେଉଛି ବୁଡ଼ିବା। ଏମାନେ ଭଗବତ୍ ପ୍ରେମ ସାଗରରେ ବୁଡ଼ିଥାଅନ୍ତି। ଏମାନଙ୍କ ରଚନା ଗୁଡ଼ିକୁ କୁହାଯାଏ 'ତାମିଲ ପ୍ରବନ୍ଧମ୍'। ଶ୍ରୀସମ୍ପ୍ରଦାୟର ବୈଷ୍ଣବମାନେ ବେଦଭଳି ଏହାକୁ ପାଠ କରନ୍ତି।

ରାମାନୁଜାଚାର୍ଯ୍ୟ ଶ୍ରୀକ୍ଷେତ୍ରକୁ ଆସିଥିଲେ। କେତେକ ଗବେଷକଙ୍କ ମତରେ ସେ ସମୟର ଶାସକ ଚୋଳଗଙ୍ଗଦେବ ତାଙ୍କ ପ୍ରଭାବରୁ ବୈଷ୍ଣବ ଭାବଧାରା ପ୍ରତି ଆକୃଷ୍ଟ ହୋଇ ବିଶାଳ ଜଗନ୍ନାଥ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମନ୍ଦିର ସମ୍ମୁଖସ୍ଥ ଏମାର ମଠ ରାମାନୁଜଙ୍କ ନିର୍ଦ୍ଦେଶରେ ନିର୍ମିତ ହୋଇଥିଲା। ତାଙ୍କର ମାଉସୀ ପୁଅ ଭାଇଙ୍କ ନାମଥିଲା ଗୋବିନ୍ଦ। ସେ ରାମାନୁଜଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ରାମାନୁଜଙ୍କ ଗୁରୁ ରାମାନୁଜଙ୍କୁ 'ଏମ୍ବର' ଅର୍ଥାତ 'ହେ ମୋର ଭଗବାନ' ବା ମନ୍ନାଥ ବୋଲି ଡାକୁଥିଲେ। ରାମାନୁଜ ଏହି ନାମ ଗୋବିନ୍ଦଙ୍କୁ ଦେଇଥିଲେ। ଏହି ନାମରେ ମଠର ନାମ 'ଏମ୍ବର' ହେଲା। ଅପଭ୍ରଂଶ ହୋଇ ଏମାର ମଠ ବୋଲି ଏହାକୁ ଡକାଯାଉଛି। ବୈଷ୍ଣବମାନଙ୍କର ଉର୍ଦ୍ଧ୍ୱପୁଣ୍ଡ୍ର ଚିତାକୁ ଲକ୍ଷ୍ୟକରି ଶ୍ରୀମନ୍ଦିର ନୀଳଚକ୍ର ତଳେ ଦଧିନଉତି ଉପରେ ଉର୍ଦ୍ଧପୁଣ୍ଡ୍ର ତିଳକ ଚିତା ସ୍ଥାପିତ ହୋଇଛି। ଯେହେତୁ ରାମାନୁଜ ଶ୍ରୀସମ୍ପ୍ରଦାୟର ବୈଷ୍ଣବ ଥିଲେ ଏଣୁ ମନ୍ଦିରରେ ଶ୍ରୀ ଅର୍ଥାତ୍ ମହାଲକ୍ଷ୍ମୀଙ୍କର ପ୍ରାଧାନ୍ୟ ବଢ଼ିଗଲା। ଲକ୍ଷ୍ମୀ ମନ୍ଦିର ଶ୍ରୀମନ୍ଦିର ଢାଞ୍ଚାରେ ନିର୍ମାଣ କରାଗଲା। ମନ୍ଦିରର ନାମହେଲା ଶ୍ରୀମନ୍ଦିର, କ୍ଷେତ୍ରର ନାମ ଶ୍ରୀକ୍ଷେତ୍ର, ମହାପ୍ରସାଦକୁ କୁହାଗଲା ଶ୍ରୀ ମହାପ୍ରସାଦ ପ୍ରଭୃତି, ଆନନ୍ଦ ବଜାର ପ୍ରତିଷ୍ଠା ହୋଇ ଅନ୍ନଭୋଗର ପ୍ରଚଳନ ବ୍ୟାପକ ହେଲା। ତେବେ ପୂଜାପଦ୍ଧତିରେ ପରିବର୍ତ୍ତନ ଆଣି ପଞ୍ଚରାତ୍ର ଆଗମ ଅନୁଯାୟୀ ପୂଜାବିଧି ପ୍ରଚଳନ କରିବାର ପ୍ରଚେଷ୍ଟା ସମ୍ଭବ ହେଲାନାହିଁ। ସେବକମାନେ ଘୋର ବିରୋଧ କଲେ। ଏ ସମ୍ପର୍କରେ ଅଲୌକିକ କାହାଣୀ ରହିଅଛି। ସେବକମାନେ ଭୟକଲେ ଯେ ରାମାନୁଜ ଯେଉଁ ପରିବର୍ତ୍ତନ ଚାହୁଁଛନ୍ତି ତାହା ଫଳରେ ସେମାନଙ୍କ ଗୁରୁତ୍ୱ ହ୍ରାସ ପାଇଯିବ। ସେମାନଙ୍କ ଦାନାପାଣି ବନ୍ଦ ହୋଇଯିବ। କାତର କଣ୍ଠରେ ପ୍ରଭୁ ଜଗନ୍ନାଥଙ୍କୁ

ଗୁହାରୀ କଲେ। ରାମାନୁଜ ଦକ୍ଷିଣ ଭାରତର। ଚୋଳଗଙ୍ଗଦେବଙ୍କର ଦକ୍ଷିଣ ଭାରତ ସହ ବିଶେଷ ସମ୍ପର୍କ ରହିଥିଲା। ଏଣୁ ସେବକମାନେ ଆଶଙ୍କା କଲେ ରାଜା ରାମାନୁଜଙ୍କ ଦ୍ୱାରା ପ୍ରଭାବିତ ହୋଇ ମନ୍ଦିର ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ଆଣିବେ। ଏମାନଙ୍କ କାତର ପ୍ରାର୍ଥନା ପ୍ରଭୁ ଶୁଣିଲେ। ଏଭଳି ଘଟିଲା ଯେ ରାମାନୁଜ ପ୍ରଭାତରୁ ନିଦ୍ରାରୁ ଉଠି ଦେଖିଲେ ଯେ ସେ ଶ୍ରୀକ୍ଷେତ୍ରଠାରୁ ବହୁ ଦୂରରେ ରହିଛନ୍ତି। ତାହାଥିଲା କୁର୍ମକ୍ଷେତ୍ର। ସେ ଆଉ ପୁରୀ ଆସିନଥିଲେ।

ରାମାନୁଜାଚାର୍ଯ୍ୟଙ୍କର ଆଗମନର ବହୁ ପୂର୍ବରୁ ଶଙ୍କରାଚାର୍ଯ୍ୟ ନିଜର ମତ ପ୍ରଚାର କରିଥିଲେ। ମାତ୍ର ରାମାନୁଜାଚାର୍ଯ୍ୟ ଶଙ୍କରଙ୍କ ମତର ବିରୋଧ କରିଥିଲେ। ଶଙ୍କର ଅଦ୍ୱୈତ ମତର ପ୍ରବକ୍ତା ଥିଲେ। ରାମାନୁଜାଚାର୍ଯ୍ୟ ବିଶିଷ୍ଟାଦ୍ୱୈତ ମତର ପ୍ରବକ୍ତାଥିଲେ। ଶଙ୍କରଙ୍କ ଦୃଷ୍ଟିରେ ବ୍ରହ୍ମ ନିର୍ଗୁଣ। ଈଶ୍ୱର ନିରାକାର ବ୍ରହ୍ମଙ୍କର ସାକାର ପ୍ରକାଶ। ରାମାନୁଜ ଶଙ୍କରଙ୍କ ମାୟାବାଦର ବିରୋଧ କରିଥିଲେ। ତାଙ୍କ ମତରେ ଜୀବ ଓ ଜଗତ୍ ସତ୍ୟ କିନ୍ତୁ ଈଶ୍ୱରଙ୍କ ଅଧୀନ, ସ୍ୱତନ୍ତ୍ର ନୁହନ୍ତି। ଶଙ୍କର ଜ୍ଞାନ ଉପରେ ଗୁରୁତ୍ୱ ଦେଇଛନ୍ତି, ମାତ୍ର ରାମାନୁଜଙ୍କ ମତରେ ଧ୍ୟାନ ଉପାସନା ଓ ଭକ୍ତି ଈଶ୍ୱର ପ୍ରାପ୍ତିର ମାଧ୍ୟମ। ଈଶ୍ୱରଙ୍କ କରୁଣା ନହେଲେ ମୋକ୍ଷ ସମ୍ଭବ ନୁହେଁ।

ରାମାନୁଜାଚାର୍ଯ୍ୟଙ୍କର ବାଲ୍ୟନାମ ଥିଲା ଲକ୍ଷ୍ମଣ। ଆଧୁନିକ ଚେନାଇର ଦକ୍ଷିଣ ପଶ୍ଚିମ ଦିଗରେ ପ୍ରାୟ ୩୦ ମାଇଲ ଦୂରରେ ଥିବା ପେରୁମ୍ବୁଦୁର ନାମକ ଏକ ଗ୍ରାମରେ ୧୦୧୭ ମସିହା ଚୈତ୍ର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ତାଙ୍କର ଜନ୍ମ ହୋଇଥିଲା। ପିତାଙ୍କ ନାମ କେଶବାଚାର୍ଯ୍ୟ ଏବଂ ମାତାଙ୍କ ନାମ କାନ୍ତିମତି। ଏହି ଧାର୍ମିକ ଦମ୍ପତି ବହୁଦିନ ପର୍ଯ୍ୟନ୍ତ ନିସନ୍ତାନ ଥିଲେ। ପୁତ୍ର କାମନା କରି ବୃନ୍ଦାରଣ୍ୟ ନାମକ ଏକ ସ୍ଥାନ, ଯାହାକି ଏକ ସୁନ୍ଦର ହ୍ରଦ ନିକଟରେ ଥିଲା, ସେଠାରେ  ଯଜ୍ଞ କରି ଫଳପ୍ରାପ୍ତ ହୋଇଥିଲେ। ପ୍ରାୟ ଏକବର୍ଷପରେ ରାମାନୁଜ ଜନ୍ମ ଗ୍ରହଣ କଲେ। ବାଲ୍ୟକାଳରୁ ତାଙ୍କର ଅସାଧାରଣ ପ୍ରତିଭାର ପରିଚୟ ମିଳିଥିଲା। ସେ ସାଧୁସନ୍ଥ ମାନଙ୍କୁ ବହୁତ ଭଲ ପାଉଥିଲେ। ଥରେ କାଞ୍ଚିପୂର୍ଣ୍ଣ ନାମକ ଜଣେ ଭକ୍ତ ତାଙ୍କ ଗ୍ରାମଦେଇ ଯିବା ବେଳେ ରାମାନୁଜ ଭକ୍ତିର ସହିତ ତାଙ୍କୁ ଗୃହକୁ ଆଣି ତାଙ୍କର ସତ୍କାର କଲେ। ସେ ବିଶ୍ରାମ ନେଉଥିବା ବେଳେ ରାମାନୁଜ ତାଙ୍କର ପଦସେବା କରିବାକୁ ଆଗ୍ରହ ପ୍ରକାଶ କଲେ। ମାତ୍ର ସେ ସମୟରେ ପ୍ରଚଳିତ ପ୍ରଥାଦୃଷ୍ଟିରୁ ରାମାନୁଜ ଉଚ୍ଚ ଜାତିର ହୋଇଥିବାରୁ କାଞ୍ଚିପୂର୍ଣ୍ଣ ତାଙ୍କୁ ସେଥିରୁ ନିବୃତ୍ତ କରାଇଲେ। ରାମାନୁଜ ସମସ୍ତ ପ୍ରକାର ସଂକୀର୍ଣ୍ଣତାର ଊର୍ଦ୍ଧ୍ୱରେ ଥିଲେ। ଭକ୍ତମାନଙ୍କୁ ସେ ଦେବତା ଜ୍ଞାନରେ ଦେଖୁଥିଲେ।

ରାମାନୁଜଙ୍କୁ ଯେତେବେଳେ ଷୋହଳ ବର୍ଷ ବୟସ ହୋଇଥିଲା ସେହି ସମୟରେ ଜାମମ୍ବା ନାମଧେୟା ଜଣେ ଅତ୍ୟନ୍ତ ସୁନ୍ଦରୀ କନ୍ୟାଙ୍କ ସହ ତାଙ୍କର ବିବାହ ହୋଇଥିଲା। ମାତ୍ର ଏହାର ପ୍ରାୟ ଏକମାସ ପରେ ତାଙ୍କର ପିତାଙ୍କର ମୃତ୍ୟୁ ଯୋଗୁଁ ପରିବାର ଦୁଃଖରେ ଭାଙ୍ଗି ପଡ଼ିଲା। ଏଣୁ ଏ ଦୁଃଖକୁ ଭୁଲିବା ପାଇଁ ସେମାନେ ପେରୁମ୍ବୁଦୁର ତ୍ୟାଗକରି କାଞ୍ଚିପୁରମ୍‌ରେ ଗୋଟିଏ ଗୃହ ନିର୍ମାଣ କରି ସେଠାରେ ବାସ କଲେ। ସେ ସମୟରେ କାଞ୍ଚିପୁରମ୍‌ରେ ଯାଦବ ପ୍ରକାଶ ଥିଲେ ଜଣେ ବିଖ୍ୟାତ ପଣ୍ଡିତ। ସେ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦର ସମର୍ଥକ ଥିଲେ। ରାମାନୁଜ ତାଙ୍କ ପାଖରେ ଅଧ୍ୟୟନ କଲେ। ମାତ୍ର ରାମାନୁଜ ଗୁରୁଙ୍କ ମତବାଦ ତଥା ଶାସ୍ତ୍ରବ୍ୟାଖ୍ୟାନକୁ ଗ୍ରହଣ କରିପାରିଲେ ନାହିଁ। ଗୁରୁ ବିରକ୍ତ ହୋଇ ପାଠଶାଳାରୁ ତାଙ୍କୁ ବହିଷ୍କାର କରିଦେଲେ। ଫଳରେ ରାମାନୁଜ ନିଜର ଗୃହରେ ରହି ଅଧ୍ୟୟନ କଲେ। ନିଜର ଅସାଧାରଣ ପ୍ରତିଭା ତଥା ଶାସ୍ତ୍ର ବ୍ୟାଖ୍ୟାନର ଚମତ୍କାରିତା ଯୋଗୁଁ ତାଙ୍କର ଖ୍ୟାତି ପ୍ରସାରିତ ହେଲା। କାଞ୍ଚିପୁରମର ପ୍ରସିଦ୍ଧ ଦେବତା ବରଦରାଜଙ୍କୁ ସେ ପ୍ରତ୍ୟହ ଦର୍ଶନ କରୁଥିଲେ। ଥରେ ବୈଷ୍ଣବ ମତର ପ୍ରଧାନଗୁରୁ ଯମୁନାଚାର୍ଯ୍ୟ ବରଦରାଜଙ୍କୁ ଦର୍ଶନ କରିବାକୁ କାଞ୍ଚିପୁରମ୍ ଆସିଥିଲେ। ସେହି ଅବସରରେ ରାମାନୁଜଙ୍କୁ ଦେଖି ତାଙ୍କ ପ୍ରତି ବିଶେଷ ଆକୃଷ୍ଟ ହୋଇଥିଲେ। ସେ ଭାବିଥିଲେ ଯେ ତାଙ୍କପରେ ଶ୍ରୀସମ୍ପ୍ରଦାୟର ଗୁରୁ ହେବାପାଇଁ ସେହିଁ ଯୋଗ୍ୟବ୍ୟକ୍ତି। ରାମାନୁଜ ତାଙ୍କର ଶିଷ୍ୟ ହେବା ସେ ଚାହିଁଥିଲେ।

ସମୟ ଅତିକ୍ରାନ୍ତ ହେଲା। ବୟସାଧିକ୍ୟ ଯୋଗୁଁ ଯମୁନାଚାର୍ଯ୍ୟ ଅସୁସ୍ଥ ହୋଇପଡ଼ିଲେ। ସେ ତାଙ୍କର ଶିଷ୍ୟ ମହାପୂର୍ଣ୍ଣଙ୍କୁ ରାମାନୁଜଙ୍କୁ ଆଣିବା ପାଇଁ କାଞ୍ଚିପୁରମ୍ ପଠାଇଲେ। ଯମୁନାଚାର୍ଯ୍ୟଙ୍କର ଅସୁସ୍ଥ ବାର୍ତ୍ତାପାଇ ରାମାନୁଜ ତାଙ୍କ ସହିତ ଆସିଥିଲେ। ମାତ୍ର ତତ୍ ପୂର୍ବରୁ ଯମୁନାଚାର୍ଯ୍ୟଙ୍କର ମହାପ୍ରୟାଣ ହୋଇ ଯାଇଥିଲା। ସେ କାବେରୀ ନଦୀ ତୀରରେ ପହଞ୍ଚି ଏହା ଜାଣିଲେ ଏବଂ ଦୁଃଖରେ ଭାଙ୍ଗି ପଡ଼ିଲେ। ତାଙ୍କ ନିକଟକୁ ଯାଇ ଦେଖିଲେ ଯେ ତାଙ୍କର ତିନିଗୋଟି ଅଙ୍ଗୁଳି ମୁଷ୍ଟିବଦ୍ଧ ହୋଇ ରହିଥିଲା। ସେ ଭାବିଲେ ଯେ ଯାମୁନାଚାର୍ଯ୍ୟଙ୍କର ତିନିଗୋଟି ଇଚ୍ଛା ଅପୂର୍ଣ୍ଣ ହୋଇଗଲା। ଏବଂ ଏ ଇଚ୍ଛା ତାଙ୍କୁ ପୂର୍ଣ୍ଣ କରିବାକୁ ପଡ଼ିବ। ଏହାକୁ ଲକ୍ଷ୍ୟକରି ସେ ଘୋଷଣା କଲେ 'ହେ ମହାତ୍ମା! ମୁଁ ବୈଷ୍ଣବ ମତରେ ଦୃଢ଼ରହି ଅଜ୍ଞାନଦ୍ୱାରା ମୋହିତ ବ୍ୟକ୍ତିଙ୍କୁ ଉଦ୍ଧାର କରିବି। ତାଙ୍କୁ ପଞ୍ଚ ସଂସ୍କାରଯୁକ୍ତ କରି ତାମିଲ ବେଦରେ ନିପୁଣ କରିବି ଯେପରି ସେମାନେ ନାରାୟଣଙ୍କ ପାଦପଦ୍ମରେ ଅଶ୍ରୟ ନେବେ।' ଏହା କହିବା ମାତ୍ରକେ ଯମୁନାଚାର୍ଯ୍ୟଙ୍କର ପ୍ରଥମ ଅଙ୍ଗୁଳିଟି ଖୋଲିଗଲା। ତତ୍ପରେ ସେ ପୁନର୍ବାର ଘୋଷଣା କଲେ ଯେ ମାନବ ଜାତିର ମଙ୍ଗଳ ପାଇଁ ତତ୍ତ୍ୱଜ୍ଞାନ ପ୍ରତିପାଦକ ଶ୍ରୀଭାଷ୍ୟ ସେ ପ୍ରଣୟନ କରିବେ। ଏହା କହିବା ମାତ୍ରକେ ଦ୍ୱିତୀୟ ଅଙ୍ଗୁଳିଟି

ଖୋଲିଗଲା। ଏହାପରେ ସେ ପୁନର୍ବାର ଘୋଷଣାକଲେ ଯେ ଯେଉଁ ପରାଶର ମୁନି ଦୟାପରବଶ ହୋଇ ତତ୍ତ୍ୱସମ୍ୱଳିତ ବିଷ୍ଣୁପୁରାଣ ରଚନା କରିଛନ୍ତି ତାହାଙ୍କ ଋଣ ସୁଝିବା ପାଇଁ ଜଣେ ବିଦ୍ୱାନ ବୈଷ୍ଣବଙ୍କୁ ସେହି ନାମରେ ନାମିତ କରିବେ। ଏହା କହିବା ମାତ୍ରକେ ଯମୁନାଚାର୍ଯ୍ୟଙ୍କ ତୃତୀୟ ଅଙ୍ଗୁଳିଟି ଖୋଲିଗଲା। ସମସ୍ତେ ରାମାନୁଜଙ୍କର ଜୟଜୟକାର କଲେ। ଏହାପରେ ରାମାନୁଜ କାଞ୍ଚିପୁରମ୍‌କୁ ଫେରିଗଲେ।

ଯମୁନାଚାର୍ଯ୍ୟଙ୍କର ମହାପ୍ରୟାଣପରେ ତାଙ୍କର ଶିଷ୍ୟମାନେ ଅନୁଭବକଲେ ଯେ ଶ୍ରୀରଙ୍ଗମକୁ ରାମାନୁଜଙ୍କୁ ଆଣିବାକୁ ପଡ଼ିବ। କାରଣ ଯମୁନାଚାର୍ଯ୍ୟଙ୍କର ସ୍ଥାନ ସେହିଁ ପୂରଣ କରିପାରିବେ। ବହୁ ବିଚାର ଆଲୋଚନା ପରେ ମହାପୂର୍ଣ୍ଣଙ୍କୁ ଏଥିପାଇଁ ପଠାଗଲା। ସେ ସସ୍ତ୍ରୀକ କାଞ୍ଚିପୁରମ ଅଭିମୁଖେ ଯାତ୍ରାକଲେ। ମାତ୍ର କାଞ୍ଚିପୁରମ୍‌ରେ ପହଞ୍ଚିବା ପୂର୍ବରୁ ରାମାନୁଜଙ୍କ ସହିତ ପଥ ମଧ୍ୟରେ ଦେଖାହେଲା। ରାମାନୁଜ ତାଙ୍କଠାରୁ ଦୀକ୍ଷା ନେବାକୁ ବାଧ୍ୟ କରିବାରୁ ମଦୁରାକଣ୍ଟକର ବିଷ୍ଣୁମନ୍ଦିର ସମ୍ମୁଖରେ ମହାପୂର୍ଣ୍ଣ ତାଙ୍କୁ ବିଷ୍ଣୁ ମନ୍ତ୍ରରେ ଦୀକ୍ଷିତ କଲେ। ହୋମାଗ୍ନି ଜାଳି ତାଙ୍କର ଦକ୍ଷିଣବାହୁ ମୂଳରେ ଚକ୍ର ଓ ବାମବାହୁ ମୂଳରେ ଶଙ୍ଖଚିହ୍ନ ସ୍ଥାପନକଲେ। ତାଙ୍କର ଦକ୍ଷିଣ କର୍ଣ୍ଣରେ ବିଷ୍ଣୁମନ୍ତ୍ର ଶୁଣାଇଲେ। ଏହିଦିନଠାରୁ ତାଙ୍କର ନାମ ଲକ୍ଷ୍ମଣ ପରିବର୍ତ୍ତେ ରାମାନୁଜ ହେଲା।। ଏହାପରେ ମହାପୂର୍ଣ୍ଣ ସ୍ତ୍ରୀଙ୍କ ସହ ରାମାନୁଜଙ୍କ ଗୃହରେ ରହି ତାଙ୍କୁ ତାମିଲ 'ପ୍ରବନ୍ଧମ୍' ବୁଝାଇଲେ। ଏଠାରେ ସେ କିଛିଦିନ ରହି ତାଙ୍କୁ ଏ ଗ୍ରନ୍ଥସବୁ ବୁଝାଉଥିଲେ। ରାମାନୁଜ ଗୁରୁ ଓ ଗୁରୁପତ୍ନୀଙ୍କୁ ଗଭୀର ଭକ୍ତି କରୁଥିଲେ। ମାତ୍ର ରାମାନୁଜଙ୍କ ପତ୍ନୀ ସ୍ୱାମୀଭକ୍ତ ହେଲେବି ଉଦ୍ଧତ ସ୍ୱଭାବର ଥିଲେ। ଗୁରୁପତ୍ନୀଙ୍କୁ ବହୁ ସମୟରେ କଟୁକଥା କହୁଥିଲେ। ଥରେ କୂଅରୁ ପାଣିକାଢ଼ିବା ସମୟରେ ଗୁରୁପତ୍ନୀଙ୍କ ମାଠିଆର କିଛି ପାଣି ତାଙ୍କ ମାଠିଆରେ ପଡ଼ିଯିବାରୁ ସେ ଗୁରୁପତ୍ନୀଙ୍କୁ ଗାଳିଦେଲେ। ଫଳରେ ଗୁରୁ ଓ ତାଙ୍କର ପତ୍ନୀ ବ୍ୟଥିତ ହୃଦୟରେ ସେଇଦିନ ହିଁ ରାମାନୁଜଙ୍କ ଗୃହଛାଡ଼ି ଚାଲିଗଲେ। ରାମାନୁଜ ଗୃହକୁ ଫେରି ଏହା ଜାଣିପାରି ଦୁଃଖରେ ଭାଙ୍ଗି ପଡ଼ିଲେ। ଅନ୍ୟମାନଙ୍କ ପ୍ରତି ତାଙ୍କର ସ୍ତ୍ରୀଙ୍କ ବ୍ୟବହାର ଅତ୍ୟନ୍ତ ରୁକ୍ଷଥିଲା। ବାରମ୍ବାର ଏହା ଘଟିବାରୁ ରାମାନୁଜଙ୍କ କୋମଳପ୍ରାଣ ଦୁଃଖରେ ଦ୍ରବୀଭୂତ ହୋଇଯାଇଥିଲା। ଫଳରେ ତାଙ୍କର ସଂସାରପ୍ରତି ବୈରାଗ୍ୟ ଘନୀଭୂତ ହେଲା ଏବଂ ଗାର୍ହସ୍ଥ୍ୟ ଜୀବନରୁ ବିଦାୟ ନେଇ ସନ୍ନ୍ୟାସୀ ହୋଇଗଲେ। କାଞ୍ଚିପୁରମ୍‌ର ମୁଖ୍ୟ ଦେବତା ବରଦରାଜଙ୍କୁ ସେ ଗଭୀର ଭକ୍ତି କରୁଥିଲେ। ପରିଶେଷରେ ତାଙ୍କଠାରୁ ବିଦାୟ ନେଇ ଶ୍ରୀରଙ୍ଗମଙ୍କୁ ଚାଲିଗଲେ। ସେଠାକାର ବୈଷ୍ଣବମାନେ ତାଙ୍କୁ ଆନନ୍ଦରେ ଗ୍ରହଣ କଲେ। ସେମାନେ ଜାଣିଥିଲେ ଯେ ଯମୁନାଚାର୍ଯ୍ୟଙ୍କ ସ୍ଥାନ ପୂରଣ କରିବାକୁ ସେହିଁ ସବୁଠାରୁ ଯୋଗ୍ୟବ୍ୟକ୍ତି।

ରଙ୍ଗନାଥଙ୍କ ପୀଠରେ ରହିବାପରେ ସେ ଗୁରୁପ୍ରତିଜ୍ଞା ପୂରଣପାଇଁ ଉଦ୍ୟମ କଲେ। ବ୍ରହ୍ମସୂତ୍ର ଉପରେ ଶ୍ରୀଭାଷ୍ୟ ରଚନା କରିବାକୁ ପଡ଼ିବ। ତାଙ୍କର ଧାରଣା ହେଲା ଯେ 'ବୋଧାୟନ ବୃତ୍ତି' ନ ପଢ଼ିଲେ ସେ ଶ୍ରୀଭାଷ୍ୟ ରଚନା କରିପାରିବେ ନାହିଁ। ଏ ପୁସ୍ତକ କେବଳ କାଶ୍ମୀରର ଶାରଦା ପୀଠରେ ରହିଥିଲା। ଏଣୁ ଏହାକୁ ସଂଗ୍ରହ କରିବା ପାଇଁ ଶିଷ୍ୟ କୁରେଶଙ୍କ ସହ ସେ କାଶ୍ମୀର ଅଭିମୁଖେ ଯାତ୍ରା କଲେ।

ଯାତ୍ରା ଦୀର୍ଘ ତିନିମାସ ସମୟ ନେଇଥିଲା। କିନ୍ତୁ ସେଠାକାର ପଣ୍ଡିତମାନେ ଏ ପୁସ୍ତକ ସେଠାରେ ନାହିଁ ବୋଲି କହିଥିଲେ। ରାମାନୁଜ ଘୋର ଦୁଃଖ ଓ ନୈରାଶ୍ୟ ମଧ୍ୟରେ ବୁଡ଼ିରହି ପରିଶେଷରେ ମା ଶାରଦାଙ୍କୁ ପ୍ରାଣର ଆବେଗରେ ପ୍ରାର୍ଥନା କଲେ। ମାଆଙ୍କ କରୁଣାରୁ ଏ ବହିଟି ତାଙ୍କୁ ମିଳିଥିଲା। ରାମାନୁଜ ଏ ପୁସ୍ତକଟି ସହ ପ୍ରତ୍ୟାବର୍ତ୍ତନ କଲେ। କିନ୍ତୁ ଏହାର କିଛିଦିନପରେ ପଣ୍ଡିତମାନଙ୍କ ଦ୍ୱାରା ପ୍ରେରିତ କେତେକ ବଳିଷ୍ଠ ବ୍ୟକ୍ତି ପଥ ମଧ୍ୟରୁ ଏ ପୁସ୍ତକଟି ତାଙ୍କଠାରୁ ଛଡ଼ାଇ ନେଇ ଆସିଲେ। ପୁନର୍ବାର ନୈରାଶ୍ୟ ତାଙ୍କ ମନକୁ ଆଚ୍ଛନ୍ନ କଲା। ହେଲେ ତାଙ୍କର ଶିଷ୍ୟ କୁରେଶ ଏ ବହିଟି ପଥ ମଧ୍ୟରେ ପଢ଼ିଥିଲେ। ଏବଂ ସମସ୍ତ ବିଷୟ ତାଙ୍କର ମନେଥିଲା। ରାମାନୁଜ ଶ୍ରୀରଙ୍ଗମକୁ ଫେରିଆସି କୁରେଶଙ୍କ ସାହାଯ୍ୟ ନେଇ 'ଶ୍ରୀଭଷ୍ୟ'ରଚନା କଲେ। ଏଭଳି ଭାବରେ ନିଜର ପ୍ରତିଜ୍ଞା ପୂରଣ କଲେ। ରାମାନୁଜଙ୍କ ଅନ୍ୟାନ୍ୟ କୃତି ମଧ୍ୟରେ 'ବେଦାନ୍ତ ଦୀପମ୍' 'ବେଦାନ୍ତ ସାର' 'ବେଦାର୍ଥ ସଂଗ୍ରହ"ଏବଂ 'ଗୀତାଭାଷ୍ୟ' ପ୍ରସିଦ୍ଧି ଲାଭ କରିଛି। ଏ କାର୍ଯ୍ୟ ସଂପନ୍ନ କରିବାପରେ ରାମାନୁଜ ଭାରତର ବିଭିନ୍ନ କ୍ଷେତ୍ରକୁ ଯାଇ ଶାସ୍ତ୍ରାର୍ଥରେ ପଣ୍ଡିତମାନଙ୍କୁ ପରାସ୍ତ କରି ନିଜ ମତବାଦ ପ୍ରଚ୍ଚର କରିଥିଲେ।

ରାମାନୁଜଙ୍କ ଶିଷ୍ୟ କୁରେଶଙ୍କ ପୁତ୍ର ଅତ୍ୟନ୍ତ ବିଚକ୍ଷଣ ଥିଲେ। ରାମାନୁଜ ତାଙ୍କର ନାମ ପରାଶର ରଖିଥଲେ। ଏହିଭଳି ଭାବରେ ସେ ଗୁରୁଙ୍କର ସମସ୍ତ ଇଚ୍ଛା ପୂରଣ କରି ପାରିଥିଲେ।

ରାମାନୁଜ ଜୀବନର ଶେଷ ୬୦ ବର୍ଷ ରଙ୍ଗନାଥଙ୍କ ପୀଠରେ ବିତାଇଥିଲେ। ୧୨୦ ବର୍ଷ ବୟସରେ ୧୧୩୭ ମସିହା ମାଘମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ତାଙ୍କର ମହାପ୍ରୟାଣ ହୋଇଥିଲା। ଦକ୍ଷିଣ ଭାରତରେ ଶ୍ରୀସମ୍ପ୍ରଦାୟର ବୈଷ୍ଣବ ତରଙ୍ଗ ପ୍ରବାହିତ ହୋଇଥିଲା ରାମାନୁଜଙ୍କ ନିରନ୍ତର ସାଧନା ଦ୍ୱାରା।

# ଶ୍ରୀ ଯମୁନାଚାର୍ଯ୍ୟ

## (ଆଲଭାନ୍ଦର)

ଯମୁନାଚାର୍ଯ୍ୟ ଦକ୍ଷିଣ ଭାରତର ଜଣେ ମହାନ୍ ସନ୍ଥ । ସେ ଶ୍ରୀସମ୍ପ୍ରଦାୟ ବୈଷ୍ଣବମାନଙ୍କର ଜଣେ ପ୍ରତଃସ୍ମରଣୀୟ ଗୁରୁ । ଉତ୍ତର ଭାତରରେ ଶଙ୍କରାଚାର୍ଯ୍ୟ ବା ରାମାନୁଜଚାର୍ଯ୍ୟ ଯେଭଳି ପ୍ରସିଦ୍ଧି ଲାଭ କରିଥିଲେ ଯମୁନାଚାର୍ଯ୍ୟ ସେଭଳି ପ୍ରସିଦ୍ଧି ଲଭ କରିନାହାନ୍ତି କିନ୍ତୁ ରାମାନୁଜ ଯେଉଁ ବିଶିଷ୍ଟାଦ୍ୱୈତ ଦର୍ଶନ ପ୍ରଚାର କରିଥିଲେ ତାହାର ମୂଳସୂତ୍ର ଯମୁନାଚାର୍ଯ୍ୟଙ୍କ ରଚନାରେ ଦେଖିବାକୁ ମିଳେ ଓ ରାମାନୁଜାଚାର୍ଯ୍ୟ ତାଙ୍କଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ଯମୁନାଚାର୍ଯ୍ୟ ଶ୍ରୀରଙ୍ଗର ରଙ୍ଗନାଥ ମନ୍ଦିରରେ ଜୀବନର ଶେଷଭାଗ କଟାଇ ବୈଷ୍ଣବ ଭକ୍ତମାନଙ୍କୁ ବିଶେଷ ଭାବରେ ଆକର୍ଷିତ କରିପାରିଥିଲେ ଏବଂ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଓ ଶାସ୍ତ୍ରବ୍ୟାଖ୍ୟାନ ଶୈଳୀ ସମସ୍ତଙ୍କୁ ମୁଗ୍ଧ କରିପାରୁଥିଲା । ବୈଷ୍ଣବ ସମ୍ପ୍ରଦାୟର ପ୍ରଧାନ ଗୁରୁ ଭାବରେ ସେ ପରିଗଣିତ ହେଉଥିଲେ ।

ଯମୁନାଙ୍କ ଜନ୍ମ ୯୫୩ ମସିହାରେ ପାଣ୍ଡ୍ୟରାଜ୍ୟର ରଜଧାନୀ ମଦୁରାରେ ହୋଇଥିଲା । ତାଙ୍କର ପିତାମହ ନାଥମୁନି ଜଣେ ଶାସ୍ତ୍ରଜ୍ଞ ସାଧୁପ୍ରକୃତିର ବ୍ୟକ୍ତିଥିଲେ । ତାଙ୍କର ପୁତ୍ରଙ୍କର ନାମ ଈଶ୍ୱରମୁନି । ସେ ସ୍ତ୍ରୀ, ପୁତ୍ର, ପୁତ୍ରବଧୂଙ୍କୁ ନେଇ ଉତ୍ତରଭାଗକୁ ବିଭିନ୍ନ ତୀର୍ଥଭ୍ରମଣରେ ଯାଇଥିବା ବେଳେ ବୃନ୍ଦାବନର ଯମୁନାନଦୀ କୂଳରେ ଅବସ୍ଥାନ କରିବାବେଳେ ଯମୁନା ମାତୃଗର୍ଭରେ ରହିଥିଲେ । ଏହି କାରଣରୁ ତାଙ୍କର ନାମ ଯମୁନା ରଖାଗଲା । ତେବେ ବାଲ୍ୟକାଳରେ ସେ ନିଜର ପିତାଙ୍କୁ ହରାଇଥିଲେ । ପୁତ୍ରର ବିୟୋଗରେ ପିତା ନାଥମୁନି ଦୁଃଖରେ ଭାଙ୍ଗି ପଡ଼ିଲେ ଏବଂ ସଂସାରପ୍ରତି ସମ୍ପୂର୍ଣ୍ଣ ନିର୍ଲିପ୍ତ ରହି ମୁନିଭଳି ଜୀବନଯାପନ କରିବାକୁ ଲାଗିଲେ । ଫଳରେ ଯମୁନାଙ୍କ ଦାୟିତ୍ୱ ତାଙ୍କର ଜେଜେମା ଓ ମା ନେଇଥିଲେ ।

ଯମୁନା ଯେତେବେଳେ ୧୨ବର୍ଷ ବୟସର ହୋଇଥିଲେ ଏବଂ ଗୁରୁ ଭାଷ୍ୟାଚାର୍ଯ୍ୟଙ୍କ ପାଖରେ ରହି ଅଧ୍ୟୟନ କରୁଥିଲେ ସେହି ସମୟରେ ଏକ ବିଶେଷ ଘଟଣା ଘଟିଥିଲା । ଯମୁନାଙ୍କର ଅସାଧାରଣ ଧୀଶକ୍ତି ଓ ପ୍ରଖର ସ୍ମୃତିଶକ୍ତି ରହିଥିଲା । ଏଣୁ ଗୁରୁ ତାଙ୍କୁ ବହୁତ ଆଦର କରୁଥିଲେ ଏବଂ ସହପାଠୀମାନେ ସମ୍ମାନ କରୁଥିଲେ । ସେ ସମୟରେ ଦକ୍ଷିଣ ଭାରତରେ ଜଣେ ଗର୍ବୀ ଓ ଉଦ୍ଧତ ପ୍ରକୃତିର ପଣ୍ଡିତ ଥିଲେ । ସେ ବହୁ

ପଣ୍ଡିତଙ୍କୁ ପରାସ୍ତ କରି ତାଙ୍କଠାରୁ କର ଆଦାୟ କରୁଥିଲେ । ପାଣ୍ଡ୍ୟରାଜାଙ୍କର ରାଜସଭାର ସେ ମୁଖ୍ୟ ପଣ୍ଡିତ ଥିବାରୁ ତାଙ୍କୁ ସମସ୍ତେ ଭୟମଧ କରୁଥିଲେ । ତାଙ୍କ ନାମ ରଖାଯାଇଥିଲା 'ବିଦ୍ୱଜ୍ଜନ କୋଳାହଳ' । କୋଳାହଳ ସୃଷ୍ଟି କରୁଥିଲେ । ଯମୁନାଙ୍କର ଗୁରୁ ଭାଷ୍ୟାଚାର୍ଯ୍ୟ ତାଙ୍କଦ୍ୱାରା ପରାସ୍ତ ହୋଇ ତାଙ୍କୁ କର ଦେଉଥିଲେ । ଥରେ ଏପରି ହେଲା ଯେ ଭାଷ୍ୟାଚାର୍ଯ୍ୟ ଦୁଇବର୍ଷ କର ଅର୍ଥାଭାବରୁ ଦେଇପାରି ନଥିଲେ । ଥରେ ପାଠଶାଳାରେ ଗୁରୁ ଓ ସହପାଠୀମାନେ ନଥିବା ବେଳେ ପଣ୍ଡିତଙ୍କର ଜଣେ ପ୍ରତିନିଧି ସେଠାକୁ ଆସି ଯମୁନାଙ୍କୁ ପଚାରିଲା ଯେ ତାଙ୍କର ଗୁରୁ କାହାନ୍ତି ଓ ସେ କାହିଁକି କର ଦେଉନାହାନ୍ତି । ଯମୁନା ଗୁରୁନିନ୍ଦା ଶୁଣି କ୍ରୋଧରେ ହଠାତ୍ କହିପକାଇଲେ ଯେ ତାଙ୍କର ଗୁରୁ ସେ ଗର୍ବୀ ଓ ଉଦ୍ଧତ ପଣ୍ଡିତଙ୍କୁ କର ଦେବେନାହିଁ । ଯଦି ସାହାସ ଅଛି ସେ ଶାସ୍ତ୍ରାର୍ଥ କରନ୍ତୁ । ଗୁରୁ ଯିବା ଦରକାର ନାହିଁ । ତାଙ୍କର ଶିଷ୍ୟ ଭାବରେ ସେ ସେହି ଅହଙ୍କାରୀ ପଣ୍ଡିତଙ୍କୁ ପରାସ୍ତ କରିପାରିବେ । ପଣ୍ଡିତ ଖବର ପାଇ କ୍ରୋଧରେ ଥରି ଉଠିଲେ ଏବଂ ରାଜାଙ୍କୁ ଅନୁରୋଧ କଲେ ଯେ ସେ ଉଦ୍ଧତ ବାଳକକୁ ଏଠାକୁ ଆସିବାକୁ ଆଦଶ ଦିଆଯାଉ ଏବଂ ସେ ନିଶ୍ଚିତ ପରାସ୍ତ ହୋଇ ଦଣ୍ଡିତ ହେବ । ଏକଥା ଭାଷ୍ୟାଚାର୍ଯ୍ୟ ଶୁଣି ଆତଙ୍କିତ ହୋଇଉଠିଲେ । ମାତ୍ର ଯମୁନା ତାଙ୍କୁ ଦୃଢ଼ ଭାବରେ କହିଲେ ଯେ ସେ ସେହି ଗର୍ବୀ ପଣ୍ଡିତଙ୍କର ଦର୍ପ ଚୂର୍ଣ୍ଣକରି ପାରିବେ । ରାଜାଙ୍କର ଦୂତ ଆସିଲାରୁ ଯମୁନା କହିଲେ ଯେ ରାଜସଭାକୁ ଉପଯୁକ୍ତ ମର୍ଯ୍ୟାଦାର ସହିତ ସେ ଯିବେ । ପରିଶେଷରେ ସେ ପାଲିଙ୍କିରେ ବସି ରାଜସଭାକୁ ଯାଇ ସମ୍ମାନର ସହ ନିଜର ଆସନ ଗ୍ରହଣ କଲେ । ଏ ବାଳକର ହାବଭାବ ଦେଖି କେତେକ ହସୁଥାଆନ୍ତି । ଏଡ଼ିକିଟିକିଏ ପିଲା । ଏ କେଉଁ ସାହସରେ ଏତେବେଡ଼ ପଣ୍ଡିତଙ୍କ ସହ ଶାସ୍ତ୍ରାର୍ଥ କରିବ । ଏହି ସମୟରେ ରାଜା ଓ ରାଣୀଙ୍କ ମଧରେ ବିବାଦ ଆରମ୍ଭ ହୋଇଗଲା । ରାଣୀ କହିଲେ ଯେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଏ ବାଳକ ଉଦ୍ଧତ ପଣ୍ଡିତଙ୍କୁ ପରାସ୍ତ କରିପାରିବ । ରାଣୀ ବାଜି ଲଗାଇ କହିଲେ ଯେ ଯଦି ଏ ବାଳକ ହାରିଯାଏ ତେବେ ସେ ରାଜାଙ୍କର ଦାସୀମାନଙ୍କର ଦାସୀ ହୋଇ ଖଟିବେ । ରାଜା କହିଲେ ଯେ ଯଦି ଏ ବାଳକର ଜୟ ହୁଏ ତେବେ ସେ ରାଜ୍ୟର ଅର୍ଦ୍ଧେକ ତାକୁ ଦେଇଦେବେ ।

ଏହା ପରେ ଶାସ୍ତ୍ରାର୍ଥ ଆରମ୍ଭ ହେଲା । ପ୍ରଥମେ ପଣ୍ଡିତ ଯମୁନାଙ୍କୁ ବ୍ୟାକରଣ ଓ ଅମରକୋଷ ଉପରୁ କେତେକ ପ୍ରଶ୍ନ ପଚାରିଲେ । ଏ ବାଳକ ଯଥାର୍ଥ ଉତ୍ତର ଦେଇଦେଲେ । ଏହା ପରେ ସେ କେତେକ ଜଟିଳ ପ୍ରଶ୍ନମଧ ପଚାରିଲେ । ଯମୁନା ସବୁପ୍ରଶ୍ନର ଉତ୍ତର ଦେଇ ପଣ୍ଡିତଙ୍କୁ ବିସ୍ମିତ କରିଦେଲେ । ପଣ୍ଡିତେ ନିରବରେ ବସିଲେ । ବର୍ତ୍ତମାନ ଯମୁନାପ୍ରଶ୍ନର ଉତ୍ତର ପଣ୍ଡିତେ ଦେବେ ।

ଏହାପରେ ପଣ୍ଡିତଙ୍କୁ ଜମୁନା ତିନିଗୋଟି ପ୍ରଶ୍ନ ପଚାରିଲେ । ଯମୁନା ତିନିଗୋଟି ମତ ଉପସ୍ଥାପନ କରିବେ ଏବଂ ପଣ୍ଡିତ ତାହାକୁ ଖଣ୍ଡନ କରିବେ । ଜମୁନା ଜଣେ ବିଚକ୍ଷଣ ବାଳକ ଥିଲେ । ସେ ପ୍ରଥମେ କହିଲେ ଯେ –

୧ – ଆପଣଙ୍କ ମାତା ବନ୍ଧ୍ୟା ନୁହନ୍ତି ।

୨ – ରାଜା ପୁଣ୍ୟବାନ ।

୩ – ରାଣୀ ସତୀ ।

ଏ ମତକୁ ପଣ୍ଡିତେ ଖଣ୍ଡନ କରିବାକୁ ପଡ଼ିବ । କିନ୍ତୁ କିଭଳି ଖଣ୍ଡନ କରିବେ ? ସେ ପୁତ୍ର ଭାବରେ ଅଛନ୍ତି ଏଣୁ ତାଙ୍କର ମା କିପରି ବନ୍ଧ୍ୟା ହେବେ । ରାଜାଙ୍କୁ ସେ କିଭଳି ପାପୀ ଓ ରାଣୀଙ୍କୁ ଅସତୀ ବୋଲି କହିବେ । ଏଣେ ମତ ଖଣ୍ଡନ କରି ନ ପାରିଲେ ପରାଜୟ ସ୍ୱୀକାର କରିବାକୁ ପଡ଼ିବ । ଏଣୁ ସେ ଅନ୍ୟ ଉପାୟ ନ ଦେଖି ଏ ଦୁଷ୍ଟ ବାଳକ ଅଯଥା ବିତଣ୍ଡାର ଆଶ୍ରୟ ନେଉଛି ବୋଲି ଗାଳି ଦେବାକୁ ଆରମ୍ଭ କରିଦେଲେ । କିନ୍ତୁ ପ୍ରଶ୍ନ ଆସୁଛି ଏହାକୁ ଶାସ୍ତ୍ରୀୟ ରୀତିରେ ଏଭଳି ଖଣ୍ଡନ କରିବାକୁ ପଡ଼ିବ ଯେଭଳି କାହାକୁ ଅବମାନନା ନ ହୁଏ । ଅଥଚ ଉପସ୍ଥାପିତ ଯୁକ୍ତି ଖଣ୍ଡିତ ହେବ । ରାଜା ଜଣେ ଗୁଣୀ ବ୍ୟକ୍ତି ଥିଲେ । ତେଣୁ ସେ ଯମୁନାଙ୍କୁ ଏହାର ଖଣ୍ଡନ କିପରି କରାଯିବ ତାହା ବୁଝାଇବାକୁ କହିଲେ । ଯମୁନା ନିମ୍ନମତେ ଏହାର ଉତ୍ତର ଦେଲେ । ଶାସ୍ତ୍ର ଅନୁସାରେ 'ଏକ ସନ୍ତାନ ସନ୍ତାନ ନୁହେଁ' । ମନୁସ୍ମୃତିରେ ଅଛି, "ଏକପୁତ୍ରୋ ହ୍ୟପୁତ୍ର ଲୋକବାଦାତ୍" । ଯେହେତୁ ତାଙ୍କର ମାଆଙ୍କର ସେ ଗୋଟିଏ ବୋଲି ପୁତ୍ର ଏଣୁ ଶାସ୍ତ୍ରମତରେ ତାଙ୍କ ମା ବନ୍ଧ୍ୟା । ଦ୍ୱିତୀୟ ମତକୁ ଖଣ୍ଡନ କରି ସେ କହିଲେ, ଯେ ରାଜା ପ୍ରଜାମାନଙ୍କର ପୁଣ୍ୟ ପାପର ଏକ ଷଷ୍ଠାଂଶ ଗ୍ରହଣ କରନ୍ତି । ଯେହେତୁ ଏହା କଳିଯୁଗ ତେଣୁ ରାଜା ପୁଣ୍ୟ ଅପେକ୍ଷା ପାପ ବେଶୀ ଗ୍ରହଣ କରୁଛନ୍ତି । ଏଣୁ ରାଜା ପୁଣ୍ୟବାନ କିପରି ହେବେ ? ତୃତୀୟ ମତ ଖଣ୍ଡନ କରିବାକୁ ଯାଇ କହିଲେ ଯେ ରାଜା କ୍ଷମତାର ଅଧିକାରୀ ଭାବରେ ଅଗ୍ନି, ବାୟୁ, ସୂର୍ଯ୍ୟ, ଚନ୍ଦ୍ର, ଯମ, କୁବେର, ବରୁଣ ଓ ଇନ୍ଦ୍ରଙ୍କର ପ୍ରକାଶ ମାତ୍ର । ଏଣୁ ରାଣୀ ରାଜାଙ୍କୁ ବିବାହ କରି ଏ ସମସ୍ତ ଦେବତାଙ୍କୁ ମଧ ବିବାହ କରିଛନ୍ତି । ଏଣୁ ରାଣୀ ସତୀହେଲେ କିପରି ? ନିଜର ମତକୁ ଦୃଢ଼ୀଭୂତ କରିବା ପାଇଁ ଧର୍ମଶାସ୍ତ୍ରର ମତ ସେ ଉଦ୍ଧାର କରିଥିଲେ ।

ଶାସ୍ତ୍ରାନୁମୋଦିତ ଯୁକ୍ତି ଉପସ୍ଥାପନ କରି ଏ ବାଳକ ସମସ୍ତଙ୍କୁ ଚମତ୍କୃତ ତରିଦେଲେ । ରାଜା, ରାଣୀ ଆନନ୍ଦରେ ତାଙ୍କୁ ଆଲିଙ୍ଗନ କରି 'ଅଲଭାନ୍ଦର', 'ଅଲଭାନ୍ଦର' ବୋଲି ସମ୍ବୋଧନ କଲେ । ଅଲଭାନ୍ଦର ଅର୍ଥ ସେ ରାଜାହେଲେ । ଉଦ୍ଧତ ପଣ୍ଡିତ ହାରିଥିବାରୁ ସମସ୍ତେ ଖୁସୀ ହୋଇଥିଲେ କାରଣ ଅନ୍ତର ଭିତରେ ତାଙ୍କୁ କେହି

ଭଲ ପାଉନଥିଲେ । ତେବେ ଯମୁନା ତାଙ୍କୁ କ୍ଷମା କରିଦେଇଥିଲେ । ପୂର୍ବେ ରାଜସଭାରେ ପାଣ୍ଡିତ୍ୟ ଓ ତର୍କ ପଟୁତାର ପରୀକ୍ଷା ହେଉଥିଲା । ଏହା ରାଜାମାନଙ୍କୁ ଆନନ୍ଦ ଦେଉଥାଏ । ଏଠାରେ ବ୍ୟକ୍ତିତ୍ୱର ସଂହାର ହେଉନଥାଏ । ଶାସ୍ତ୍ରପ୍ରମାଣ ଦେଇ ବ୍ୟକ୍ତିର ବୁଦ୍ଧିମତ୍ତା ଓ ଶାସ୍ତ୍ରଉପରେ କେତେ ଦଖଲ ଅଛି ତାହାର ପରୀକ୍ଷା କରାଯାଉଥିଲା । ସବୁ ଦୃଷ୍ଟିରୁ ବିଚାରକଲେ ଯମୁନା ଏ ଗର୍ବୀ ଓ ଉଦ୍ଧତ ପଣ୍ଡିତଙ୍କୁ ଉପଯୁକ୍ତ ଶିକ୍ଷା ଦେଇଥିଲେ । ଶାସ୍ତ୍ରରେ ଅଛି :-

ବିଦ୍ୟା ବିବାଦୟ ।

ଧନଂ ମଦାୟ ।

ଶକ୍ତିଃ ପରେଷାଂ ପରପୀଡ଼ନାୟ ।

ଖଳସ୍ୟ ସାଧୋର୍ବିପରୀତମେତତ୍ ।

ଜ୍ଞାନାୟ, ଦାନାୟ ଚ ରକ୍ଷଣାୟ ।

ଦୁଷ୍ଟଲୋକ ବିଦ୍ୟା ଆହରଣ କରେ ଅନ୍ୟସହିତ ବିବାଦ କରିବାକୁ କିନ୍ତୁ ସାଧୁଲୋକ ଏହା ଦ୍ୱାରା ଜ୍ଞାନ ଲାଭକରନ୍ତି । 'କୋଳାହଳ' ଦୁଷ୍ଟପ୍ରକୃତିର ଥିଲେ । ଯମୁନା ତାଙ୍କୁ ଉପଯୁକ୍ତ ଶିକ୍ଷାଦେଇ ବିଦାୟ କରିଦେଲେ ।

ତେବେ ରାଜା ତାଙ୍କୁ ସର୍ତ୍ତଅନୁଯାୟୀ ରାଜ୍ୟର ଅର୍ଦ୍ଧେକ ଦେଇଦେଲେ । ଯମୁନାଙ୍କ ଜୀବନର ଗତିପଥ ବଦଳିଗଲା । ତାଙ୍କର ପିତା ଓ ପିତାମହ ଆଧାତ୍ମିକ ଭାବରେ ନିମଜ୍ଜିତ ହୋଇ ମୁନିଭଳି ଜୀବନଯାପନ କରୁଥିଲେ । ମାତ୍ର ଭାଗ୍ୟଚକ୍ରର ପ୍ରଭାବରେ ଯମୁନା ଶାସକ ହୋଇ କ୍ଷମତା ଭୋଗକଲେ । ଧନ, ସମ୍ପଦ ଓ କ୍ଷମତା ପ୍ରଭାବରେ ତାଙ୍କ ମନରୁ ଆଧାତ୍ମିକ ଭାବ ଉଭେଇ ଗଲା । ଏହିଭଳି କିଛିବର୍ଷ ଚାଲିଗଲା । କିନ୍ତୁ ଯମୁନାଙ୍କ ପିତାମହ ନାଥମୁନି ସଂସାରରୁ ବିଦାୟନେବା ପୂର୍ବରୁ ତାଙ୍କର ପ୍ରଧାନ ଶିଷ୍ୟ ନାମ୍ବିଙ୍କୁ କହିଥିଲେ ଯେ ତାଙ୍କର ନାତି ବିଷୟ ସମ୍ପଦରେ ବୁଡ଼ିରହି ପ୍ରକୃତ ସମ୍ପଦକୁ ହରାଇ ବସିଛି । ଏହା ସେ ଯେପରି ପୁନର୍ବାର ଲାଭ କରେ । ସେହି ଦାୟିତ୍ୱ ନାମ୍ବି ନିଅନ୍ତୁ ।

ନାଥମୁନିଙ୍କର ଦେହାନ୍ତର କିଛି ବର୍ଷପରେ ଶିଷ୍ୟ ନାମ୍ବି ଚିନ୍ତାକଲେଯେ ଯମୁନାଙ୍କୁ ଅଧାତ୍ମମାର୍ଗକୁ ଫେରାଇ ଆଣିବା ଉଚିତ୍ ହେବ । ସେତେବେଳେକୁ ଯମୁନାଙ୍କ ବୟସ ୩୫ ବର୍ଷ ହୋଇଗଲାଣି । ନାମ୍ବି ଚିନ୍ତାକଲେଯେ ସେ ଯାଇ ଯମୁନାଙ୍କୁ ଦେଖାକରିବେ । ମାତ୍ର ତାହା ସମ୍ଭବ ହେଲାନହିଁ । ଜଣେ ଶାସକ ସବୁବେଳେ ପାରିଷଦବର୍ଗ ତଥା ଅନ୍ୟାନ୍ୟ ରାଜା ମହାରାଜାଙ୍କ ଗହଣରେ ରହିଥାଆନ୍ତି । ଏଣୁ କିଭଳି ତାଙ୍କୁ ଏକାନ୍ତରେ ଦେଖାକରିବେ

ସେହି ଚିନ୍ତା ତାଙ୍କୁ ମନକୁ ଆଛନ୍ନ କଲା । ତେବେ ସେ ଗୋଟିଏ ଉପାୟ ଅବଲମ୍ବନ କଲେ ।

ସେ ପ୍ରାସାଦର ପଛପଟେ ଯାଇ ମୁଖ୍ୟ ପାଚକଙ୍କୁ ଦେଖାକରି ଗୋଟିଏ ଶାଗ ଜାତୀୟ ଖାଦ୍ୟ ଦେଲେ ଯାହାକୁ ସେ ସମୟର ଉଷାରେ 'ଟୁଦୁବଲାଇ' ବୋଲି କୁହାଯାଉଥିଲା । ପାଚକଙ୍କୁ ସେ ଅନୁରୋଧକଲେ ଯେ ଏହାଖାଦ୍ୟରେ ଦେଲେ ଖାଦ୍ୟର ସ୍ୱାଦ ବଢ଼ିବ ଓ ବ୍ୟକ୍ତିର ସାତ୍ତ୍ୱିକ ଭାବ ବୃଦ୍ଧି ସହିତ ଏହା ସ୍ୱାସ୍ଥ୍ୟ ପକ୍ଷରେ ମଧ୍ୟ ହିତକାରୀ ହେବ । ପାଚକଟି ଖୁବ୍ ଭଲ ମଣିଷ ଥିଲା । ଏହା ସେ ସବୁଦିନ ରାଜାଙ୍କୁ ଦେଲା । କ୍ରମେ କ୍ରମେ ରାଜାଙ୍କର ସାତ୍ତ୍ୱିକ ଭାବ ବୃଦ୍ଧି ପାଇଲା ଏବଂ ଖାଦ୍ୟ ତାଙ୍କୁ ରୁଚିକର ମଧ୍ୟ ବୋଧ ହେଉଥିଲା । ନାମ୍ବି ସବୁଦିନ ଏହି ଶାଗଟି ଦେଉଥାଆନ୍ତି । ଦିନେ ସେ ଜାଣିକରି ଏ ଶାଗଟି ଦେଲେନାହିଁ । ସେଦିନ ରାଜାଙ୍କୁ ଖାଦ୍ୟ ରୁଚିକର ବୋଧହେଲା ନାହିଁ । ରାଜା ଏବିଷୟରେ ପୂଜାରୀକି ପଚାରିବାରୁ ସେ ସମୁଦାୟ ଘଟଣା ରାଜାଙ୍କ ଆଗରେ ବର୍ଣ୍ଣନାକଲା । ରାଜା ସେ ସନ୍ନ୍ୟାସୀଙ୍କୁ ଦେଖିବାକୁ ଚାହିଁଲେ । ପରଦିନ ସାଧୁ ଆସିଥିଲେ ଏବଂ ପୂଜାରୀ ତାଙ୍କୁ ସଙ୍ଗରେ ନେଇ ରାଜାଙ୍କ ସହ ସାକ୍ଷାତ୍ କରାଇଦେଲା ।

ଯମୁନା ସନ୍ନ୍ୟାସୀଙ୍କି ବହୁତ ସମ୍ମାନ ଦେଲେ । ସନ୍ନ୍ୟାସୀ ତାଙ୍କୁ କହିଲେ ଯେ ତାଙ୍କର ପିତାମହ ତାଙ୍କପାଇଁ ଏକ ବିପୁଳ ସମ୍ପଦ ଛାଡ଼ି ଦେଇଛନ୍ତି । ଏହା ତାଙ୍କ ଦାୟିତ୍ୱରେ ଅଛି । ଏହା ଦୁଇଟି ନଦୀ ମଧ୍ୟରେ ଥିବା ଏକ ସ୍ଥାନରେ ଅଛି । ସାତୋଟି ପାଚେରୀ ଏହାକୁ ଘେରି ରହିଛି। ଏହି ସମ୍ପଦ ସେ ତାଙ୍କୁ ଦେଇଦେଲେ ଶାନ୍ତି ପାଇବେ । କିନ୍ତୁ ଦୁଇଜଣଙ୍କ ବ୍ୟତୀତ ସଙ୍ଗରେ ଆଉ କେହି ଯିବେ ନାହିଁ । ଯମୁନା ସେ ସମୟରେ ଅର୍ଥର ଆବଶ୍ୟକତା ଅନୁଭବ କରୁଥିଲେ ରାଜ୍ୟର ଉନ୍ନତିମୂଳକ କାର୍ଯ୍ୟପାଇଁ ।

ତା ପରଦିନ ଉଭୟେ ଗନ୍ତବ୍ୟ ସ୍ଥାନ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଯମୁନା ମନ୍ତ୍ରୀଙ୍କୁ ରାଜ୍ୟର ଦାୟିତ୍ୱ ଦେଇଥିଲେ । ତା' ପରଦିନ ଯାତ୍ରା ଆରମ୍ଭ ହେଲା । କିଛି ବାଟ ଗଲାପରେ ଉଭୟେ ଗୋଟିଏ ସ୍ଥାନରେ ବିଶ୍ରାମ ନେଉଛନ୍ତି ଏହି ସମୟରେ ନାମ୍ବି ଭଗବଦ୍‌ଗୀତାର ଶ୍ଳୋକ ଆବୃତ୍ତିକଲେ ତାଙ୍କର ସୁମଧୁର କଣ୍ଠରେ । ଯମୁନା ଯଦିଓ ରାଜକାର୍ଯ୍ୟରେ ବ୍ୟସ୍ତରହି ଭଗବଦ୍‌ଗୀତାକୁ ଭୁଲି ଯାଇଥିଲେ କିନ୍ତୁ ତାଙ୍କର ବଂଶାନୁକ୍ରମେ ଆଧ୍ୟାତ୍ମିକ ଚେତନା ଥିଲା । ସେ ମୁଗ୍‌ଧ ହୋଇ ଏହା ଶୁଣିଥିଲେ ଏବଂ ପୁନର୍ବାର ବୋଲିବାକୁ ଅନୁରୋଧ କଲେ । କ୍ରମେ କ୍ରମେ ତାଙ୍କର ମନର ଆଗ୍ରହ ବଢ଼ିବାକୁ ଲାଗିଲା ଏବଂ ସନ୍ନ୍ୟାସୀଙ୍କି ଅନୁରୋଧ କଲେ ତାଙ୍କୁ ଶିଷ୍ୟ ଭାବରେ ଗ୍ରହଣ କରିବାକୁ । ରାଜ୍ୟ ଧନସମ୍ପଦ ତାଙ୍କୁ ତୁଚ୍ଛ ମନେହେଲା । ନାମ୍ବି ପ୍ରତିଦିନ ଗୀତାପାଠକରି ତାଙ୍କ ଆଧ୍ୟାତ୍ମିକ

ଚେତନାକୁ ଜାଗ୍ରତ କରୁଥିଲେ । ଯାହାହେଉ ସେମାନେ ୪ଦିନପରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଲେ । ଏହାଥିଲା ରଙ୍ଗନାଥଙ୍କ ମନ୍ଦିର । କାବେରୀ ଏବଂ କୋମରନ ନଦୀର ମଧ୍ୟସ୍ଥଳରେ ଏ ମନ୍ଦିର ଥିଲା । ସାତଗୋଟି ପ୍ରାଚୀର ଏହାକୁ ଘେରି ରହିଥିଲା । ଗୋଟିଏ ପରେ ଗୋଟିଏ ପାଚେରୀ ଏମାନେ ଅତିକ୍ରମ କରି ମନ୍ଦିରର ଗର୍ଭଗୃହରେ ପହଞ୍ଚିଲେ । ସେ ସମୟରେ ମନ୍ଦିରରେ ଆରତୀ ହେଉଥାଏ । ବ୍ରାହ୍ମଣମାନେ ବେଦ ପାଠ କରୁଥାଆନ୍ତି । ଏଣେ ତାମିଲ୍ ପ୍ରବନ୍ଧମାଳା ପାଠ କରାଯାଉଥାଏ । ଏକ ସ୍ୱର୍ଗୀୟ ଆନନ୍ଦ ଯମୁନା ଅନୁଭବ କଲେ । ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ସେ ପାଗଳ ପରି ଧାଇଁଯାଇ ରଙ୍ଗନାଥଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ବାହ୍ୟ ଚେତନା ହରାଇ ବସିଲେ । ତାଙ୍କର ପିତାମହ ଯେଉଁ ଅମୂଲ୍ୟ ସମ୍ପଦ ତାଙ୍କପାଇଁ ରଖିଥିଲେ ତାହାସେ ପାଇଗଲେ । ରାଜ୍ୟ, କ୍ଷମତା, ଧନସମ୍ପଦ ସେ ତୁଚ୍ଛ ମନେକଲେ । ପରବର୍ତ୍ତୀ ଜୀବନ ଏହି ମନ୍ଦିରରେ ସେ କଟାଇଦେଇ ପରମ ଶାନ୍ତି ଓ ଆନନ୍ଦ ଲାଭ କରିଥିଲେ ।

ଯମୁନାଚାର୍ଯ୍ୟଙ୍କର ଆଧ୍ୟାତ୍ମିକ ଜ୍ଞାନ, ଶାସ୍ତ୍ର ବ୍ୟାଖ୍ୟାନର ଶୈଳୀ ଭକ୍ତମାନଙ୍କୁ ଅଧିକ ଆକୃଷ୍ଟ କରିଥିଲା । ଫଳରେ ତାଙ୍କର ଖ୍ୟାତି ବଢ଼ିବାକୁ ଲାଗିଲା । ସେ ମଧ୍ୟ ଅନେକ ଉଚ୍ଚକୋଟୀର ଗ୍ରନ୍ଥ ରଚନା କରିବାକୁ ଲାଗିଲେ । ସେଗୁଡ଼ିକ ହେଲେ -

୧ - ସ୍ତୋତ୍ରରନ୍

୨ - ସିଦ୍ଧିତ୍ରୟ

୩ - ଆଗମ ପ୍ରାମାଣ୍ୟ

୪ - ଗୀତାର୍ଥ ସଂଗ୍ରହ ।

ସେ ବହୁଗ୍ରନ୍ଥ ରଚନା କରିବାକୁ ଇଚ୍ଛା କରିଥିଲେ ମଧ୍ୟ ଅସୁସ୍ଥତା ଯୋଗୁ ତାଙ୍କର ଏ ଇଚ୍ଛା ପୂରଣ ହୋଇ ପାରିଲା ନାହିଁ ।

ଯମୁନାଚାର୍ଯ୍ୟ କ୍ରମେ କ୍ରମେ ଅସୁସ୍ଥ ହୋଇପଡ଼ିଲେ । ତାଙ୍କର କିଏ ଉତ୍ତରାଧିକାରୀ ହୋଇ ଏ ଅନୁଷ୍ଠାନର ଦାୟିତ୍ୱ ନେବ ? ଥରେ ସେ କାଞ୍ଚିପୁରମ୍ ଯାଇଥିଲେ ଏବଂ ସେହି ଅବସରରେ ରାମାନୁଜଙ୍କୁ ଦେଖିଥିଲେ । ସେ ଅନୁଭବ କରିଥିଲେ ଯେ ରାମାନୁଜଙ୍କ ଭଳି ଯୋଗ୍ୟବ୍ୟକ୍ତି ତାଙ୍କ ପରେ ଏ ଦାୟିତ୍ୱ ସମ୍ଭାଳି ପାରିବେ । ଏଣୁ ନିଜର ଅସୁସ୍ଥତା ବଢ଼ିବାରୁ ତାଙ୍କର ଜଣେ ଶିଷ୍ୟ ମହାପୂର୍ଣ୍ଣଙ୍କୁ ରାମନୁଜଙ୍କୁ ଆଣିବା ପାଇଁ ପଠାଇଥିଲେ । ମାତ୍ର ରାମାନୁଜ ଆସି ପହଞ୍ଚିବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇ ଯାଇଥିଲା ଏବଂ ତାଙ୍କର ମରଶରୀର କାବେରୀ ନଦୀ ପାଖରେ ରହିଥିଲା । ରାମାନୁଜ ଆସି ପହଞ୍ଚି ଏ ଦୃଶ୍ୟ ଦେଖି ଦୁଃଖରେ ଭାଙ୍ଗିପଡ଼ିଥିଲେ । ମାତ୍ର ଯମୁନାଚାର୍ଯ୍ୟଙ୍କର

ତିନିଗୋଟି ଆଙ୍ଗୁଳି ବନ୍ଦହୋଇ ରହିଛି । ରାମାନୁଜ ଅନୁଭବ କଲେ ଯେ ତାଙ୍କର ତିନିଗୋଟି ଇଚ୍ଛା ଅପୂର୍ଣ୍ଣ ରହିଛି ଏବଂ ସେ ଏହାକୁ ପୂର୍ଣ୍ଣ କରିବେ । ରାମାନୁଜ ସମସ୍ତଙ୍କ ସମ୍ମୁଖରେ ଘୋଷଣା କଲେ ଯେ ସେ –

୧– ତାମିଲି ପ୍ରବନ୍ଧମ୍ ପାଠ କରିବେ ଏବଂ ଏହାର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରିବେ ।

୨– ଜଣେ ବୈଷ୍ଣବର ନାମ ପରାଶର ରଖିବେ

୩– ବ୍ରହ୍ମସୂତ୍ର ଉପରେ ଶ୍ରୀଭାଷ୍ୟ ରଚନା କରିବେ । କ୍ରମେ କ୍ରମେ ଅଙ୍ଗୁଳିଗୁଡ଼ିକ ଖୋଲିଯାଇଥିଲା ।

ପରବର୍ତ୍ତୀ ସମୟରେ ରାମାନୁଜ ନିଜର ପ୍ରତିଜ୍ଞା ପାଳନ କରିଥିଲେ । ସେ ବ୍ରହ୍ମସୂତ୍ର ଉପରେ ଶ୍ରୀଭାଷ୍ୟ ରଚନା କରିଥିଲେ । ରାମାନୁଜାଚାର୍ଯ୍ୟ ଯମୁନାଚାର୍ଯ୍ୟଙ୍କର ଯୋଗ୍ୟ ଦାୟାଦ ଥିଲେ । ସେ ନିଜ ଜୀବନକାଳ ମଧ୍ୟରେ ଗୁରୁ ଯମୁନାଚାର୍ଯ୍ୟଙ୍କର ଅପୂର୍ଣ୍ଣ ଇଚ୍ଛାକୁ ପୂରଣ କରିଥିଲେ । ଅଲଓ୍ୱର ସନ୍ଥମାନେ ଯେଉଁ ଭକ୍ତିର ମନ୍ଦାକିନୀ ଧାରାର ଉତ୍ସ ଥିଲେ ତାହା ପରବର୍ତ୍ତୀ ସମୟରେ ରାମାନୁଜଙ୍କ ଭଳି ଭଗୀରଥଙ୍କ ଦ୍ୱାରା ଦକ୍ଷିଣ ଭାରତରେ ପବିତ୍ର ଭୂମିକୁ ପ୍ଲାବିତ କରିଥିଲା । ସେହି ଭକ୍ତିଧାରା ଶ୍ରୀକ୍ଷେତ୍ର ଭୂମିକୁ ମଧ୍ୟ ମହିମାନ୍ୱିତ କରିଥିଲା । ତେବେ ଯମୁନାଚାର୍ଯ୍ୟ ଥିଲେ ଏହି ଭକ୍ତି ତତ୍ତ୍ୱର ଜଣେ ସଫଳ ଓ ପ୍ରଭାବଶାଳୀ ପ୍ରବକ୍ତା ।

# ଶ୍ରୀ ବଲ୍ଲଭାଚାର୍ଯ୍ୟ

ମଧ୍ୟପ୍ରଦେଶର ରାୟପୁର ନିକଟସ୍ଥ ଚମ୍ପାରଣ୍ୟ ନାମକ ଅରଣ୍ୟଭୂମିରେ ବଲ୍ଲଭଙ୍କର ଜନ୍ମ ହୋଇଥିଲା ୧୪୭୯ ମସିହାରେ । ତାଙ୍କ ପିତାଙ୍କ ନାମ ଥିଲା ଲକ୍ଷ୍ମଣ ଭଟ୍ଟ ଓ ମାତାଙ୍କ ନାମ 'ଏଲ୍ଲମାଗୁରୁ' । ଲକ୍ଷ୍ମଣ ଭଟ୍ଟ ଯଜୁର୍ବେଦୀୟ ତୈତ୍ତିରୀୟ ଶାଖା ଭରଦ୍ୱାଜ ଗୋତ୍ରୀୟ ଆନ୍ଧ୍ରର କମା ବ୍ରାହ୍ମଣ ଥିଲେ । ଯାହା ଜଣାଯାଏ ଲକ୍ଷ୍ମଣ ଭଟ୍ଟ କାଶୀରେ ଅବସ୍ଥାନ କରିବା ପାଇଁ ଇଚ୍ଛା କରିଥିଲେ । ମାତ୍ର ସେ ସମୟରେ ମୁସଲମାନଙ୍କର ବାରମ୍ବାର ଆକ୍ରମଣ ଏଠାରେ ଘଟୁଥିବାରୁ ସେ ନିଜ ରାଜ୍ୟକୁ ଫେରି ଆସିଲେ । ପଥମଧ୍ୟରେ ଚମ୍ପାରଣ୍ୟଠାରେ ଏହି ଅରଣ୍ୟ ଅଞ୍ଚଳରେ ବଲ୍ଲଭଙ୍କର ଜନ୍ମ ହୋଇଥିଲା ।

ବାଲ୍ୟକାଳରେ ଏଗାରବର୍ଷ ବୟସରେ ବଲ୍ଲଭ ପିତାଙ୍କୁ ହରାଇଥିଲେ । ତେବେ ସେ ଜ୍ଞାନଲାଭ କରିବାକୁ କାଶୀଯାଇ ବହୁଶାସ୍ତ୍ର ଅଧ୍ୟୟନ କରିଥିଲେ । ବଲ୍ଲଭଙ୍କ ପୂର୍ବପୁରୁଷ ଦକ୍ଷିଣାତ୍ୟରୁ ଆସିଥିଲେ । ଏଣୁ ସେ ଦକ୍ଷିଣ ଭାରତକୁ ଯାଇ ବିଜୟନଗର ରାଜ୍ୟରେ ପହଞ୍ଚିଲେ । ବିଜୟନଗର ରାଜା କୃଷ୍ଣଦେବ ଅତ୍ୟନ୍ତ ପ୍ରଭାବଶାଳୀ ଥିଲେ ଏବଂ ତାଙ୍କର ରାଜସଭାରେ ବିରାଟ ବିରାଟ ପଣ୍ଡିତ ଥିଲେ । ଏଠାରେ ଶଙ୍କରପନ୍ଥୀ ମାଧ୍ୱପନ୍ଥୀଙ୍କ ମଧ୍ୟରେ ବହୁସମୟ ଶାସ୍ତ୍ରାର୍ଥ ହେଉଥାଏ । ଥରେ ବଲ୍ଲଭ ଏହି ରାଜସଭାକୁ ଯାଇ ପଣ୍ଡିତମାନଙ୍କୁ ଯୁକ୍ତିରେ ପରାସ୍ତ କରିଦେଲେ । ଫଳରେ ତାଙ୍କୁ ବୈଷ୍ଣବାଚାର୍ଯ୍ୟ ଉପାଧି ମିଳିଲା ଏବଂ ତତ୍ ସଙ୍ଗେ ସଙ୍ଗେ ବହୁତ ଧନରତ୍ନ ମଧ୍ୟ ମିଳିଲା । ଏହା ତାଙ୍କର ଖ୍ୟାତିକି ବଢ଼ାଇଥିଲା ।

ସେ ବିଜୟନଗରରେ ଦୁଇବର୍ଷ ରହି ମଧ୍ୱ ଓ ବିଷ୍ଣୁସ୍ୱାମୀଙ୍କ ଦର୍ଶନ ପଢ଼ିଲେ । ହେଲେ ସେ ମଧ୍ୱ ଦର୍ଶନ ସହ ଏକମତ ହୋଇପାରିଲେ ନାହିଁ । ବିଷ୍ଣୁସ୍ୱାମୀଙ୍କ ମତବାଦ ଦ୍ୱାରା ସେ ପ୍ରଭବିତ ହୋଇ ଶୁଦ୍ଧାଦ୍ୱୈତ ମତବାଦକୁ ପ୍ରଚାର କରିବାକୁ ଲାଗିଲେ । ଏହି ମତବାଦର ଆଦ୍ୟ ପ୍ରବର୍ତ୍ତକ ଥିଲେ ବିଷ୍ଣୁସ୍ୱାମୀ । ବଲ୍ଲଭ ଶ୍ରୀମଦ୍ ଭାଗବତ ପୁରାଣର ଜଣେ ବିଶିଷ୍ଟ ପ୍ରବକ୍ତା ଭାବରେ ଖ୍ୟାତିଲାଭ କରିଥିଲେ ।

ବଲ୍ଲଭାଚାର୍ଯ୍ୟ ଭାରତବର୍ଷର ସମସ୍ତ ତୀର୍ଥସ୍ଥାନ ପରିଭ୍ରମଣ କରିଥିଲେ । ସେ ଭାରତ ଭ୍ରମଣ ତିନିଥର କରିଥିଲେ । ଦ୍ୱିତୀୟ ବାର ଭାରତ ଭ୍ରମଣ ସମୟରେ କାଶୀରେ ଦେବଭଟ୍ଟଙ୍କ କନ୍ୟା ଶ୍ରୀମତୀ ମହାଲକ୍ଷ୍ମୀଙ୍କର ସେ ପାଣିଗ୍ରହଣ କରିଥିଲେ । ଏଣୁ ସେ ଜଣେ ଗୃହୀ ସନ୍ନ୍ୟାସୀ ହେଲେ । ସେ ଦୁଇଗୋଟି ସନ୍ତାନର ଜନକ ହୋଇଥିଲେ । ସେ

କାଶୀରେ ବସବାସ ନ କରି ତ୍ରିବେଣୀର ଅପର ପାର୍ଶ୍ୱରେ ଥିବା ଏକ କ୍ଷୁଦ୍ର ଗ୍ରାମରେ ବସତି ସ୍ଥାପନ କଲେ ।

ବଲ୍ଲଭାଚାର୍ଯ୍ୟ ଜଣେ ଅବତାରୀ ପୁରୁଷ ଥିଲେ । ଶ୍ରୀକୃଷ୍ଣଙ୍କୁ ଲୀଳାମୟ ଅବତାର ମନେକରି ତାଙ୍କର ବାଲ୍ୟଲୀଳା ସେ ବିଶେଷ ଭାବରେ ପ୍ରଚାର କରିଥିଲେ । ଭଗବାନଙ୍କୁ ବାତ୍ସଲ୍ୟ ଭାବନେଇ ପୂଜାକରି ଭକ୍ତି ନିବେଦନ ଉପରେ ସେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ବାଳଗୋପାଳ ପୂଜାର ପ୍ରସାର ତାଙ୍କରି ସମୟରୁ ବିଶେଷ ଆଦୃତ ହେଲା । ଭଗବାନଙ୍କର ବାତ୍ସଲ୍ୟଭାବକୁ ନେଇ ପୂଜା ଆରାଧନା କଲେ । ତାଙ୍କର ବିଶେଷ କରୁଣା ଆମେ ଲାଭ କରି ପରିବା । ବଲ୍ଲଭାଚାର୍ଯ୍ୟଙ୍କ ପ୍ରଭାବରୁ ଓଡ଼ିଶାର ପୁରପଲ୍ଲୀରେ ଗୋପାଳକୃଷ୍ଣ ପୂଜା ପାଉଛନ୍ତି । ପୁରୀର ବ୍ରାହ୍ମଣ ଶାସନମାନଙ୍କରେ ବଲ୍ଲଭଙ୍କ ପ୍ରଭାବ ଫଳରେ ଗୋପୀନାଥଙ୍କ ମନ୍ଦିରରେ ଗୋପାଳମୂର୍ତ୍ତି ପୂଜା ପାଇଆସୁଛନ୍ତି ।

ବଲ୍ଲଭାଚାର୍ଯ୍ୟ ଶ୍ରୀକ୍ଷେତ୍ରକୁ ଆସିଥିଲେ । ପୁରୀ ବଡ଼ଦାଣ୍ଡରେ ଅବସ୍ଥିତ ଜଗନ୍ନାଥ ବଲ୍ଲଭ ମଠ ତ୍ରୟୋଦଶ ଶତାବ୍ଦୀରେ ବିଷ୍ଣୁସ୍ୱାମୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ବଲ୍ଲଭାଚାର୍ଯ୍ୟ ବିଷ୍ଣୁସ୍ୱାମୀ ସମ୍ପ୍ରଦାୟର ଆଚାର୍ଯ୍ୟ ହୋଇଥିବାରୁ ସେ ଏହି ମଠର ଅନେକ ଉନ୍ନତି କରିଥିଲେ । ଏହି ମଠର ଅଧିଷ୍ଠିତ ଦେବତା ହେଉଛନ୍ତି ଗୋପାଳଜୀ । ଜଗନ୍ନାଥଙ୍କର ସକାଳ ବାଳଭୋଗ ବଲ୍ଲଭ ନାମରେ ନାମିତ । ବୋଧହୁଏ ଏହି ବଲ୍ଲଭ ବ୍ୟବସ୍ଥା ବଲ୍ଲଭାଚାର୍ଯ୍ୟଙ୍କ ସମୟରେ ଆରମ୍ଭ ହୋଇଥିଲା ।

ତେବେ ତାଙ୍କର ଶ୍ରୀକ୍ଷେତ୍ରରେ ରହଣି ସମୟରେ ଗୋଟିଏ ଦୁଇଟି ଘଟଣା ଘଟିଥିଲା ଯାହା ଉଲ୍ଲେଖ କରାଯାଇପାରେ । ଏସବୁ ଜନଶ୍ରୁତିରେ ରହିଅଛି । ବଲ୍ଲଭାଚାର୍ଯ୍ୟ ଯେଉଁଦିନ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ ସେ ଦିନ ଏକାଦଶୀ ହୋଇଥାଏ । ସେ ଶ୍ରୀମନ୍ଦିରକୁ ଯାଇ ଜଗନ୍ନାଥଙ୍କୁ ଦର୍ଶନ କଲେ । ଏହି ସମୟରେ ଜଣେ ପଣ୍ଡା ତାଙ୍କ ହାତକୁ ମହାର୍ଦ୍ଦ କଣିକାଏ ଦେଇଦେଲେ । ବଲ୍ଲଭ ଧର୍ମ ସଙ୍କଟରେ ପଡ଼ିଗଲେ । ସେ ଦିନ ଏକାଦଶୀ । ଏହାକୁ ଗ୍ରହଣ କରିବେ କିପରି ? ପୁନଶ୍ଚ ଏହା କୈବଲ୍ୟ । ଏଣୁ ଏହାକୁ ଗ୍ରହଣ ନ କଲେ ପାପ ହେବ । ତେଣୁ ସେ ହାତରେ କୈବଲ୍ୟ ଧରି ସମୁଦାୟ ଦିବସ ଓ ରାତ୍ରୀ ତାଙ୍କର ଶିଷ୍ୟଙ୍କ ଆଗରେ ମହାପ୍ରସାଦର ମହିମା ଗାନକଲେ । ପରଦିନ ଦ୍ୱାଦଶୀ ହେଲା । ଏହାକୁ ସେବା କରି ପାରଣା କଲେ ।

ପୁନଶ୍ଚ ଅନ୍ୟ ଏକ ଘଟଣା ମଧ୍ୟ ଘଟିଥିଲା । ବଲ୍ଲଭ ଚୈତନ୍ୟଙ୍କର ସମସାମୟିକ । ସେ ଶ୍ରୀକ୍ଷେତ୍ରକୁ ଆସିବା ସମୟରେ ଶ୍ରୀଚୈତନ୍ୟ ସେଠାରେ ଥିଲେ । ବଲ୍ଲଭ ନିଜର ଭାଗବତ ଟୀକା ଶ୍ରୀଚୈତନ୍ୟଙ୍କୁ ଦେଖାଇ ଥିଲେ । ମାତ୍ର ଶ୍ରୀ ଚୈତନ୍ୟତ ସବୁବେଳେ

କୀର୍ତ୍ତନ କରୁଥିଲେ । ଏଣୁ ତାଙ୍କ ଅନୁରୋଧରେ ଅଦ୍ୱୈତାଚାର୍ଯ୍ୟ ତାହା ଦେଖିଲେ । ହେଲେ ଅଦ୍ୱୈତାଚାର୍ଯ୍ୟ କେତକ ସ୍ଥାନରେ ତାଙ୍କର ଟୀକାରେ ଥିବା ତ୍ରୁଟି ତାଙ୍କୁ ଦେଖାଇଥିଲେ । ଏହା ବଲ୍ଲଭଙ୍କୁ ଟିକିଏ ଆଘାତ ଦେଇଥିଲା । ମାତ୍ର ଶ୍ରୀ ଚୈତନ୍ୟ ତାଙ୍କୁ ବୁଝାଇ ଦେଇଥିଲେ ଯେ ସେ ଜଣେ ଜ୍ଞାନୀ ମାତ୍ର ଟୀକା କ୍ଷେତ୍ରରେ ଶ୍ରୀଧର ସ୍ୱାମୀଙ୍କ ଟୀକା ସମଗ୍ର ଭାରତ ବର୍ଷରେ ପସିଦ୍ଧି ଲାଭ କରିଛି ଓ ଏହା ଅଦ୍ୱିତୀୟ । ବଲ୍ଲଭଙ୍କ ମନର ଅଭିମାନ କ୍ରମେ ଦୂର ହୋଇଥିଲା ।

ବଲ୍ଲଭାଚାର୍ଯ୍ୟଙ୍କ ଦର୍ଶନକୁ କୁହାଯାଏ 'ଶୁଦ୍ଧାଦ୍ୱୈତବାଦ' । ବ୍ରହ୍ମଙ୍କର ସ୍ୱତନ୍ତ୍ର ସତ୍ତା ରହିଛି । ସେ ସତ୍, ଚିତ୍ ଏବଂ ଆନନ୍ଦ । ବ୍ରହ୍ମ ଓ ଶ୍ରୀକୃଷ୍ଣ ଏକ ଓ ଅଭିନ୍ନ । ବ୍ରହ୍ମ ନିଜକୁ ଜୀବ ଓ ଜଡ଼ ମଧ୍ୟରେ ପ୍ରକାଶ କରିଛନ୍ତି । ମାତ୍ର ଏମାନେ ମିଥ୍ୟା ବା ମାୟା ନୁହନ୍ତି । ବ୍ରହ୍ମ ମାୟାଦ୍ୱାରା ଅଶୁଦ୍ଧ ହୋଇପାରିବେ ନାହିଁ । "ମାୟା ସମ୍ବନ୍ଧ ରହିତମ୍ ଶୁଦ୍ଧମ୍ ।" ଶଙ୍କରଙ୍କ ମତରେ ବ୍ରହ୍ମ ନିର୍ଗୁଣ । ମାତ୍ର ମାୟା ସମ୍ବନ୍ଧରେ ଏହା ସଗୁଣ ହୋଇଥାଆନ୍ତି । କିନ୍ତୁ ଶୁଦ୍ଧାଦ୍ୱୈତ ମତରେ ବ୍ରହ୍ମଠାରେ ମାୟାର ସମ୍ବନ୍ଧ ନାହିଁ । ଭଗବାନ ଜଗତ କର୍ତ୍ତା । ସୃଷ୍ଟି ତାଙ୍କର ଲୀଳା । ଭଗବାନ ସକଳ ସଦ୍‌ଗୁଣର ଆଧାର । ଏପରିକି ବିପରୀତ ସ୍ୱଭାବର ଗୁଣ ମଧ୍ୟ ତାଙ୍କଠାରେ ରହିଅଛି । ସେ ଜଗତ୍ ସମ୍ପର୍କରେ ସାଂଖ୍ୟର ପରିଣାମ ବାଦ ଓ ଅଦ୍ୱୈତ ଦର୍ଶନର ବିବର୍ତ୍ତବାଦକୁ ପରିହର କରି 'ଅବିକୃତ ପରିଣାମବାଦ' ମତ ପ୍ରଚାର କରିଥିଲେ । ଜଗତ ବ୍ରହ୍ମରୁ ଆସିଛି । ମାତ୍ର ଜଗତ୍ ସତ୍ୟ । ହେଲେ କାରଣ ବ୍ରହ୍ମଙ୍କର ପରିବର୍ତ୍ତନ ବା ରୂପାନ୍ତରୀକରଣ ହୋଇନଥାଏ ।

ବଲ୍ଲଭାଚାର୍ଯ୍ୟ ପୁଷ୍ଟିମାର୍ଗର ପ୍ରବକ୍ତା ଥିଲେ । ତାଙ୍କ ମତରେ ଭକ୍ତିରୁ ମୁକ୍ତି ମିଳିଥାଏ । ଐକାନ୍ତିକ ଭକ୍ତିରେ ଈଶ୍ୱର ସନ୍ତୁଷ୍ଟ ହେଲେ ଆମେ ତାଙ୍କର କରୁଣାଲାଭ କରିପାରିବା । ଏଣୁ ତାଙ୍କରି କରୁଣାହିଁ ଆମକୁ ମୁକ୍ତି ଦେଇଥାଏ । ଏହି ଭକ୍ତିକୁ ଈଶ୍ୱରଙ୍କ ପ୍ରତି ସ୍ନେହ ବୋଲି କୁହାଯାଏ । ଈଶ୍ୱରଙ୍କ ପ୍ରତି ମମତା ଓ ଜାଗତିକ ବସ୍ତୁପ୍ରତି ବିତୃଷ୍ଣା ଆସିଲେ ଏ ଭକ୍ତି ଦୃଢ଼ୀଭୂତ ହୁଏ । ବ୍ୟକ୍ତି ଯେତେ ସାଧନା କଲେ ହେଁ ଓ ଯେତେ ଜ୍ଞାନୀ ହେଲେ ମଧ୍ୟ ଈଶ୍ୱରଙ୍କ କରୁଣା ନ ହେଲେ ତା ଭିତରେ ଭକ୍ତି ଭାବ ଆସିପାରିବ ନାହିଁ । ଭଲ୍ଲଭାଚାର୍ଯ୍ୟ ଯେଉଁ ପୁଷ୍ଟିମାର୍ଗ କଥା କହିଛନ୍ତି ତାହା ବୈଦିକ ମର୍ଯ୍ୟାଦା ମାର୍ଗଠାରୁ ଭିନ୍ନ । ମର୍ଯ୍ୟଦା ମାର୍ଗ ଅନୁସାରେ ବ୍ୟକ୍ତିର ଜ୍ଞାନ, କର୍ମ ଓ ଉପାସନା ଦ୍ୱାରା ସମସ୍ତ ପାପ ଦୂର ହୋଇଯାଏ ଏବଂ ହୃଦୟରେ ଈଶ୍ୱର ଭକ୍ତି ଜାଗ୍ରତ ହୁଏ ମାତ୍ର ପୁଷ୍ଟିମାର୍ଗ କହିଛି ଯେ ବ୍ୟକ୍ତି ଯେତେ ଉଦ୍ୟମ କଲେ ମଧ୍ୟ ଯଦି ଭଗବାତ୍ କରୁଣା ନ ହୁଏ ତେବେ ହୃଦୟରେ ଭକ୍ତିଭାବ ଆସିବ ନାହିଁ । ଏଣୁ ଏହା ଈଶ୍ୱରଙ୍କର ଦାନ ମାତ୍ର । ପୁଷ୍ଟିଶବ୍ଦର ଅର୍ଥ ହେଉଛି ଈଶ୍ୱରଙ୍କ କରୁଣା ।

ବଲ୍ଲଭାଚାର୍ଯ୍ୟ ଶେଷ ଜୀବନ ବାରଣାସୀରେ କଟାଇଥିଲେ । ୧୫୩୧ ମସିହାରେ ସେଇ ବାରଣାସୀରେ ଗଙ୍ଗାନଦୀର ହନୁମାନ ଘାଟଠାରେ ସ୍ନାନ କରିବା ଅବସ୍ଥାରେ ତାଙ୍କର ମରଶରୀର ଅନ୍ତର୍ଦ୍ଧାନ ହୋଇଗଲା । ସେ ସେଇ ପରମେଶ୍ୱରଙ୍କଠାରେ ଲୀନ ହୋଇଗଲେ ।

ବଲ୍ଲଭାଚାର୍ଯ୍ୟ ଯେଉଁ ଭକ୍ତିର ମନ୍ଦାକିନୀ ଧାରା ପ୍ରସାରିତ କରିଥିଲେ ଏବଂ ତତ୍‌ସଙ୍ଗେ ବ୍ରହ୍ମସୂତ୍ର ଉପରେ ଯେଉଁ 'ଅଣୁଭାଷ୍ୟ' ରଚନା କରିଥିଲେ ତଥା ଭାଗବତ ଉପରେ ଯେଉଁ 'ସୁବୋଧିନୀ ' ଟୀକା ଲେଖିଥିଲେ ତାହା ତାଙ୍କର ଅନନ୍ୟ ପ୍ରତିଭାର ସ୍ୱାକ୍ଷର ବହନ କରିଛି । ପୁଷ୍ଟି ପ୍ରବାହ, ମର୍ଯ୍ୟାଦା ଭେଦ ଓ ସିଦ୍ଧାନ୍ତ ରହସ୍ୟ ଭଳି ଗ୍ରନ୍ଥ ମଧ୍ୟ ସେ ରଚନା କରିଥିଲେ । ଶ୍ରୀ ବଲ୍ଲଭାଚାର୍ଯ୍ୟ ଭଗବଦ୍‌ଗୀତାର ଟୀକା ଶେଷ କରିପାରି ନଥିଲେ । ତାଙ୍କ ପୁତ୍ରଙ୍କ ଦ୍ୱାରା ଏହା ସମ୍ପୂର୍ଣ୍ଣ ହୋଇଥିଲା । ଭାରତ ବର୍ଷର ଆଚାର୍ଯ୍ୟମାନଙ୍କ ମଧ୍ୟରେ ବଲ୍ଲଭ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ଚମ୍ପାରଣ୍ୟଠାରେ ବଲ୍ଲଭଙ୍କ ଅନୁଗାମୀମାନେ ଏକ ମନ୍ଦିର ପ୍ରତିଷ୍ଠା କରିଛନ୍ତି । ତୀର୍ଥଯାତ୍ରୀମାନେ ସେଠାକୁ ଯାଇ ଦର୍ଶନ କରନ୍ତି ।

# ଶ୍ରୀ ନିମ୍ବାର୍କାଚାର୍ଯ୍ୟ

ଶ୍ରୀ ନିମ୍ବାର୍କାଚାର୍ଯ୍ୟ ଏକାଦଶ ଶତାବ୍ଦୀର ଦାର୍ଶନିକ। ଅବଶ୍ୟ ଶ୍ରୀ ଚନ୍ଦ୍ରଧର ଶର୍ମା ଏହାଙ୍କୁ ଚତୁର୍ଦ୍ଦଶ ଶତାବ୍ଦୀର ବୋଲି ଅନୁମାନ କରିଛନ୍ତି। କାରଣ ତାଙ୍କ ମତରେ ମାଧବାଚାର୍ଯ୍ୟ ଯେ କି ଚତୁର୍ଦ୍ଦଶ ଶତାବ୍ଦୀର ସେ ସର୍ବଦର୍ଶନ ସଂଗ୍ରହ ଗ୍ରନ୍ଥରେ ନିମ୍ବାର୍କଙ୍କ ବିଷୟ ଉଲ୍ଲେଖ କରି ନାହାନ୍ତି। ଏଣୁ ସେ ଅନୁମାନ କରନ୍ତି ଯେ ନିମ୍ବାର୍କାଚାର୍ଯ୍ୟ ମାଧବକୃତ ପୁସ୍ତକ ରଚନାର ପରବର୍ତ୍ତୀ ଦାର୍ଶନିକ। କିନ୍ତୁ ବିଶିଷ୍ଟ ଗବେଷକଗଣ ଏହାଙ୍କୁ ଏକାଦଶ ଶତାବ୍ଦୀର ବୋଲି ସ୍ୱୀକାର କରିଛନ୍ତି।

ଭାରତ ବର୍ଷରେ ଶଙ୍କର ରାମାନୁଜ, ମଧ୍ୱାଚାର୍ଯ୍ୟ ଯେଭଳି ଯଥାକ୍ରମେ ଅଦ୍ୱୈତ, ବିଶିଷ୍ଟାଦ୍ୱୈତ, ଦ୍ୱୈତ ମତବାଦ ପ୍ରଚାର କରିଛନ୍ତି ନିମ୍ବାର୍କ ସେହିଭଳି ଦ୍ୱୈତାଦ୍ୱୈତବାଦ ପ୍ରଚାର କରିଥିଲେ। ଆମେ ସଂସ୍କୃତ ଭାଗବତରେ 'ଶ୍ରୀରାଧା' ଶବ୍ଦ ଦେଖିବାକୁ ପାଉନାହିଁ ଅବଶ୍ୟ 'ଆରାଧିକା' ଶବ୍ଦ ସେଥିରେ ଅଛି। କିନ୍ତୁ ନିମ୍ବାର୍କାଚାର୍ଯ୍ୟ ରାଧାକୃଷ୍ଣ ତତ୍ତ୍ୱକୁ ଏଭଳି ଭାବରେ ବ୍ୟାଖ୍ୟା କରିଛନ୍ତି ଯେ ଏହା ପରବର୍ତ୍ତୀ ବୈଷ୍ଣବମାନଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଛି। 'ରାଧାତତ୍ତ୍ୱ' ଯେଉଁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ସେଥିପାଇଁ ନିମ୍ବାର୍କଙ୍କ ଅବଦାନ ସବୁଠାରୁ ଅଧିକ। ନିମ୍ବାର୍କଙ୍କ ଅନୁଗାମୀଗଣ ରାଧା ଓ କୃଷ୍ଣଙ୍କୁ ହୃଦୟର ଐକାନ୍ତିକ ଭକ୍ତିସହ ପୂଜା କରନ୍ତି। 'ରସୋବୈସଃ' ଏହି ଶ୍ରୁତିବାକ୍ୟ ଅନୁସାରେ ପରମତତ୍ତ୍ୱ ହେଉଛି ରସ ସ୍ୱରୂପ। ରସରୁ ରାସ ଶବ୍ଦ ଆସିଅଛି। ଯିଏ କୃଷ୍ଣ ସିଏ ରାଧା। ରାଧା ଓ କୃଷ୍ଣଙ୍କୁ ପରସ୍ପରଠାରୁ ଅଭିନ୍ନ ବୋଲି ବିଚାର କରାଯାଇଛି । ଚନ୍ଦ୍ର ଓ ଜ୍ୟୋସ୍ନାର ସମ୍ପର୍କ ଭଳି ରାଧା କୃଷ୍ଣଙ୍କର ସମ୍ପର୍କ । ନିମ୍ବାର୍କାଚାର୍ଯ୍ୟଙ୍କ ମତବାଦକୁ ଲକ୍ଷ୍ୟକଲେ ଜଣାଯାଏ ଯେ ରାମାନୁଜଙ୍କ ଦର୍ଶନ ସହିତ ଏହାର ବହୁତ ସାମଞ୍ଜସ୍ୟ ରହିଛି। ଯଦିଓ କେତେକ କ୍ଷେତ୍ରରେ ସେ କିଛି ପରିବର୍ତ୍ତନ ଆଣିଛନ୍ତି। ନିମ୍ବାର୍କ ରାମାନୁଜଙ୍କ ଭଳି ତିନିଗୋଟି ସତ୍ୟକୁ ମାନିଛନ୍ତି। (୧) ଈଶ୍ୱର (୨) ଜୀବ (୩) ଜଡ଼ବସ୍ତୁ। ମାତ୍ର ଈଶ୍ୱରଙ୍କସହ ଜୀବ ସମ୍ପର୍କକୁ ବିଚାର କଲେ ଜଣାଯାଏ ଯେ, ଏଥିରେ ଭେଦ ରହିଛି ଓ ଅଭେଦ ମଧ୍ୟ ରହିଛି। ଏହାକୁ ବୁଝାଇବାକୁ ସୂର୍ଯ୍ୟ ଓ ସୂର୍ଯ୍ୟରଶ୍ମିର ଉଦାହରଣ ଦିଆଯାଇପାରେ। ସୂର୍ଯ୍ୟରଶ୍ମି ନିଜେ ସୂର୍ଯ୍ୟ ନୁହନ୍ତି ଏଣୁ ଭେଦ ରହିଛି। ପୁନଶ୍ଚ ଅଭେଦ ମଧ୍ୟ ରହିଛି କାରଣ ରଶ୍ମିର ଉତ୍ସ ବା କେନ୍ଦ୍ର ହେଉଛନ୍ତି ସୂର୍ଯ୍ୟ। ସେହିଭଳି ଈଶ୍ୱର ଓ ଜଗତର ସମ୍ପର୍କକୁ ବିଚାର କରାଯାଉ। ଯଦି ଜଗତ ଈଶ୍ୱରଙ୍କଠାରୁ ସମ୍ପୁର୍ଣ୍ଣ ଅଭିନ୍ନ ହେବ ତେବେ ଜଗତର ସମସ୍ତ ଦୋଷ ଈଶ୍ୱରଙ୍କୁ ସ୍ପର୍ଶ କରିବ। ଯଦି ସମ୍ପର୍କ

ସମ୍ପୂର୍ଣ୍ଣ ଭିନ୍ନ ହୋଇଗଲା ତେବେ ଈଶ୍ୱର ଜଗତଦ୍ୱାରା ସୀମିତ ହୋଇଯିବ। ଏ ସବୁକୁ ବିଚାରକରି ନିମ୍ବାର୍କ ଭେଦାଭେଦ ବା ଦ୍ୱୈତାଦ୍ୱୈତ ଦର୍ଶନ ପ୍ରଚାର କରିଛନ୍ତି।

ଏହି ମହାନ ଦାର୍ଶନିକଙ୍କ ଜନ୍ମ ଗୋଦାବରୀ ନଦୀ ତୀରସ୍ଥ ବୈଦୁର୍ଯ୍ୟପଟ୍ଟନମ୍‌ଠାରେ ହୋଇଥିଲା। ତାଙ୍କର ପିତାଙ୍କ ନାମ ଅରୁଣ ମୁନି ଓ ମାତାଙ୍କ ନାମ ଜୟନ୍ତୀ ଦେବୀ। ପିତାମାତା ଉଭୟେ ଅତ୍ୟନ୍ତ ଧର୍ମପ୍ରାଣ ଥିଲେ ଏବଂ ପିତା ତାଙ୍କର ଜଣେ ଋଷିଙ୍କ ଭଳି ଜୀବନଯାପନ କରୁଥିଲେ। ନିମ୍ବାର୍କଙ୍କର ପିଲାଦିନର ନାମଥିଲା ନିୟମାନନ୍ଦାଚାର୍ଯ୍ୟ। ସେ ଅତ୍ୟନ୍ତ ମେଧାବୀ ଥିଲେ। ବ୍ରତୋପନୟନ ପରେ ସେ ଗୁରୁଙ୍କ ଆଶ୍ରମକୁ ଯାଇ ବେଦ,ବେଦାନ୍ତ ଓ ଅନ୍ୟ ଦର୍ଶନଶାସ୍ତ୍ରମାନ ଅଧ୍ୟୟନ କରି ସହଜରେ ଆୟତ୍ତ କରିପାରିଥିଲେ। ତାଙ୍କର ପ୍ରତିଭା ଓ ପ୍ରଖର ସ୍ମୃତିଶକ୍ତି ଦେଖି ସମସ୍ତେ ବିସ୍ମିତ ହୋଇଯାଉଥିଲେ।

ନିୟମାନନ୍ଦାଚାର୍ଯ୍ୟ କିଭଳି ନିମ୍ବାର୍କାଚାର୍ଯ୍ୟ ନାମରେ ନାମିତ ହେଲେ ଏ ସମ୍ପର୍କରେ ଏକ ଅଲୌକିକ କାହାଣୀ ଅଛି। ଥରେ ପିତା ଅରୁଣ ମୁନି ଗୃହରେ ଅନୁପସ୍ଥିତ ଥିବା ସମୟରେ ଜଣେ ସନ୍ନ୍ୟାସୀଙ୍କ ଭୋଜନ ବ୍ୟବସ୍ଥା କରିବା ପାଇଁ ମାଆ ଜୟନ୍ତୀ ଦେବୀ ବ୍ୟସ୍ତ ହୋଇପଡ଼ିଲେ। ଘରେ ଖାଦ୍ୟଦ୍ରବ୍ୟ କିଛି ନଥିଲା। ଏଣେ ସନ୍ଧ୍ୟା ସମୟ ଉପଗତ। ରାତ୍ରି ହେଲେ ସନ୍ନ୍ୟାସୀ କିଛି ଭୋଜନ କରିବେ ନାହିଁ। ସନ୍ନ୍ୟାସୀ ଫେରିଗଲେ ପାପ ହେବ। କଅଣ କରିବେ ଏପରି ଭାବୁ ଅଛନ୍ତି ଏହି ସମୟରେ ନିମ୍ବାର୍କ ଏକ ଚମତ୍କାରିତା ସୃଷ୍ଟିକଲେ । ସୁଦର୍ଶନ ଚକ୍ରଭଳି ଏକ ତେଜସ୍କର ବସ୍ତୁକୁ ସେ ଦାଣ୍ଡପଟେ ଥିବା ନିମ୍ବ ଗଛରେ ଏପରି ସ୍ଥାପନ କଲେ ଯେ ତାହାର ଆଲୋକ ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇ ପଡ଼ିଲା ଏବଂ ଦିବସର ଭ୍ରମ ସୃଷ୍ଟିକଲା। ଏହି ସମୟରେ ନିମ୍ବାର୍କ ନିକଟସ୍ଥ ବଣକୁ ଯାଇ ବିଭିନ୍ନ ପ୍ରକାର ଫଳମୂଳ ଆଣି ସନ୍ନ୍ୟାସୀଙ୍କୁ ଆପ୍ୟାୟିତ କଲେ। ସନ୍ନ୍ୟାସୀ ଆନନ୍ଦ ମନରେ ଏହା ଭୋଜନ କରି ଆଶୀର୍ବାଦ କରି ଚାଲିଗଲେ। ନିମ୍ବ ଗଛରେ ସୂର୍ଯ୍ୟ କିରଣ (ଅର୍କ) ସୃଷ୍ଟି କରିଥିବାରୁ ତାଙ୍କ ନାମ ହେଲା ନିମ୍ବାର୍କ।

ନିମ୍ବାର୍କାଚାର୍ଯ୍ୟ ଅନେକ ଗ୍ରନ୍ଥ ରଚନା କରିଥିଲେ। ସେ ବ୍ରହ୍ମସୂତ୍ର ଉପରେ ଗୋଟିଏ କ୍ଷୁଦ୍ର ଭାଷ୍ୟ ରଚନା କରିଥିଲେ ଏହାର ନାମ 'ବେଦାନ୍ତ ପାରିଜାତ ସୌରଭ'। ଏତଦ୍ ବ୍ୟତୀତ ତାଙ୍କ ରଚିତ ଅନ୍ୟ ପୁସ୍ତକ ଗୁଡ଼ିକ ହେଲା 'ସଦାଚାର ପ୍ରକାଶ' 'ଶ୍ରୀ ଗୀତା ଭାଷ୍ୟ' 'ପ୍ରପତ୍ତି ଚିନ୍ତାମଣି' 'ଦଶଶ୍ଳୋକୀ ବା କାମଧେନୁ'। ରାଧାକୃଷ୍ଣଙ୍କର ନିତ୍ୟ ସମ୍ପର୍କ ଓ ମହିମା ଗାନ କରି ନିମ୍ବାର୍କ ତାଙ୍କର ବେଦାନ୍ତ ଦଶଶ୍ଳୋକୀରେ କହିଛନ୍ତି, ପ୍ରଭୁ ଶ୍ରୀକୃଷ୍ଣ ସମସ୍ତ ଦୋଷରୁ ମୁକ୍ତ ଓ ସମସ୍ତ ଗୁଣମାନଙ୍କର ଆକର। ବାସୁଦେବ, ସଙ୍କର୍ଷଣ, ପ୍ରଦ୍ୟୁମ୍ନ ଓ

ଅନିରୁଦ୍ଧ ଏ ଚତୁଃବ୍ୟୁହ ତାଙ୍କର ଅଂଶ। ନେତ୍ରକମଳ ଅତ୍ୟନ୍ତ ସୁନ୍ଦର। ତାଙ୍କର ବାମାଙ୍ଗରେ ପରମାଆହ୍ଲାଦିନୀ ରାଧା ବିରାଜମାନ କରିଛନ୍ତି। 'ଆମେ ତାଙ୍କୁ ବାରମ୍ବାର ପ୍ରଣାମ କରୁଅଛୁ'।

ନିମ୍ବାର୍କ ଦୟା,କ୍ଷମା,କରୁଣା,ପ୍ରେମ,ସ୍ନେହ,ଉଦାରତା ଆଦି ସମସ୍ତ ଦିବ୍ୟଗୁଣର ଅଧିକାରୀ ଥିଲେ। ସେ ଥିଲେ ପରମ ବୈଷ୍ଣବ ଓ ରାଧାକୃଷ୍ଣ ଭକ୍ତିଭାବର ପ୍ରବକ୍ତା। ନିମ୍ବାର୍କାଚାର୍ଯ୍ୟ ସ୍ୱମତ ପ୍ରଚାର ପାଇଁ ଶ୍ରୀକ୍ଷେତ୍ରକୁ ଆସିଥିଲେ। ସେ ଜଗନ୍ନାଥଙ୍କୁ କୃଷ୍ଣ ଭାବରେ ପ୍ରାର୍ଥନା କରିଥିଲେ। ଶ୍ରୀ ମନ୍ଦିର ସମ୍ମୁଖରେ ଥିବା ରାଧାବଲ୍ଲଭମଠ ନିମ୍ବାର୍କପନ୍ଥୀଙ୍କର ସାଧନାର ପୀଠ ଅଟେ। ଶ୍ରୀକ୍ଷେତ୍ରକୁ ସେ ଆସିଥିଲେ ମଧ୍ୟ ବ୍ରଜଭୂମି ହେଉଛି ନିମ୍ବାର୍କପନ୍ଥୀଙ୍କର ସାଧନାର ପ୍ରଧାନ କେନ୍ଦ୍ର। ତାଙ୍କର ଅନୁଗାମୀମାନେ ବିଶେଷ ଭାବରେ ବୃନ୍ଦାବନ, ନନ୍ଦିଗ୍ରାମ,ଯୋଧପୁର ଓ ଗୋଓ୍ୱାଲିଅର ଓ ମଧ୍ୟପ୍ରଦେଶ, ବିହାର ଓ ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଛନ୍ତି। ରାଜସ୍ଥାନର ସଲେମ୍ବାବାଦଠାରେ ଏକ ପ୍ରସିଦ୍ଧ ନିମ୍ବାର୍କ ମନ୍ଦିର ରହିଅଛି।

ନିମ୍ବାର୍କମତର ଉପାସନା ତତ୍ତ୍ୱକୁ ବିଚାରକୁ ନେଲେ ଜଣାଯାଏ ଯେ ଏଥିରେ ପାଞ୍ଚଗୋଟି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଅଛି।

(୧) କର୍ମ (ଶାସ୍ତ୍ରବିହିତ କର୍ମ), (୨) ବିଦ୍ୟା (ବ୍ରହ୍ମ ଜ୍ଞାନ), (୩) ଉପାସନା (ଜୀବ ଓ ବ୍ରହ୍ମଙ୍କର ଅଭେଦ ଧ୍ୟାନ ଏବଂ ବ୍ରହ୍ମଙ୍କର ରୂପ ଚିନ୍ତନ), (୪) ଭକ୍ତି (ପ୍ରଗାଢ଼ ଭଗବତ୍ ପ୍ରୀତି), (୫) ପ୍ରପତ୍ତି (ଶୁଦ୍ଧ ଶରଣାଗତି)। ଏହି ସାଧନା ପଞ୍ଚକ ନିମ୍ବାର୍କ ମତର ମୂଳବିଷୟ।

# ଶ୍ରୀ ମଧ୍ୱାଚାର୍ଯ୍ୟ

ପୁଣ୍ୟଭୂମି ଭାରତ ବର୍ଷ କୋଳରେ ବହୁ ସାଧୁ ସନ୍ଥ ଓ ମହାପୁରୁଷଙ୍କ ଆବିର୍ଭାବ ଘଟିଛି। ସେମାନଙ୍କର ଅମର ବାଣୀ ଓ ଦିବ୍ୟ ସନ୍ଦେଶ ଯୁଗ ଯୁଗ ଧରି ଆମକୁ ପ୍ରେରଣା ଦେଇ ଆସିଅଛି। ପୂର୍ବ ପ୍ରବନ୍ଧମାନଙ୍କରେ ଆଚାର୍ଯ୍ୟ ଶଙ୍କର ଓ ରାମାନୁଜାଚାର୍ଯ୍ୟଙ୍କର ଜୀବନ ଦର୍ଶନ ଉପରେ ସମ୍ୟକ୍ ଆଲୋଚନା କରାଯାଇଅଛି। ଶଙ୍କର ଓ ରାମାନୁଜଙ୍କର ପରବର୍ତ୍ତୀ ସମୟରେ ମଧ୍ୱାଚାର୍ଯ୍ୟଙ୍କର ଆବିର୍ଭାବ ଘଟିଛି। ଏଠାରେ ସ୍ମରଣ କରାଯାଇପାରେଯେ ବଲ୍ଲଭାଚାର୍ଯ୍ୟଙ୍କ ବ୍ୟତୀତ ଅନ୍ୟ ଆଚାର୍ଯ୍ୟଙ୍କର ଜନ୍ମ ଦକ୍ଷିଣ ଭାରତରେ ଘଟିଥିଲା। ଶଙ୍କର କେରଳରେ, ରାମାନୁଜ ତାମିଲନାଡୁରେ, ନିମ୍ବାର୍କ ଆନ୍ଧ୍ରରେ ଏବଂ ମଧ୍ୱାଚାର୍ଯ୍ୟ କର୍ଣ୍ଣାଟକରେ ଜନ୍ମନେଇ ନିଜର ମତବାଦ ପ୍ରଚାର କରିଥିଲେ। ୭୧୨ ମସିହାଠାରୁ ଭାରତବର୍ଷ ଉପରେ ବିଦେଶୀ ଆକ୍ରମଣ ଆରମ୍ଭ ହେଲା। ତେବେ ଉତ୍ତର ଭାରତରେ ଏହା ବିଶେଷ ଭାବରେ ଘଟିଥିଲା। ଦକ୍ଷିଣ ଭାରତରେ ଏହା ଏତେ ଦୂର ପ୍ରଭାବ ବିସ୍ତାର କରିନଥିଲା। ହୁଏତ ଏଭଳି ଏକ ଐତିହାସିକ କାରଣରୁ ଦକ୍ଷିଣ ଭାରତରେ ମୌଳିକ ବିଚାରଧାରା ତଥା କଳା ଭାସ୍କର୍ଯ୍ୟର ସ୍ୱଚ୍ଛନ୍ଦ ବିକାଶ ଘଟିଥିଲା।

ମଧ୍ୱାଚାର୍ଯ୍ୟଙ୍କର ଜନ୍ମ କର୍ଣ୍ଣାଟକର ଉଡୁପିଠାରୁ ୧୦ କିଲୋମିଟର ଦକ୍ଷିଣପୂର୍ବ ଦିଗରେ ବେଲାଲି ଗ୍ରାମରେ ହୋଇଥିଲା ୧୧୯୯ ମସିହାରେ (କେତେକଙ୍କ ମତରେ ୧୧୯୭ ମସିହାରେ)। ତାଙ୍କର ପିତାଙ୍କ ନାମ ମଧ୍ୟଗେହ ଭଟ୍ଟ ଓ ମାତାଙ୍କ ନାମ ବେଦବତୀ। ତାଙ୍କର ମାତା ଅତ୍ୟନ୍ତ ଧର୍ମପରାୟଣା ଥିଲେ। ବାଲ୍ୟକାଳରୁ ମାଆଙ୍କ ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା ଓ ଆଧ୍ୟାତ୍ମିକ ଭାବର ବିକାଶ ଘଟିଥିଲା। ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ। ଉପର ଭାଇ ଦୁଇଟିଙ୍କର ବାଲ୍ୟକାଳରୁ ମୃତ୍ୟୁ ଘଟିଥିଲା। ଏଣୁ ପୁତ୍ରଟିଏ ପାଇବା ପାଇଁ ପିତା ବହୁତ ପୂଜା ଅର୍ଚ୍ଚନା କରୁଥିଲେ ଏବଂ ଈଶ୍ୱରଙ୍କ କୃପାରୁ ପୁତ୍ରସନ୍ତାନ ଲାଭ କଲେ। ତାର ନାମ ରଖିଲେ ବାସୁଦେବ। ବାଲ୍ୟକାଳରୁ ସେ ଅତ୍ୟନ୍ତ ସାହସୀ ଥିଲେ। ଭୟ କଣ ଜାଣୁନଥିଲେ। ତାଙ୍କର ବଳିଷ୍ଠ ଚେହେରା ଏବଂ ସାହସିକ କାର୍ଯ୍ୟ ଦେଖି ତାଙ୍କର ସାଙ୍ଗମାନେ ତାଙ୍କୁ ଭୀମ ବୋଲି ଡାକୁଥିଲେ। ସେ ଖେଳ କସରତରେ ବହୁତ ସମୟ ଦେଉଥିଲେ। କୁସ୍ତି କସରତ କରିବା ଓ ସନ୍ତରଣ କରିବାରେ ବହୁତ ସମୟ ଦେଉଥିବାରୁ ତଙ୍କର ଗୁରୁ ଅସନ୍ତୁଷ୍ଟ ହେଉଥିଲେ। କିନ୍ତୁ ସେ ଏତେ ପ୍ରତିଭାବାନ୍ ଥିଲେ ଯେ ଅଳ୍ପ ସମୟ ଅଧ୍ୟୟନ କରି ଶାସ୍ତ୍ରମାନଙ୍କୁ ଆୟତ୍ତ କରିପାରୁଥିଲେ। ତାଙ୍କର ଅସାଧାରଣ

ପ୍ରତିଭା ଓ ପ୍ରଖର ସ୍ମୃତିଶକ୍ତି ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ। ଥରେ ମାତ୍ର ଆଠବର୍ଷ ବୟସରେ ହିଂସ୍ରଜନ୍ତୁ ପୂର୍ଣ୍ଣ ଜଙ୍ଗଲ ମଧ୍ୟକୁ ଚାଲିଯାଇ ଏକାକୀ ନାରାୟଣଙ୍କ ପୂଜା ଆରାଧନାରେ ନିମଗ୍ନ ରହିଲେ। ବହୁତ ଖୋଜାଖୋଜି ପରେ ତାଙ୍କର ସନ୍ଧାନ ମିଳିଥିଲା। ତାଙ୍କର ଅସୀମ ଶକ୍ତି ଓ ସାହାସ ଦେଖି ତାଙ୍କୁ ଅନ୍ୟମାନେ ବାୟୁଙ୍କ ଅବତାର ବୋଲି ଭାବିନେଲେ।

ପିଲା ଦିନରୁ ତାଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନାର ପ୍ରକାଶ ଘଟିଥିଲା। ପିତାଙ୍କ ବାରଣ ସତ୍ତ୍ୱେ ୨୫ ବର୍ଷ ବୟସରେ ସେ ସନ୍ନ୍ୟାସ ବ୍ରତ ଅବଲମ୍ବନ କରିଥିଲେ। ତାଙ୍କୁ ଗୁରୁ ଅଚ୍ୟୁତ ପ୍ରକାଶାଚାର୍ଯ୍ୟ ଦୀକ୍ଷା ଦେଇଥିଲେ। ଏହାପରେ ସେ ପୂର୍ଣ୍ଣପ୍ରଜ୍ଞା ନାମରେ ନାମିତ ହେଲେ। ଗୁରୁଙ୍କ ଆଶୀର୍ବାଦରୁ ସେ ବେଦ, ବେଦାନ୍ତ ଓ ଅନ୍ୟାନ୍ୟ ଶାସ୍ତ୍ରରେ ଅସାଧାରଣ ବ୍ୟୁତ୍ପତ୍ତି ଲାଭକଲେ। ଗୁରୁ ତାଙ୍କୁ ଯୋଗ୍ୟ ମନେକରି ତାଙ୍କ ନିଜ ମଠର ମଠାଧୀଶ ମଧ୍ୟ କରିଦେଲେ ଏବଂ ପୁନର୍ବାର ଅନ୍ୟଏକ ନୂତନ ନାମ ମଧ୍ୟ ଦେଇଦେଲେ। ଏହା ହେଲା ଆନନ୍ଦତୀର୍ଥ। ମଧ୍ୱାଚାର୍ଯ୍ୟ ପରବର୍ତ୍ତୀ ସମୟରେ ତାଙ୍କର ସମସ୍ତ କୃତିରେ ଏହି ନାମକୁ ବ୍ୟବହାର କରିଛନ୍ତି। ଏଣୁ ତାଙ୍କର ବାସୁଦେବପୂର୍ଣ୍ଣପ୍ରାଜ୍ଞ ତଥା ଆନନ୍ଦତୀର୍ଥ ନାମରେ ଅନେକ ନାମ ରହିଥିଲା। ମଧ୍ୱାଚାର୍ଯ୍ୟ ଭକ୍ତିମାର୍ଗର ପ୍ରବକ୍ତା ଥିଲେ ଏବଂ ଉତ୍ତର ଭାରତ ଓ ଦକ୍ଷିଣ ଭାରତ ପର୍ଯ୍ୟଟନ କରି ନିଜର ମତବାଦ ପ୍ରଚାର କରିଥିଲେ। ଶାସ୍ତ୍ରାର୍ଥରେ ସେ ପ୍ରତିପକ୍ଷମାନଙ୍କୁ ପରାସ୍ତ କରି ନିଜର ମତବାଦକୁ ଦୃଢ଼ୀଭୂତ କରିପାରିଥିଲେ। ସେ ବଦ୍ରିନାଥ ଯାଇଥିଲେ ଏବଂ ସେଠାରେ ତାଙ୍କର ଏକ ଅଦ୍ଭୁତ ଅନୁଭୂତି ହୋଇଥିଲା। ଶୁଣାଯାଏ, ସେଠାରେ ବ୍ୟାସଙ୍କ ସହ ତାଙ୍କର ସାକ୍ଷାତ୍ ଘଟିଥିଲା ଏବଂ ବିଭିନ୍ନ ଶାସ୍ତ୍ରର ବ୍ୟାଖ୍ୟା ସେ ବ୍ୟାସଙ୍କଠାରୁ ଶୁଣିଥିଲେ।

ତାଙ୍କର ଅଲୌକିକ ଶକ୍ତି ସମ୍ପର୍କରେ ଅନେକ ଅଦ୍ଭୁତ କାହାଣୀ ଶୁଣାଯାଏ। ଥରେ ଗୋଟିଏ ନୌକାରେ ଶ୍ରୀକୃଷ୍ଣଙ୍କ ମୂର୍ତ୍ତିକୁ ନିଆଯାଉଥିଲା। ଭୟଙ୍କର ଝଡ଼ ମାଡ଼ିଆସିଲା ଓ ନୌକାସହ ଶ୍ରୀକୃଷ୍ଣଙ୍କ ମୂର୍ତ୍ତିଟି ସମୁଦ୍ରରେ ବୁଡ଼ିଗଲା। ମଧ୍ୱ ସାହାସର ସହିତ ସମୁଦ୍ରରେ ବୁଡ଼ି ଏ ମୂର୍ତ୍ତିକୁ ଉଦ୍ଧାର କରିଥିଲେ। ଅନ୍ୟଏକ କାହାଣୀ ଅନୁଯାୟୀ ମଧ୍ୱ ସମୁଦ୍ରରେ ସ୍ନାନ କରିବା ସମୟରେ ନିଜର ଅତିମାନୁସ ଶକ୍ତି ବଳରେ ସମୁଦ୍ରର ଜଳରାଶିକୁ ସ୍ଥିର ରଖିପାରିଥିଲେ।

ଶଙ୍କରାଚାର୍ଯ୍ୟ ଅଦ୍ୱୈତ ମତବାଦ ପ୍ରଚାର କରିଥିଲେ। ରାମାନୁଜାଚାର୍ଯ୍ୟ ବିଶିଷ୍ଟାଦ୍ୱୈତ ପ୍ରଚାର କରିଥିଲେ। କିନ୍ତୁ ମଧ୍ୱାଚାର୍ଯ୍ୟ ଦ୍ୱୈତ ମତବାଦ ପ୍ରଚାର କରିଥିଲେ। ଶଙ୍କରଙ୍କ ମତରେ ଜୀବ ହିଁ ବ୍ରହ୍ମ, ମାତ୍ର ମଧ୍ୱଙ୍କ ମତରେ ଜୀବ ଈଶ୍ୱରଙ୍କଠାରୁ ପୃଥକ। ଏଣୁ

ସେ ଦ୍ୱୈତ ମତବାଦ ପ୍ରଚାର କରିଥିଲେ। ସେ ଶଙ୍କରଙ୍କ ଦର୍ଶନକୁ ତୀବ୍ର ସମାଲୋଚନା କରିଛନ୍ତି। ତାଙ୍କମତରେ ଶଙ୍କର ଅଦ୍ୱୈତବାଦ ମଧ୍ୟରେ ବୌଦ୍ଧମାନଙ୍କର ଶୂନ୍ୟବାଦକୁ ପ୍ରଚାର କରିଛନ୍ତି। ତାଙ୍କ ମତରେ ଯେଭଳି ଈଶ୍ୱର ଶାଶ୍ୱତ ଓ ସତ୍ୟ, ସେହିଭଳି ଜଗତ ମଧ୍ୟ ଶାଶ୍ୱତ ଓ ସତ୍ୟ। ଏଣୁ ମଧ୍ୱ ଶଙ୍କରଙ୍କ ମାୟାବାଦକୁ ତୀବ୍ର ବିରୋଧ କରିଛନ୍ତି। ମୀମାଂସକମାନଙ୍କଭଳି ସେ ବେଦକୁ ଅପୌରୁଷେୟ ବୋଲି କହିଛନ୍ତି।

ମଧ୍ୱାଚାର୍ଯ୍ୟ ବୈଷ୍ଣବଥିଲେ ଏବଂ ତାଙ୍କ ସମ୍ପ୍ରଦାୟକୁ ସଦ୍-ବୈଷ୍ଣବ ସମ୍ପ୍ରଦାୟ ବୋଲି କୁହାଯାଏ। ରାମାନୁଜଙ୍କ ଶ୍ରୀ ସମ୍ପ୍ରଦାୟଠାରୁ ଏହା କେତେକ ଅଂଶରେ ଭିନ୍ନ ଅଟେ। ସଦ୍ ସମ୍ପ୍ରଦାୟର ଇଷ୍ଟ ଦେବତା ହେଉଛନ୍ତି ନାରାୟଣ। ତାଙ୍କୁ ଭକ୍ତିକଲେ ତାଙ୍କର କରୁଣା ଲାଭହୁଏ। ଭକ୍ତିରୁ ମୋକ୍ଷ ମିଳିଥାଏ। ମନୁଷ୍ୟ ଭଗବାନଙ୍କ ନାମ ସର୍ବଦା ସ୍ମରଣ କରିବା ଉଚିତ। କାରଣ ତାଙ୍କର ନାମ ବାରମ୍ବାର ସ୍ମରଣ କଲେ ଏହା କ୍ରମେ ଅଭ୍ୟାସରେ ପରିଣତ ହୋଇଯାଏ ଏବଂ ଜୀବନର ଅନ୍ତିମ ମୁହୂର୍ତ୍ତରେ ଯେତେବେଳେ ଆମର ଚେତନା ଲୋପ ପାଇଆସେ ଆମେ କେବଳ ଅଭ୍ୟାସ ଯୋଗୁଁ ତାଙ୍କରି ନାମ ସ୍ୱାଭାବିକ ଭାବରେ ସ୍ମରଣ କରିଥାଉ।

ମଧ୍ୱାଚାର୍ଯ୍ୟ ପଞ୍ଚଭେଦରେ ଗୁରୁତ୍ୱ ଦେଇଛନ୍ତି। ତାଙ୍କମତରେ

୧.ଈଶ୍ୱର ଓ ଜୀବ ମଧ୍ୟରେ ଭେଦ ରହିଛି।

୨.ଜୀବ ଜୀବ ମଧ୍ୟରେ ଭେଦ ରହିଛି।

୩.ଈଶ୍ୱର ଓ ଜଡ଼ବସ୍ତୁ ମଧ୍ୟରେ ଭେଦ ରହିଛି।

୪.ବସ୍ତୁ ବସ୍ତୁ ମଧ୍ୟରେ ଭେଦ ରହିଛି।

୫.ଜୀବ ଓ ଜଡ଼ବସ୍ତୁ ମଧ୍ୟରେ ଭେଦ ରହିଛି।

ମଧ୍ୱାଚାର୍ଯ୍ୟ ଏହି ଭେଦ ଉପରେ ଏତେ ଗୁରୁତ୍ୱ ଦେଉଥିଲେଯେ ତାଙ୍କ ମତରେ ଯେଉଁମାନେ ମୋକ୍ଷଲାଭ କରିଛନ୍ତି ସେମାନଙ୍କ ସୁଖ ଅନୁଭୂତିରେ ମଧ୍ୟ ଭେଦ ରହିଅଛି। ଜୀବ ଈଶ୍ୱରଙ୍କଠାରୁ ଭିନ୍ନ ହେଲେ ମଧ୍ୟ ସେ ଈଶ୍ୱରଙ୍କ ଉପରେ ନିର୍ଭର କରିଥାଏ।

ମଧ୍ୱ ଜୀବମାନଙ୍କୁ ତିନି ଶ୍ରେଣୀଭୁକ୍ତ କରିଛନ୍ତି। କେତେକ ନିତ୍ୟମୁକ୍ତ, ଅନ୍ୟ କେତେକ ମୁକ୍ତ ଅର୍ଥାତ ବନ୍ଧନରେ ପଡ଼ିଥିଲେ ମାତ୍ର ମୁକ୍ତିଲାଭ କରିଛନ୍ତି। ଆଉ କେତେକ ସଦା ବନ୍ଧନରେ ପଡ଼ିଛନ୍ତି ମୁକ୍ତି ପାଇପାରିବେ ନାହିଁ। ଏମାନେ ନୀଚ ଶ୍ରେଣୀୟ ଜୀବ। ମଧ୍ୱଙ୍କ ମତରେ ମୋକ୍ଷର ଚାରିଗୋଟି ଅବସ୍ଥା ଅଛି।ଯଥା-

୧.ସାଲୋକ୍ୟ, ୨.ସାମୀପ୍ୟ,୩.ସାରୂପ୍ୟ,୪ସାଜୁଜ୍ୟ। ସାଲୋକ୍ୟ ମୁକ୍ତିରେ ଜୀବ ଭଗବାନଙ୍କ କ୍ଷେତ୍ରରେ ବାସ କଲେ। ସାମୀପ୍ୟ ଅବସ୍ଥାରେ ଜୀବ ଭଗବାନଙ୍କ ନିକଟରେ ରହେ। ସାରୂପ୍ୟ ମୁକ୍ତିରେ ସେ ଭଗବାନଙ୍କ ଶରୀର ଭଳି ଶରୀର ଲାଭ କରିଥାଏ। ସାଜୁଜ୍ୟ ମୁକ୍ତିରେ ଭଗବାନଙ୍କ ଶରୀରରେ ମିଶିଯାଇଥାଏ। ଅନ୍ୟ ଭାବରେ ତାଙ୍କ ସହିତ ଯୁକ୍ତ ହୋଇଯାଏ।

ମଧ୍ୱାଚାର୍ଯ୍ୟ ୩୭ ଗୋଟି ଗ୍ରନ୍ଥ ରଚନା କରିଥିଲେ। ତାହା ଭିତରୁ ବ୍ରହ୍ମସୂତ୍ର ଭାଷ୍ୟ, ଗୀତାଭାଷ୍ୟ, ଭାଗବତ ତାତ୍ପର୍ଯ୍ୟ ନିର୍ଣ୍ଣୟ, ମହାଭାରତ ତାତ୍ପର୍ଯ୍ୟ ନିର୍ଣ୍ଣୟ ପ୍ରଭୃତି ପ୍ରସିଦ୍ଧ ଅଟେ।

ଶ୍ରୀକ୍ଷେତ୍ରରେ ମଧ୍ୱ ସଂପ୍ରଦାୟର ଅନେକ ଗୁଡ଼ିଏ ମଠ ରହିଅଛି। ଓଡ଼ିଶାରେ ଯେଉଁ ବୈଷ୍ଣବ ତତ୍ତ୍ୱର ଭକ୍ତିଧାରା ପ୍ରବାହିତ ହୋଇଅଛି ମଧ୍ୱଙ୍କ ମତବାଦ ଏହାକୁ ବିଶେଷ ଭାବରେ ପ୍ରଭାବିତ କରିଛି। ମଧ୍ୱ ପ୍ରାମାଣିକ ଗ୍ରନ୍ଥ ଭାବରେ ଭାଗବତକୁ ଗ୍ରହଣ କରିଥିଲେ। ଅବଶ୍ୟ ସେ ରାଧାତତ୍ତ୍ୱର ସମର୍ଥକ ନଥିଲେ। ଶ୍ରୀଚୈତନ୍ୟ ମଧ୍ୱଙ୍କୁ ଗୁରୁ ଭାବରେ ଗ୍ରହଣ କରିଥିଲେ ମଧ୍ୟ ଜ୍ଞାନ ମିଶା ଭକ୍ତିକୁ ଗ୍ରହଣ ନକରି ରାଧା ପ୍ରେମଧର୍ମକୁ ଗ୍ରହଣ କରିଥିଲେ।

# ତ୍ରୈଲୋକ୍ୟନାଥୋ ହରିଃ

ପ୍ରଭୁ ଶ୍ରୀଜଗନ୍ନାଥଙ୍କର ସମସ୍ତ ଯାତ୍ରା ମଧ୍ୟରେ ରଥଯାତ୍ରା ସର୍ବଶ୍ରେଷ୍ଠ ଅଟେ। ଜଗନ୍ନାଥ ହେଉଛନ୍ତି ଆମର ରାଷ୍ଟ୍ର ଦେବତା। ଏପରି ବିଚାର ଅଛି ଯେ ସତ୍ୟଯୁଗରେ ବଦ୍ରିନାଥ, ତ୍ରେତାରେ ରାମେଶ୍ୱର, ଦ୍ୱାପରରେ ଦ୍ୱାରକା ଓ କଳିଯୁଗରେ ଜଗନ୍ନାଥ ଧାମ ହେଉଛି ଶ୍ରେଷ୍ଠଧାମ। ସେହି ନୀଳାଦ୍ରିବିହାରୀଙ୍କୁ ଦର୍ଶନ କଲାବେଳେ ଭକ୍ତିଭାବରେ ଆମେ ତଲ୍ଲୀନ ହୋଇଯାଉ, ପ୍ରାଣ ପୁଲକିତ ହୋଇଉଠେ, ଚକ୍ଷୁରୁ ଅଶ୍ରୁଧାର ବହିଯାଏ। ଭାରତ ଓ ଭାରତ ବାହାରୁ ମଧ୍ୟ ଅଗଣିତ ଭକ୍ତ ପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କର ଦର୍ଶନଲାଭ କରି ଏହି ଘୋଷଯାତ୍ରା କାଳରେ ମନର ତୃପ୍ତି ମେଣ୍ଟାଇ ଥାନ୍ତି। ଗବେଷକଗଣ ଜଗନ୍ନାଥ ଓ ରଥଯାତ୍ରାର ଇତିହାସ ଉପରେ ଗବେଷଣା କରିଥାଆନ୍ତି। ମାତ୍ର ଭକ୍ତି ଗବେଷଣାର ବିଷୟ ନୁହେଁ। ଏହା ସ୍ୱାଭାବିକ, ପ୍ରାଣର ଆବେଗ ଏଥିରେ ପ୍ରକଟିତ ହୋଇଥାଏ।

ତଥାପି ଆଲୋଚନା ପ୍ରସଙ୍ଗରେ କେହି କେହି ମତ ବ୍ୟକ୍ତ କରିଥାଆନ୍ତି ଯେ ବୌଦ୍ଧମାନେ ବୁଦ୍ଧଙ୍କ ପ୍ରତିମାକୁ ରଥରେ ନେଇଥାଆନ୍ତି। ସିଂହଳରେ ଯେଉଁ ରଥଯାତ୍ରା ହୁଏ ସେଥିରେ ବୁଦ୍ଧଙ୍କ ଦନ୍ତକୁ ରଥରେ ନିଆଯାଇଥାଏ। ମାତ୍ର ସର୍ବଗ୍ରାହ୍ୟ ମତ ଏ କ୍ଷେତ୍ରରେ କିଛି ନାହିଁ। ଆମେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କୃଷ୍ଣ ବା ବିଷ୍ଣୁଭାବରେ ଆରାଧନା କରୁଅଛୁ। ଜଗନ୍ନାଥାଷ୍ଟକରେ କୁହାଯାଇଛି-

ରଥାରୂଢ଼ୋ ଗଚ୍ଛନ୍ ପଥିମିଳିତଭୂଦେବପଟଳୈଃ
ସ୍ତୁତିପ୍ରାଦୁର୍ଭାବଂ ପ୍ରତିପଦମୁପାକର୍ଣ୍ଣ୍ୟ ସଦୟଃ।
ଦୟାସିନ୍ଧୁର୍ବନ୍ଧୁଃ ସକଳଜଗତାଂ ସିନ୍ଧୁସୁତୟା
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ।

ଅନୁବାଦ-ଘୋଷଯାତ୍ରାକାଳେ ରଥେ ଆସୀନ
ବିପ୍ରଙ୍କ ସ୍ତବରେ ହୋଇ ପ୍ରସନ୍ନ।
କରୁଣା ଢାଳନ୍ତି ତାହାଙ୍କ ପରେ
ସେହି ମହାପ୍ରଭୁ କମଳାଙ୍କ ସହ ଉଭାହୁଅନ୍ତୁ ମୋ ନେତ୍ର ପଥରେ।

ଯଦି ଶଙ୍କରାଚାର୍ଯ୍ୟ ଏହି ଅଷ୍ଟକର ରଚୟିତା ତେବେ ଅଷ୍ଟମ ଶତାବ୍ଦୀର ବହୁପୂର୍ବରୁ ଏ ଯାତ୍ରା ଅନୁଷ୍ଠିତ ହେଉଅଛି। ପ୍ରଭୁ ଶ୍ରୀମନ୍ଦିର ସମ୍ମୁଖରୁ ରଥରେ ଆସୀନ ହୋଇ ଗୁଣ୍ଡିଚାଘର ପର୍ଯ୍ୟନ୍ତ ଯାଇଥାଆନ୍ତି ଯେପରି ସୂର୍ଯ୍ୟ ଆକାଶ ମାର୍ଗରେ ଗତିକରିବାର ପ୍ରତୀୟମାନ ହୁଅନ୍ତି। ଏହା ପୂର୍ବରୁ ସ୍ନାନ ମଣ୍ଡପରେ ଗଜବେଶ ଧାରଣ କରିଥାଅନ୍ତି। ଏସବୁକୁ ନେଇ ବିଚାର କରାଯାଇଛି ଯେ ଶ୍ରୀଜଗନ୍ନାଥ ପଞ୍ଚଦେବତାଙ୍କ ସମାହାର। ସ୍ନାନ ମଣ୍ଡପରେ ଗଣେଶ, ରଥଯାତ୍ରା ସମୟରେ ସୂର୍ଯ୍ୟ ବା ଭାସ୍କର, ରତ୍ନସିଂହାସନରେ ନାରାୟଣ, ନବକଳେବର ସମୟରେ ରୁଦ୍ର, ଶୟନ କାଳରେ ଦୁର୍ଗା। ଏଭଳି ପ୍ରତୀକାତ୍ମକ ତଥା ସମନ୍ୱୟର ଦେବତା ସଂସାରରେ କୁତ୍ରାପି ପୂଜା ପାଆନ୍ତି ନାହିଁ।

ବିଚାର କଲେ ସେ ସଗୁଣ ଓ ନିର୍ଗୁଣର ପ୍ରତୀକ। ସେ ସଗୁଣ ଭାବରେ ପୂଜା ପାଉଛନ୍ତି ମାତ୍ର ସ୍ୱାଭାବିକ ଭାବରେ ହାତ, ପାଦ, ଆଖି ପ୍ରଭୃତି ତାଙ୍କର ନାହିଁ। ଏସବୁ ପ୍ରତୀକ ମାତ୍ର। ଏଣୁ ସେ ନିର୍ଗୁଣ ମଧ୍ୟ। ସେ ବଂଶୀଧାରୀ ଶ୍ରୀକୃଷ୍ଣ ବା ତ୍ରିଶୂଳଧାରୀ ଶିବ ନୁହନ୍ତି। ଏଣୁ ତାଙ୍କୁ ଦେଖି ମନରେ ବିଭିନ୍ନ ପ୍ରକାର ଭାବ ଆସିଛି। ବ୍ରହ୍ମଙ୍କର ଉପାସନା ଦୁଇଭାବରେ ହୋଇଥାଏ। ନାମ, ରୂପ, ବିକାରଭେଦ, ଉପାଧି ବିଶିଷ୍ଟ ସଗୁଣ ବ୍ରହ୍ମ ବା ଏହାର ବିପରୀତ ନିରାକାର ନିର୍ଗୁଣ ବ୍ରହ୍ମ। ଏଣୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନାରେ ଉଭୟଙ୍କର ମିଳନ ଘଟିଅଛି।

ଭାରତବର୍ଷର ପ୍ରସିଦ୍ଧ ଆଚାର୍ଯ୍ୟଗଣ ଶ୍ରୀକ୍ଷେତ୍ରକୁ ଆସି ନିଜର ଦର୍ଶନ ବା ମତାମତ ପ୍ରଚାର କରିଛନ୍ତି। ସେମାନଙ୍କ ବିଚାରଧାରା ଆମର ଧାର୍ମିକ ତଥା ଆଧ୍ୟାତ୍ମିକ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଅଛି। ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ ହେଉଛି ଯେ ସମସ୍ତ ମତବାଦକୁ ଆମେ ସମ୍ମାନ ଦେଇଥାଉ। 'ଶିବମହିମ୍ନ ସ୍ତୋତ୍ର' ରେ ଉଲ୍ଲେଖ କରାଯାଇଛି ଯେ ଯେଉଭଳି ନଦୀମାନେ ବିଭିନ୍ନ ପଥରେ ଗତିକରି ଶେଷରେ ସାଗରରେ ବିଲୀନ ହୋଇଯାଆନ୍ତି ସେହିପରି ରୁଚିର ବୈଚିତ୍ର୍ୟ ଯୋଗୁ ବିଭିନ୍ନ ବିଚାରଧାରା ଉଦ୍ଭବ ହୋଇଥିଲେ ମଧ୍ୟ ପରିଶେଷରେ ସେହି ପରମସତ୍ତାରେ ନିଜକୁ ହଜାଇ ଦେଇଥାଅନ୍ତି। ତାହାଙ୍କୁ ଲାଭକରିବା ସମସ୍ତଙ୍କର ଲକ୍ଷ୍ୟ। ଏହି ସମନ୍ୱୟର କେନ୍ଦ୍ରସ୍ଥଳ ହେଉଛି ଶ୍ରୀକ୍ଷେତ୍ର। ଅଦ୍ୱୈତ ଦର୍ଶନର ପ୍ରବକ୍ତା ଶ୍ରୀଶଙ୍କରାଚାର୍ଯ୍ୟ, ବିଶିଷ୍ଟାଦ୍ୱୈତର ପ୍ରବକ୍ତା ଶ୍ରୀରାମାନୁଜାଚାର୍ଯ୍ୟ ତଥା ଅନ୍ୟାନ୍ୟ ଆଚାର୍ଯ୍ୟଗଣ ଏବଂ ନାନକ, ଶ୍ରୀଚୈତନ୍ୟ ପ୍ରଭୃତି ଏହି ପୁଣ୍ୟଧାମକୁ ଆସି ନିଜର ମତବାଦ କିଭଳି ସ୍ୱୀକୃତି ଲାଭ କରିବ ସେଥିପାଇଁ ଉଦ୍ୟମ କରିଛନ୍ତି। ଶ୍ରୀଚୈତନ୍ୟ ଏଠାରେ ଅନେକ ବର୍ଷ ଅବସ୍ଥାନ କରିଥିଲେ। ନାନକ ପ୍ରଭୁଙ୍କୁ ଦର୍ଶନକରି ଆନନ୍ଦ ଲାଭ କରିଥିଲେ।

ଶ୍ରୀଶଙ୍କରାଚାର୍ଯ୍ୟ ଓ ରାମାନୁଜାଚାର୍ଯ୍ୟ ମନ୍ଦିରର ପୂଜାପଦ୍ଧତି ଓ ରୀତିନୀତିରେ ବିଶେଷ ପ୍ରଭାବ ପକାଇ ପାରିଥିଲେ। ଶଙ୍କରାଚାର୍ଯ୍ୟ ଏଠାକୁ ଆସି ଦେଖିଥିଲେ ଯେ ମନ୍ଦିରର ଗର୍ଭଗୃହ ଶୂନ୍ୟ। ରକ୍ତବାହୁ ଯବନର ଆକ୍ରମଣର ଆଶଙ୍କାରେ ପ୍ରଭୁଙ୍କୁ ସୋନପୁରଠାରେ ପାତାଳି କରାଯାଇଥିଲା। ଶଙ୍କରଙ୍କ ପରାମର୍ଶରେ ଉତ୍କଳର ଶାସକ ତାଙ୍କୁ ଉଦ୍ଧାରକରି ପୁନର୍ବାର ନବ କଳେବର କରାଇ ଶ୍ରୀମନ୍ଦିରରେ ପ୍ରତିଷ୍ଠିତ କରାଇଥିଲେ। ଜୀବନ୍ତ ଶାଳଗ୍ରାମ ନେପାଳରୁ ଅଣାଯାଇଥିଲା। ଏହାର ସ୍ମାରକୀ ସ୍ୱରୂପ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି ଶ୍ରୀମନ୍ଦିରରେ। ନେପାଳ ରାଜାଙ୍କୁ ପୂଜାଅର୍ଚ୍ଚନା ପାଇଁ ସ୍ୱତନ୍ତ୍ର ସୁବିଧା ଦିଆଯାଏ।

ସେହିପରି ରାମାନୁଜାଚାର୍ଯ୍ୟ ଉତ୍କଳକୁ ଆସିଥିବା ସମୟରେ ଶାସକ ଥିଲେ ଚୋଳଗଙ୍ଗଦେବ। ସେ ଥିଲେ ପରମ ବୈଷ୍ଣବ ଓ ରାମାନୁଜ ଥିଲେ ଶ୍ରୀସମ୍ପ୍ରଦାୟର ବୈଷ୍ଣବ ଗୁରୁ। ଚୋଳଗଙ୍ଗଦେବ ତାଙ୍କଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ। ବୈଷ୍ଣବ ଭାବଧାରା ଦ୍ୱାରା ପ୍ରଭାବିତ ହୋଇ ସେ ଜଗନ୍ନାଥଙ୍କର ଏହି ବିଶାଳ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଲକ୍ଷ୍ମୀମନ୍ଦିର ମଧ୍ୟ ସେ ନିର୍ମାଣ କରିଥିଲେ। ତାଙ୍କର ସମୟରୁ ପ୍ରଭୁ ଶ୍ରୀଜଗନ୍ନାଥ ବିଷ୍ଣୁରୂପରେ ପୂଜା ପାଇଲେ। ରାମାନୁଜାଚାର୍ଯ୍ୟ ମନ୍ଦିରର ରୀତିନୀତିରେ କିଛିଟା ପରିବର୍ତ୍ତନ ଆଣିଥିଲେ ମଧ୍ୟ କେତେକ କ୍ଷେତ୍ରରେ ସେବକ ମାନେ ବିରୋଧ କରିବାରୁ ସେ ସଫଳ ହୋଇନଥିଲେ। ପଞ୍ଚରାତ୍ର ପୂଜାପଦ୍ଧତି ସମ୍ପୂର୍ଣ୍ଣ ଭାବରେ ଆରମ୍ଭ କରିବାକୁ ସେ ଚାହିଁଥିଲେ। ମାତ୍ର ପ୍ରବଳ ବିରୋଧ ଯୋଗୁ ଏହା ସମ୍ଭବ ହେଲାନାହିଁ। ରାମାନୁଜଙ୍କ ମାଉସୀପୁଅ ଭାଇ ଗୋବିନ୍ଦଙ୍କ ନାମରେଏମାର ମଠ ସ୍ଥାପିତ ହୋଇଥିଲା। ରାମାନୁଜଙ୍କଠାରୁ ହିଁ ବୈଷ୍ଣବ ଭକ୍ତିଧାରା ଶ୍ରୀ କ୍ଷେତ୍ରରେ ବୋହିଥିଲା।

ନିମ୍ବାର୍କାଚାର୍ଯ୍ୟ ମଧ୍ୟ ଶ୍ରୀକ୍ଷେତ୍ରକୁ ଆସିଥିଲେ ଏବଂ ସେ ଜଗନ୍ନାଥଙ୍କୁ କୃଷ୍ଣ ରୂପରେ ବନ୍ଦନା କରିଥିଲେ। ଶ୍ରୀମନ୍ଦିର ସମ୍ମୁଖରେ ଥିବା ରାଧାବଲ୍ଲଭ ମଠ ନିମ୍ବାର୍କପନ୍ଥୀଙ୍କର ମୁଖ୍ୟକେନ୍ଦ୍ରସ୍ଥଳ ଥିଲା। ସେହିପରି ବଲ୍ଲଭାଚାର୍ଯ୍ୟ ମଧ୍ୟ ଶ୍ରୀକ୍ଷେତ୍ରକୁ ଆସିଥିଲେ ଏବଂ ନିଜର ମତବାଦ ପ୍ରଚାର କରିଥିଲେ। ଯେତେଦୂର ମନେହୁଏ ବଡ଼ଦାଣ୍ଡର ପାର୍ଶ୍ୱଦେଶରେ ଥିବା ଜଗନ୍ନାଥବଲ୍ଲଭ ମଠ ବିଷ୍ଣୁସ୍ୱାମୀଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହା ବଲ୍ଲଭାଚାର୍ଯ୍ୟଙ୍କ ମତବାଦର ପ୍ରଧାନ କେନ୍ଦ୍ର ଅଟେ।

ଏଭଳି ବିଭିନ୍ନ ଧର୍ମ, ବିଭିନ୍ନ ବିଚାରଧାରା ଏବଂ ମତବାଦର ପ୍ରବକ୍ତାଗଣ ଏହି ପବିତ୍ର ତୀର୍ଥସ୍ଥାନକୁ ଆସିଛନ୍ତି ଏବଂ ପ୍ରଭୁଙ୍କୁ ନିଜର ଦେବତା ବୋଲି ଭାବିଛନ୍ତି। ବୌଦ୍ଧ ଓ ଜୈନମାନେ ମଧ୍ୟ ଏହାଙ୍କ ମଧ୍ୟରେ ନିଜର ମତବାଦ ପ୍ରକଟିତ ହୋଇଛି ଏଭଳି ବିଶ୍ୱାସ କରନ୍ତି। ଯେହେତୁ ସେ ଜଗତର ନାଥ, ତିନିଲୋକର ସ୍ରଷ୍ଟା ଏଣୁ ସେ ସମସ୍ତଙ୍କର

ଉପାସ୍ୟ। ସମସ୍ତେ ତାଙ୍କର ସନ୍ତାନ। ଏଠି ଭେଦଭାବ ନାହିଁ। ଏଠି ସମସ୍ତେ ଏକାକାର। ଶ୍ରୀମହାପ୍ରସାଦ ସମସ୍ତେ ଏକାଠି ସେବାକରିପାରିବେ।

ପରିଶେଷରେ ପ୍ରଭୁଙ୍କର ଏହି ପବିତ୍ର ଶ୍ଳୋକଟି ପାଠକରିବା ଯାହା ତାଙ୍କର ସାର୍ବଜନୀନତା ଏବଂ ବ୍ୟାପକତାକୁ ଉଦ୍‌ଘୋଷଣା କରୁଅଛି।

ଯଥା–

ଯଂ ଶୈବାଃ ସମୁପାସତେ ଶିବ ଇତି
ବ୍ରହ୍ମେତି ବଦାନ୍ତିନୋ
ବୌଦ୍ଧା ବୁଦ୍ଧ ଇତି ପ୍ରମାଣ ପଟବଃ
କର୍ତ୍ତେତି ନୈୟାୟିକାଃ
ଅର୍ହନ୍ନିତ୍ୟଥ ଜୈନଶାସନରତାଃ
କର୍ମେତିମୀମାଂସକାଃ
ସୋଽୟଂ ବୋ ବିଦଧାତୁ ବାଞ୍ଛିତଫଳଂ
ତ୍ରୈଲୋକ୍ୟନାଥୋ ହରିଃ।

ସେ ବ୍ରହ୍ମ,ଶିବ,ବୁଦ୍ଧ,ଜୈନ, କର୍ତ୍ତା,କର୍ମ ଅହତ ଭାବରେ ଅଭିହିତ। ସେହି ପ୍ରଭୁ ସମସ୍ତଙ୍କର କଲ୍ୟାଣ ସାଧନ କରନ୍ତୁ। ଆଜିର ଏହି ଶୁଭ ଅବସରରେ ତାଙ୍କର ଚରଣାବିନ୍ଦରେ ଆମର ଏତିକି ପ୍ରାର୍ଥନା।

# ଦେବଭାଷା ସଂସ୍କୃତ

ପୁଣ୍ୟଭୂମି ଭାରତର ଆଦ୍ୟଭାଷା ତୁମେ,
ଶ୍ରୁତି,ସ୍ମୃତି,ପୁରାଣାଦି ତୁମରି ମାଧ୍ୟମେ।
ଲଭିଲେ ପ୍ରକାଶ ଯେଣୁ ମାନବ କଲ୍ୟାଣ,
ଶାଶ୍ୱତ ପବିତ୍ର ସେ ଯେ ମୁକ୍ତିର ସୋପାନ।
ଗଙ୍ଗାର ତରଙ୍ଗମାଳା କେତେ ରମଣୀୟ,
ତାହାଠାରୁ ମନୋହର ସଂସ୍କୃତ ବାଙ୍ମୟ
ବିଶ୍ୱବନ୍ଦ୍ୟା ହେ ଜନନି! ତୁମରି ଚରଣ,
ପୂଜୁଅଛୁ ଢାଳିଦେଇ ଭକତି ସୁମନ।
କାଳର ପ୍ରବାହ ତୁମେ କରି ପ୍ରତିହତ,
ଦେବଭାଷା ନାମେ ହେଲ ଜଗତେ ବନ୍ଦିତ।
ଦିବ୍ୟଦ୍ରଷ୍ଟା ଋଷିଙ୍କର ବଚନ ଅମୃତ,
ନିଃସୃତ ହୁଅଇ ତୁମ ଅନ୍ତରୁ ସତତ।
ହେ କଲ୍ୟାଣି!, ଶୁଭପ୍ରଦା ତୁମ କୃପାବଳେ,
ଲଭିଲେ ଅପୂର୍ବ ଯଶ ଏ ମହୀମଣ୍ଡଳେ।
ବାଲମୀକ, ବେଦବ୍ୟାସ, କବି କାଳିଦାସ,
ଶାଶ୍ୱତ କାବ୍ୟସମ୍ଭାର କରିଣ ପ୍ରକାଶ।
ପାଶ୍ଚାତ୍ୟ ମନୀଷୀଗଣ ହେଲେ ଆକର୍ଷିତ,
ଲଭିଲେ ଯେ କାଳେ ଏହି ଭାଷାର ମହତ୍ତ୍ୱ,
ପ୍ରକାଶ କରିଲେ ନାମ 'ପ୍ରାଚ୍ୟ ଗ୍ରନ୍ଥମାଳା'
ଭାରତର ଖ୍ୟାତି ବ୍ୟାପ୍ତ ହେଲା ବିଶ୍ୱସାରା।
ବିଦଗ୍ଧ ଶ୍ରୋତୃମଣ୍ଡଳି! ଘେନ ନିବେଦନ,
ଏ ଦେଶ ଗୌରବ ଗାଥା କରହେ ସ୍ମରଣ।
ସମ୍ମିଳିତ କଣ୍ଠେ ତୋଳ ବେଦର ଝଂକାର,
ସୁଖଶାନ୍ତି ମାନବର ଲକ୍ଷ୍ୟ ଶୁଭଙ୍କର।

# ସ୍ଥିତପ୍ରଜ୍ଞଃ

## (ଶ୍ରୀମଦ୍‌ଭଗବଦ୍‌ଗୀତା)

ଅର୍ଜୁନ ଉବାଚ - ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ ।
ସ୍ଥିତଧୀଃ କିଂ ପ୍ରଭାଷେତ କିମାସୀତ ବ୍ରଜେତ କିମ୍ ।।
ଭକ୍ତିଭରେ କେଶବଙ୍କୁ ପଚାରନ୍ତି ପାର୍ଥ
ସ୍ଥିତପ୍ରଜ୍ଞର ଲକ୍ଷଣ କହନ୍ତୁ ଅଚ୍ୟୁତ ।
ସମାଧି ଫଳରେ ଲଭିଯାଏ ଏହି ଭାବ
କିଭଳି ଅଟଇ ପ୍ରଭୁ ତାହାର ସ୍ୱଭାବ ?
ବଚନ ଓ ଆଚରଣ ଅଟଇ କିପରି ?
ଜାଣିବାକୁ ଇଚ୍ଛା ପ୍ରଭୁ ହେଉଛି ମୋହରି ॥୧॥
ଭଗବାନ ଉବାଚ -
ପ୍ରଜହାତି ଯଦା କାମାନ୍ ସର୍ବାନ୍ ପାର୍ଥ ମନୋଗତାନ୍ ।
ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ ॥
ସକଳ କାମନା ମନୁ କରେ ପରିହାର
ଆତ୍ମ ସ୍ଥିତିରେ ମନ ତା ରହିଥାଏ ସ୍ଥିର ॥୨॥
ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।
ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ।।
ଉଦ୍‌ବେଗ ନଥାଏ ଦୁଃଖେ ସୁଖରେ ନିସ୍ପୃହ
ମନରେ ନଥାଏ ତାର କାମ, କ୍ରୋଧ, ଭୟ ॥୩॥
ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍
ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା।
ଉତ୍‌ଫୁଲ୍ଲ ନହୁଅ ଶୁଭ ବସ୍ତୁର ପ୍ରାପ୍ତିରେ
ଅଶୁଭ ପ୍ରାପ୍ତିରେ ଦ୍ୱେଷ ମନେ ସେ ନ କରେ।
ଶୁଭ ଅଶୁଭରେ ମନ ସ୍ଥିର ରହିଥାଇ
ସ୍ଥିତପ୍ରଜ୍ଞର ସ୍ୱଭାବ ଏଭଳି ଅଟଇ॥୪॥
ଯଦା ସଂହରତେ ଚାୟଂ କୂର୍ମୋଽଙ୍ଗାନୀବ ସର୍ବଶଃ
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥

ଅଙ୍ଗମାନଙ୍କୁ କଚ୍ଛପ କରେ ସଙ୍କୁଚିତ
ସ୍ଥିତପ୍ରଜ୍ଞ ଇନ୍ଦ୍ରିୟଙ୍କୁ କରଇ ଆୟତ
ଇନ୍ଦ୍ରିୟକୁ ବିଷୟରୁ ନିବୃତ୍ତ କରଇ
ଚଞ୍ଚଳ ନ ହୋଇ ବୁଦ୍ଧି ସ୍ଥିର ରହିଥାଇ ॥୫॥
ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ
ରସବର୍ଜଂ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱାନିବର୍ତ୍ତତେ ॥
କିନ୍ତୁ ଯାହାଠାରେ ନାହିଁ ପରମାତ୍ମାଭାବ
କାମନାକୁ ମନରୁ ସେ ଛାଡିକି ପାରିବ ।
ବିଷୟରୁ ମନ ସିନା ନିବୃତ୍ତ କରଇ
ପ୍ରଚ୍ଛନ୍ନ ଭାବେ କାମନା ହୃଦେ ରହିଥାଇ ।
କିନ୍ତୁ ସ୍ଥିତପ୍ରଜ୍ଞଠାରେ ନ ଥାଏ ଆସକ୍ତି
ଆତ୍ମଜ୍ଞାନ ବଳେ ପ୍ରାପ୍ତ ହୋଇଛି ଏ ସ୍ଥିତି ॥୬॥
ଯତତୋ ହ୍ୟପି କୌନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ ।
ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ॥
ଅତି ବଳଶାଳୀ ପାର୍ଥ ଏ ଇନ୍ଦ୍ରିୟଗଣ
ଆୟତ୍ତ କରିବା ତାଙ୍କୁ ଅତ୍ୟନ୍ତ କଠିନ ।
ବିବେକୀ ଚିତ୍ତକୁ ମଧ୍ୟ ହରି ସେ ପାରଇ
ମୋକ୍ଷପଥେ ବିଘ୍ନ କେତେ ସୃଷ୍ଟିକରିଥାଇ ॥୭॥
ତାନି ସର୍ବାଣି ସଂଯମ୍ୟ ଯୁକ୍ତ ଆସୀତ ମତ୍ପରଃ ।
ବଶେ ହି ଯସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥
କିନ୍ତୁ ଯିଏ ଏମାନଙ୍କୁ କରିବ ଆୟତ୍ତ
ଭକ୍ତିଭରେ ମୋହଠାରେ ସମର୍ପିଣ ଚିତ୍ତ ।
ରହିବେ ତା ପାଶେ ଏଯେ ବଶୀଭୂତ ହୋଇ
ଯଥାର୍ଥରେ ସ୍ଥିତପ୍ରଜ୍ଞ ସ୍ଥିତି ସେ ଲଭଇ ॥୮॥
ଧ୍ୟାୟତୋ ବିଷୟାନ୍‌ପୁଂସଃ ସଙ୍ଗସ୍ତେଷୂପଜାୟତେ
ସଙ୍ଗାତ୍ ସଞ୍ଜାୟତେ କାମଃ କାମାତ୍ କ୍ରୋଧୋଽଭିଜାୟତେ ॥
ବିଷୟକୁମନ ମଧ୍ୟେ ଧ୍ୟାନ ଯେ କରଇ
ବିଷୟ ପ୍ରତି ଆସକ୍ତି ମନେ ଆସିଥାଇ ।
ଆସକ୍ତିରୁ ଆସେ କାମ ଲଭିବାର ପାଇଁ
ଲଭି ନ ପାରିଲେ କ୍ରୋଧ ମନରେ ଆସଇ ॥୯॥

କ୍ରୋଧାଦ୍‌ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ॥
କ୍ରୋଧରୁ ଆସଇ ମୋହ ସ୍ମୃତି ନଷ୍ଟକାରୀ
ସ୍ମୃତି ନଷ୍ଟ ହେଲେ ବୁଦ୍ଧି ଯାଏ ଅପସରି ।
ବୁଦ୍ଧି ନଷ୍ଟ ହେଲେ ତାର ଘଟଇ ପତନ
ବିଷୟ ଆସକ୍ତି ଅଟେ ଦୁଃଖର କାରଣ ॥ ୧୦ ॥
ରାଗଦ୍ୱେଷବିଯୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ ।
ଆତ୍ମବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି ॥
ଏଣୁ ମନକୁ ଆୟତ୍ତ କରିଯେ ପାରିବ
ରାଗଦ୍ୱେଷରୁ ଯା ମନ ମୁକ୍ତ ହୋଇଥିବ ।
ଇନ୍ଦ୍ରିୟ ଦ୍ୱାରା ବିଷୟ କରିଲେ ବି ଭୋଗ
ଆତ୍ମ ପ୍ରସାଦେ ତା ଚିତ୍ତ ଶାନ୍ତ ରହିଥିବ ॥ ୧୧ ॥
ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।
ପ୍ରସନ୍ନଚେତସୋ ହ୍ୟାଶୁ ବୁଦ୍ଧିଃ ପର୍ଯ୍ୟବତିଷ୍ଠତେ ॥
ଆତ୍ମ ପ୍ରସାଦ ପ୍ରାପ୍ତିରେ ଦୁଃଖ ହୁଏ ନାଶ
ପ୍ରସନ୍ନତା ଲଭି ସ୍ଥିର ରହଇ ତା ଚିତ୍ତ ॥୧୨॥
ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାଯୁକ୍ତସ୍ୟ ଭାବନା
ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ॥
ଇନ୍ଦ୍ରିୟ ଯା ବଶ ନୁହେଁ ବୁଦ୍ଧି ତାର କାହିଁ ?
ଆତ୍ମଭାବନା ତାହାର ଆସିବ କିମ୍ପାଇ ।
ଆତ୍ମଭାବନା ନଥିଲେ ଶାନ୍ତି ନ ଲଭିବ
ଅଶାନ୍ତ ମନରେ ସୁଖ ପାଇ କି ପାରିବ ? ॥୧୩ ॥
ଇନ୍ଦ୍ରିୟାଣାଂ ହି ଚରତାଂ ଯନ୍ମନୋଽନୁ ବିଧୀୟତେ ।
ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାମ୍ଭସି ॥
ଜଳମଧ୍ୟେ ଗତିଶୀଳ ନୌକାର ପରାୟ
ବାୟୁ ପ୍ରବାହରେ ଯାହା ହୁଅଇ ଅଥୟ ।
ସେଭଳି ଇନ୍ଦ୍ରିୟ ବଶୀଭୂତ ହେଲେ ମନ
ଇନ୍ଦ୍ରିୟ ବୁଦ୍ଧିକୁ ପରା କରିବ ହରଣ ॥୧୪॥
ତସ୍ମାଦ୍‌ଯସ୍ୟ ମହାବାହୋ ନିଗୃହୀତାନି ସର୍ବଶଃ

ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।।
କରିପାରିଲେ ବିଷୟରୁ ଇନ୍ଦ୍ରିୟ ନିବୃତ୍ତ
ମନ ତାର ସ୍ଥିର ହେବ ଶୁଣ ଆହେ ପାର୍ଥ ।।୧୫।।
ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତି ସଂଯମୀ ।
ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ।।
ଆତ୍ମନିଷ୍ଠାରେ ସଞ୍ଜମୀ ଥାଆନ୍ତି ଜାଗ୍ରତ
ବିଷୟୀମାନଙ୍କ ପାଇଁ ଅଟେ ତାହା ରାତ୍ର ।
କିନ୍ତୁ ବିଷୟ ମାୟାରେ ବିଷୟୀ ଜାଗ୍ରତ
ଆତ୍ମନିଷ୍ଠମାନେ ପରା ସେଥିରେ ସୁଷୁପ୍ତ ।।୧୬।।
ଆପୂର୍ଯ୍ୟମାଣମଚଳପ୍ରତିଷ୍ଠଂ
ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍‌ବଦ୍ ।
ତଦ୍‌ବତ୍ କାମା ଯଂ ପ୍ରବିଶନ୍ତି ସର୍ବେ
ସ ଶାନ୍ତିମାପ୍ନୋତି ନ କାମକାମୀ ।।
ନଦୀମାନଙ୍କର ଜଳ ସମୁଦ୍ରେ ପଶଇ
କିନ୍ତୁ କେବେହେଁ ସାଗର କୂଳ ନ ଲଂଘଇ ।
ସ୍ଥିତପ୍ରଜ୍ଞର ସ୍ୱଭାବ ସେଭଳି ଅଟଇ
କାମନାରେ ମନ କେବେ ବିଚଳିତ ନୋହି ।।୧୭।।
ବିହାୟ କାମାନ୍ ଯଃ ସର୍ବାନ୍ ପୁମାଂଶ୍ଚରତି ନିଃସ୍ପୃହଃ ।
ନିର୍ମମୋ ନିରହଙ୍କାରଃ ସ ଶାନ୍ତିମଧିଗଚ୍ଛତି ।।
ଏଣୁ କାମନାକୁ ଛାଡି ନିସ୍ପୃହ ରହିବ
ଅହଙ୍କାରୁ ମୁକ୍ତ ରହି ଶାନ୍ତି ଯେ ଲଭିବ ।।୧୮।।
ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି ।
ସ୍ଥିତ୍ୱା ସ୍ୟାମନ୍ତକାଳେଽପି ବ୍ରହ୍ମନିର୍ବାଣମୃଚ୍ଛତି ।।
ଏ ସ୍ଥିତି ପ୍ରାପତ ହୁଏ ବ୍ରହ୍ମଜ୍ଞାନ ବଳେ
ମୋହିତ ନହେବ ମନ କେବେ ଏ ସଂସାରେ ।
ଏହି ଭାବ ପ୍ରାପ୍ତ ହୋଇ ଘଟିଲେ ମରଣ
ବ୍ରହ୍ମରେ ଲୀନ ହୋଇଣ ଲଭିବ ନିର୍ବାଣ ।।୧୯।।

୧୬– ଆତ୍ମନିଷ୍ଠମାନେ ସୁଷୁପ୍ତ ରହନ୍ତି ଅର୍ଥାତ୍ ସେଥିରୁ ନିବୃତ ରହନ୍ତି । ସେଥିରେ ଅନାସକ୍ତ ମଧ୍ୟ ରହନ୍ତି ।

# ପୁରୁଷୋତ୍ତମ ଯୋଗ

## ଭଗବାନ ଉବାଚ

( ୧ )

ଉର୍ଦ୍ଧ୍ୱମୂଳମଧଃଶାଖମଶ୍ୱତଥଂ ପ୍ରାହୁରବ୍ୟୟମ୍
ଛନ୍ଦାଂସିଯସ୍ୟପର୍ଣ୍ଣାନି ଯସ୍ତଂ ବେଦ ସ ବେଦବିତ୍ ।

(ଅର୍ଥ)

ସଂସାର ରୂପୀ ଏ ଅଶ୍ୱତ୍ଥ
ଅଟଇ ଅବ୍ୟୟ ବିଚିତ୍ର ।
ଉର୍ଦ୍ଧ୍ୱରେ ଅଛି ମୂଳ ଯା'ର
ନିମ୍ନରେ ଅଛି ଶାଖା ତା'ର ।
ସକଳ ବେଦ ତା'ର ପତ୍ର
ଗହନ ଅଟଇ ଏ ତତ୍ତ୍ୱ ।
ଏ ତତ୍ତ୍ୱ ବୁଝିଅଛି ଯିଏ
ବେଦଜ୍ଞ ପରା ଅଟେ ସିଏ ।

( ୨ )

ଅଧଶ୍ଚୋର୍ଦ୍ଧ୍ୱଂ ପ୍ରସୃତାସ୍ତସ୍ୟ ଶାଖା
ଗୁଣପ୍ରବୃଦ୍ଧା ବିଷୟପ୍ରବାଳାଃ ।
ଅଧଶ୍ଚ ମୂଳାନ୍ୟନୁସଂତତାନି
କର୍ମାନୁବନ୍ଧୀନି ମନୁଷ୍ୟଲୋକେ ।

(ଅର୍ଥ)

ଏହି ବୃକ୍ଷର ଶାଖାଗଣ
ଅଧଃ ଉର୍ଦ୍ଧ୍ୱରେ ବିଦ୍ୟମାନ ।
ସ୍ୱତ୍ୱ ରଜାଦି ଗୁଣଦ୍ୱାରା
ବର୍ଦ୍ଧିତ ହୁଏ ଶାଖା ପରା ।
ଶବ୍ଦ, ସ୍ପର୍ଶାଦି ଯେ ବିଷୟ
ଶାଖାର ପଲ୍ଲବ ପରାୟ ।
ବୃକ୍ଷମୂଳର ଚେରମାନ
କର୍ମବାସନା ବୋଲି ଜାଣ ।

(୩)

ନ ରୂପମସ୍ୟେହ ତଥୋପଲଭ୍ୟତେ
ନାନ୍ତୋ ନ ଚାଦିର୍ନ ଚ ସଂପ୍ରତିଷ୍ଠା।
ଅଶ୍ୱତ୍‌ଥମେନଂ ସୁବିରୂଢ଼ମୂଳମସଙ୍ଗଶସ୍ତ୍ରେଣ
ଦୃଢ଼େନ ଛିତ୍ତ୍ୱା।

(ଅର୍ଥ)

ସଂସାର ବୃକ୍ଷର ଏ ତତ୍ତ୍ୱ
ପ୍ରାଣୀଗଣଙ୍କୁ ନୁହେଁ ଜ୍ଞାତ।
ଏହାର ଆଦି ଅନ୍ତ ସ୍ଥିତି
କିଏ ବା ଜାଣି ପାରିଅଛି।
ଏହାର ମୂଳ ଅତି ଟାଣ
କାଟିବା ଅତ୍ୟନ୍ତ କଠିନ।
କେବଳ ବୈରାଗ୍ୟ ଅସ୍ତ୍ରରେ
କାଟି ଯେ ପାର ଏହା ହେଲେ।
ଲଭିଲେ ବୈରାଗ୍ୟର ଜ୍ଞାନ
ତୁଟିବ ସଂସାର ବନ୍ଧନ।

(୪)

ତତଃ ପଦଂ ତତ୍‌ପରିମାର୍ଗିତବ୍ୟଂ
ଯସ୍ମିନ୍ ଗତା ନ ନିବର୍ତ୍ତନ୍ତି ଭୂୟଃ।
ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ
ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ ।

(ଅର୍ଥ)

ଏଣୁ କରିବ ଅନ୍ୱେଷଣ
ଲଭିବା ପାଇଁ ବ୍ରହ୍ମଜ୍ଞାନ।
ସେ ପଦ ପ୍ରାପ୍ତ ହେବ ଯେବେ
ସଂସାର ନ ଫେରିବ ତେବେ।
ଈଶ୍ୱରଙ୍କର ପାଦତଳେ
ଶରଣ ପଶିବ ଭକ୍ତିରେ।

ତାହାଙ୍କ କରୁଣା ଲଭିବ
ସେ ଦିବ୍ୟଜ୍ଞାନ ପ୍ରାପ୍ତ ହେବ ।

(୫)

ନିର୍ମାନମୋହା ଜିତସଙ୍ଗଦୋଷା
ଅଧ୍ୟାତ୍ମନିତ୍ୟା ବିନିବୃତ୍ତକାମାଃ।
ଦ୍ୱନ୍ଦ୍ୱୈର୍ବିମୁକ୍ତାଃ ସୁଖଦୁଃଖ
ସଂଜ୍ଞୈର୍ଗଚ୍ଛନ୍ତ୍ୟମୂଢ଼ାଃ ପଦମବ୍ୟୟଂ ତତ୍ ।

(ଅର୍ଥ)

ତ୍ୟାଗ କରେ ଯେ ଅହଙ୍କାର
ମନରୁ ମୋହ କରେ ଦୂର।
ଆତ୍ମଜ୍ଞାନରେ ସଦା ରତ
କାମନା ପାଶରୁ ନିବୃତ୍ତ।
ସୁଖଦୁଃଖରେ ସ୍ଥିରଚିତ୍ତ
ସକଳ ଦ୍ୱନ୍ଦ୍ୱରୁ ବିମୁକ୍ତ।
ଏଭଳି ବ୍ୟକ୍ତି ଯେ ଅଛନ୍ତି
ପରମ ପଦ ଲଭିଥାନ୍ତି ।

(୬)

ନ ତଦ୍‌ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ
ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ

(ଅର୍ଥ)

ପ୍ରକାଶ କରି ନ ପାରନ୍ତି
ଚନ୍ଦ୍ର ସୂର୍ଯ୍ୟ ବା ବହ୍ନି ଆଦି।
ପ୍ରାପ୍ତି ହୋଇଲେ ସେ ପଦର
ପ୍ରାଣୀ ଯେ ନ ଫେରେ ସଂସାର।
ପରମ ପଦ ସେ ଅଟଇ
ସେ ପଦ ଯୋଗୀ ଲଭିଥାଇ ।

(୭)

ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ
ମନଃପଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି।

(ଅର୍ଥ)

ଦେହସ୍ଥ ଜୀବାତ୍ମା ଶାଶ୍ୱତ
ଅଟଇ ମୋହର ସେ ଅଂଶ ।
ପଞ୍ଚ ଇନ୍ଦ୍ରିୟ ତଥା ମନ
ଜୀବାତ୍ମା କରେ ଆକର୍ଷଣ ।

(୮)

ଶରୀରଂ ଯଦବାପ୍ନୋତି ଯଚ୍ଚାପ୍ୟୁତ୍‌କ୍ରାମତୀଶ୍ୱରଃ
ଗୃହୀତ୍ୱୈତାନି ସଂଯାତି ବାୟୁର୍ଗନ୍ଧାନିବାଶୟାତ୍ ।

(ଅର୍ଥ)

ପୁଷ୍ପର ଗନ୍ଧ ସଙ୍ଗେ ଧରି
ବାୟୁ ଯେ ଯାଇଥାଏ ଚାଲି
ଯେଉଁ ସ୍ଥାନକୁ ଯାଇଥାଏ
ସେଠାକୁ ଗନ୍ଧ ନେଇଥାଏ
ଜୀବାତ୍ମା ସେପରି କରଇ
ମନ ଇନ୍ଦ୍ରିୟ ଶକ୍ତି ନେଇ
ପଶଇ ଅନ୍ୟ ଶରୀରରେ
ସଂସ୍କାର ନେଇଣ ସଙ୍ଗରେ
ପଞ୍ଚଇନ୍ଦ୍ରିୟ ମନ ଦ୍ୱାରା
ବିଷୟ ଭୋଗ କରେ ପରା ।

(୯)

ଶୋତ୍ରଂ ଚକ୍ଷୁଃ ସ୍ପର୍ଶନଂ ଚ ରସନଂ ଘ୍ରାଣମେବ ଚ
ଅଧିଷ୍ଠାୟ ମନଶ୍ଚାୟଂ ବିଷୟାନୁପସେବତେ

(ଅର୍ଥ)

ଜୀବାତ୍ମା ଶରୀରରେ ଥାଇ
ଇନ୍ଦ୍ରିୟ ଆଶ୍ରୟ ଲୋଡ଼ଇ
ପଞ୍ଚ ଇନ୍ଦ୍ରିୟ ମନ ଦ୍ୱାରା
ବିଷୟ ଭୋଗ କରେ ପରା ।

(୧୦)

ଉତ୍‌କ୍ରାମନ୍ତଂ ସ୍ଥିତଂ ବାପି ଭୁଞ୍ଜାନଂ ବା ଗୁଣାନ୍ୱିତମ୍
ବିମୂଢ଼ା ନାନୁପଶ୍ୟନ୍ତି ପଶନ୍ତି ଜ୍ଞାନଚକ୍ଷୁଷଃ

(ଅର୍ଥ)

ଜୀବାତ୍ମା ଦେହ ମଧ୍ୟେ ଥାଇ
ଅଥବା ଅନ୍ୟ ଦେହେ ଯାଇ
ବିଷୟ ଭୋଗ କରୁଥିଲେ
ଅଥବା ଗୁଣଯୁକ୍ତ ହେଲେ ।
ଯେଉଁ ଭାବରେ ରହିଥାନ୍ତି
ଜ୍ଞାନୀଏ ଜାଣି ପାରିଥାନ୍ତି ।
ମୂଢ଼ ଏ କଥା ନ ଜାଣନ୍ତି
ଅଜ୍ଞାନେ ସଦା ରହିଥାନ୍ତି ।

(୧୧)

ଯତନ୍ତୋ ଯୋଗିନଶ୍ଚୈନଂ ପଶ୍ୟନ୍ତ୍ୟାତ୍ମନ୍ୟବସ୍ଥିତମ୍
ଯତନ୍ତୋଽପ୍ୟକୃତାତ୍ମାନୋ ନୈନଂ ପଶ୍ୟନ୍ତ୍ୟଚେତସଃ

(ଅର୍ଥ)

ଯୋଗୀ ଲଭନ୍ତି ଏହି ଜ୍ଞାନ
କେବଳ ଅଭ୍ୟାସ କରିଣ ।
ମଳିନ ଚିତ୍ତ ମନ୍ଦ ବୁଦ୍ଧି
କେବେ ସେ ନ ଲଭିବ ସିଦ୍ଧି ।
ଯେତେ ସେ ଯତ୍ନ କରିଥାଉ
ଏ ତତ୍ତ୍ୱ ଜାଣିବ ସେ କାହୁଁ ।

(୧୨)

ଯଦାଦିତ୍ୟଗତଂ ତେଜୋ ଜଗଦ୍‌ଭାସୟତେଽଖିଳମ୍
ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍ ।

(ଅର୍ଥ)

ଯେ ତେଜ ଅଛି ସୂର୍ଯ୍ୟଠାରେ
ଜଗତ ପ୍ରକାଶିତ କରେ ।
ତେଜ ଯେ ଅଛି ଚନ୍ଦ୍ରମାରେ
ଅଥବା ଅଛି ଅନଳରେ ।

ଅଟଇ ମୁହିଁ ତା କାରଣ
ଏ କଥା ଶୁଣ ହେ ଅର୍ଜୁନ ।
(୧୩)
ଗାମାବିଶ୍ୟ ଚ ଭୂତାନି ଧାରୟାମ୍ୟହମୋଜସା
ପୁଷ୍ଣାମି ଚୌଷଧୀଃ ସର୍ବାଃ ସୋମୋଭୂତ୍ୱା ରସାତ୍ମକଃ ।
(ଅର୍ଥ)
ଧରାରେ ପ୍ରବେଶ ମୁଁ କରେ
ସବୁ ଘଟେ ମୋ ଶକ୍ତି ବଳେ ।
ପ୍ରାଣୀଙ୍କୁ କରେ ମୁଁ ଧାରଣ
ଏକଥା ଜାଣ ହେ ଅର୍ଜୁନ ।
ଅମୃତମୟ ଚନ୍ଦ୍ରେ ରହି
ଔଷଧଗୁଣ ଦେଇଥାଇ ।
ପୁଷ୍ଟ ହୁଅନ୍ତି ତରୁଲତା
ଏ ସବୁ ଗୋପନୀୟ କଥା ।
(୧୪)
ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ
ପ୍ରାଣାପାନସମାଯୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ।
(ଅର୍ଥ)
ପ୍ରାଣ ଅପାନ ବାୟୁ ଦ୍ୱାରା
ବଢ଼ାଉ ଜଠରାଗ୍ନି ପରା ।
ଚାରିପ୍ରକାର ଖାଦ୍ୟମାନ
ସେସବୁ କରାଏ ମୁଁ ଜୀର୍ଣ୍ଣ ।
(୧୫)
ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ
ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ ।
ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ
ବେଦାନ୍ତକୃଦ୍‌ବେଦବିଦେବ ଚାହମ୍ ।

(ଅର୍ଥ)

ସକଳ ହୃଦୟରେ ତହିଁ
ପ୍ରବିଷ୍ଟ ହୋଇଅଛି ମୁହିଁ।
ସ୍ମରଣ ଶକ୍ତି ଅବା ଜ୍ଞାନ
ମୋ'ଠାରୁ ଜାତ ଅଟେ ଜାଣ।
ମୋହ ମାୟାର ପ୍ରଭାବରେ
ଶକ୍ତି ଯେ କ୍ଷୟ ହୋଇପାରେ।
ବେଦ ଯେ ବହେ ମୋର ବାର୍ତ୍ତା
ବେଦଜ୍ଞ ବେଦାନ୍ତର କର୍ତ୍ତା।

(୧୬)

ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ।

(ଅର୍ଥ)

'କ୍ଷର' 'ଅକ୍ଷର' ଏ ଯେ ଦୁଇ
ଜଗତେ ପ୍ରସିଦ୍ଧ ଅଟଇ
ଶରୀର ଅଟେ ନାଶଶୀଳ
ଏଣୁ ବୁଝିବା ଏହା 'କ୍ଷର'
ଜୀବାତ୍ମା ଶରୀରେ ରହନ୍ତି
'ଅକ୍ଷର' ତାଙ୍କୁ କହିଥାନ୍ତି ।

(୧୭)

ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ।

(ଅର୍ଥ)

'କ୍ଷର' 'ଅକ୍ଷର'ଠାରୁ ଭିନ୍ନ
ଅଟନ୍ତି ପରମାତ୍ମା ଜାଣ।
ଉତ୍ତମ ପୁରୁଷ ଅଟନ୍ତି
ଲୋକତ୍ରୟରେ ରହିଥାନ୍ତି ।
ଧାରଣ ପୋଷଣ କରନ୍ତି
ପରମେଶ୍ୱର ଅବିନାଶୀ ।

(୧୮)

ଯସ୍ମାତ୍କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ

(ଅର୍ଥ)

କ୍ଷରଠାରୁ ଯେ ଅଟୁ ଭିନ୍ନ
ଅକ୍ଷରଠାରୁ ଶ୍ରେଷ୍ଠ ଜାଣ।
ପ୍ରସିଦ୍ଧ ଲୋକେ ବେଦେ ତହିଁ
ପୁରୁଷୋତ୍ତମ ଅଟେ ମୁହିଁ।

(୧୯)

ଯୋ ମାମେବମସମ୍ମୂଢ଼ୋ ଜାନାତି ପୁରୁଷୋତ୍ତମମ୍
ସ ସର୍ବବିଦ୍‌ଭଜତି ମାଂ ସର୍ବଭାବେନ ଭାରତ ।

(ଅର୍ଥ)

ଏଭଳି ଜାଣନ୍ତି ଯେ ମୋତେ
ସର୍ବଜ୍ଞ ଅଟନ୍ତି ଜଗତେ।
ସେ ତତ୍ତ୍ୱଦର୍ଶୀ ସ୍ଥିରଚିତ୍ତେ
ଭଜନ୍ତି ସଦାବେଳେ ମୋତେ ।

(୨୦)

ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ
ଏତଦ୍‌ବୁଦ୍ଧ୍ୱା ବୁଦ୍ଧିମାନ୍ ସ୍ୟାତ୍ କୃତକୃତ୍ୟଶ୍ଚଭାରତ ।

(ଅର୍ଥ)

ଏହି ଯେ ଗୋପନୀୟ ଜ୍ଞାନ
ତୁମ୍ଭଙ୍କୁ କହିଲୁ ଅର୍ଜୁନ ।
ଶୁଣିଲେ ଏ ତତ୍ତ୍ୱ ବଚନ
କୃତାର୍ଥ ହୋଇବ ଜୀବନ ।

# ପ୍ରାତଃସ୍ମରଣ ସ୍ତୋତ୍ରମ୍

## (ସଂକ୍ଷିପ୍ତ)

ବ୍ରହ୍ମା ମୁରାରିସ୍ତ୍ରିପୁରାନ୍ତକାରୀ ଭାନୁଃ ଶଶୀ ଭୂମିସୁତୋ ବୁଧଶ୍ଚ
ଗୁରୁଶ୍ଚ ଶୁକ୍ରଃ ଶନିରାହୁକେତବଃ କୁର୍ବନ୍ତୁସର୍ବେ ମମ ସୁପ୍ରଭାତମ୍ ।୧।
(ଗୁରୁ - ବୃହସ୍ପତି, ଭୂମିସୂତ - ମଙ୍ଗଳ
ଏମାନେ ସମସ୍ତେ ମୋର ମଙ୍ଗଳ କରନ୍ତୁ।)
ହରେ ମୁରାରେ ମଧୁକୈଟଭାରେ ଗୋବିନ୍ଦ ଗୋପାଳ ମୁକୁନ୍ଦ ଶୌରେ
ଯଜ୍ଞେଶ ନାରାୟଣ କୃଷ୍ଣବିଷ୍ଣୋ ନିରାଶ୍ରୟଂମାଂ ଜଗଦୀଶରକ୍ଷ ।୨।
ମଧୁବୈଟଭାରେ - ମଧୁକୈଟଭହନ୍ତା ଅର୍ଥାତ୍ ବିଷ୍ଣୁ
ଲୋକେଶ ଚୈତନ୍ୟମୟାଧିଦେବ ଶ୍ରୀକାନ୍ତ ବିଷ୍ଣୋଭବଦାଜ୍ଞୟୈବ।୩।
ପ୍ରାତଃ ସମୁତ୍ଥାୟ ତବ ପ୍ରିୟାର୍ଥଂ ସଂସାରଯାତ୍ରା ମନୁବର୍ତ୍ତୟିଷ୍ୟେ
ଜାନାମି ଧର୍ମଂ ନଚ ମେ ପ୍ରବୃତ୍ତି ର୍ଜାନାମ୍ୟଧର୍ମଂ ନଚମେ ନିବୃତ୍ତିଃ
ତ୍ୱୟା ହୃଷୀକେଶ ହୃଦିସ୍ଥିତେନ ଯଥା ନିଯୁକ୍ତୋସ୍ମି ତଥା କରୋମି ।(୪)
ପୁଣ୍ୟଶ୍ଳୋକୋ ନଳୋରାଜା ପୁଣ୍ୟଶ୍ଳୋକ ଯୁଧିଷ୍ଠିରଃ
ପୁଣ୍ୟଶ୍ଳୋକା ଚ ବୈଦେହୀ ପୁଣ୍ୟଶ୍ଳୋକୋ ଜନାର୍ଦ୍ଦନଃ ।(୫)
ଅହଲ୍ୟା ଦ୍ରୋପଦୀ କୁନ୍ତୀ ତାରା ମନ୍ଦୋଦରୀ ତଥା,
ପଞ୍ଚକନ୍ୟା ସ୍ମରେନ୍ନିତ୍ୟଂ ମହାପାତକନାଶନମ୍ ।(୬)
ତୃତୀୟ ଶ୍ଳୋକର ଅର୍ଥ -

ହେ ତ୍ରିଲୋକେଶ, ଚୈତନ୍ୟମୟ, ଆଦିଦେବ, ଶ୍ରୀକାନ୍ତ, ବିଷ୍ଣୋ ଆପଣଙ୍କ ପ୍ରୀତି ଉଦ୍ଦେଶ୍ୟରେ ପ୍ରାତଃକାଳରେ ଉତ୍ଥିତ ହୋଇ ସଂସାର ଯାତ୍ରାରେ ପ୍ରବୃତ୍ତ ହେଲି ।

# ସୂର୍ଯ୍ୟସ୍ତୋତ୍ରମ୍

(୧)

ନମଃ ସବିତ୍ରେ ଜଗଦେକଚକ୍ଷୁଷେ
ଜଗତ୍‌ପ୍ରସୂତିସ୍ଥିତିନାଶହେତବେ ।
ତ୍ରୟୀମୟାୟ ତ୍ରିଗୁଣାତ୍ମଧାରିଣେ
ବିରଞ୍ଚିନାରାୟଣଶଙ୍କରାତ୍ମନେ ।

(ଅର୍ଥ : ଜଗତର ଏକମାତ୍ର ଚକ୍ଷୁସ୍ୱରୂପ ସବିତାଙ୍କୁ ମୁଁ ନମସ୍କାର କରୁଛି । ଜଗତର ସୃଷ୍ଟି, ସ୍ଥିତି ଓ ଲୟର କାରଣ ସ୍ୱରୂପ, ବେଦ ସ୍ୱରୂପ, ତ୍ରିଗୁଣର ଆଧାର, ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ ମୋର ପ୍ରଣାମ ।)

(୨)

ଯସ୍ୟୋଦୟେନେହ ଜଗତ୍‌ପ୍ରବୁଧ୍ୟତେ
ପ୍ରବର୍ତ୍ତତେ ଚାଖିଳ-କର୍ମସିଦ୍ଧୟେ ।
ବ୍ରହ୍ମେନ୍ଦ୍ର- ନାରାୟଣବନ୍ଦିତଃ ସ ନଃ
ସଦା ଯଚ୍ଛତୁ ମଙ୍ଗଳଂ ରବିଃ ।

(ଅର୍ଥ : ଯେ ଉଦୟ ହେଲେ ସମଗ୍ର ଜଗତ୍ ଜାଗ୍ରତ ହୁଏ ଏବଂ କର୍ମସିଦ୍ଧି ପାଇଁ ପ୍ରବର୍ତ୍ତିତ ହୁଏ ଯେ ବ୍ରହ୍ମା, ଇନ୍ଦ୍ର ଓ ନାରାୟଣଙ୍କ ଦ୍ୱାରା ବନ୍ଦିତ ସେହି ସବିତା ଆମର ମଙ୍ଗଳ ପ୍ରଦାନ କରନ୍ତୁ ।)

(୩)

ନମୋଽସ୍ତୁ ସୂର୍ଯ୍ୟାୟ ସହସ୍ରରଶ୍ମୟେ
ସହସ୍ର ଶାଖାନ୍ୱିତ ସମ୍ଭବାତ୍ମନେ
ସହସ୍ର ଯୋଗୋଦ୍ଭବଭାବଭାଗିନେ
ସହସ୍ରସଂଖ୍ୟାଯୁଗ-ଧାରିଣେ ନମଃ

(ଅର୍ଥ : ଯେ ସହସ୍ର ରଶ୍ମି, ସହସ୍ର ଶାଖାନ୍ୱିତ, ଆତ୍ମସମ୍ଭୂତ, ସହସ୍ର ଯୋଗସମ୍ଭୂତ ଏବଂ ସହସ୍ର ଯୁଗଧାରୀ ସେହି ସୂର୍ଯ୍ୟଙ୍କୁ ମୁଁ ନମସ୍କାର କରୁଅଛି ।)

(୪)

ଯନ୍ମଣ୍ଡଳଂ ଦୀପ୍ତକରଂ ବିଶାଳଂ
ରତ୍ନପ୍ରଭଂ ତୀବ୍ର ମନାଦିରୂପମ୍

ଦାରିଦ୍ର୍ୟଦୁଃଖ କ୍ଷୟକାରଣଂ ଚ
ପୁନାତୁ ମାଂ ତଦ୍‌ସବିତୁର୍ବରେଣ୍ୟମ୍

(ଅର୍ଥ : ଯେଉଁ ସୂର୍ଯ୍ୟମଣ୍ଡଳ ଦୀପ୍ତିମନ୍ତ ଏବଂ ବିଶାଳ, ରତ୍ନପ୍ରଭାବିଶିଷ୍ଟ ତୀବ୍ର, ଅନାଦିରୂପ ଏବଂ ଦାରିଦ୍ର୍ୟ ଦୁଃଖ କ୍ଷୟ କରିଦିଏ, ସେହି ବରଣୀୟ ସବିତା ମୋତେ ପବିତ୍ର କରାନ୍ତୁ ।)

(୫)

ଯନ୍ମଣ୍ଡଳଂ ଦେବଗଣୈଃ ସୁପୂଜିତଂ
ବିପ୍ରୈଃ ସ୍ତୁତଂ ଭାବନମୁକ୍ତି କୋବିଦମ୍
ତଂଦେବଦେବଂ ପ୍ରଣାମାମି ସୂର୍ଯ୍ୟଂ
ପୁନାତୁ ମାଂ ତତ୍‌ସବିତୁର୍ବରେଣ୍ୟମ୍ ।

(ଅର୍ଥ : ଯେଉଁ ସୂର୍ଯ୍ୟମଣ୍ଡଳ ଦେବତାମାନଙ୍କ ଦ୍ୱାରା ସୁପୂଜିତ, ବ୍ରାହ୍ମଣମାନେ ଯାହାଙ୍କର ସ୍ତବଗାନ କରନ୍ତି, ଭାବନା ଓ ମୁକ୍ତିଦାୟକ ସେହି ଦେବଦେବ ସୂର୍ଯ୍ୟଙ୍କୁ ପ୍ରଣାମ ।)

(୬)

ଯନ୍ମଣ୍ଡଳଂ ଜ୍ଞାନଧନଂ ତ୍ୱଗମ୍ୟଂ
ତ୍ରୈଲୋକ୍ୟ ପୂଜ୍ୟଂ ତ୍ରିଗୁଣାତ୍ମରୂପମ୍
ସମସ୍ତତେଜୋମ୍ୟଦିବ୍ୟରୂପଂ
ପୁନାତୁ ମାଂ ତତ୍‌ସବିତୁର୍ବରେଣ୍ୟମ୍ ।

(ଅର୍ଥ : ଯେ ଜ୍ଞାନଧନସ୍ୱରୂପ, ବୁଦ୍ଧିର ଅଗମ୍ୟ, ତ୍ରିଲୋକରେ ଯେ ପୂଜ୍ୟ, ତ୍ରିଗୁଣାତ୍ମକ, ସମସ୍ତ ତେଜର ଆଧାର, ଦିବ୍ୟରୂପ, ସେହି ସବିତାଙ୍କୁ ମୁଁ ପ୍ରଣାମ କରୁଅଛି ।)

(୭)

ଯନ୍ମଣ୍ଡଳଂ ଗୂଢ଼ମତିପ୍ରବୋଧଂ
ଧର୍ମସ୍ୟ-ବୃଦ୍ଧିଂ କୁରୁତେ ଜନାନାମ୍
ଯତ୍‌ସର୍ବପାପକ୍ଷୟକାରଣଂ ଚ
ପୁନାତୁ ମାଂ ତତ୍‌ସବିତୁର୍ବରେଣ୍ୟମ୍ ।

(ଅର୍ଥ : ଯେଉଁ ସୂର୍ଯ୍ୟମଣ୍ଡଳ ଗୂଢ଼, ବିଶେଷ ଜ୍ଞାନସ୍ୱରୂପ, ମନୁଷ୍ୟର ଧର୍ମବୃଦ୍ଧି କରାଇଥାଏ, ଯିଏ ସମସ୍ତ ପାପ କ୍ଷୟ କରିଥାଆନ୍ତି ସେହି ବରଣୀୟ ସବିତା ମୋତେ ପବିତ୍ର କରନ୍ତୁ ।)

(୮)

ଯନ୍ମଣ୍ଡଳଂ ବ୍ୟାଧିବିନାଶଦକ୍ଷଂ
ଯଦୃଗ୍‌ଯଜୁଃସାମସୁ ସମ୍ପ୍ରଗୀତମ୍
ପ୍ରକାଶିତଂ ଯେନ ଚ ଭୂର୍ଭୁବଃ ସ୍ୱଃ
ପୁନାତୁ ମାଂ ତତ୍‌ସବିତୁର୍ବରେଣ୍ୟମ୍ ।

(ଅର୍ଥ : ଯେଉଁ ସୂର୍ଯ୍ୟମଣ୍ଡଳ ବ୍ୟାଧିଦୂର କରେ, ଯାହାଙ୍କର ବେଦତ୍ରୟୀ ଯଥା ଋକ୍, ଯଜୁ ଓ ସାମ ମହିମା ଗାନ କରିଥାଆନ୍ତି, ଯିଏ ଭୂଃ ଭୂବଃ ଓ ସ୍ୱଲୋକ ପ୍ରକାଶ କରିଥାଆନ୍ତି ସେ ମୋତେ ପବିତ୍ର କରାନ୍ତୁ ।)

(୯)

ଯନ୍ମଣ୍ଡଳଂ ବେଦବିଦୋବଦନ୍ତି
ଗାୟନ୍ତି ଯଚ୍ଚାରଣସିଦ୍ଧ ସଂଘାଃ
ଯଦ୍ୟୋଗିନୋ ଯୋଗଜୁଷାଂ ଚ ସଂଘାଃ
ପୁନାତୁ ମାଂ ତଦ୍‌ସବିତୁର୍ବରେଣ୍ୟମ୍ ।

(ଅର୍ଥ : ଯେଉଁ ମଣ୍ଡଳ କଥା ବେଦବିତ୍‌ମାନେ କହିଥାଆନ୍ତି, ଚାରଣ ଓ ସିଦ୍ଧମାନେ ଯାହାବିଷୟରେ ଗାନ କରିଥାଆନ୍ତି ସେହି ସବିତା ମୋତେ ପବିତ୍ର କରାନ୍ତୁ ।)

(୧୦)

ଯନ୍ମଣ୍ଡଳଂ ସର୍ବଜନେଷୁ ପୂଜିତଂ
ଜ୍ୟୋତିଶ୍ଚ କୁର୍ଯ୍ୟାଦିହ ମର୍ତ୍ତ୍ୟଲୋକେ ।
ଯତ୍‌କାଳକାଳାଦିମନାଦିରୂପଂ
ପୁନାତୁ ମାଂ ତଦ୍‌ସବିତୁର୍ବରେଣ୍ୟମ୍ ।

(ଅର୍ଥ : ଯେଉଁ ସୂର୍ଯ୍ୟମଣ୍ଡଳ ସମସ୍ତଙ୍କଦ୍ୱାରା ପୂଜିତ, ଯିଏ ମର୍ତ୍ତ୍ୟଲୋକକୁ ଜ୍ୟୋତି ଦାନ କରିଥାଆନ୍ତି, ଯିଏ କାଳ ସ୍ୱରୂପ, ପ୍ରଳୟର କାରଣ, ଯିଏ ଅନାଦି ସେହି ବରଣୀୟ ସବିତା ମୋତେ ପବିତ୍ର କରାନ୍ତୁ ।)

(୧୧)

ଯନ୍ମଣ୍ଡଳଂ ବିଶ୍ୱସୃଜାଂ ପ୍ରସିଦ୍ଧ–
ମୁତ୍‌ପତ୍ତିରକ୍ଷାପ୍ରଳୟପ୍ରଗଲ୍‌ଭମ୍ ।
ଯସ୍ମିନ୍ ଜଗତ୍‌ସଂହରତେଽଖିଳଂ ଚ
ପୁନାତୁ ମାଂ ତଦ୍‌ସବିତୁର୍ବରେଣ୍ୟମ୍ ।

(ଅର୍ଥ : ଯେଉଁ ମଣ୍ଡଳ ବିଶ୍ୱସୃଜନକାରୀଙ୍କ ମଧ୍ୟରେ ପ୍ରସିଦ୍ଧ, ଯିଏ ଉତ୍ପତ୍ତି, ରକ୍ଷା ଓ ପ୍ରଳୟର କାରଣ, ଯାହାଙ୍କଠାରେ ଅଖିଳ ଜଗତ୍ ସଂହାର ପ୍ରାପ୍ତ ହୁଏ, ସେହି ସବିତା ମୋତେ ପବିତ୍ର କରାନ୍ତୁ ।)

(୧୨)

ଯନ୍ମଣ୍ଡଳଂ ବିଷ୍ଣୁଶ୍ଚତୁର୍ମୁଖାଖ୍ୟଂ
ଯଦକ୍ଷରଂ ପାପହରଂ ଜନାନାମ୍ ।
ଯଦ୍‌କାଳକଳ୍ପକ୍ଷୟକାରଣଞ୍ଚ
ପୁନାତୁ ମାଂ ତତ୍‌ସବିତୁର୍ବରେଣ୍ୟମ୍ ।

(ଅର୍ଥ : ଯେଉଁ ମଣ୍ଡଳକୁ ବିଷ୍ଣୁ ଓ ବ୍ରହ୍ମାଙ୍କନାମରେ ଅଭିହିତ କରାଯାଇଛଇ । ଯେ ଅକ୍ଷୟ ଓ ମନୁଷ୍ୟମାନଙ୍କର ପାପହରଣକାରୀ, ଯିଏ ପ୍ରଳୟର କାରଣ  ସେ ମୋତେ ପବିତ୍ର କରାନ୍ତୁ ।)

(୧୩)

ସନ୍ମଣ୍ଡଳଂ ସର୍ବଗତସ୍ୟ ବିଷ୍ଣୋ
ରାତ୍ମା ପରଂଧାମ ବିଶୁଦ୍ଧତତ୍ତ୍ୱମ୍ ।
ସୂକ୍ଷାନ୍ତରୈର୍ଯୋଗପଥାନୁଗମ୍ୟଂ
ପୁନାତୁ ମାଂ ତତ୍‌ସବିତୁର୍ବରେଣ୍ୟମ୍ ।

(ଅର୍ଥ : ଯେଉଁ ମଣ୍ଡଳ ସର୍ବବ୍ୟାପୀ ବିଷ୍ଣୁଙ୍କର ଆତ୍ମା ଓ ପରମଧାମ ଓ ଯାହା  ଅତି ସୂକ୍ଷ୍ମ ଓ ବିଶୁଦ୍ଧତତ୍ତ୍ୱ ସେହି ସବିତା ମୋତେ ପବିତ୍ର କରାନ୍ତୁ ।)

(୧୪)

ଯନ୍ମଣ୍ଡଳଂ ବ୍ରହ୍ମବିଦୋ ବଦନ୍ତି
ଗାୟନ୍ତି ଯଚ୍ଚାରଣସିଦ୍ଧସଂଘାଃ ।
ଯନ୍ମଣ୍ଡଳଂ ବେଦବିଦଃ ସ୍ମରନ୍ତି
ପୁନାତୁ ମାଂ ତତ୍‌ସବିତୁର୍ବରେଣ୍ୟମ୍ ।

(ଅର୍ଥ : ବ୍ରହ୍ମବିଦ୍‌ଗଣ ଯାହାଙ୍କ ବିଷୟରେ କହିଥାଆନ୍ତି । ଚାରଣ ଓ ସିଦ୍ଧଗଣ ଯାହାଙ୍କ ମହିମା ଗାନ କରିଥାଆନ୍ତି, ବେଦବିଦ୍‌ଗଣ ଯାହାଙ୍କୁ ସ୍ମରଣ କରିଥାଆନ୍ତି ସେହି ସବିତା ମୋତେ ପବିତ୍ର କରାନ୍ତୁ ।)

(୧୫)

ଯନ୍ମଣ୍ଡଳଂ ବେଦବିଦୋପଗୀତଂ
ଯଦ୍‌ଯୋଗୀନାଂ ଯୋଗପଥାନୁଗମ୍ୟମ୍ ।
ତତ୍‌ସର୍ବଦେବଂ ପ୍ରଣମାମି ସୂର୍ଯ୍ୟଂ
ପୁନାତୁ ମାଂ ତତ୍‌ସବିତୁର୍ବରେଣ୍ୟମ୍ ।

(ଅର୍ଥ : ଯେଉଁ ମଣ୍ଡଳ ବିଷୟରେ ବେଦବିତ୍‌ଗଣ ଗାନ କରନ୍ତି, ଯାହା ଯୋଗୀମାନଙ୍କର ଯୋଗପଥଗମ୍ୟ ସେହି ସର୍ବଦେବ ସ୍ୱରୂପ ସୂର୍ଯ୍ୟଙ୍କୁ ମୁଁ ପ୍ରଣାମ କରୁଛି । ସେ ମୋର ମନକୁ ପବିତ୍ର କରନ୍ତୁ ।)

# ଶ୍ରୀ ତ୍ରିମୂର୍ତ୍ତି ସ୍ତବମ୍

(୧)

ଯଂ ବ୍ରହ୍ମା ବରୁଣେନ୍ଦ୍ରରୁଦ୍ରମରୁତଃସ୍ତୁନ୍ୱନ୍ତି ଦିବ୍ୟୈଃ ସ୍ତବୈ -
ର୍ବେଦୈଃ ସାଙ୍ଗପଦ କ୍ରମୋପନିଷଦୈର୍ଗାୟନ୍ତି ଯଂ ସାମଗାଃ
ଧ୍ୟାନାବସ୍ଥିତତଦ୍‌ଗତେନ ମନସା ପଶ୍ୟନ୍ତି ଯଂ ଯୋଗିନୋ
ଯସ୍ୟାନ୍ତଂ ନ ବିଦୁଃ ସୁରାସୁରଗଣା ଦେବାୟ ତସ୍ମୈ ନମଃ ।

(ଅର୍ଥ : ବ୍ରହ୍ମା, ବରୁଣ, ଇନ୍ଦ୍ର, ରୁଦ୍ର, ମରୁତ ପ୍ରଭୃତି ଯାହାଙ୍କର ଦିବ୍ୟସ୍ତୁତି ଗାନ କରିଥାଆନ୍ତି । ବେଦ ଓ ଉପନିଷଦ ଯାହାଙ୍କର କ୍ରମଅନୁସାରେ ସ୍ତୁତି କରିଥାଆନ୍ତି । ଯୋଗିଗଣ ଧ୍ୟାନାବସ୍ଥାରେ ଯାହାଙ୍କର ଦର୍ଶନ ଲାଭ କରିଥାଆନ୍ତି, ସୁରାସୁରଗଣ ଯାହାଙ୍କୁ କଳନା କରିପାରନ୍ତି ନାହିଁ , ସେହି ଦେବଙ୍କୁ ମୋର ନମସ୍କାର ।)

(୨)

କସ୍ତୁରୀ ତିଳକଂ ଲଲାଟ ପଟଳେ ବକ୍ଷସ୍ଥଳେ କୌସ୍ତୁଭଂ ।
ନାସାଗ୍ରେ ଗଜମୌକ୍ତିକଂ କରତଳେ ବେଣୁଃ କରେ କଙ୍କଣମ୍ ।
ସର୍ବାଙ୍ଗେ ହରିଚନ୍ଦନଂ ସୁଲଳିତଂ କଣ୍ଠେ ଚ ମୁକ୍ତାବଳୀ
ଗୋପସ୍ତ୍ରୀ ପରିବେଷ୍ଟିତୋ ବିଜୟତେ ଗୋପାଳ ଚୂଡ଼ାମଣିଃ ।

(ଅର୍ଥ : ଯାହାଙ୍କ ଲଲାଟ ଦେଶରେ କସ୍ତୁରୀ ତିଳକ, ବକ୍ଷସ୍ଥଳରେ କୌସ୍ତୁଭ, ନାସାଗ୍ରରେ ଗଜମୋତି, କରତଳେ ବେଣୁ ଓ କରରେ କଙ୍କଣ ଶୋଭାପାଏ , ସର୍ବାଙ୍ଗରେ ହରିଚନ୍ଦନ ଓ କଣ୍ଠରେ ମୁକ୍ତାବଳୀ ଶୋଭାପାଏ ଗୋପସ୍ତ୍ରୀ ପରିବେଷ୍ଟିତ ସେହି ଗୋପାଳ ଚୂଡ଼ାମଣିଙ୍କୁ ମୋର ନମସ୍କାର ।)

(୩)

ଦୋର୍ଭ୍ୟାଂ ଶୋଭିତଲାଙ୍ଗଳଂ ସମୁଶଳଂ କାଦମ୍ବରୀଚଞ୍ଚଳଂ
ରତ୍ନାଡମ୍ବରକୁଣ୍ଡଳଂ ଭୁଜବଳୈରାକ୍ରାନ୍ତଭୂମଣ୍ଡଳମ୍ ।

ବଜ୍ରାଭାମଳଚାରୁଗଣ୍ଡଯୁଗଳଂ ନାଗେନ୍ଦ୍ରଚୂଡ଼ୋଜ୍ଜ୍ୱଳଂ
ସଂଗ୍ରାମେ ଚପଳଂ ଶଶାଙ୍କଧବଳଂ ଶ୍ରୀକାମପାଳଂ ଭଜେ ।

(ଅର୍ଥ : ଯାହାଙ୍କକର ଲଙ୍ଗଗ ଓ ମୁଷଳ ଦ୍ୱାରା ଶୋଭାପାଉଛନ୍ତି ଯେ କାଦମ୍ବରୀ ଯୋଗୁ ଚଞ୍ଚଳ, ଯେ ରତ୍ନଖଚିତ କୁଣ୍ଡଳଧାରୀ ଓ ବାହୁବଳରେ ଭୂମଣ୍ଡଳକୁ ଯିଏ ପରାସ୍ତକରିପାରନ୍ତି, ଯାହାଙ୍କର ମନୋହର ଗଣ୍ଡସ୍ଥଳ ବଜ୍ରଜ୍ୟୋତିଃସମ ଉଜ୍ଜ୍ୱଳ, ସଂଗ୍ରାମରେ ଚଞ୍ଚଳ ଓ ଚନ୍ଦ୍ରଙ୍କ ସମଶ୍ୱେତ ସେହି କାମପାଳଙ୍କୁ ମୁଁ ଭଜନ କରୁଛି ।)

(୪)

ମଧ୍ୟେ ଦେବୀ ପରାତ୍ପରା ଭଗବତୀ ଯା ପ୍ରକୃତି ରୂପୀଣୀ
ନିର୍ଲିପ୍ତା ଗୁପ୍ତଦେହା ତ୍ରିଜଗତ ଜନନୀ ସୂକ୍ଷ୍ମରୂପା ବିଚିତ୍ରା
ଦେବୀମାନନ୍ଦ କନ୍ଦା କନକ ତନୁଧରା ସ୍ୱର୍ବ ସୌଭାଗ୍ୟଦାତ୍ରୀ
ଦେହି ମେ ଭକ୍ତି ମୁକ୍ତି ହରିପଦଯୁଗଳେ ଯୋଗମାୟାଂ ସ୍ମରାମି ।

(ଅର୍ଥ : ନିଖିଳ ଜଗତରେ ମାତା, ପ୍ରକୃତି ରୂପିଣୀ, ଦେବୀପରାତ୍ପରା ଭଗବତୀ, ସୂକ୍ଷ୍ମରୂପା, କନକବର୍ଣ୍ଣା, ସୌଭାଗ୍ୟ ଦାୟିନୀ, ସୁଖ ପ୍ରଦାୟନୀ ମା ସୁଭଦ୍ରା ମଧ୍ୟରେ ବିରାଜିତା । ଶ୍ରୀହରିଙ୍କ ପାଦପଦ୍ମରେ ଭକ୍ତି ଏବଂ ମୁକ୍ତି ପାଇଁ ମୁଁ ତାଙ୍କୁ ସ୍ମରଣ କରୁଛି ।)

(୫)

ନୀଳାଦ୍ରୌଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥଂ
ସର୍ବାଳଙ୍କାର ଯୁକ୍ତଂ ନବଘନରୁଚିରଂ ସଂଯୁତଂ ଚାଗ୍ରଜେନ।
ଭଦ୍ରାୟା ବାମଭାଗେ ରଥଚରଣ ଯୁତଂ ବ୍ରହ୍ମରୁଦ୍ରେନ୍ଦ୍ର ବନ୍ଦ୍ୟଂ
ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁଂ ସ୍ମରାମି।

(ଅର୍ଥ : ଯେ ଶଙ୍ଖକ୍ଷେତ୍ରର ନୀଳାଚଳରେ ଶତଦଳକମଳ ରତ୍ନସଂହାସନରେ ବିରାଜିତ । ଯେ ବିଭିନ୍ନ ଅଳଙ୍କାରରେ ବିମଣ୍ଡିତ । ଯାହାଙ୍କ ତନୁଶୋଭା ନବଘନ ସଦୃଶ ଏବଂ ଯେ ଅଗ୍ରଜଙ୍କଦ୍ୱାରା ପ୍ରଯୁକ୍ତ । ସୁଭଦ୍ରାଙ୍କ ବାମଭାଗରେ ରହିଛନ୍ତି ଏବଂ ସୁଦର୍ଶନଚକ୍ରଧାରୀ ଓ ବ୍ରହ୍ମ, ରୁଦ୍ର ଓ ଇନ୍ଦ୍ର ଯାହାଙ୍କର ବନ୍ଦନା କରୁଛନ୍ତି ମୁଁ ତାଙ୍କୁ ସ୍ମରଣ କରୁଛି ।)

# ମଧୁରାଷ୍ଟକମ୍

ବଲ୍ଲଭାଚାର୍ଯ୍ୟଙ୍କ ରଚିତ ଏ ଅଷ୍ଟକରେ କୁହାଯାଇଛି ଯେ ଶ୍ରୀକୃଷ୍ଣଙ୍କର ସବୁ ମଧୁର । ସେ ହେଲେ 'ମାଧୁରାଧିପତି' ।

(୧)

ଅଧରଂ ମଧୁରଂ ବଦନଂ ମଧୁରଂ
ନୟନଂ ମଧୁରଂ ହସିତଂ ମଧୁରମ୍ ।
ହୃଦୟଂ ମଧୁରଂ ଗମନଂ ମଧୁରଂ
ମଧୁରାଧିପତେରଖିଳଂ ମଧୁରମ୍।

(୨)

ବଚନଂ ମଧୁରଂ ଚରିତଂ ମଧୁରଂ
ବସନଂ ମଧୁରଂ ବଳିତଂ ମଧୁରମ୍
ଚଳିତଂ ମଧୁରଂ ଭ୍ରମିତଂ ମଧୁରଂ
ମଧୁରାଧିପତେରଖିଳଂ ମଧୁରମ୍ ।

(୩)

ବେଣୁର୍ମଧୁରୋ ରେଣୁର୍ମଧୁରଃ
ପାଣିର୍ମଧୁରଃ ପାଦୌ ମଧୁରୌ ।
ନୃତ୍ୟଂ ମଧୁରଂ ସଖ୍ୟଂ ମଧୁରଂ
ମଧୁରାଧିପତେରଖିଳଂ ମଧୁରଂ ।

(୪)

ଗୀତଂ ମଧୁରଂ ପୀତଂ ମଧୁରଂ
ଭୁକ୍ତଂ ମଧୁରଂ ସୁପ୍ତଂ ମଧୁରମ୍ ।
ରୂପଂ ମଧୁରଂ ତିଳକଂ ମଧୁରଂ
ମଧୁରାଧିପତେରଖିଳଂ ମଧୁରମ୍ ।

(୫)

କରଣଂ ମଧୁରଂ ତରଣଂ ମଧୁରଂ
ହରଣଂ ମଧୁରଂ ରମଣଂ ମଧୁରମ୍।
ବମିତଂ ମଧୁରଂ ଶମିତଂ ମଧୁରଂ
ମଧୁରାଧିପତେରଖିଳଂ ମଧୁରଂ ।

(୬)

ଗୁଞ୍ଜା ମଧୁରା ମାଳା ମଧୁରା
ଯମୁନା ମଧୁରା ବୀଚୀ ମଧୁରା ।
ସଲିଳଂ ମଧୁରଂ କମଳଂ ମଧୁରଂ
ମଧୁରାଧିପତେରଖିଳଂ ମଧୁରମ୍ ।

(୭)

ଗୋପୀ ମଧୁରା ଲୀଳା ମଧୁରା
ଯୁକ୍ତଂ ମଧୁରଂ ଭୁକ୍ତଂ ମଧୁରମ୍ ।
ହୃଷ୍ଟଂ ମଧୁରଂ ଇଷ୍ଟଂ ମଧୁରଂ
ମଧୁରାଧିପତେରଖିଳଂ ମଧୁରଂ ।

(୮)

ଗୋପା ମଧୁରା ଗାବୋ ମଧୁରା
ଯଷ୍ଟିର୍ମଧୁରା ସୃଷ୍ଟିର୍ମଧୁରା ।
ଦଳିତଂ ମଧୁରଂ ଫଳିତଂ ମଧୁରଂ
ମଧୁରାଧିପତେରଖିଳଂ ମଧୁରଂ।

# କନକଧାରା ସ୍ତୋତ୍ରମ୍

(୧)

ଅଙ୍ଗଂ ହରେଃ ପୁଲକଭୂଷଣମାଶ୍ରୟନ୍ତୀ
ଭୃଙ୍ଗାଙ୍ଗନେବ ମୁକୁଳାଭରଣଂ ତମାଳମ୍ ।
ଅଙ୍ଗୀକୃତାଖିଳ ବିଭୂତିରପାଙ୍ଗଲୀଳା
ମାଙ୍ଗଲ୍ୟଦାସ୍ତୁ ମମ ମଙ୍ଗଳଦେବତାୟାଃ ।

(ଅର୍ଥ)

ଭ୍ରମରୀ ଯେସନ ଆଶ୍ରୟ ଲୋଡ଼ଇ ମୁକୁଳିତ ତମାଳରେ
କମଳାଙ୍କ ପ୍ରେମ କଟାକ୍ଷ ହରିଙ୍କ ପୁଲକିତ ଶ୍ରୀଅଙ୍ଗରେ ।
ସେହି ଶୁଭଦୃଷ୍ଟି ମଙ୍ଗଳବିଧାନ କରୁ ଯେ ସଦା ମୋହର
ସକଳ ଐଶ୍ୱର୍ଯ୍ୟ ସମ୍ପନ୍ନ ଦୃଷ୍ଟି ସେ ଅଟେ ମହାଲକ୍ଷ୍ମୀଙ୍କର ।

(୨)

ମୁଗ୍ଧା ମୁହୁର୍ବିଦଧତି ବଦନେ ମୁରାରେଃ
ପ୍ରେମତ୍ରପାପ୍ରଣିହିତାନି ଗତାଗତାନି ।
ମାଳାଦୃଶୋର୍ମଧୁକରୀବ ମହୋତ୍ପଳେ ଯା
ସା ମେ ଶ୍ରିୟଂ ଦିଶତୁ ସାଗରସମ୍ଭବାୟାଃ ।

(ଅର୍ଥ)

କମଳ ସମ୍ଭାରେ ମୁଗ୍ଧା ମଧୁକାରୀ ବିହରଇ ଅନୁକ୍ଷଣ
ଶ୍ରୀହରିଙ୍କ ମୁଖକମଳ କମଳା ଦୃଷ୍ଟିକରେ ଆକର୍ଷଣ ।
ହରିଙ୍କ ମୁଖକୁ ସେହି ପ୍ରେମଦୃଷ୍ଟି ଯାଏ ଆସେ ନିରନ୍ତର
ସେହି ଶୁଭଦୃଷ୍ଟି ମଙ୍ଗଳ ବିଧାନ କରୁଯେ ସଦା ମୋହର ।

(୩)

ବିଶ୍ୱାମରେନ୍ଦ୍ରପଦବିଭ୍ରମ ଦାନଦକ୍ଷ-
ମାନନ୍ଦ ହେତୁରଧିକଂ ମୁରବିଦ୍ୱିଷୋଽପି
ଈଷନ୍ନିଷୀଦତୁମୟି କ୍ଷଣମୀକ୍ଷଣାର୍ଦ୍ଧ-
ମିନ୍ଦୀବରୋଦରସହୋଦରମିନ୍ଦିରାୟାଃ ।

(ଅର୍ଥ)

ଇନ୍ଦ୍ରପଦ ଆଦି ସକଳ ଐଶ୍ୱର୍ଯ୍ୟ ଦେବାକୁ ସମର୍ଥ ଯିଏ
କେତେ ଯେ ଆନନ୍ଦଦାୟକ ଦୃଷ୍ଟି ସେ କେଶବଙ୍କୁ ପରାମୋହେ ।
କମଳର କାନ୍ତି ଭରି ରହିଅଛି ମାଆଙ୍କ ନୟନ ଧାରେ
ପ୍ରାର୍ଥନା କରୁଛି ସେହି ଶୁଭଦୃଷ୍ଟି ପଡୁ କିଛି ମୋ ଉପରେ ।

(୪)

ଆମୀଲିତାକ୍ଷମଧିଗମ୍ୟ ମୁଦା ମୁକୁନ୍ଦ
ମାନନ୍ଦକନ୍ଦମନିମେଷମନଙ୍ଗତନ୍ତ୍ରମ୍ ।
ଆକେକରସ୍ଥିତକନୀନିକପକ୍ଷ୍ମନେତ୍ରଂ
ଭୂତ୍ୟୈଭବେନ୍ନମ ଭୁଜଙ୍ଗଶୟାଙ୍ଗନାୟାଃ ।

(ଅର୍ଥ)

ଅର୍ଦ୍ଧନିମୀଳିତ ନୟନ ଯୁଗଳ ମୁକୁନ୍ଦଙ୍କ ପରଶରେ
କେତେ ଯେ ଆନନ୍ଦ ଭରି ରହିଅଛି ସେହି ନେତ୍ର ପଲକରେ ।
କନ୍ଦର୍ପର ତନ୍ତ୍ର ସ୍ୱରୂପ ଭୁଜଙ୍ଗ ଶାୟିନୀ ମା ଲକ୍ଷ୍ମୀଙ୍କର
ଚଳଚଞ୍ଚଳ ସେ ଦୃଷ୍ଟି ସଦା ଦାନ କରିବ କଲ୍ୟାଣ ମୋର ।

(୫)

ବାହ୍ୱନ୍ତରେ ମୁରଜିତଃ ଶ୍ରିତକୌସ୍ତୁଭେ ଯା
ହାରାବଳୀବ ହରିନୀଳମୟୀ ବିଭାତି ।
କାମପ୍ରଦା ଭଗବତୋଽପି କଟାକ୍ଷମାଳା
କଲ୍ୟାଣମାବହତୁ ମେ କମଳାଳୟାୟାଃ ।

(ଅର୍ଥ)

କଉସ୍ତୁଭ ମଣି ମଣ୍ଡିତ ଭୁଜରପାଶରେ ସଦା ବିରାଜେ
ପଦ୍ମାଳୟାଙ୍କର ସେ କଟାକ୍ଷମାଳା ଇନ୍ଦ୍ରନୀଳମଣୀ ସାଜେ ।
ମୁରାରିଙ୍କ ପାଇଁ କେତେ ଯେ ଆନନ୍ଦଦାୟିନୀ କଟାକ୍ଷପାତ
ମଙ୍ଗଳ ବିଧାନ କରିବ ଜୀବନେ ଲଭିଲେ ତାହା କଞ୍ଚିତ ।

(୬)

କାଳାମ୍ବୁଦାଳିଲଳିତୋରସି କୈଟଭାରେ-
ର୍ଧାରାଧରେ ସ୍ଫୁରତି ଯା ତଡ଼ିଦଙ୍ଗନେବ ।

ମାତୁଃ ସମସ୍ତଜଗତାଂ ମହନୀୟମୂର୍ତ୍ତି -
ର୍ଭଦ୍ରାଣି ମେ ଦିଶତୁ ଭାର୍ଗବନନ୍ଦନାୟାଃ ।
(ଅର୍ଥ)
ସୌଦାମିନୀ ରୂପ୍ୟା ଅଙ୍ଗନା ଶୋଭଇ କଳାମେଘ କଳେବରେ
ଭାର୍ଗବ ନନ୍ଦିନୀ ଶୋଭା ପାଇଥାନ୍ତି କୈଟଭାରିଙ୍କ ତନୁରେ ।
ଜଗତର ମାତା ମହନୀୟା ମୂର୍ତ୍ତି ଭଜିଲେ ସଦା ଅନ୍ତରେ
ସକଳ କଲ୍ୟାଣ ଲଭିବ ଜୀବନ ମଙ୍ଗଳ ବିଧାନ କରେ ।
(୭)
ପ୍ରାପ୍ତଂ ପଦଂ ପ୍ରଥମତଃ ଖଲୁ ଯତ୍ ପ୍ରଭାବାତ୍
ମାଙ୍ଗଲ୍ୟଭାଜି ମଧୁମାଥିନି ମନ୍ମଥେନ ।
ମୟ୍ୟାପତେତ୍ ତଦିହ ମନ୍ଥରମୀକ୍ଷଣାର୍ଦ୍ଧଂ
ମନ୍ଦାଳସଞ୍ଚ ମକରାଳୟସମ୍ଭବାୟାଃ ।
(୮)
(ଅର୍ଥ)
ମଙ୍ଗଳମୟ ଶ୍ରୀକୃଷ୍ଣଙ୍କର ପାଶେ ସ୍ଥାନ ଲଭିଲେ ଅତନୁ
ସମ୍ଭବକି ଏହା ହୋଇ ପାରିଥାନ୍ତା ମାଆଙ୍କ କରୁଣାବିନୁ ।
ସାଗର ସଂଭୂତା ଲକ୍ଷ୍ମୀଙ୍କର ଦୃଷ୍ଟି ଅଳସ ମନ୍ଦ ମଧୁର
ପ୍ରାର୍ଥନା କରୁଛି ସେହି ଶୁଭଦୃଷ୍ଟି ପଡୁବାରେ ମୋଉପର ।
(୮)
ଦଦ୍ୟାତ୍ ଦୟାନୁପବନୋ ଦ୍ରବିଣାମ୍ବୁଧାରା
ମସ୍ମିନ୍ନକିଞ୍ଚନ ବିହଙ୍ଗ ଶିଶୌ ବିଷଣ୍ଣେ ।
ଦୁଷ୍କର୍ମ ଘର୍ମମପନୀୟ ଚିରାୟ ଦୂରଂ
ନାରାୟଣ ପ୍ରଣୟିନୀ ନୟନାମ୍ବୁବାହଃ ।
(ଅର୍ଥ)
କରୁଣାମୟୀଙ୍କ କରୁଣା ଜଳଦ ବରଷୁଯେ ଜଳଧାରା
ଚାତକ ପକ୍ଷୀମୁଁ ଉତ୍ତପ୍ତ ମୋପ୍ରାଣ ହୃଦୟବେଦନା ଭରା ।
ସେ କରୁଣାଘନ ପବନ ସହିତ ହରିବ ଦୁଷ୍କର୍ମତାପ
ଅକିଞ୍ଚନ ପରେ ବରଷିବ ପରା ସକଳସମ୍ପଦ ସୁଖ ।

(୯)

ଇଷ୍ଟାବିଶିଷ୍ଟ ମତୟୋଽପି ଯୟା ଦୟାର୍ଦ୍ର -
ଦୃଷ୍ଟ୍ୟା ତ୍ରିବିଷ୍ଟବପଦଂ ସୁଲଭଂ ଭଜନ୍ତେ ।
ଦୃଷ୍ଟିଃ ପ୍ରହୃଷ୍ଟକମଳୋଦରଦୀପ୍ତିରିଷ୍ଟାଂ
ପୁଷ୍ଟିଂ କୃଷୀଷ୍ଟ ମମ ପୁଷ୍କରବିଷ୍ଟରାୟାଃ ।

(ଅର୍ଥ)

କେତେ ଯେ ବିଶିଷ୍ଟ ବ୍ୟକ୍ତି ଲଭିଛନ୍ତି ସ୍ୱର୍ଗପଦ ଏସଂସାରେ
କେବଳ ସମ୍ଭବ ହୋଇଅଛି ଏହା ତୁମରିକରୁଣା ବଳେ ।
ଅମଳ-କମଳ-କମନୀୟ କାନ୍ତି ରହିଛି ଦୃଷ୍ଟିରେ ଯାର
ସେହି ଶୁଭଦୃଷ୍ଟି ମଙ୍ଗଳ ବିଧାନ କରୁ ଯେ ସଦା ମୋହର ।

(୧୦)

ଗୀର୍ଦେବତେତି ଗରୁଡ଼ଧ୍ୱଜସୁନ୍ଦରୀତି
ଶାକମ୍ଭରୀତି ଶଶିଶେଖରବଲ୍ଲଭେତି ।
ସୃଷ୍ଟିସ୍ଥିତି ପ୍ରଳୟ କେଳିଷୁ ସଂସ୍ଥିତା ଯା
ତସ୍ୟୈ ନମସ୍ତ୍ରିଭୁବନୈକଗୁରୋସ୍ତରୁଣ୍ୟୈ ।

(ଅର୍ଥ)

ସୃଷ୍ଟି ସ୍ଥିତି ଆଉ ପ୍ରଳୟ ବ୍ୟାପାରେ ସମ୍ପୃକ୍ତା ଯେ ସଦାକାଳେ
ସରସ୍ୱତୀ ଲକ୍ଷ୍ମୀ ଶାକମ୍ଭରୀ ଦୁର୍ଗା ଭାବେ ପୂଜିତା ସଂସାରେ ।
ଏକ ହୋଇ ସେ ଯେ ଅନେକ ରୂପରେ ପ୍ରକାଶନ୍ତି ଜଗତରେ
ତିନି ଭୁବନର ଜନନୀ ଭାବରେ ଲକ୍ଷ୍ମୀଙ୍କୁ ପ୍ରଣାମ କରେ ।

(୧୧)

ଶ୍ରୁତ୍ୟୈ ନମୋଽସ୍ତୁ ଶୁଭକର୍ମଫଳପ୍ରସୂତ୍ୟୈ
ରତ୍ୟୈ ନମୋଽସ୍ତୁ ରମଣୀୟଗୁଣାର୍ଣ୍ଣବାୟୈ ।
ଶକ୍ତ୍ୟୈ ନମୋଽସ୍ତୁ ଶତପତ୍ରନିକେତନାୟୈ
ପୁଷ୍ଟ୍ୟୈ ନମୋଽସ୍ତୁ ପୁରୁଷୋତ୍ତମବଲ୍ଲଭାୟୈ ।

(ଅର୍ଥ)

ଶ୍ରୁତି ସ୍ୱରୁପିଣୀ ସର୍ବ ଶୁଭକର୍ମ ଫଳ ପ୍ରଦାୟିନୀ ମାଆ
ସର୍ବଗୁଣ ଅଳଙ୍କାରେ ବିମଣ୍ଡିତା ରତିସମ ରମଣୀୟା ।

ପଦ୍ମାସୀନା ଦେବୀ ସକଳ ଶକ୍ତିର ଆଧାର ପୁଷ୍ଟି ରୂପିଣୀ
ପୁରୁଷୋତ୍ତମଙ୍କ ପ୍ରାଣପ୍ରିୟା ପତ୍ନୀ ପ୍ରଣାମ ଘେନ ଜନନୀ ।

(୧୨)

ନମୋଽସ୍ତୁ ନାଳୀକନିଭାନନାୟୈ
ନମୋଽସ୍ତୁ ଦୁଗ୍ଧୋଦଧିଜନ୍ମଭୂମ୍ୟୈ ।
ନମୋଽସ୍ତୁ ସୋମାମୃତସୋଦରାୟୈ
ନମୋଽସ୍ତୁ ନାରାୟଣବଲ୍ଲଭାୟୈ ।

(ଅର୍ଥ)

ପଦ୍ମମୁଖୀ କ୍ଷୀରସାଗର ନନ୍ଦୀନୀ ସୁଧା ସୋମସହୋଦରୀ
ନାରାୟଣଙ୍କର ପ୍ରିୟବଲ୍ଲଭା ମା ପ୍ରଣାମ ଘେନ ମୋହରି ।

(୧୩)

ନମୋଽସ୍ତୁ ହେମାମ୍ବୁଜପୀଠିକାୟୈ
ନମୋଽସ୍ତୁ ଭୂମଣ୍ଡଳନାୟିକାୟୈ ।
ନମୋଽସ୍ତୁ ଦେବାଧିଦୟାପରାୟୈ
ନମୋଽସ୍ତୁ ଶାର୍ଙ୍ଗାୟୁଧ ବଲ୍ଲଭାୟୈ ।

(ଅର୍ଥ)

ହେମପଦ୍ମାସୀନା ବିଶ୍ୱ ଅଧିଷ୍ଠାତ୍ରୀ ଦୟାବତୀ ଦେବତାରେ
କୃଷ୍ଣଙ୍କର ପ୍ରାଣ ବଲ୍ଲଭା ଅଟନ୍ତି ପ୍ରଣାମ ତାଙ୍କ ପୟରେ ।

(୧୪)

ନମୋଽସ୍ତୁ ଦେବ୍ୟୈ ଭୃଗୁନନ୍ଦନାୟୈ
ନମୋଽସ୍ତୁ ବିଷ୍ଣୋରୁରସି ସ୍ଥିତାୟୈ ।
ନମୋଽସ୍ତୁ ଲକ୍ଷ୍ମ୍ୟୈ କମଳାଳୟାୟୈ
ନମୋଽସ୍ତୁ ଦାମୋଦରବଲ୍ଲଭାୟୈ ।

(ଅର୍ଥ)

ପଙ୍କଜ ବାସିନୀ ଭୃଗୁଙ୍କ ନନ୍ଦିନୀ ବିଷ୍ଣୁବକ୍ଷ ବିହାରିଣୀ
ଦାମୋଦରଙ୍କର ପ୍ରାଣବଲ୍ଲଭା ଯେ ପ୍ରଣାମ ଘେନ ଜନନୀ ।

(୧୫)

ନମୋଽସ୍ତୁ କାନ୍ତ୍ୟୈ କମଳେକ୍ଷଣାୟୈ
ନମୋଽସ୍ତୁ ଭୂତ୍ୟୈଭୁବନପ୍ରସୂତ୍ୟୈ ।

ନମୋଽସ୍ତୁ ଦେବାଦିଭିରର୍ଚ୍ଚିତାୟୈ
ନମୋଽସ୍ତୁ ନନ୍ଦାତ୍ମଜ ବଲ୍ଲଭାୟୈ ।
(ଅର୍ଥ)
କମଳନୟନା କାନ୍ତିସ୍ୱରୂପିଣୀ ଲକ୍ଷ୍ମୀଙ୍କୁ ପ୍ରଣାମ ମୋର
ଭୁବନ ଜନନୀ ଐଶ୍ୱର୍ଯ୍ୟ ଦାୟିନୀ ପଦେ ସଦା ନମସ୍କାର
ସୁରଗଣ ସଦା ପୂଜନ୍ତି ଯେ ପଦ ନନ୍ଦପୁତ୍ର କୃଷ୍ଣଙ୍କର
ପ୍ରାଣପ୍ରିୟା ପତ୍ନୀ ଅଟନ୍ତି ପରା ସେ ତାହାଙ୍କୁ ପ୍ରଣାମ ମୋର ।
(୧୬)
ସଂପତ୍‌କରାଣି ସକଳେନ୍ଦ୍ରିୟନନ୍ଦନାନି
ସାମ୍ରାଜ୍ୟଦାନନିରତାନି ସରୋରୁହାକ୍ଷି ।
ତ୍ୱତ୍‌ବନ୍ଦନାନି ଦୁରିତାହରଣୋଦ୍ୟତାନି
ମାମେବ ମାତରନିଶଂ କଳୟନ୍ତୁ ମାନ୍ୟେ ।
(ଅର୍ଥ)
ସର୍ବମାନ୍ୟା ଦେବୀ କମଳଲୋଚନା ବନ୍ଦୁଛି ମୁଁ ତବ ପଦ
ତୁମରି କରୁଣା ଫଳରେ ମିଳଇ ସକଳ ସୁଖ ସମ୍ପଦ ।
ରାଜ୍ୟପ୍ରାପ୍ତି ହୁଏ ଭୋଗ୍ୟବସ୍ତୁ ମିଳେ ତୁମରି ଆଶିଷ ବଳେ
ଜୀବନ ପଥର ସକଳ ଦୁରିତ ହଟିଯାଏ ପରାହେଳେ ।
(୧୭)
ସୁବର୍ଣ୍ଣଧାରା ସ୍ତୋତ୍ରଂ ଯତ୍‌ଶଙ୍କରାଚାର୍ଯ୍ୟନିର୍ମିତମ୍
ତ୍ରିସନ୍ଧ୍ୟଂ ଯଃ ପଠେନ୍ନିତ୍ୟଂ ସ କୁବେର ସମୋ ଭବେତ୍ ।
(ଅର୍ଥ)
ଶଙ୍କରାଚାର୍ଯ୍ୟଙ୍କ ରଚିତ ଏ ସ୍ତୋତ୍ର ତ୍ରିସନ୍ଧ୍ୟାରେ ପାଠକଲେ
କୁବେରଙ୍କ ଭଳି ଧନୀ ହୋଇ ତୁମେ ସୁଖୀ ହେବ ଧରାତଳେ ।

# ଶ୍ରୀ ମନ୍ନାରାୟଣାଷ୍ଟାଦଶକମ୍

(୧)

ପ୍ରହ୍ଲାଦ ! ପ୍ରଭୁରସ୍ତି ଚେତ୍ ତବ ହରିଃ ସର୍ବତ୍ର ମେ ଦର୍ଶୟ
ସ୍ତମ୍ଭେ ଚୈନମିତି ବ୍ରୁବନ୍ତମସୁରଂ ତତ୍ରାବିରାସୀଦ୍ ହରିଃ ।
ବକ୍ଷସ୍ତସ୍ୟ ବିଦାରୟନ୍ ନିଜନଖୈ ର୍ବାତ୍ସଲ୍ୟମାବେଦୟନ୍
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।

(ଅର୍ଥ)

ପୁତ୍ର ପ୍ରହ୍ଲାଦକୁ ହିରଣ୍ୟକଶିପୁ ପଚାରିଲା କ୍ରୋଧଭରେ
ସର୍ବବ୍ୟାପୀ ଯଦି ଅଟନ୍ତି ତୋ ହରି ଅଛନ୍ତି କି ଏ ସ୍ତମ୍ଭରେ ?
ସହସା ବିଦୀର୍ଣ୍ଣ କରି ସ୍ତମ୍ଭବକ୍ଷ ହରିହେଲେ ଆବିର୍ଭୁତ
ତୀକ୍ଷ୍ଣ ନଖଧାରେ ହିରଣ୍ୟକଶିପୁ ବକ୍ଷ କଲେ ବିଦାରିତ ।
ଭକ୍ତ ବତ୍ସଳତା ଯୋଗୁଁ ଯେଉଁ ହରି ସ୍ତମ୍ଭରୁ ହେଲେ ବାହାର
ସେହି ଆର୍ତ୍ତତ୍ରାଣପରାୟଣନାରାୟଣ ହିଁ ଗତି ମୋହର ।

(୨)

ଶ୍ରୀରାମତ୍ର ବିଭୀଷଣୋଽୟମଧୁନାତ୍ୱାର୍ତ୍ତୋ ଭୟାଦାଗତଃ
ସୁଗ୍ରୀବାନୟ ପାଳୟେଽହମଧୁନା ପୌଲସ୍ତ୍ୟମେବାଗତମ୍ ।
ଏବଂ ଯୋଽଭୟମସ୍ୟ ସର୍ବବିଦିତଂ ଲଙ୍କାଧିପତ୍ୟଂଦଦା
ବାର୍ତ୍ତତ୍ରାଣପରାୟଣ ସ ଭଗବାନ୍ ନାରାୟଣୋମେଗତିଃ ।

(ଅର୍ଥ)

ରାବଣ ସନ୍ତାପେ ତ୍ରସ୍ତ ବିଭୀଷଣ ଶରଣ ପଶେ କାତରେ
ସୁଗ୍ରୀବଙ୍କଠାରୁ ଶୁଣି ଏହା ପ୍ରଭୁ କହିଲେ ତହୁଁ ସତ୍ୱରେ ।
ପୁଲସ୍ତ୍ୟ ପୌତ୍ରଙ୍କୁ ସମ୍ମୁଖକୁ ଆଣି ସୁରକ୍ଷାପ୍ରଦାନ କର
ଭୀତତ୍ରସ୍ତ ବିଭୀଷଣ ଲଭିଥିଲା ପ୍ରଭୁଙ୍କ ଅଭୟ ବର ।
ଜଗତେ ବିଦିଦ ବିଭୀଷଣଙ୍କୁ ଯେ ଅଭୟପ୍ରଦାନ କଲେ
ସେହି ଆର୍ତ୍ତତ୍ରାଣ ପରାୟଣ ନାରାୟଣ ହିଁ ଗତିସଂସାରେ ।

(୩)

ନକ୍ରଗ୍ରସ୍ତପଦଂ ସମୁଦ୍ୟତକରଂ ବ୍ରହ୍ମେଶ ଦେବେଶ ମାଂ
ପାହୀତି ପ୍ରଚୁରାର୍ତ୍ତରାବକରିଣଂ ଦେବେଶ ଶକ୍ତୀଶ ମାମ୍ ।
ମା ଶୋଚେତି ରରକ୍ଷ ନକ୍ରବଦନାତ୍ ଚକ୍ରଶ୍ରିୟା ତତ୍କ୍ଷଣାତ୍
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।

(ଅର୍ଥ)

କୁମ୍ଭୀରର ପାଶେ ପଡ଼ି ଗଜରାଜ ଡାକିଲା ହୋଇ ଆତୁର
ଉତ୍ତୋଳନ କରି ଶୁଣ୍ଢସେ ପ୍ରାର୍ଥନା କଲା ଯେ ଦେବତାଙ୍କର ।
ରକ୍ଷା କରି କେହି ନ ପାରିଲେ ଯେବେ ପ୍ରଭୁଙ୍କୁ କଲା ସ୍ମରଣ
ଅଭୟ ପ୍ରଦାନ କରି ଗଜରାଜେ ନେଲେ ପରା ନକ୍ରପ୍ରାଣ ।
ସୁଦର୍ଶନ ଚକ୍ର ପେଷି ନକ୍ରପାଶୁ ଗଜ ଯିଏ ଉଦ୍ଧାରିଲେ
ସେହି ଆର୍ତ୍ତତ୍ରାଣପରାୟଣନାରାୟଣ ହି ଗତି ସଂସାରେ ।

(୪)

ହା କୃଷ୍ଣାଽଚ୍ୟୁତ ହା କୃପାଜଳନିଧେ! ହା ପାଣ୍ଡବାନାଂ ଗତେ
କ୍ୱାସି କ୍ୱାସି ସୁଯୋଧନାଦବଗତାଂ ହା ରକ୍ଷ ମାଂଦ୍ରୌପଦୀମ୍ ।
ଇତ୍ୟୁକ୍ତୋଽକ୍ଷୟବସ୍ତ୍ରରକ୍ଷିତତନୁଂ ଯୋଽରକ୍ଷଦାପଦ୍‌ଗଣାତ୍
ଆର୍ତ୍ତତ୍ରାଣ ପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।

(ଅର୍ଥ)

ଦୁର୍ଯ୍ୟୋଧନଦ୍ୱାରା ଲାଞ୍ଛିତା ଦ୍ରୌପଦୀ ଡାକିଲେ ଆତୁରସ୍ୱରେ
ହେ କୃଷ୍ଣ ! ଅଚ୍ୟୁତ ! ପାଣ୍ଡବଙ୍କ ସଖା ଅଛ ତୁମେ କେଉଁଠାରେ
"ଅସହାୟା ଅଟେ, ରକ୍ଷାକର ମୋତେ" ଡାକିଲେ ଅତି ବିକଳେ
ଅସରନ୍ତି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ଦୁଃଖ ନିବାରିଲେ ହେଳେ ।
କୋଟିବସ୍ତ୍ର ଦାନକରି ଦ୍ରୌପଦୀଙ୍କ ଦୁଃଖ ଯିଏ କଲେ ଦୂର
ସେହି ଆର୍ତ୍ତତ୍ରାଣପରାୟଣନାରାୟଣ ହିଁ ଗତି ମୋହର ।

(୫)

ଯତ୍‌ପାଦାବ୍‌ଜନଖୋଦକଂ ତ୍ରିଜଗତାଂ ପାପୌଘବିଧ୍ୱଂସକଂ
ଯନ୍ନାମାମୃତ ପୂରଣଞ୍ଚ ପିବତାଂ ସନ୍ତାପସଂହାରକମ୍ ।

ପାଷାଣଶ୍ଚ ଯଦଂଘ୍ରିତୋ ନିଜ ବଧୂରୂପଂ ମୁନେରାପ୍ତବାନ୍
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମୋ ଗତିଃ ।
(ଅର୍ଥ)
ଯାହାଙ୍କ ଚରଣନଖର ଉଦକ ପାପରାଶି କରେ ଦୂର
ଯାହାଙ୍କର ନାମାମୃତ ପାନ ପରା ନାଶଇ ସନ୍ତାପ ଘୋର ।
ପାଷାଣୀ ଅହଲ୍ୟା ଲଭିଲେ ଜୀବନ ଯାହାଙ୍କ ପାଦସ୍ପର୍ଶରେ
ସେହି ଆର୍ତ୍ତତ୍ରାଣପରାୟଣନାରାୟଣ ହିଁ ଗତି ସଂସାରେ ।

(୬)
ପିତ୍ରା ଭ୍ରାତରମୁତ୍ତମାଙ୍କଗମିତଂ ଭକ୍ତୋତ୍ତମଂ ଯେ ଧ୍ରୁବଂ
ଦୃଷ୍ଟ୍ୱା ତତ୍ସମମାରୁରୁକ୍ଷୁମୁଦିତଂ ମାତ୍ରାଽବମାନଂ ଗତମ୍ ।
ଯୋଽଦାତ୍ ତଂ ଶରଣାଗତଂ ତୁ ତପସା ହେମାଦ୍ରିସିଂହାସନମ୍
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।
(ଅର୍ଥ)
କେତେ ଆନନ୍ଦରେ ଯାଇଥିଲେ ଧ୍ରୁବ ବସିବାକୁ ପିତୃ କୋଳେ
ମାତ୍ର ପିତା ତାଙ୍କୁ ହତାଦର କଲେ ବିମାତାଙ୍କ କୂଟ ବଳେ ।
ବୈମାତ୍ରେୟ ଭାଇ ଉତ୍ତମଙ୍କୁ ପିତା ବସାଇଲେ କୋଳେ ନେଇ
କେତେ ଯେ ନିଷ୍ଠୁର ବଚନ ବିମାତା କହଲେ ଧ୍ରୁବଙ୍କୁ ଚାହିଁ ।
ଦୁଃଖ ଅପମାନ ପାଇ ଧ୍ରୁବ ଶେଷେ ହରିଙ୍କୁ ପ୍ରାର୍ଥନା କଲେ
କରୁଣା ଲଭିଲେ ପ୍ରଭୁଙ୍କର ଶେଷେ କଠୋର ତପସ୍ୟା ବଳେ ।
ହିମାଦ୍ରି ଶିଖରେ ରତ୍ନସିଂହାସନେ ଧ୍ରୁବଙ୍କୁ ଯେ ବସାଇଲେ
ସେହି ଆର୍ତ୍ତତ୍ରାଣପରାୟଣନାରାୟଣ ହିଁ ଗତି ସଂସାରେ ।

(୭)
ନଥେତି ଶ୍ରୁତୟୋ ନ ତତ୍ତ୍ୱମତୟୋ ଘୋଷସ୍ଥିତା ଗୋପିକା
ଜାରିଣ୍ୟଃ କୁଳଜାତିଧର୍ମବିମୁଖା ଅଧ୍ୟାତ୍ମଭାବଂ ଯୟୁଃ ।
ଭକ୍ତିର୍ଯସ୍ୟ ଦଦାତି ମୁକ୍ତିମତୁଳାଂ ଜାରସ୍ୟ ଯଃ ସଦ୍ଗତିଃ
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।

(ଅର୍ଥ)

ଜାତି, ଧର୍ମ, କୁଳ ଛାଡ଼ି ଗୋପୀଗଣ ସେବିଲେ କୃଷ୍ଣଙ୍କ ପଦ
ତତ୍ତ୍ୱକୁ ନ ଜାଣି କେବଳ ଭକ୍ତିରେ ଲଭିଲେ ସେ ମୁକ୍ତିପଦ ।
ସତ୍‌ଗତି ମିଳଇ ସେବିଲେ ତାହାଙ୍କ ଚରଣକୁ ଭକ୍ତିଭରେ
ଆର୍ତ୍ତତ୍ରାଣପରାୟଣନାରାୟଣ କେବଳ ଗତି ସଂସାରେ ।

(୮)

କ୍ଷୁତ୍‌ତୃଷ୍ଣାର୍ତ୍ତ ସହସ୍ରଶିଷ୍ୟସହିତଂ ଦୁର୍ବାସସଂ କ୍ଷୋଭିତଂ
ଦ୍ରୌପଦ୍ୟା ଭୟଭକ୍ତିଯୁକ୍ତମନସା ଶାକଂ ସ୍ୱହସ୍ତାର୍ପିତମ୍ ।
ଭୁକ୍ତ୍ୱା ତର୍ପୟଦାମ୍ବୃତ୍ତିମଖିଳାମାବେଦୟନ୍ ଯଃ ପୁମାନ୍
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।

(ଅର୍ଥ)

ସହସ୍ର ଶିଷ୍ୟଙ୍କ ସହିତ ଆସିଲେ କ୍ଷୁଧିତ ଦୁର୍ବାସା ଋଷି
ତାହାଙ୍କ ଭୋଜନ ପାଇଁ ଦ୍ରୌପଦୀଙ୍କ ପାଖରେ ନ ଥିଲା କିଛି ।
ଡାକଶୁଣି ପ୍ରଭୁ ଦ୍ରୌପଦୀଙ୍କ ହାତୁ ଘେନି କଣିକାଏ ଶାଗ
ଦୁର୍ବାସାଙ୍କ କ୍ଷୁଧା ଦୂର ହୋଇଗଲା ମନେ ଲଭିଲେ ଆନନ୍ଦ ।
ସାମାନ୍ୟ ଶାଗରେ ତୃପ୍ତ ପ୍ରଭୁ କଲେ ଦୁର୍ବାସାଙ୍କ କ୍ଷୁଧା ଦୂର
ସେହି ଆର୍ତ୍ତତ୍ରାଣପରାୟଣନାରାୟଣ ହିଁ ଗତି ମୋହର ।

(୯)

ଯେନାରକ୍ଷି ରଘୁତ୍ତମେନ ଜଳଧେସ୍ତୀରେ ଦଶାସ୍ୟାନୁଗ
ସ୍ୱାୟାତଂ ଶରଣଂ ରଘୁତ୍ତମ ବିଭୋ ରକ୍ଷାତୁରଂମାମିତି ।
ପୌଲସ୍ତ୍ୟେନ ନିରାକୃତୋଽଥ ସଦସି ଭ୍ରାତା ଚ ଲଙ୍କାପୁରେ
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।

(ଅର୍ଥ)

ରାବଣର ଭାଇ ବିଭୀଷଣ ଯେବେ ଲୋଡ଼ିଲା ଆସି ଶରଣ
ପରିତ୍ୟକ୍ତ ହୋଇ କାତରେ କହିଲା ରକ୍ଷାକର ନାରାୟଣ ।
ରାବଣକୁ ମାରି ବିଭୀଷଣକୁ ଯେ ରାଜାକଲେ ଲଙ୍କାପୁରେ
ସେହି ଆର୍ତ୍ତତ୍ରାଣ ପରାୟଣ ନାରାୟଣ ହିଁ ଗତି ସଂସାରେ ।

(୧୦)

ଯନ୍ନାମଶ୍ରୁତିମାତ୍ରତୋଽପରିମିତଂ ସଂସାରବାରାଂ ନିଧିଂ
ତ୍ୟକ୍ତ୍ୱା ଗଚ୍ଛତି ଦୁର୍ଜନୋଽପି ପରମଂ ବିଷ୍ଣୋଃ ପଦଂଶାଶ୍ୱତମ୍ ।
ତନ୍ନୈବାଭୁତକାରଣଂ ତ୍ରିଜଗତାଂ ନାଥସ୍ୟ ଦାସୋଽସ୍ମ୍ୟହଂ
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।

(ଅର୍ଥ)

ଦୁର୍ଜନ ବ୍ୟକ୍ତିର କର୍ଣ୍ଣରେ ପ୍ରବେଶ କଲେ ସେ ପବିତ୍ର ନାମ
ଅପାର ସଂସାର ପାରିହୋଇ ଲଭେ ବିଷ୍ଣୁଙ୍କ ପରମଧାମ ।
ସେ କରୁଣାନିଧି କାରଣ ଅଟନ୍ତି ଅଦଭୁତ କରମର
ଆର୍ତ୍ତତ୍ରାଣପରାୟଣନାରାୟଣ କେବଳ ଗତି ମୋହର ।

(୧୧)

ଯେନାବାହି ମହାହବେ ବସୁମତୀ ସଂବର୍ତ୍ତକାଳେ ମହା
ଲୀଳାକ୍ରୋଡ଼ବପୁର୍ଧରେଣ ହରିଣା ନାରାୟଣେନ ସ୍ୱୟମ୍ ।
ଯଃ ପାପିଦ୍ରୁମ ସଂପ୍ରବର୍ତ୍ତମଚିରାଦ୍ଧତ୍ୱା ଚ ଯୋଽଗାତ୍ ପ୍ରିୟମ୍
ଆର୍ତ୍ତତ୍ରାଣ ପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।

(ଅର୍ଥ)

ପ୍ରଳୟ ପୟୋଧି ଜଳରେ ପୃଥିବୀ ହୋଇଲା ଯେବେ ନିମଗ୍ନ
ଲୀଳା ବରାହର ରୂପଧରି ବିଷ୍ଣୁ ଧରଣୀ କଲେ ଧାରଣ ।
ଭକ୍ତଜନ ପାଶେ ପହଞ୍ଚିଲେ ପ୍ରଭୁ ପାପୀଙ୍କୁ ବିନାଶ କରି
ଆର୍ତ୍ତତ୍ରାଣପରାୟଣ ନାରାୟଣ କେବଳ ଗତି ମୋହରି ।

(୧୨)

ଯୋଦ୍ଧାସୌ ଭୁବନତ୍ରୟେ ମଧୁପତିର୍ଭର୍ତ୍ତା ନରାଣାଂବଳେ
ରାଧାୟା ଅକରୋଦ୍ରତେ ରତିମନଃ ପୂର୍ତ୍ତିଂସୁରେନ୍ଦ୍ରାନୁଜଃ ।
ଯୋ ବା ରକ୍ଷତି ଦୀନପଣ୍ଡୁତନୟାନ୍ ନାଥେତି ଭୀତିଂ ଗତାନ୍
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।

(ଅର୍ଥ)

ତିନି ଭୁବନରେ ସର୍ବଶ୍ରେଷ୍ଠ ଯୋଦ୍ଧା ଈଶ୍ୱର ମଧୁପୁରୀର
ମାନବମାନଙ୍କ ତ୍ରାଣକର୍ତ୍ତା ସେ ଯେ ଅନୁଜ ସୁରେନ୍ଦ୍ରଙ୍କର ।
ରାଧିକାଙ୍କ ଅଭିଳାଷ ପୂର୍ଣ୍ଣକାରୀ ସହାୟ ପାଣ୍ଡବଙ୍କର
ଆର୍ତ୍ତତ୍ରାଣ ପରାୟଣନାରାୟଣ କେବଳ ଗତି ମୋହର ।

(୧୩)

ଯଃ ସାନ୍ଦୀପନି ଦେଶତଶ୍ଚ ତନୟଂ ଲୋକାନ୍ତରାତ୍ ସନ୍ନତଂ
ଚାଽନୀୟ ପ୍ରତିପାଦ୍ୟ ପୁତ୍ରମରଣାଦୁଜ୍ଜୃମ୍ଭମାଣାର୍ତ୍ତୟେ ।
ସନ୍ତୋଷଂ ଜନୟନ୍ନମେୟ ମହିମା ପୁତ୍ରାର୍ଥସମ୍ପାଦନାମ୍
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।

(ଅର୍ଥ)

ଗୁରୁ ସାନ୍ଦୀପନି ଦକ୍ଷିଣା ମାଗିଲେ ଜୀବନ ମୃତପୁତ୍ରର
ମୃତ୍ୟୁ ଲୋକରୁ ସେ ଫେରାଇ ଆଣିଲେ ଜୀବନ ଯେ ତାହାଙ୍କର ।
ଏଭଳି ଜୀବନଦାନ କଲେ ଯିଏ ଅଦଭୁତ ଶକ୍ତିବଳେ
ଆର୍ତ୍ତତ୍ରାଣ ପରାୟଣନାରାୟଣ କେବଳ ଗତି ସଂସାରେ ।

(୧୪)

ଯନ୍ନାମସ୍ମରଣାଦଘୌଘସହିତଃ ବିପ୍ରଃପୁରାଽଜାମିଳଃ
ପ୍ରାଣାନ୍ ମୁକ୍ତିମଶୋଷିତାମନୁ ଚ ଯଃ ପାପୌଘଦାବାର୍ତ୍ତିଯୁକ୍ ।
ସଦ୍ୟୋ ଭାଗବତୋତ୍ତମା ମୁନିମତିଂ ପାପାମ୍ବରୀଷାଭିଧ
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।(୧୪)

(ଅର୍ଥ)

ସର୍ବପାପୁ ମୁକ୍ତ ହେଲେ ଅଜାମିଳ ଯେ ନାମ କରି ସ୍ମରଣ
ପରେ ମର୍ତ୍ତ୍ୟଧାମେ ଅମ୍ବରୀଶ ନାମେ ହେଲେ ଧର୍ମ ପରାୟଣ ।
ଯେଉଁ ପ୍ରଭୁ ଅମ୍ବରୀଶ ବ୍ରାହ୍ମଣକୁ ମୁକ୍ତିଦାନ କରିଥିଲେ
ସେହି ଆର୍ତ୍ତତ୍ରାଣପରାୟଣ ନାରାୟଣ ହି ଗତି ସଂସାରେ ।

(୧୫)

ଯୋଽରକ୍ଷଦ୍‌ବସନାଦି ନିତ୍ୟରହିତଂ ବିପ୍ରଂ କୁଚୈଳାଭିଧଂ
ଦୀନାଦୀନଚକୋରପାଳନ ପରଃ ଶ୍ରୀଶଙ୍ଖଚକ୍ରୋଜ୍ଜ୍ୱଳଃ ।
ତଜ୍ଜୀର୍ଣ୍ଣାମ୍ବର ମୁଷ୍ଟିମାତ୍ର ପୃଥୁକାନାଦାୟ ଭୁକ୍ତ୍ୱା କ୍ଷଣାଦ୍
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।

(ଅର୍ଥ)

ଦେଖିଲେ ଯେ ପଥେ କୁଚୈଳ ବ୍ରାହ୍ମଣ ଥିଲା କେତେଦୀନହୀନ
ଦୟାବହି ତାର ଛିନ୍ନ ବସନରୁ କରିଲେ ଖୁଦ ଗ୍ରହଣ ।
ଶଙ୍ଖଚକ୍ରଧାରୀ ରୂପେ ଉଭାହୋଇ ବ୍ରାହ୍ମଣକୁ ରକ୍ଷାକଲେ
ସେହି ଆର୍ତ୍ତତ୍ରାଣପରାୟଣନାରାୟଣ ହିଁ ଗତି ସଂସାରେ ।

(୧୬)

ଯତ୍‌କଲ୍ୟାଣଗୁଣାଭିରାମମମଳଂ ମନ୍ତ୍ରାଣି ସଂଶିକ୍ଷତେ
ଯତ୍ ସଂଶେତି ପତିପ୍ରତିଷ୍ଠିତମିଦଂ ବିଶ୍ୱଂ ବଦତ୍ୟାଗମଃ ।
ଯୋ ଯୋଗୀନ୍ଦ୍ର ମନଃସରୋରୁହତମଃପ୍ରଧ୍ୱଂସବିଦ୍‌ଭାନୁମାନ୍
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।

(ଅର୍ଥ)

ଯାହାଙ୍କ ବାଣୀକୁ ମନ୍ତ୍ରରୂପେ ଶିକ୍ଷା କରିଥାଆନ୍ତି ସକଳ
ଜଗତ କାରଣ ଅଟନ୍ତି ସେ ପରା ଏ ମତ ଅଟେ ଶାସ୍ତ୍ରର
ସୂର୍ଯ୍ୟଭଳି ଯୋଗୀ ଅଜ୍ଞାନ ତିମିର କରିଥାନ୍ତି ଯେ ଦୂର
ଆର୍ତ୍ତତ୍ରାଣପରାୟଣନାରାୟଣ କେବଳ ଗତି ମୋହର ।

(୧୭)

କାଳୀନ୍ଦୀହୃଦୟାଭିରାମପୁଳିନେ ପୁଣ୍ୟେ ଜଗନ୍ନଙ୍ଗଳେ
ଚନ୍ଦ୍ରାମ୍ଭୋଜବଟେ ପଟେ ପରିସରେ ଧାତ୍ରା ସମାରାଧିତେ ।
ଶ୍ରୀରଙ୍ଗେ ଭୁଜଗେନ୍ଦ୍ର ଭୋଗଶୟନେ ଶେତେ ସଦା ଯଃ ପୁମାନ୍
ଆର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ।

(ଅର୍ଥ)

ଜ୍ୟୋତ୍ସ୍ନା ବିଧଉତ କମଳଶୋଭିତ ଯମୁନାର ପୁଳିନରେ
କେଳି ରଚିଥିଲେ କେତେ ଯେ ବିଚିତ୍ର ସେହି ମନୋରମସ୍ଥଳେ
ଅନନ୍ତଶଯ୍ୟାରେ ଶୟନରତ ଯେ ପୂଜିତ ବ୍ରହ୍ମାଙ୍କ ଦ୍ୱାରା
ସେହି ଆର୍ତ୍ତତ୍ରାଣପରାୟଣନାରାୟଣ ମୋ ସହାୟ ପରା ।

(୧୮)

ବାତ୍ସଲ୍ୟାଦଭୟ ପ୍ରଦାନ ସମୟାଦାର୍ତ୍ତାର୍ତ୍ତି ନିର୍ବାପଣା–
ଦୌଦାର୍ଯ୍ୟାଦଘଶୋଷଣାଦଗଣିତ ଶ୍ରେୟଃ ପଦପ୍ରାପଣାତ୍ ।
ସେବ୍ୟଃ ଶ୍ରୀପତିରେବ ସର୍ବଜଗତାମେତେହି ତତ୍ ସାକ୍ଷିଣଃ
ପ୍ରହ୍ଲାଦଶ୍ଚ ବିଭୀଷଣଶ୍ଚ କରିରାଟ୍ ପାଞ୍ଚାଲ୍ୟହଲ୍ୟା ଧ୍ରୁବଃ ।

(ଅର୍ଥ)

ଭକ୍ତବତ୍ସଳତା ଯୋଗୁଁ ପ୍ରହ୍ଲାଦଙ୍କୁ ରକ୍ଷାକଲେ ଭଗବାନ
ରାଜ୍ୟୁ ବିତାଡ଼ିତ ବିଭୀଷଣଙ୍କୁ ସେ କଲେ ଅଭୟ ପ୍ରଦାନ ।
ଗଜରାଜର ସେ ଆର୍ତ୍ତିହରିଥିଲେ ନକ୍ରପାଶୁ ରକ୍ଷାକରି
ପାଞ୍ଚାଳୀଙ୍କ ଲଜ୍ଜା ନିବାରଣ କଲେ ଉଦାରଭାବ ଆଚରି ।
ପାଷାଣରୂପିଣୀ ଅହଲ୍ୟାଙ୍କୁ ରକ୍ଷାକଲେ ସେ ପାପ ନାଶନ
ଭକ୍ତ ଧ୍ରୁବଙ୍କୁ ସେ ସହାୟ ହୋଇଲେ କରିଣ ଶ୍ରେୟସାଧନ ।
ଏ ସମସ୍ତ ପରା ସାକ୍ଷୀ ରହିଛନ୍ତି ପ୍ରଭୁକେତେ ମହନୀୟ
ଆର୍ତ୍ତତ୍ରାଣ ପରାୟଣ ନରାୟଣ ଜଗତରେ ବନ୍ଦନୀୟ ।

# ଶ୍ରୀ ଜଗନ୍ନାଥାଷ୍ଟକମ୍

(୧)

କଦାଚିତ୍ କାଳିନ୍ଦୀତଟବିପିନସଙ୍ଗୀତକରବୋ
ମୁଦାଭୀରୀନାରୀବଦନକମଳାସ୍ୱାଦମଧୁପଃ ।
ରମା-ଶମ୍ଭୁ -ବ୍ରହ୍ମା- ସୁରପତି-ଗଣେଶାର୍ଚ୍ଚିତପଦୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।

(ଅର୍ଥ)

ଯମୁନା କୂଳରେ କୁଞ୍ଜବନରେ ସଙ୍ଗୀତ ମୂର୍ଚ୍ଛନା ତୋଳିଲେ ଯିଏ
ଗୋପବାଳାଙ୍କର ବଦନକମଳସୁଧାପାନେ ତୃପ୍ତି ଲଭିଲେ ସିଏ
ରମା, ଶିବ, ବ୍ରହ୍ମା, ଇନ୍ଦ୍ର ଓ ଗଣେଶ ଅର୍ଚ୍ଚନା କରନ୍ତି ପଦ ଯାହାର
ସେହି ମହାପ୍ରଭୁ ଜଗନ୍ନାଥ ସ୍ୱାମୀ ନେତ୍ର ପଥାରୂଢ଼ ହୁଅନ୍ତୁ ମୋର ।

(୨)

ଭୁଜେ ସବ୍ୟେ ବେଣୁଂ ଶିରସି ଶିଖିପୁଚ୍ଛଂ କଟିତଟେ
ଦୁକୂଳଂ ନେତ୍ରାନ୍ତେ ସହଚର କଟାକ୍ଷଂ ବିଦଧତେ।
ସଦା ଶ୍ରୀମଦ୍‌ବୃନ୍ଦାବନବସତିଲୀଳା ପରିଚୟୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।

(ଅର୍ଥ)

ବାମକରେ ଶୋହେ ବେଣୁ ସୁଦୃଶ୍ୟ
ମସ୍ତକେ ଶୋଭଇ ମୟୂର ପୁଚ୍ଛ।
କଟି ପଟ୍ଟବସ୍ତ୍ର ମଣ୍ଡଇ ଅଙ୍ଗ
କୃପା କଟାକ୍ଷରେ ମୋହିତ ସାଙ୍ଗ ।
ବୃନ୍ଦାବନ ଧାମେ ରଚନ୍ତି ଯେ ଲୀଳା ଦିବ୍ୟ ସୁନ୍ଦର
ସେହି ମହାପ୍ରଭୁ ଜଗନ୍ନାଥ ସ୍ୱାମୀ ନେତ୍ର ପଥାରୂଢ଼ ହୁଅନ୍ତୁ ମୋର ।

(୩)

ମହାମ୍ଭୋଧେସ୍ତୀରେ କନକରୁଚିରେ ନୀଳ ଶିଖରେ
ବସନ୍ ପ୍ରାସାଦାନ୍ତଃସହଜବଳଭଦ୍ରେଣ ବଳିନା।

ସୁଭଦ୍ରାମଧ୍ୟସ୍ଥଃ ସକଳସୁରସେବା ବସରଦୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।

(ଅର୍ଥ)

ସାଗରକୂଳରେ ନୀଳ କନ୍ଦର
କନକ ଜ୍ୟୋତି ତା ସଦା ଭାସ୍ୱର ।
ଶ୍ରୀମନ୍ଦିରେ ସଦା ବିରାଜିତ ପ୍ରଭୁ
ସଙ୍ଗେ ବଡ଼ଭାଇ ସେ ବଳିଆର ।
ମଧ୍ୟରେ ଅଛନ୍ତି ଦେବୀ ସୁଭଦ୍ରା
ସାନ ଭଉଣୀରେ କେତେ ଯେ ଶ୍ରଦ୍ଧା ।
ସ୍ୱର୍ଗର ଦେବତା ଅବସରପାଇ ସେବା କରୁଛନ୍ତି ଯାହା ପୟର,
ସେହି ମହାପ୍ରଭୁ ଜଗନ୍ନାଥ ସ୍ୱାମୀ ନେତ୍ର ପଥାରୁଢ଼ ହୁଅନ୍ତୁ ମୋର ।

(୪)

କୃପାପାରାବାରଃ ସଜଳଜଳଦଶ୍ରେଣିରୁଚିରୋ
ରମାବାଣୀ ରାମଃ ସ୍ଫୁରଦମଳପଦ୍ମେକ୍ଷଣମୁଖଃ ।
ସୁରେନ୍ଦ୍ରୈରାରାଧ୍ୟଃ ଶ୍ରୁତିଗଣଶିଖାଗୀତଚରିତୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।

(ଅର୍ଥ)

ସଜଳ ଜଳଦ ପରି ଯା'କାନ୍ତି
ଲକ୍ଷ୍ମୀ ସରସ୍ୱତୀ ମୁଗ୍ଧ ହୁଅନ୍ତି ।
ବିକଚ କମଳ ପରି ସୁନ୍ଦର
ନୟନ ମୁଖ ଯେ କି ମନୋହର ।
ବେଦ ବେଦାନ୍ତ ଯେ ଗାଆନ୍ତି କୀର୍ତ୍ତି
ଇନ୍ଦ୍ରାଦି ଦେବତା କରନ୍ତି ସ୍ତୁତି ।
ପରମ କୃପାଳୁ ଦୟା ସାଗର,
ସେହି ମହାପ୍ରଭୁ ଜଗନ୍ନାଥ ସ୍ୱାମୀ ନେତ୍ରପଥାରୁଢ଼ ହୁଅନ୍ତୁ ମୋର ।

(୫)

ରଥାରୂଢ଼ୋ ଗଚ୍ଛନ୍ ପଥିମିଳିତଭୂଦେବପଟଳୈଃ
ସ୍ତୁତିପ୍ରାଦୁର୍ଭାବଂ ପ୍ରତିପଦମୁପାକର୍ଣ୍ୟ ସଦୟଃ

ଦୟାସିନ୍ଧୁର୍ବନ୍ଧୁଃ ସକଳ ଜଗତାଂ ସିନ୍ଧୁସୁତୟା
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।
(ଅର୍ଥ)
ଘୋଷଯାତ୍ରା କାଳେ ରଥେ ଆସୀନ
ବିପ୍ରଙ୍କ ସ୍ତବରେ ହୋଇ ପ୍ରସନ୍ନ
କରୁଣା ଢାଳନ୍ତି ତାହାଙ୍କ ପରେ
ସେହି ମହାପ୍ରଭୁ କମଳାଙ୍କ ସହ ଉଭାହୁଅନ୍ତୁ ମୋର ନେତ୍ର ପଥରେ
(୬)
ପରଂବ୍ରହ୍ମାପୀଡ଼ଃ କୁବଳୟଦଳୋତ୍‌ଫୁଲ୍ଲନୟନୋ
ନିବାସୀ ନୀଳାଦ୍ରୌ ନିହିତଚରଣୋଽନନ୍ତଶିରସି
ରସାନନ୍ଦୋ ରାଧା ସରସବ ପୁରାଲିଙ୍ଗନ୍ ସୁଖୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।
(ଅର୍ଥ)
ପରଂବ୍ରହ୍ମ ହୋଇ ପୂଜା ପାଆନ୍ତି
ନୀଳପଦ୍ମଭଳି ନୟନ ଦ୍ୟୁତି ।
ଶ୍ରୀରାଧାଙ୍କ ଆଲିଙ୍ଗନେ ଆନନ୍ଦ
ଅନନ୍ତଙ୍କ ମସ୍ତକରେ ଯା ପଦ ।
ଯାହାଙ୍କର ଧାମ ନୀଳ କନ୍ଦର
ସେହି ମହାପ୍ରଭୁ ଜଗନ୍ନାଥ ସ୍ୱାମୀ ନେତ୍ରପଥାରୂଢ଼ ହୁଅନ୍ତୁ ମୋର ।
(୭)
ନ ବୈ ପ୍ରାର୍ଥ୍ୟଂ ରାଜ୍ୟଂ ନ ଚ କନକମାଣିକ୍ୟବିଭବଂ
ନ ଯାଚେଽହଂ ରମ୍ୟାଂ ନିଖିଳଜନକାମ୍ୟାଂ ବରବଧୂଂ ।
ସଦା କାଳେ କାଳେ ପ୍ରମଥପତିନା ଗୀତଚରିତୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।
(ଅର୍ଥ)
ରାଜ୍ୟ ପାଇଁ କରୁନାହିଁ ଯାଚନା
କାମିନୀ କାଞ୍ଚନେ ନାହିଁ କାମନା ।
ମଣିମାଣିକ୍ୟରେ କି ପ୍ରୟୋଜନ

ପ୍ରମଥପତି ଯେ କରନ୍ତି ଗାନ ଚରିତ ଯାର,

ସେହି ମହାପ୍ରଭୁ ଜଗନ୍ନାଥ ସ୍ୱାମୀ ନେତ୍ରପଥାରୁଢ଼ ହୁଅନ୍ତୁ ମୋର ।

(୮)

ହର ତ୍ୱଂ ସଂସାରଂ ଦ୍ରୁତତରମସାରଂ ସୁରପତେ

ହର ତ୍ୱଂ ପାପାନାଂ ବିତତିମପରାଂ ଯାଦବପତେ ।

ଅହୋ ଦୀନାନାଥଂ ନିହିତମଚଳଂ ନିଶ୍ଚିତପଦଂ

ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।

(ଅର୍ଥ)

ଅସାର ସଂସାରୁ କର ଉଦ୍ଧାର

ପାପରାଶିକୁ ମୋ କର ହେ ଦୂର ।

ଦୀଗ ଅନାଥଙ୍କ ଆଶ୍ରୟ ପାଇଁ

ଅଚଳ ଅଟଳ ରହିଛି ହୋଇ ।

ଯାହା ପୟର,

ସେହି ମହାପ୍ରଭୁ ଜଗନ୍ନାଥ ସ୍ୱାମୀ ନେତ୍ର ପଥାରୁଢ଼ ହୁଅନ୍ତୁ ମୋର ।



# ଦେବ୍ୟପରାଧକ୍ଷମାପନ ସ୍ତୋତ୍ରମ୍

(୧)

ନ ମନ୍ତ୍ରଂ ନୋ ଯନ୍ତ୍ରଂ ତଦପି ଚ ନ ଜାନେ ସ୍ତୁତିମହୋ
ନଚାହ୍ୱାନଂ ଧ୍ୟାନଂ ତଦପି ଚ ନ ଜାନେ ସ୍ତୁତିକଥାଃ ।
ନ ଜାନେ ମୁଦ୍ରାସ୍ତେ ତଦପି ଚ ନ ଜାନେ ବିଳପନଂ
ପରଂ ଜାନେ ମାତସ୍ତ୍ୱଦନୁସରଣଂ କ୍ଲେଶ ହରଣମ୍ ।

(ଅର୍ଥ : ହେ ମାତ ! ମୁଁ ତୁମର ମନ୍ତ୍ର, ଯନ୍ତ୍ର, ଆହ୍ୱାନ, ସ୍ତୁତି, ମୁଦ୍ରା, ଧ୍ୟାନ ପ୍ରଭୃତି କିଛି ଜାଣିନାହିଁ । ତୁମ ନିକଟରେ କାନ୍ଦି ନାହିଁ ମଧ୍ୟ । ତେବେ ମୁଁ ଏତିକି ଜାଣିଛି ଯେ ତୁମକୁ ସ୍ମରଣ କଲେ ସମସ୍ତ ଦୁଃଖ ଦୂର ହୋଇଯାଏ ।)

(୨)

ବିଧେରଜ୍ଞାନେନ ଦ୍ରବିଣବିରହେଣାଳସତୟା
ବିଧେୟାଶକ୍ୟତ୍ୱାତ୍ତବ ଚରଣୟୋର୍ଯା ଚ୍ୟୁତିରଭୂତ ।
ତଦେତତ୍ ଯନ୍ତବ୍ୟଂ ଜନନି ! ସକଳୋଦ୍ଧାରିଣି ଶିବେ
କୁପୁତ୍ରୋ ଜାୟେତ କ୍ୱଚିଦପି କୁମାତା ନ ଭବତି ।

(ଅର୍ଥ : ଜନନି ! ଦୈବ ଯୋଗରୁ ଏବଂ ଆଳସ୍ୟ ଅର୍ଥାଭାବ ତଥା ଅଜ୍ଞତାବଶତଃ ତୁମର ଚରଣରେ ସେବା କରିବା ପାଇଁ ମୋର ଯେଉଁ କର୍ତ୍ତବ୍ୟ ସେଥିରେ ମୁଁ ଅବହେଳା କରିଅଛି । କିନ୍ତୁ ତୁମେ ସମସ୍ତଙ୍କର ଉଦ୍ଧାରକାରିଣୀ ଏବଂ କଲ୍ୟାଣମୟୀ । ଏଣୁ ମୋତେ କ୍ଷମା କରିଦିଅ । ପୁଅ ଖରାପ ହୋଇପାରେ, ମାତା କଦାପି ଖରାପ ହୋଇନପାରେ ।)

(୩)

ପୃଥିବ୍ୟାଂ ପୁତ୍ରାସ୍ତେ ଜନନି ! ବହବଃ ସନ୍ତି ସରଳାଃ
ପରଂ ତେଷାଂ ମଧ୍ୟେ ବିରଳତରଳୋହଂ ତବସୁତଃ ।
ମଦୀୟୋଽୟଂ ତ୍ୟାଗଃ ସମୁଚିତମିଦଂ ନୋ ତବଶିବେ
କୁପୁତ୍ରୋ ଜାୟେତ କ୍ୱଚିଦପି କୁମାତା ନ ଭବତି ।

(ଅର୍ଥ : ହେ ଜନନି ! ପୃଥିବୀରେ ତୁମର ଅନେକ ସରଳ ସ୍ୱଭାବର ସନ୍ତାନ ଅଛନ୍ତି । କିନ୍ତୁ ସେମାନଙ୍କ ମଧ୍ୟରେ ମୁଁ ଗୋଟିଏ ଚଞ୍ଚଳ ସ୍ୱଭାବର ସନ୍ତାନ ଅଟେ । ତଥାପି ମୋତେ

ତ୍ୟାଗ କରିବା ଉଚିତ ହେବନାହିଁ କାରଣ ସଂସାରରେ କୁପୁତ୍ର ଜନ୍ମ ହୋଇଥାଆନ୍ତି ମାତ୍ର କୁମାତା କେବେହେଲେ ନାହାନ୍ତି ।)

(୪)

ଜଗନ୍ମାତର୍ମାତସ୍ତବ ଚରଣସେବା ନ ରଚିତା
ନବା ଦତ୍ତଂ ଦେବି ! ଦ୍ରବିଣମପିଭୂୟସ୍ତବମୟା ।
ତଥାପି ତ୍ୱଂ ସ୍ନେହଂମୟିନିରୂପମଂ ଯତ୍ ପ୍ରକୁରୁଷେ
କୁପୁତ୍ରୋ ଜାୟେତ କ୍ୱଚିଦପି କୁମାତା ନ ଭବତି ।

(ଅର୍ଥ : ହେ ଜଗଜ୍ଜନନି ! ମୁଁ କେବେ ତୁମର ଚରଣ ସେବା କରିନାହିଁ । ତୁମ ଉଦ୍ଦେଶ୍ୟରେ ପ୍ରଚୁର ଧନ ମଧ୍ୟ ଦେଇନାହିଁ । ତଥାପି ତୁମର ଅଶେଷ ସ୍ନେହ ମୋ ପ୍ରତି ଅତୁଟ ରହିଅଛି । ଏଥିରୁ ଜଣାଯାଉଛି ଯେ କୁପୁତ୍ର ଜନ୍ମ ହୋଇପାରେ, କୁମାତା କେବେହେଲେ ସଂସାରରେ ନାହାନ୍ତି ।)

(୫)

ପରିତ୍ୟକ୍ତା ଦେବା ବିବିଧ ବିଧିସେବାକୁଳତୟା
ମୟା ପଞ୍ଚାଶୀତେରଧିକମପନୀତେ ତୁ ବୟସି ।
ଇଦାନୀଂ ଚେନ୍ମାତସ୍ତବ ଯଦି କୃପା ନାପି ଭବିତା
ନିରାଲମ୍ବୋ ଲମ୍ବୋଦରଜନନି ! କଂ ଯାମି ଶରଣମ୍ ।

(ଅର୍ଥ : ହେ ମାତ ! ମୁଁ ସମସ୍ତ ଦେବତାଙ୍କୁ ପରିତ୍ୟାଗ କରି କେବଳ ତୁମରି ଆଶ୍ରୟ ନେଇଛି । ମୋର ବୟସ ପଞ୍ଚାଅଶୀ ବର୍ଷରୁ ଅଧିକ ହେଲାଣି । ମୁଁ ଅସମର୍ଥ ଅଟେ । ଯେବେ ମୋ ପ୍ରତି ଆପଣଙ୍କ ଦୟା ନ ହୁଏ, ତେବେ ହେ ଲମ୍ବୋଦରଙ୍କର ଜନନି ! ମୁଁ ନିରାଶ୍ରୟ ହୋଇଯିବି । କାହାଠାରେ ଆଉ ଶରଣ ଲୋଡ଼ିବି ?)

(୬)

ଶ୍ୱପାକୋ ଜଳ୍ପାକୋ ଭବତି ମଧୁପାକୋପମଗିରା
ନିରାତଙ୍କୋ ରଙ୍କୋ ବିହରତି ଚିରଂ କୋଟିକନକୈଃ ।
ତବାପର୍ଣ୍ଣେ ! କର୍ଣ୍ଣେ ବିଶତି ମନୁବର୍ଣ୍ଣେ ଫଳମିଦଂ
ଜନଃ କୋ ଜାନୀତେ ଜନନି ! ଜପନୀୟଂ ଜପବିଧୌ ।

(ଅର୍ଥ : ହେ ଅପର୍ଣ୍ଣେ ! ତୁମର ପବିତ୍ର ମନ୍ତ୍ରାକ୍ଷର କର୍ଣ୍ଣରେ ପ୍ରବେଶ କଲେ ଚଣ୍ଡାଳ ମିଷ୍ଟବଚନ କହି ବିରାଟ ବକ୍ତା ହୋଇପାରେ, ଦରିଦ୍ର ମଧ୍ୟ କୋଟିପତି ହୋଇ ନିର୍ଭୟରେ ରହିଥାଏ । ତୁମକୁ ଜପକଲେ କେତେ ଯେ ଫଳ ମିଳିଥାଏ, ତାହା କିଏ ଜାଣପାରିବ ।)

(୭)

ଚିତାଭସ୍ମାଲେପୋ ଗରଳମଶନଂ ଦିକ୍‌ପଟଧରୋ
ଜଟାଧାରୀକଣ୍ଠେ ଭୁଜଗପତିହାରୀ ପଶୁପତିଃ।
କପାଳୀ ଭୂତେଶୋ ଭଜତି ଜଗଦୀଶୈକପଦବୀଂ
ଭବାନି! ତ୍ୱତ୍‌ପାଣିଗ୍ରହଣ ପରିପାଟୀଫଳମିଦମ୍ ।

(ଅର୍ଥ : ଯାହାଙ୍କର ଶରୀର ଚିତାଭସ୍ମରେ ବିଲେପିତ ଯିଏ ଗରଳ ପାନ କରିଥିଲେ, ଯିଏ ଦିଗମ୍ବର ଓ ଜଟାଧାରୀ ଏବଂ କଣ୍ଠଦେଶରେ ସର୍ପରମାଳାକୁ ପରିଧାନ କରିଛନ୍ତି ସେହି ପଶୁପତି, କପାଳୀ ଓ ଭୂତନାଥ ଯଦି ଜଗଦୀଶ୍ୱର ପଦପୀ ଲାଭ କରିଛନ୍ତି ତାହା ସମ୍ଭବ ହୋଇଛି ଆପଣଙ୍କର ପାଣିଗ୍ରହଣ କରି ।)

(୮)

ନ ମୋକ୍ଷସ୍ୟାକାଙ୍‌କ୍ଷା ଭବବିଭବବାଞ୍ଛାପି ଚ ନ ମେ
ନ ବିଜ୍ଞାନାପେକ୍ଷା ଶଶିମୁଖି! ସୁଖେଚ୍ଛାପି ନ ପୁନଃ।
ଅତସ୍ତ୍ୱାଂ ସଂଯାଚେ ଜନନି! ଜନନଂ ଯାତୁ ମମ ବୈ
ମୃଡ଼ାନୀ ରୁଦ୍ରାଣୀ ଶିବ ଶିବ ଭବାନୀତି ଜପତଃ।

(ଅର୍ଥ : ହେ ମା! ମୋର ମୋକ୍ଷ ଆକାଙ୍‌କ୍ଷା ନାହିଁ । ଧନ, ସମ୍ପଦ, ଜ୍ଞାନ ବା ସାଂସାରିକ ସୁଖ ମଧ୍ୟ ମୁଁ ଚାହୁଁନାହିଁ । ମୋରଏତିକି ପ୍ରାର୍ଥନା ଯେ ତୁମରି ନା ଜପକରି ମୋର ସମୟ ଚାଲିଯାଉ ।)

(୯)

ନାରାଧିତାସି ବିଧିନା ବିବିଧୋପଚାରୈଃ
କିଂ ରୁକ୍ଷଚିନ୍ତନପରୈର୍ନକୃତଂ ବଚୋଭିଃ।
ଶ୍ୟାମେ! ତ୍ୱମେବ ଯଦି କିଞ୍ଚନ ମୟ୍ୟନାଥେ
ଧତ୍ସେ କୃପାମୁଚିତମମ୍ବ! ପରଂ ତବୈବ ।

(ଅର୍ଥ : ହେ ମାତ ଶ୍ୟାମେ! ମୁଁ ବିଧିପୂର୍ବକ ତୁମର ପୂଜା କରିନାହିଁ । ବହୁ ସମୟରେ ନିଷ୍ଠୁର ଓ କର୍କଶ କଥା କହି ଅପରାଧ ମଧ୍ୟ କରିଛି । ତଥାପି ଏ ଅନାଥ ପ୍ରତି ଯଦି ତୁମେ କିଞ୍ଚିତ୍ ଦୟା କରୁଥାଅ ତାହା ଉଚିତ ହେବ କାରଣ ତୁମେ ମୋର ମାଆ ।)

(୧୦)

ଆପତ୍‌ସୁ ମଗ୍ନଃ ସ୍ମରଣଂ ତ୍ୱଦୀୟଂ କରୋମି ଦୁର୍ଗେ କରୁଣାର୍ଣ୍ଣବେଶି
ନୈତଚ୍ଛଠତ୍ୱଂ ମମଭାବୟେଥା କ୍ଷୁଧାତୃଷାର୍ତ୍ତାଃ ଜନନୀଂସ୍ମରନ୍ତି ।

(ଅର୍ଥ : ହେ କରୁଣାର ସାଗର, ମା ଦୁର୍ଗେ ! ମୁଁ ବିପଦରେ ପଡ଼ି ତୁମକୁ ସ୍ମରଣ କରୁଅଛି । ଏହାକୁ ପ୍ରବଞ୍ଚନା ବା ଶଠତା ବୋଲି ଭାବିବ ନାହିଁ । କାରଣ ଭୋକ ବା ଶୋଷ ହେଲେ ସନ୍ତାନ ମାଆକୁ ସ୍ମରଣ କରିଥାଏ ।)

(୧୧)

ଜଗଦମ୍ବ ! ବିଚିତ୍ରମତ୍ର କିଂ ପରିପୂର୍ଣ୍ଣା କରୁଣାଽସ୍ତି ଚେନ୍ମୟି
ଅପରାଧ ପରଂପରାବୃତଂ ନହି ମାତା ସମୁପେକ୍ଷତେ ସୁତମ୍

(ଅର୍ଥ : ହେ ଜଗଦମ୍ବେ ! ତୁମର ମୋ ଉପରେ ପୂର୍ଣ୍ଣ କୃପା ରହିଅଛି । ଏଥିରେ ଆଶ୍ଚର୍ଯ୍ୟ ହେବାର କାରଣ ନାହିଁ । ଯେହେତୁ ପୁତ୍ର ଅପରାଧ କରିଥିଲେ ମଧ୍ୟ ମାଆ ତାକୁ ଉପେକ୍ଷା କରେନାହିଁ ।)

(୧୨)

ମତ୍ସମଃ ପାତକୀ ନାସ୍ତି ପାପାଘ୍ନୀ ତ୍ୱତ୍ସମା ନହି
ଏବଂ ଜ୍ଞାତ୍ୱା ମହାଦେବି ! ଯଥାଯୋଗ୍ୟଂ ତଥା କୁରୁ

(ଅର୍ଥ : ହେ ମହାଦେବି ! ଏ ସଂସାରରେ ମୋ ଭଳି ପାପୀ କେହି ନାହାନ୍ତି ଏବଂ ତୁମ ଭଳି ପାପହାରିଣୀ ମଧ୍ୟ କେହି ନାହାନ୍ତି । ଏହା ବିବେଚନା କରି ଯାହା ଉଚିତ ମନେକରୁଛ ତାହା ହିଁ କର ।

# ହସ୍ତାମଲକ

ଶଙ୍କରାଚାର୍ଯ୍ୟ ଶାସ୍ତ୍ରାର୍ଥ ଦ୍ୱାରା ପ୍ରତିପକ୍ଷଙ୍କୁ ପରାସ୍ତ କରି ଭାରତବର୍ଷରେ ଅଦ୍ୱୈତ ଦର୍ଶନର ବିଜୟ ବୈଜୟନ୍ତୀ ଉଡ଼ାଇଥିଲେ । ତାଙ୍କର ଏ ଦିଗ୍‌ବିଜୟ ଯାତ୍ରାକାଳରେ ସେ ଶ୍ରୀବଳି ନାମକ ଏକ ଗ୍ରାମ ନିକଟରେ ପହଞ୍ଚିଥିଲେ । ସେହି ଗ୍ରାମରେ ପ୍ରଭାକର ବୋଲି ଜଣେ ଶାସ୍ତ୍ରଜ୍ଞ ବ୍ରାହ୍ମଣ ବାସ କରୁଥିଲେ । ତାଙ୍କର ଗୃହ ଧନସମ୍ପଦରେ ପରିପୂର୍ଣ୍ଣ ଥିଲା । କିନ୍ତୁ ତାଙ୍କର ଏକମାତ୍ର ଦୁଃଖ ଥିଲା ଯେ ତାଙ୍କର ଏକମାତ୍ର ପୁତ୍ର ତ୍ରୟୋଦଶ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ସେ ମୂକ ଭଳି ବ୍ୟବହାର କରୁଥିଲା ଓ ସଂସାର ପ୍ରତି ଅତ୍ୟନ୍ତ ଉଦାସୀନ ରହୁଥିଲା । ପୁତ୍ରକୁ ଏ ଅବସ୍ଥାରୁ ରକ୍ଷାକରିପାରିବେ ଭାବି ପ୍ରଭାକର ସର୍ବଜ୍ଞ ଆଚାର୍ଯ୍ୟ ଶଙ୍କରଙ୍କ ପାଖକୁ ତାକୁ ଆଣିଥିଲେ ଏବଂ ଶଙ୍କରଙ୍କୁ ତା'ର କିଭଳି ପରିବର୍ତ୍ତନ ହେବ ସେହି ଉପାୟ ବତାଇ ଦେବାପାଇଁ ାନୁରୋଧ କଲେ । ବାଳକ ଶଙ୍କରଙ୍କ ପଦତଳେ ସାଷ୍ଟାଙ୍ଗ ପ୍ରଣିପାତ କଲା । ଶଙ୍କର ସ୍ନେହର ସହିତ ପଚାରିଲେ :-

କସ୍ତ୍ୱଂ ଶିଶୋ କସ୍ୟ କୁତୋଽସି ଗନ୍ତା
କିଂ ନାମ ତୋ ତ୍ୱଂ କୁତ ଆଗତୋଽସି
ଏତତ୍ ବଦ ତ୍ୱଂ ମମସୁପ୍ରସିଦ୍ଧିଂ
ମତ୍ ପ୍ରୀତୟେ ପ୍ରୀତିବିବର୍ଦ୍ଧନୋଽସି ।

ଅର୍ଥାତ୍ ହେ ଶିଶୁ ! ତୁମେ କିଏ ? କାହାର ପୁତ୍ର ତୁମର ନାମ କ'ଣ ? କେଉଁଠାରୁ ଆସିଅଛ ? ଏହା ତୁମେ କହି ମୋତେ ସନ୍ତୁଷ୍ଟ କର । ତୁମକୁ ଦେଖି ମୋର ମନରେ ଅତ୍ୟନ୍ତ ସ୍ନେହ ଜାତ ହେଉଅଛି ।

ଆଶ୍ଚର୍ଯ୍ୟର କଥା ଯେଉଁ ବାଳକକୁ ସମସ୍ତେ ମୂକ, ବୋକା ଓ ଅଯୋଗ୍ୟ ଭାବୁଥିଲେ ସେ ସୁଲଳିତ କଣ୍ଠରେ ସଂସ୍କୃତରେ ଜ୍ଞାନଗର୍ଭକ ଉତ୍ତର ଦେଇଥିଲେ । ଯଥା-

(୧)

ନାହଂ ମନୁଷ୍ୟୋ ନ ଚ ଦେବ-ଯକ୍ଷୌ
ନ ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ରାଃ।
ନ ବ୍ରହ୍ମଚାରୀ ନ ଗୃହୀ ବନସ୍ଥୋ
ଭିକ୍ଷୁର୍ନ ଚାହଂ ନିଜବୋଧରୂପଃ।

(ଅର୍ଥ)

ନୁହେଁ ମୁଁ ଦେବତା ଯକ୍ଷ ବା ମନୁଷ୍ୟ
ବ୍ରାହ୍ମଣ, କ୍ଷତ୍ରିୟ, ଶୂଦ୍ର ଅବା ବୈଶ୍ୟ।
ବ୍ରାହ୍ମଚାରୀ, ବାନପ୍ରସ୍ଥ, ଭିକ୍ଷୁ, ଗୃହୀ
ନିଜ ବୋଧରୂପ ଆତ୍ମା ଅଟେ ମୁହିଁ ।

(୨)

ନିମିତ୍ତଂ ମନଶ୍ଚକ୍ଷୁରାଦି ପ୍ରବୃତ୍ତୌ
ନିରସ୍ତାଖିଳୋପାଧିରାକାଶକଳ୍ପଃ।
ରବିର୍ଲୋକ ଚେଷ୍ଟାନିମିତ୍ତଂ ଯଥାୟଂ
ସ ନିତ୍ୟୋପଲବ୍ଧି ସ୍ୱରୂପୋଽହମାତ୍ମା

(ଅର୍ଥ)

ରବି ଯଥା ଲୋକଚେଷ୍ଟାର କାରଣ
ଆତ୍ମା ଯୋଗୁଁ କ୍ରିୟାଶୀଳ ଚକ୍ଷୁମନ।
ଉପାଧି ବିମୁକ୍ତ ଆକାଶର ରୂପ
ସେହି ଆତ୍ମା ମୁହିଁ ଜ୍ଞାନ ମୋ ସ୍ୱରୂପ।

(୩)

ଯମଗ୍ନ୍ୟୁଷ୍ଣବନ୍ନିତ୍ୟ ବୋଧସ୍ୱରୂପ
ମନଶ୍ଚକ୍ଷୁରାଦୀନ୍ୟବୋଧାତ୍ମକାନି।
ପ୍ରବର୍ତ୍ତନ୍ତେ ଆଶ୍ରିତ୍ୟ ନିଷ୍କମ୍ପମେକଂ
ସ ନିତ୍ୟୋପଲବ୍ଧି ସ୍ୱରୂପୋଽହମାତ୍ମା ।

(ଅର୍ଥ)
ଉଷ୍ଣତା ଯେଉଁଳି ଅଗ୍ନିଙ୍କର ଗୁଣ
ସ୍ୱରୂପ ଯାହାର ଅଟେ ନିତ୍ୟଜ୍ଞାନ।
ଯା'ଆଶ୍ରୟେ ଜଡ଼ ପ୍ରକୃତି ଓ ମନ
ନିଜ ନିଜ କାର୍ଯ୍ୟ କରନ୍ତି ସମ୍ପନ୍ନ।
ଅଦ୍ୱିତୀୟ ତଥା ନିଷ୍କମ୍ପ ଅଟଇ
ନିତ୍ୟ ଜ୍ଞାନରୂପ ସେହି ଆତ୍ମା ମୁହିଁ।

(୪)
ମୁଖାଭାସକୋ ଦର୍ପଣେ ଦୃଶ୍ୟମାନ
ମୁଖତ୍ୱାତ୍ ପୃଥକ୍‌ତ୍ୱେନି ନୈବାସ୍ତିଜାତୁ।
ଚିଦାଭାସକୋ ଧୀଷୁଜୀ ବୋଽପିତଦ୍‌ବତ୍
ସ ନିତ୍ୟୋପଲବ୍‌ଧିସ୍ୱରୂପୋଽହମାତ୍ମା
(ଅର୍ଥ)
ମୁଖ ପ୍ରତିବିମ୍ବ ଦିଶେ ଦର୍ପଣରେ
ଆତ୍ମା ପ୍ରତିବିମ୍ବ ଘଟଇ ବୁଦ୍ଧିରେ।
ମୁଖଠାରୁ ପ୍ରତିବିମ୍ବ ନୁହେଁ ଭିନ୍ନ (ସ୍ୱତନ୍ତ୍ର)
ଆତ୍ମାର ଆଭାସ ଆତ୍ମାଠୁ ଅଭିନ୍ନ ।
ଆତ୍ମାର ଆଭାସ ଜୀବନାମେ ଖ୍ୟାତ
ବ୍ରହ୍ମଠାରୁ ଜୀବ ନୁହଁଇ ଭିନ୍ନତ ।
ସେହି ଆତ୍ମା ମୁହିଁ ନିତ୍ୟ ଜ୍ଞାନ ରୂପ
ନିତ୍ୟ ଉପଲବ୍ଧ ମୋହର ସ୍ୱରୂପ ।

ଅର୍ଥାତ୍ – ମୁଖର ପ୍ରତିବିମ୍ବ ଦର୍ପଣରେ ପଡ଼େ । ଏହା ମୁଖଠାରୁ ଭିନ୍ନ ନୁହେଁ । ଆତ୍ମାର ପ୍ରତିବିମ୍ବ ବୁଦ୍ଧିରେ ଘଟେ । ଏହା ହେଉଛି ଜୀବ । ଜୀବ ବ୍ରହ୍ମଙ୍କଠାରୁ ଭିନ୍ନ ନୁହନ୍ତି ।

(୫)
ଯଥା ଦର୍ପଣାଭାବ ଆଭାସହାନୌ
ମୁଖଂ ବିଦ୍ୟତେ କଳ୍ପନାହୀନମେକଂ।

ତଥା ଧୀବିୟୋଗୋ ନିରାଭାସ କୋ ଯଃ
ସ ନିତ୍ୟୋପଲବ୍ଧି ସ୍ୱରୂପୋଽହମାତ୍ମା ।
(ଅର୍ଥ)
ଦର୍ପଣ ଅଭାବେ ପ୍ରତିବିମ୍ବ ନାହିଁ
କଳ୍ପନା ବିହୀନ ମୁଖ ରହିଥାଇ।
ବୁଦ୍ଧିର ଅଭାବେ ଆଭାସ ବିହୀନ
ରୂପେ ଆତ୍ମା ହୋଇଥାଏ ବିଦ୍ୟମାନ।
ସେହି ଆତ୍ମା ମୁହିଁ ନିତ୍ୟ ଜ୍ଞାନରୂପ
ନିତ୍ୟ ଉପଲବ୍ଧି ମୋହର ସ୍ୱରୂପ ।

ଅର୍ଥାତ୍ - ଯେପରି ଦର୍ପଣ ଅଭାବରେ ପ୍ରତିବିମ୍ବ ଅଭାବ ହେଲେ କେବଳ କଳ୍ପନାହୀନ ମୁଖ ଥାଏ, ସେହିପରି ବୁଦ୍ଧିର ଅଭାବରେ ଯେ ଆଭାସହୀନ ହୋଇ ବିଦ୍ୟମାନ ଥାଆନ୍ତି, ମୁଁ ସେହି ନିତ୍ୟଜ୍ଞାନ ସ୍ୱରୂପ ଆତ୍ମା ଅଟେ ।

(୬)
ମନଶ୍ଚକ୍ଷୁରାଦେର୍ବିମୁକ୍ତଃ ସ୍ୱୟଂ ଯୋ
ମନଶ୍ଚକ୍ଷୁରାଦେର୍ମନଶ୍ଚକ୍ଷୁରାଦିଃ।
ମନଶ୍ଚକ୍ଷୁରାଦେରଗମ୍ୟସ୍ୱରୂପଃ
ସ ନିତ୍ୟୋପଲବ୍ଧିସ୍ୱରୂପୋଽହମାତ୍ମା ।
(ଅର୍ଥ)
ମନର ମନ ସେ ଚକ୍ଷୁର ଚକ୍ଷୁତ
କିନ୍ତୁ ଏ ସବୁଠୁ ଅଟଇ ବିମୁକ୍ତ
ମନ ଇନ୍ଦ୍ରିୟର ଅଗମ୍ୟ ଅଟଇ
ସେହି ନିତ୍ୟଜ୍ଞାନ ରୂପ ଆତ୍ମା ମୁହିଁ ।

(୭)
ଯ ଏକୋ ବିଭାତି ସ୍ୱତଃ ଶୁଦ୍ଧଚେତାଃ
ପ୍ରକାଶସ୍ୱରୂପୋଽପି ନାନେବ ଧୀଶ୍ରୁ।
ଶରବୋଜଳସ୍ଥୋ ଯଥା ଭାନୁରେକଃ
ସ ନିତ୍ୟୋପଲବ୍ଧିସ୍ୱରୂପୋଽହମାତ୍ମା ।

(ଅର୍ଥ)
ଅଦ୍ୱିତୀୟ ସେ ଯେ ସ୍ୱୟଂ ସ୍ୱରୂପରେ
ପ୍ରକାଶ ପାଆନ୍ତି ନିର୍ମଳ ଚିତ୍ତରେ ।
ମାତ୍ର ଭିନ୍ନ ଭିନ୍ନ ବୁଦ୍ଧି ମାଧ୍ୟମରେ
ପ୍ରକାଶିତ ସେ ଯେ ବିଭିନ୍ନ ଭାବରେ ।
ଯଥା ଆକାଶରେ ଉଦିତ ତପନ
ଭିନ୍ନ ଭିନ୍ନ ଜଳପାତ୍ରେ ଭିନ୍ନ ଭିନ୍ନ ।
ସେହି ଆତ୍ମା ମୁହିଁ ନିତ୍ୟ ଜ୍ଞାନରୂପ
ନିତ୍ୟ ଉପଲବ୍ଧି ମୋହର ସ୍ୱରୂପ ।

(୮)
ଯଥାନେକଚକ୍ଷୁଃ ପ୍ରକାଶୋ ରବିର୍ନ,
କ୍ରମେଣ ପ୍ରକାଶୀକରୋତି ପ୍ରକାଶ୍ୟଂ ।
ଅନେକାଧିୟୋ ଯସ୍ତଥୈକ ପ୍ରବୋଧଂ
ସ ନିତ୍ୟୋପଲବ୍ଧି ସ୍ୱରୂପୋଽହମାତ୍ମା ।
(ଅର୍ଥ)
କ୍ରମ ଅନୁସାରେ ନ କରି ପ୍ରକାଶ
ଏକ ସଙ୍ଗେ ତାହା କରିଥାନ୍ତି ଅର୍କ ।
ଏକ ଆତ୍ମା କିନ୍ତୁ ଏକ ସମୟରେ
ଅନେକ ବୁଦ୍ଧିକୁ ଉଦ୍ଭାସିତ କରେ ।
ନିତ୍ୟ ଉପଲବ୍ଧି ଅଟେ ମୋ ସ୍ୱରୂପ
ସେହି ଆତ୍ମା ମୁହିଁ ନିତ୍ୟ ଜ୍ଞାନରୂପ ।

ଅର୍ଥାତ୍ – ଯେପରି ବହୁ ଚକ୍ଷୁ ପ୍ରକାଶକ ସୂର୍ଯ୍ୟ ପ୍ରକାଶ୍ୟ ବସ୍ତୁସମୂହକୁ କ୍ରମଅନୁସାରେ ପ୍ରକାଶିତ ନ କରି ଏକ ସମରେ ପ୍ରକାଶ କରନ୍ତି, ସେହିପରି ଯେ ଏକ ହୋଇ ମଧ୍ୟ ଏକ ସମୟରେ ବହୁ ବୁଦ୍ଧିକୁ ପ୍ରକାଶିତ ବା ଉଦ୍ଭାସିତ କରିଥାଆନ୍ତି ସେ ନିତ୍ୟଜ୍ଞାନ ସ୍ୱରୂପ ଆତ୍ମା ମୁଁ ଅଟେ ।

(୯)
ବିବସ୍ୱତ୍ଃପ୍ରଭାବଂ ଯଥା ରୂପମକ୍ଷଂ
ପ୍ରଗୃହାତି ନା ଭାତମେବଂ ବିବସ୍ୱାନ୍।
ତଥା ଭାତ ଆସସୟତ୍ୟକ୍ଷମେକଃ
ସ ନିତ୍ୟୋପଲବ୍ଧିସ୍ୱରୂପୋଃହମାତ୍ମା ।
(ଅର୍ଥ)
ଚକ୍ଷୁର ପ୍ରକାଶ ସୂର୍ଯ୍ୟଙ୍କ ଆଲୋକେ
ଆଲୋକରେ ସେ ଯେ ବସ୍ତୁରୂପ ଦେଖେ।
କିନ୍ତୁ ସେହି ସୂର୍ଯ୍ୟ ଯାହାଙ୍କ ଜ୍ୟୋତିରେ
ପ୍ରକାଶ କରନ୍ତି ଚକ୍ଷୁ ଯେ ସକଳେ।
ସେହି ଆତ୍ମା ମୁହିଁ ନିତ୍ୟ ଜ୍ଞାନରୂପ
ନିତ୍ୟ ଉପଲବ୍ଧି ମୋହର ସ୍ୱରୂପ ।

(୧୦)
ଯଥାସୂର୍ଯ୍ୟ ଏକୋଃପ୍ସ୍ୱନେକଶ୍ଚଳାସୁ
ସ୍ଥିରାସ୍ୱପ୍ୟନନ୍ୟଗ୍‌ବିଭାବ୍ୟସ୍ୱରୂପଃ।
ଚଳାସୁ ପ୍ରଭିନ୍ନାସୁଧୀଷ୍ୱେକ ଏବଂ
ସ ନିତ୍ୟୋପଲବ୍ଧିସ୍ୱରୂପୋଃହମାତ୍ମା ।
(ଅର୍ଥ)
ସୂର୍ଯ୍ୟ ପ୍ରତିବିମ୍ବ ସ୍ଥିରଜଳେ ସ୍ଥିର
ଅସ୍ଥିର ଜଳରେ ସଦା ସେ ଅସ୍ଥିର।
ସେହିଭଳି ଆତ୍ମା ବିଭିନ୍ନ ଭାବରେ
ପ୍ରତିବିମ୍ବିତ ସେ ବୁଦ୍ଧି ଅନୁସାରେ।
ସେହି ଆତ୍ମା ମୁହିଁ ନିତ୍ୟ ଜ୍ଞାନରୂପ
ନିତ୍ୟ ଉପଲବ୍ଧି ମୋହର ସ୍ୱରୂପ ।

(୧୧)
ଘନାଚ୍ଛନ୍ନଦୃଷ୍ଟିର୍ଘନାଚ୍ଛନ୍ନମର୍କ

ଯଥା ନିଷ୍ପ୍ରଭଂ ମନ୍ୟତେ ଯାତିମୂଢ଼ଃ।
ତଥା ବଦ୍ଧବଭତି ମୂଢ଼ଦୃଷ୍ଟେଃ
ସ ନିତ୍ୟୋପଲବ୍ଧିସ୍ୱରୂପୋଽହମାତ୍ମା ।
(ଅର୍ଥ)
ମେଘେ ଆଚ୍ଛାଦିତ ଅଦୃଶ୍ୟ ତପନ
ଦେଖି ମୂଢ଼ ତାଙ୍କୁ ଭାବେ ପ୍ରଭାହୀନ।
ସେଭଳି ଅଜ୍ଞାନେ ରହି ମୂଢ଼ଗଣ
ଆତ୍ମାଙ୍କୁ ଭାବନ୍ତି ବଦ୍ଧ ବୋଲି ଜାଣ।
କିନ୍ତୁ ସ୍ୱରୂପରେ ନିତ୍ୟମୁକ୍ତ ସେହି
ସେହି ନିତ୍ୟବୋଧ ଆତ୍ମା ଅଟେ ମୁହିଁ ।

(୧୨)
ସମସ୍ତେଷୁ ବସ୍ତୁଷ୍ୱନୁସ୍ୟତମେକଂ
ସମସ୍ତାନି ବସ୍ତୁନି ଯନ୍ନ ସ୍ପୃଶନ୍ତି।
ବିୟଦ୍‌ବତ୍ ସଦା ଶୁଦ୍ଧମଚ୍ଛ ସ୍ୱରୂପଂ
ସ ନିତ୍ୟୋପଲବ୍ଧିସ୍ୱରୂପୋଽହମାତ୍ମା ।
(ଅର୍ଥ)
ସକଳ ଘଟରେ ବିଦ୍ୟମାନ ସେହି
ମାତ୍ର କେଉଁଥିରେ ଆବଦ୍ଧ ନୁହଇ।
ଶୁଦ୍ଧ ସ୍ୱଚ୍ଛ ସେ ଯେ ଆକାଶର ପରି
କେହି ତାଙ୍କୁ ସ୍ପର୍ଶ ନ ପାରିବ କରି।
ସେହି ଆତ୍ମା ମୁହିଁ ନିତ୍ୟ ଜ୍ଞାନରୂପ
ନିତ୍ୟ ଉପଲବ୍ଧି ମୋହର ସ୍ୱରୂପ ।

# ଶ୍ରୀ କୃଷ୍ଣାଷ୍ଟକମ୍

( ୧ )

ଭଜେ ବ୍ରଜୈକମଣ୍ଡନଂ ସମସ୍ତ ପାପଖଣ୍ଡନଂ
ସ୍ୱଭକ୍ତଚିତ୍ତରଞ୍ଜନଂ ସଦୈବ ନନ୍ଦନନ୍ଦନମ୍ ।
ସୁପିଚ୍ଛଗୁଚ୍ଛମସ୍ତକଂ ସୁନାଦ ବେଣୁ ହସ୍ତକଂ
ଅନଙ୍ଗରଙ୍ଗସାଗରଂ ନମାମି କୃଷ୍ଣନାଗରମ୍ ।

(ଅର୍ଥ)

ମୟୁର ପୁଚ୍ଛର ମୁକୁଟ ମସ୍ତକେ ଦିଶେ କେତେ ମନୋହର
ଭୁଜରେ ଲଳିତ ବେଣୁ ଶୋଭାପାଏ କାମକଳାର ସାଗର ।
ବ୍ରଜ ଭୂମିର ସେ ଆଭୂଷଣ ପରା ମୋହନ୍ତି ଭକତ ମନ
ହେ ନନ୍ଦନନ୍ଦନ ପାପ ବିନାଶନ ପ୍ରଣାମ ମୋହର ଘେନ ।

( ୨ )

ମନୋଜଗର୍ବମୋଚନଂ ବିଶାଳଲୋକଲୋଚନମ୍
ବିଧୂତଗୋପଶୋଚନଂ ନମାମି ପଦ୍ମଲୋଚନମ୍ ।
କରାରବିନ୍ଦଭୂଧରଂ ସ୍ମିତାବଲୋକସୁନ୍ଦରଂ
ମହେନ୍ଦ୍ରମାନଦାରଣଂ ନମାମି କୃଷ୍ଣବାରଣମ୍ ।

(ଅର୍ଥ)

ରୂପଲାବଣ୍ୟର ତୁଳନା ପାଇଁତ କାମଦେବ ନୁହେଁ ସରି
ଅମଳ କମଳ ନୟନର କାନ୍ତି ଗୋପଜନ ଚିତ୍ତହାରୀ ।
ଭୁଜକମଳରେ ଗିରି ଧରି ତୁମେ ଭାଙ୍ଗିଲ ଇନ୍ଦ୍ରଙ୍କ ମାନ
ତୁମ ହାସ୍ୟଛଟା ଦୁଃଖ ଦୂରକରେ ପ୍ରଣାମ ମୋହର ଘେନ ।

(୩)

କଦମ୍ବସୂନକୁଣ୍ଡଳଂ ସୁଚାରୁଗଣ୍ଡମଣ୍ଡଳଂ
ବ୍ରଜାଙ୍ଗନୈକବଲ୍ଲଭଂ ନମାମି କୃଷ୍ଣଦୁର୍ଲଭମ୍ ।
ଯଶୋଦୟା ସମୋଦୟା ସଗୋପୟା ସନନ୍ଦୟା
ଯୁତଂ ସୁଖୈକଦାୟକଂ ନମାମି ଗୋପନାୟକମ୍ ।

(ଅର୍ଥ)

କର୍ଣ୍ଣଯୁଗଳରେ ଶୋଭା ପାଉଥାଏ କଦମ୍ବ ପୁଷ୍ପକୁଣ୍ଡଳ
ବ୍ରଜବାସୀଙ୍କର ମନ ହରୁଥିଲା ସୁଚାରୁ ଗଣ୍ଡମଣ୍ଡଳ ।
ନନ୍ଦ ଯଶୋଦାଙ୍କ ପ୍ରାଣଧନ ଯିଏ ଗୋପବାଳା ଗଳାହାର
ସେହି କୃଷ୍ଣଚନ୍ଦ୍ର କେତେ ଯେ ଦୁର୍ଲଭ ପଦେ ତାଙ୍କ ନମସ୍କାର ।

(୪)

ସଦୈବ ପାଦପଙ୍କଜଂ ମଦୀୟମାନସେ ନିଜଂ
ଦଧାନ ମୁତ୍ତମାଳକଂ ନମାମି ନନ୍ଦବାଳକମ୍ ।
ସମସ୍ତ ଦୋଷଶୋଷଣଂ ସମସ୍ତଲୋକପୋଷଣଂ
ସମସ୍ତ ଗୋପମାନସଂ ନମାମି ନନ୍ଦଲାଳସମ୍ ।

(ଅର୍ଥ)

ମାନସର ସରୋବରେ ବିରାଜିତ ଯାହାଙ୍କ ପଦକମଳ
କେଶଗୁଚ୍ଛ କେତେ ରମଣୀୟ ସେତ ଜନମନ ମୁଗ୍ଧକର ।
ସକଳ ଦୋଷକୁ ଦୂର କରିଥାନ୍ତି ତ୍ରିଭୁବନ ଅଧୀଶ୍ୱର
ଗୋପଜନଙ୍କର ହୃଦୟ ସ୍ୱରୂପ ପ୍ରଣମେ ତାଙ୍କ ପୟର ।

(୫)

ଭୁବୋ ଭାରାବତାରକଂ ଭବାବ୍ଧିକର୍ଣ୍ଣଧାରକଂ
ଯଶୋମତୀକିଶୋରକଂ ନମାମି ଚିତ୍ତଚୋରକମ୍ ।
ଦୃଗନ୍ତକାନ୍ତଭଙ୍ଗିଣଂ ସଦାସଦାନସଙ୍ଗିନଂ
ଦିନେ ଦିନେ ନବଂ ନବଂ ନମାମି ନନ୍ଦସମ୍ଭବମ୍ ।

(ଅର୍ଥ)

ଦେବୀ ଯଶୋଦାକଂ କୁମର ଲାଘବ କରିଲେ ଧରଣୀଭାର
ମନୋହର ରୂପଧାରୀ ସେ କେଶବ ସଂସାରର କର୍ଣ୍ଣଧାର ।
ରମଣୀୟ ଅଳଙ୍କାରେ ବିଭୂଷିତ କଟାକ୍ଷ କେତେ ସୁନ୍ଦର
ନିତ୍ୟନୂତନ ସେ ନନ୍ଦକୁମାରଙ୍କ ଚରଣେ ପ୍ରଣତି ମୋର ।

(୬)

ଗୁଣାକରଂ ସୁଖାକରଂ କୃପାକରଂ କୃପାପରଂ
ସୁରଦ୍ୱିଷନ୍ନିକନ୍ଦନଂ ନମାମି ଗୋପ ନନ୍ଦନମ୍ ।
ନବୀନଗୋପନାଗରଂ ନବୀନ କେଳିଲମ୍ପଟଂ
ନମାମି ମେଘ ସୁନ୍ଦରଂ ତଡ଼ିତ୍ ପ୍ରଭାଲସତ୍‌ପଟମ୍ ।

(ଅର୍ଥ)

ସକଳ ଗୁଣର ଆକର ଅଟନ୍ତି କୃପାଳୁ ଦୟାସାଗର
ଦେବତାଙ୍କୁ ରକ୍ଷାକଲେ ଶତ୍ରୁନାଶି କରୁଣାର ପାରାବାର ।
ଘନଶ୍ୟାମ ନଟନାଗର ଯେ ନିତ୍ୟନୂତନ ଲୀଳା ବିହାରୀ
ପୀତାମ୍ବର ସୌଦାମିନୀ ଶୋଭାଧାରୀ ପ୍ରଣାମ ଘେନ ମୋହରି ।

(୭)

ସମସ୍ତ ଗୋପନନ୍ଦନମ୍ ହୃଦମ୍ବୁଜୈକମୋଦନଂ
ନମାମି କୁଞ୍ଜମଧ୍ୟଗଂ ପ୍ରସନ୍ନଭାନୁ ଶୋଭନମ୍ ।
ନିକାମକାମଦାୟକଂ ଦୃଗନ୍ତଚାରୁ ସାୟକଂ
ରସାଳବେଣୁ ଗାୟକଂ ନମାମି କୁଞ୍ଜନାୟକମ୍ ।

(ଅର୍ଥ)

ଆନନ୍ଦର ବାରି ବରଷିଥିଲେ ଯେ ଗୋପ ଜନମାନସରେ
ଭକ୍ତ ହୃଦପଦ୍ମ ବିକଶିତ ହେଲା ତାହାଙ୍କ କରୁଣା ବଳେ।
ସୂର୍ଯ୍ୟସମ ଦୀପ୍ତିମନ୍ତ ସେ ଅଟନ୍ତି ଶ୍ରୀକୃଷ୍ଣ କୁଞ୍ଜନାୟକ
ପ୍ରଣତି ଜଣାଏ ବେଣୁଧରଙ୍କୁ ଯେ ସକଳ ସିଦ୍ଧିଦାୟକ ।

(୮)

ବିଦଗ୍ଧ ଗୋପିକାମନୋମନୋଜ୍ଞ ତଳ୍ପ ଶାୟିନଂ
ନମାମି କୁଞ୍ଜକାନନେ ପ୍ରବୃଦ୍ଧ ବହ୍ନିପାୟିନମ୍।
ଯଦା ତଦା ଯଥା ତଥା ତଥୈବ କୃଷ୍ଣସତ୍‌କଥା
ମୟା ସଦୈବ ଗୀୟତାଂ ତଥା କୃପା ବିଧୀୟତାମ୍।

(ଅର୍ଥ)

ଗୋପିକାଙ୍କ ହୃଦ କୋମଳ ଶଯ୍ୟାରେ ଶାୟିତ ଯେ ସଦା କାଳେ
କୁଞ୍ଜବନେ ବହ୍ନୁଥିବା ଦାବାଗ୍ନିକୁ ପାନ କରିଲେ ଯେ ହେଳେ।
ତାଙ୍କ ପାଦପଦ୍ମେ ପ୍ରଣତି ଜଣାଇ ଏତିକି ପ୍ରାର୍ଥନା କରେ
ଜୀବନରେ ସଦାକାଳେ ପ୍ରଭୁ ତୁମ ଗୁଣାବଳୀ ଗାନ କରେ।

# ଅଚ୍ୟୁତାଷ୍ଟକମ୍

( ୧ )

ଅଚ୍ୟୁତଂ କେଶବଂ ରାମଂ ନାରାୟଣଂ
କୃଷ୍ଣଂ ଦାମୋଦରଂ ବାସୁଦେବଂ ହରିମ୍।
ଶ୍ରୀଧରଂ ମାଧବଂ ଗୋପିକାବଲ୍ଲଭଂ
ଜାନକୀ ନାୟକଂ ରାମଚନ୍ଦ୍ରଂ ଭଜେ ।

(ଅର୍ଥ)

ଅଚ୍ୟୁତ, କେଶବ, ରାମ, ନାରାୟଣ
କୃଷ୍ଣ, ଦାମୋଦର, ବାସୁଦେବ, ହରି
ଶ୍ରୀଧର, ମାଧବ, ଗୋପିକାବଲ୍ଲଭ ନାମରେ
ତାଙ୍କର ମୁଁ ଭଜନ କରୁଛି ।

( ୨ )

ଅଚ୍ୟୁତଂ କେଶବଂ ସତ୍ୟଭାମାଧବଂ
ମାଧବଂ ଶ୍ରୀଧରଂ ରାଧିକାରାଧିତମ୍.
ଇନ୍ଦିରାମନ୍ଦିରଂ ଚେତସା ସୁନ୍ଦରଂ
ଦେବକୀ ନନ୍ଦନଂ ନନ୍ଦଜଂ ସନ୍ଦଧେ ।

(ଅର୍ଥ)

ଅଚ୍ୟୁତ, କେଶବ, ସତ୍ୟଧାମାଧବ, ମାଧବ
ଶ୍ରୀଧର, ରାଧାଙ୍କଦ୍ୱାରା ଆରାଧିତ
ଲକ୍ଷ୍ମୀଙ୍କ ଆବାସସ୍ଥଳ, ମନୋହର ବେଶଧାରୀ
ସେହି ପ୍ରଭୁଙ୍କୁ ମୁଁ ଭଜନ କରୁଅଛି ।

(୩)

ବିଷ୍ଣବେ ଜିଷ୍ଣବେ ଶଙ୍ଖିନେ ଚକ୍ରିଣେ
ରୁକ୍ମିଣୀରାଗିଣେ ଜାନକୀ ଜାନୟେ।
ବଲ୍ଲବୀବଲ୍ଲଭାୟର୍ଜିତାୟାତ୍ମନେ
କଂସବିଧ୍ୱଂସିନେ ବଂଶିନେ ତେ ନମଃ।

(ଅର୍ଥ)

ହେ ସର୍ବବ୍ୟାପୀ ବିଷ୍ଣୁ ଓ ଶଙ୍ଖ ଚକ୍ରଧାରୀ
କଂସ ବିନାଶକ ରୁକ୍ମିଣୀ ବଲ୍ଲଭ ଜାନକୀଜୀବନ
ଗୋପୀଙ୍କ ଦ୍ୱାରା ପୂଜନୀୟା ଏବଂ ବଂଶୀବାଦନରତ
ମୋର ଆପଣଙ୍କୁ ନମସ୍କାର ।

(୪)

କୃଷ୍ଣ ଗୋବିନ୍ଦ ହେ ରାମ ନାରାୟଣ
ଶ୍ରୀପତେ ବାସୁଦେବାଜିତ ଶ୍ରୀନିଧେ।
ଅଚ୍ୟୁତାନନ୍ଦ ହେ ମାଧବାଧୋକ୍ଷକ
ଦ୍ୱାରକା ନାୟକ ଦ୍ରୌପଦୀରକ୍ଷକ।

(ଅର୍ଥ)

ହେ କୃଷ୍ଣ, ଗୋବିନ୍ଦ, ରାମ, ନାରାୟଣ, ଶ୍ରୀପତି

ବାସୁଦେବ, ଅଜେୟ, ଶ୍ରୀନିଧି, ଅଚ୍ୟୁତ, ଆନନ୍ଦ, ମାଧବ,ଅଧୋକ୍ଷକ (ଇନ୍ଦ୍ରିୟମାନଙ୍କର ସ୍ୱାମୀ) ଦ୍ୱାରକାନାଥ, ଦ୍ରୌପଦୀରକ୍ଷକ ମୋର ଆପଣଙ୍କୁ ପ୍ରଣାମ ।

(୫)

ରାକ୍ଷସକ୍ଷୋଭିତଃ ସୀତୟା ଶୋଭିତୋ
ଦଣ୍ଡକାରଣ୍ୟଭୂପୁଣ୍ୟତାକାରଣଃ
ଲକ୍ଷ୍ମଣେନାନ୍ୱିତୋ ବାନରୈଃ ସେବିତୋଽଗସ୍ତ୍ୟସଂପୂଜିତୋ
ରାଘବଃ ପାତୁ ମାମ୍ ।

(ଅର୍ଥ)

ଯେ ରାକ୍ଷସକୁଳ ବିନାଶକାରୀ, ସୀତାଙ୍କ ସହ ଶୋଭିତ, ଯାହାଙ୍କ ଦ୍ୱାରା ଦଣ୍ଡକାରଣ୍ୟ ପବିତ୍ର ହୋଇଥିଲା, ଯେ ଲକ୍ଷ୍ମଣାନ୍ୱିତ ଯେ ବାନରଙ୍କ ଦ୍ୱାରା ସେବିତ, ଅଗସ୍ତିଙ୍କ ଦ୍ୱାରା ପୂଜିତ, ସେହି ରାଘବ ମୋତେ ରକ୍ଷା କରନ୍ତୁ ।

(୬)

ଧେନୁକାରିଷ୍ଟକୋଽନିଷ୍ଟକୃଦ୍ଦ୍ୱେଷିଣାଂ
କେଶିହା କଂସହୃଦ୍‌ବଂଶୀକାବାଦକଃ
ପୂତନାକୋପକଃ ସୂରଜାଖେଳନୋ
ବାଳଗୋପାଳକଃ ପାତୁ ମାଂ ସର୍ବଦା ।

(ଅର୍ଥ)

ଯେ ଧେନୁକାସୁର ବଶକାରୀ, ଅରିଷ୍ଟକଙ୍କର ଅନିଷ୍ଟକାରୀ, କେଶୀ ଓ କଂସ ବିନାଶକ, ପୂତନା କୋପନ, ବାଳଗୋପାଳକ ଏବଂ ବଂଶୀବାଦକ ସେ ମୋତେ ସର୍ବଦା ରକ୍ଷା କରନ୍ତୁ ।

(୭)

ବିଦ୍ୟୁତୁଦ୍ୟୋତବତ୍ ପ୍ରସ୍ଫୁରଦ୍ ବାସସଂ
ପ୍ରାବୃଡ଼ମ୍ଭୋଦବ ପ୍ରୋଲ୍ଲସଦ୍‌ବିଗ୍ରହମ୍
ବନ୍ୟୟା ମାଳୟା ଶୋଭିତୋରସ୍ଥଳଂ
ଲୋହିତାଙ୍ଘ୍ରିଂଦ୍ୱୟଂ ବାରିଜାକ୍ଷଂ ଭଜେ।

(ଅର୍ଥ)

ପଦ୍ମ ପଲାଶ ଲୋଚନ ବିଷ୍ଣୁଙ୍କୁ ଭଜନ କରୁଛୁ।

(୮)

କୁଞ୍ଚିତୈଃ କୁନ୍ତଳୈର୍ଭ୍ରାଜମାନାନନଂ
ରତ୍ନମୌଳିଂ ଲସତ୍ କୁଣ୍ଡଳଂ ଗଣ୍ଡୟୋଃ
ହାରକେୟୂରକଂ କଙ୍କଣପ୍ରୋଜ୍ଜ୍ୱଳଂ
କିଙ୍କିଣୀମଞ୍ଜୁଳଂ ଶ୍ୟାମଳଂ ତଂ ଭଜେ

(ଅର୍ଥ)

ଯାହାଙ୍କର ମୁଖମଣ୍ଡଳ କୁଞ୍ଚିତ କେଶଦ୍ୱାରା
ଶୋଭିତ, ଗଣ୍ଡଦେଶରେ କୁଣ୍ଡଳ, ବାହୁରେ କେୟୂର
ବକ୍ଷରେ ହାର, କରରେ ଉଜ୍ଜ୍ୱଳ କଙ୍କଣ ଓ କଟିଦେଶରେ କଙ୍କିଣୀ
ଶୋଭାପାଉଅଛି ସେହି ଶ୍ୟାମସୁନ୍ଦରଙ୍କୁ ମୁଁ ଭଜନ କରୁଅଛି ।

(୯)

ଅଚ୍ୟୁତସ୍ୟାଷ୍ଟକଂ ଯଃ ପଠେଦିଷ୍ଟଦଂ
ପ୍ରେମତଃ ପ୍ରତ୍ୟହଂ ପୁରୁଷଃ ସସ୍ପୃହମ୍
ବୃତ୍ତତଃ ସୁନ୍ଦରଂ କର୍ତ୍ତୃବିଶ୍ୱମ୍ଭରଂ
ତସ୍ୟ ବଶ୍ୟୋ ହରିର୍ଜ୍ଜାୟତେ ସତ୍ୱରମ୍

(ଅର୍ଥ)

ଯିଏ ଭକ୍ତିର ସହିତ ପ୍ରତ୍ୟହ ଏହି ଅଚ୍ୟୁତାଷ୍ଟକ ପାଠ କରନ୍ତି ସର୍ବତ୍ୟାଗୀ ହରି ତାଙ୍କର ବଶ ହୁଅନ୍ତି ।

# ଘୋଷଯାତ୍ରା ଶୁଭକାଳେ

ସ୍ୱରୂପେ ନିର୍ଗୁଣ ହୋଇ ମାୟାବଳେ ସଗୁଣ ରୂପ ବିସ୍ତାରି
ଲୀଳାମୟ ଲୀଳା ପ୍ରକଟ କରନ୍ତି ମର୍ତ୍ତ୍ୟଧାମେ ଅବତରି ।

ଦୀନଜନଙ୍କର ଦୁଃଖହାରୀ ସେ ଯେ କରୁଣାର ପାରାବାର
ସଂସାର ବାରିଧି ପାରି କରିବାକୁ ଏକମାତ୍ର କର୍ଣ୍ଣଧାର ।୧ ।

ଯାହାଙ୍କର ଲୀଳା ବୁଝି ନ ପାରନ୍ତି ଇନ୍ଦ୍ରାଦି ଦେବତା ଗଣ
ହରବ୍ରହ୍ମା ଆଦି ଯାହାଙ୍କ ଧ୍ୟାନରେ ହୋଇଥାଆନ୍ତି ତଲ୍ଲୀନ

ରତ୍ନମଣ୍ଡପକୁ ତୁଚ୍ଛ ମନେକରି ଭକ୍ତ ହୃଦ ସିଂହାସନେ
ଆନନ୍ଦ ମନରେ ବିରାଜନ୍ତି ହରି କୃପାକରି ଦୀନଜନେ ।୨ ।

ବାକ୍ୟମନ ଭେଦି ନପାରେ ଯେ ତତ୍ତ୍ୱ ଗହନ ଦର୍ଶନ ବନେ
ଅନ୍ଧକାର ପଥେ ଅନ୍ଧଭଳି ତୁମେ ଭ୍ରମୁଅଛ ଅକାରଣେ ।

ଅଭିମାନ ଭରା ହୃଦୟକୁ ଧରି ପାଇବକି ତାଙ୍କ ଦେଖା
କେବଳ ପ୍ରେମର ଡୋରିରେ ସେ ବନ୍ଧା ଭକତର ପ୍ରାଣସଖା ।୩ ।

ଆଦିଅନ୍ତ ତାଙ୍କ କେହି ନ ଜାଣନ୍ତି ସଗୁଣ ଅବା ନିର୍ଗୁଣ
କିମ୍ବା ଉଭୟରେ ମୋହିତ କରନ୍ତି ଭକତ ଜନର ପ୍ରାଣ ।

ବେଦାନ୍ତ ଦର୍ଶନ ପୁରାଣ ଶାସ୍ତ୍ରରେ ହୋଇଛି କେତେ ବର୍ଣ୍ଣନା
ତଥାପି ରହସ୍ୟ କେହି ନଜାଣନ୍ତି ବୁଦ୍ଧି ହୋଇଯାଏ ବଣା ।୪ ।

କଳିଯୁଗରେ ଯେ ଏକମାତ୍ର ସତ୍ୟ ନାମତାଙ୍କ ଜଗନ୍ନାଥ
ସୁନୀଳ ସାଗର ତୀରେ ନୀଳାଚଳ ମର୍ତ୍ତ୍ୟଧାମେ ପୁଣ୍ୟତୀର୍ଥ

ବଳିଆର ଭୁଜ ସଙ୍ଗତେ ଅଗ୍ରଜ ଭଗିନୀ ସୁଭଦ୍ରା ମାଆ
ରହସ୍ୟ ନ ବୁଝି ସରଳ ବିଶ୍ୱାସେ ଲୋଡୁଛି ଯାହାଙ୍କ ସାହା ।୫ ।

କୋଟି କୋଟି ଭକ୍ତ ହୃଦୟ ସ୍ପନ୍ଦନେ ସ୍ପନ୍ଦିତ ଯା ପ୍ରାଣ ସଦା
ସେହି ମହାପ୍ରଭୁ ଜଗନ୍ନାଥ ସ୍ୱାମୀ ଫେଡ଼ିବେ ବିପଦ ବାଧା ।

ତାଙ୍କରି କରୁଣା କିଞ୍ଚିତ ଲଭିଲେ ରଙ୍କହୁଏ କୋଟିପତି
ତାହାଙ୍କର କୃପା ପାତକ ନାଶଇ ମିଳିବ ବୈକୁଣ୍ଠ ପତି ।୬ ।

ଦିଅ ପ୍ରଭୁ ତୁମ ଚରଣେ ଶରଣ ନାହିଁ ମୋର ଅନ୍ୟଗତି
ତୁମବିନୁ ପ୍ରଭୁ କେହି ମୋର ନାହିଁ ପଡ଼ିଛି ଘୋର ବିପତ୍ତି ।

ରକ୍ଷାକର ନାଥ ଭାସି ଯାଉଅଛି ଏ ଭବ ସାଗର ଜଳେ
'ମଣିମା' 'ମଣିମା'ଆତୁରେ ଡାକଇ ଘୋଷଯାତ୍ରା ଶୁଭକାଳେ ।୭ ।



# ପ୍ରଭୁପଦେ ସମର୍ପଣ

ପାପ, ତାପ, କାମ, କ୍ରୋଧେ କେତେ ହୀନ
ଅଟଇ ମୁଁ ଅକିଞ୍ଚନ
ଅସୀମ ବିଭୂତି ଅଛି ତବ ପାଶେ
ଅଟ ତୁମେ ମହୀୟାନ।

କେତେ ଯେ ବିରାଟ ଅଟ ପ୍ରଭୁ ତୁମେ
କେତେ କ୍ଷୁଦ୍ର ଅଟେ ମୁହିଁ
ତଥାପି ସାହସ ବାନ୍ଧି ଭକ୍ତିବଳେ
ଅର୍ପଣ କରୁଛି ତହିଁ।

ଏ 'ସୁମନଗୁଚ୍ଛ' ତୁମ ପଦତଳେ
ନିର୍ବେଦଇ ବିନୟରେ
ଆହେ ଦୟାମୟ ଗ୍ରହଣ କର ହେ
କୃପା କରି ଦୀନପରେ।

ଯଦି କିଛି ତ୍ରୁଟି ରହିଯାଇଥିବ
କ୍ଷମା କରିଦେବ ମୋତେ
ଏ ବିଶ୍ୱାସ ପ୍ରଭୁ ଦେବାରୁ ପ୍ରେରଣା
ପ୍ରୟାସ କରିଲି ସତେ।

'ସତ୍ୟ'ର ବାରତା ପ୍ରଚାରିବା ପାଇଁ
ସାହସ ଦିଅ ହେ ମନେ
ଝରିପଡୁ ତୁମ କରୁଣାର ବାରି
ଆଜି ଏ ଶୁଭ ଲଗନେ।